ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ନଭେମ୍ବର ୧୭/୨୦୧୯ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, November 17/2019 | ★★★★
୪୫ଶ ଭାଗ ୩୫୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

**ଆଜିର ସମ୍ପାଦକୀୟ**

ଅଜବ ମେଣ୍ଟ

**ଆଜିର ମନ୍ତବ୍ୟ**

"ରାଜନୈତିକ ଦଳ ଓ ବ୍ୟବସାୟିକ ଗୋଷ୍ଠୀ ନିଜ ଖବରକାଗଜ ଜରିଆରେ ସ୍ୱାର୍ଥ ସାଧନ କରୁଛନ୍ତି।

–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

**ଭାଜପା ବିରୋଧରେ ଶିବସେନାର ଘୋଡ଼ାବେପାର ଅଭିଯୋଗ**

........୮........

Vencobb CHICKEN
16.11.2019

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 80 | 132 | 142 |
| BLS | 80 | 132 | 142 |
| ANG | 82 | 135 | 145 |
| BHM | 82 | 135 | 145 |

*Conditions Apply
Issued in the Interest of Consumers

## ■ ଜାତୀୟ ପାନୀୟ ଜଳ ସର୍ଭେ

# ସ୍ୱଚ୍ଛତାରେ ଭୁବନେଶ୍ୱର ଦ୍ୱିତୀୟ

**ନୂଆଦିଲ୍ଲୀ,୧୬।୧୧**

ପାଇପ୍ ଯୋଗେ ଦେଶର ବିଭିନ୍ନ ସହରକୁ ଯୋଗାଇଦିଆଯାଉଥିବା ପାନୀୟ ଜଳର ମାନରେ ସ୍ମାର୍ଟ ସିଟି ଭୁବନେଶ୍ୱର ଦ୍ୱିତୀୟ ସ୍ଥାନରେ ରହିଛି। ଭାରତର ମାନକ ବ୍ୟୁରୋ ପକ୍ଷରୁ ଏହି ସର୍ଭେ କରାଯାଇଥିଲା। କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ ପରୀକ୍ଷା ପାଇଁ ଭୁବନେଶ୍ୱରରୁ ୧୦ଟି ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୯ଟି ଭାରତୀୟ ମାନକ ଆବଶ୍ୟକତା ପୂରଣ କରିଛି। ଭୁବନେଶ୍ୱର ସହିତ ହାଇଦ୍ରାବାଦ ମଧ୍ୟ ଏହି ସ୍ୱଚ୍ଛତା ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି।

ଜାତୀୟ ପାନୀୟ ଜଳ ସର୍ବେକ୍ଷଣ ତାଲିକାରେ ମୁମ୍ବାଇ ଶୀର୍ଷରେ ରହିଛି। ଏହାର ସମସ୍ତ ୧୦ଟି ନମୁନା ଆବଶ୍ୟକ ମାନ ପୂରଣ କରିଥିବାବେଳେ ନୂଆଦିଲ୍ଲୀରୁ ସଂଗୃହୀତ ୧୧ଟିଯାକ ପାନୀୟ ଜଳ ନମୁନା ଆବଶ୍ୟକ ମାପଦଣ୍ଡ ପୂରଣ କରିବାରେ ବିଫଳ ହୋଇଛି। ଦେଶର ସବୁ ପରିବାରକୁ ବିଶୁଦ୍ଧ ଓ ନିରାପଦ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ଲାଗି କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଦିଲ୍ଲୀର ବିଭିନ୍ନ ସ୍ଥାନରୁ ପାନୀୟ ଜଳ ନମୁନା ସଂଗ୍ରହ କରାଯାଇଥିବାବେଳେ ପରବର୍ତ୍ତୀ ପର୍ଯ୍ୟାୟରେ ୨୦ ରାଜ୍ୟର ରାଜଧାନୀରୁ ଜଳ ନମୁନା ପରୀକ୍ଷା ପାଇଁ ନିଆଯାଇଥିଲା। ବ୍ୟୁରୋ ଅଫ୍ ଇଣ୍ଡିଆନ ଷ୍ଟାଣ୍ଡାର୍ଡସ୍ (ବିଆଇଏସ୍) ଦ୍ୱାରା ସ୍ଥିରୀକୃତ ମାନ ୧୦୫୦୦:୨୦୧୨ ଅନୁଯାୟୀ ସେଗୁଡ଼ିକର ପରୀକ୍ଷା କରାଯାଇଥିଲା। ସେଥିରୁ ଦିଲ୍ଲୀ ଓ ଅନ୍ୟ ୧୩ ରାଜ୍ୟ ରାଜଧାନୀର ପାଣି ପିଇବା ଯୋଗ୍ୟ ନୁହେଁ ବୋଲି ଖାଉଟି ବ୍ୟାପାର ମନ୍ତ୍ରୀ ରାମବିଳାସ ପାଶ୍ୱାନ କହିଛନ୍ତି। ସେହି ରାଜଧାନୀ ସହରଗୁଡ଼ିକ ହେଲେ ଚଣ୍ଡିଗଡ଼, ଥିରୁଭାନନ୍ତପୁରମ୍, ପାଟନା, ଭୋପାଳ, ଗୁଆହାଟୀ, ବେଙ୍ଗାଲୁରୁ, ଗାନ୍ଧୀନଗର, ଲକ୍ଷ୍ନୌ, ଜମ୍ମୁ, ଜୟପୁର, ଡେରାଡୁନ, ଚେନ୍ନାଇ ଏବଂ କୋଲକାତା। ଲୋକଙ୍କୁ ଟ୍ୟାପ୍‌ରୁ ସ୍ୱଚ୍ଛ ପାଣି ମିଳିବା ଦରକାର। ଏନେଇ କେନ୍ଦ୍ର ସରକାର କି ପ୍ରକାର ସହାୟତା କରିପାରିବେ ଜଣାଇବାକୁ ପାଶ୍ୱାନ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କୁ ପତ୍ର ଲେଖିଛନ୍ତି।

■ ପ୍ରଥମ ସ୍ଥାନରେ ମୁମ୍ବାଇ

■ ଦିଲ୍ଲୀ ଓ ୧୩ ରାଜ୍ୟ ରାଜଧାନୀର ଜଳ ପିଇବାଯୋଗ୍ୟ ନୁହେଁ



## ପ୍ରଚାରପତ୍ରରେ 'ମହାତ୍ମା ଗାନ୍ଧୀଙ୍କ ଆକସ୍ମିକ ଦେହାବସାନ' ପ୍ରସଙ୍ଗ

# ତ୍ରୁଟି ଅନିଚ୍ଛାକୃତ ଥିଲା: ଗଣଶିକ୍ଷା ମନ୍ତ୍ରୀ

■ ଜଣେ କର୍ମଚାରୀ ନିଲମ୍ବିତ

■ ୨ଜଣଙ୍କୁ କୈଫିୟତ ତଲବ

**ଭୁବନେଶ୍ୱର,୧୬।୧୧(ବ୍ୟୁରୋ)**

ରାଜ୍ୟ ସରକାର ମହାତ୍ମା ଗାନ୍ଧୀଙ୍କ ସମ୍ବନ୍ଧରେ 'ଆମ ବାପୁଜୀ: ଏକ ଝଲକ' ଶୀର୍ଷକ ଦୁଇପୃଷ୍ଠା ସମ୍ବଳିତ ପ୍ରଚାରପତ୍ର ପ୍ରକାଶ କରିଛନ୍ତି। ଏଥିରେ ୩୦ ଜାନୁୟାରୀ ୧୯୪୮ ମସିହାରେ ଦିଲ୍ଲୀ ବିରଳା ଭବନରେ ଏକ ଆକସ୍ମିକ ଘଟଣାକ୍ରମେ ଗାନ୍ଧିଜୀଙ୍କର ଦେହାବସାନ ହୋଇଥିବା ଉଲ୍ଲେଖ କରାଯାଇଛି। ଏହା ଏକ ଅନିଚ୍ଛାକୃତ ତ୍ରୁଟି। ସରକାର ଜାଣିଶୁଣି ଏଭଳି ଭୁଲ୍ କରିନାହାନ୍ତି। ଘଟଣାଚକ୍ରକୁ ପରିବର୍ତ୍ତନ କରିବା କିମ୍ବା ପିଲାମାନଙ୍କୁ କୌଣସି ଭୁଲ୍ ତଥ୍ୟ ଦେଇ ବିଭ୍ରାନ୍ତ କରିବା ସରକାରଙ୍କ ଉଦ୍ଦେଶ୍ୟ ନ ଥିଲା। ସରକାର ଏହି ପ୍ରଚାରପତ୍ର ପ୍ରତ୍ୟାହାର କରିନେଇଛନ୍ତି। ଏହି ଘଟଣା ପାଇଁ ଜଣେ କର୍ମଚାରୀଙ୍କୁ ଚାକିରିରୁ ନିଲମ୍ବିତ କରାଯିବା ସହ ଦୁଇଜଣ ଅଧିକାରୀଙ୍କୁ କୈଫିୟତ ତଲବ କରାଯାଇଛି। ପ୍ରଚାରପତ୍ରକୁ ଆବଶ୍ୟକ ସଂଶୋଧନ କରାଯାଇ ଆସନ୍ତା ୧ ମାସ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ବଣ୍ଟାଯିବ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶନିବାର ବିଧାନସଭାରେ ବିବୃତି ଦେଇଛନ୍ତି।

ପ୍ରସଙ୍ଗକୁ ନେଇ କଂଗ୍ରେସ ଶୁକ୍ରବାର ବିଧାନସଭାରେ ସରକାରଙ୍କୁ ସଣ୍ଢୁଆଶି ଆକ୍ରମଣ କରିଥିଲା। ☞ ପୃଷ୍ଠା–୪








ସାନିଆ ମିର୍ଜାଙ୍କୁ ମୁଁ ସବୁଠାରୁ ବେଶି ଭଲପାଏ। ସେ ମୋ ସମ୍ପର୍କରେ ସବୁ ସିକ୍ରଟ୍ ଜାଣନ୍ତି।

-ପରିଣୀତି ଚୋପ୍ରା, ବଲିଉଡ୍ ଅଭିନେତ୍ରୀ



# ଅନ୍ଧବିଶ୍ୱାସ କବଳରେ ଅପସ୍ମାର

କିଛି ନଥିବ କିନ୍ତୁ ମସ୍ତିଷ୍କ ସହ ଯୋଡି ହୋଇଥିବା ଏକ ନ୍ୟୁରୋଜିକାଲ ସମସ୍ୟା ଅପସ୍ମାର ହଠାତ୍ ସ୍ୱାସ୍ଥ୍ୟର ସବୁକିଛି ବିଗାଡିଦିଏ। ଏହାଫଳରେ ମସ୍ତିଷ୍କ ସନ୍ତୁଳନ ହରାଇଥାଏ। ଏହି ରୋଗ ସବୁ ବୟସର ବ୍ୟକ୍ତିଙ୍କୁ ହୋଇଥାଏ। ମସ୍ତିଷ୍କରେ ଆଘାତ ଲାଗିବା, ମସ୍ତିଷ୍କ ସଂକ୍ରମଣ,ଅତ୍ୟଧିକ ମଦ୍ୟପାନ, ଷ୍ଟ୍ରୋକ ଏବଂ ବ୍ରେନ୍ ଟ୍ୟୁମର ଯୋଗୁ ମସ୍ତିଷ୍କରେ ଅମ୍ଳଜାନ ଅଭାବ ହେବା ଫଳରେ ଅପସ୍ମାର ଉପୁଜିଥାଏ। ଏହି ରୋଗରେ ପୀଡିତମାନେ ମାନସିକ ସ୍ତରରେ ଦୁର୍ବଳ ରହିଥାନ୍ତି ଓ ଏହାର ଚିକିତ୍ସା ସମ୍ଭବ ନୁହେଁ ବୋଲି ଲୋକମାନଙ୍କ ମନରେ ଏକ ଭ୍ରମ ଧାରଣା ରହିଛି। । କିନ୍ତୁ ଅପସ୍ମାରର ଚିକିତ୍ସା କରାଗଲେ ତାହା ଉପଶମ ହୋଇଯାଏ। ଏଣୁ ଲୋକମାନଙ୍କ ମନରେ ଅପସ୍ମାର ସମ୍ପର୍କରେ ଏକ ସକାରାତ୍ମକ ଚିନ୍ତାଧାରା ଆଣିବା ଲାଗି ପ୍ରତିବର୍ଷ ୧୭ ନଭେମ୍ବରରେ 'ଜାତୀୟ ଅପସ୍ମାର ଦିବସ' ପାଳନ କରାଯାଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ବିଶ୍ୱରେ ପ୍ରତିବର୍ଷ ୨୫ ଲକ୍ଷ ଏଥିରେ ପୀଡିତ ହେଉଛନ୍ତି। ଇଣ୍ଡିଆନ୍ ଏପିଲେପ୍ସି ଆସୋସିଏଶନ ଅନୁଯାୟୀ ବିଶ୍ୱରେ ୫ରୁ ୬ କୋଟି ଅପସ୍ମାର ରୋଗୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ୮୦ ପ୍ରତିଶତ ରୋଗୀ ବିକାଶଶୀଳ ଦେଶରେ ରୁହନ୍ତି ଓ ଏହାର ତିନି ଚତୁର୍ଥାଂଶଙ୍କୁ ଆବଶ୍ୟକ ଚିକିତ୍ସା ଉପଲବ୍ଧ ହୋଇପାରେନାହିଁ। ଭାରତରେ ପ୍ରାୟ ୧ରୁ ୨ କୋଟି ଅପସ୍ମାର ରୋଗୀ ରହିଛନ୍ତି ଓ ଏହାର ୭୦ ପ୍ରତିଶତ ଗାଁରେ ରୁହନ୍ତି। ସହରାଞ୍ଚଳରେ ୬୦ ପ୍ରତିଶତ ରୋଗୀ ଡାକ୍ତରଙ୍କ ପରାମର୍ଶ ନେଉଥିବାବେଳେ ଗ୍ରାମାଞ୍ଚଳରେ ୧୦ ପ୍ରତିଶତ ଏହା କରିଥାନ୍ତି । ଅର୍ଥାତ ଗ୍ରାମାଞ୍ଚଳରେ ଥିବା ଅପସ୍ମାର ରୋଗୀଙ୍କ ମଧ୍ୟରୁ ୯୦ ପ୍ରତିଶତ ଏହି ରୋଗକୁ ଅଣଦେଖା କରନ୍ତି। ଉପଯୁକ୍ତ ଚିକିତ୍ସା କରନ୍ତି ନାହିଁ।



## ତାନ୍ତ୍ରିକ ନୁହେଁ ଡାକ୍ତରଙ୍କ ଚିକିତ୍ସା ଆବଶ୍ୟକ

ଏହାକୁ ଏବେ ବି ଅନେକେ ପ୍ରେତାତ୍ମାର ପ୍ରଭାବ ବୋଲି ଭାବନ୍ତି ଓ ଏହି କାରଣରୁ ପୀଡିତଙ୍କ ପରିବାରକୁ ଅନେକ ସ୍ଥାନରେ ସାମାଜିକ ବାସନ୍ଦର ଶିକାର ହେବା ମଧ୍ୟ ଲକ୍ଷ୍ୟ କରାଯାଏ। କେତେକ ସ୍ଥାନରେ ବ୍ୟକ୍ତିଙ୍କୁ ଭୂତପ୍ରେତ ସବାର ହୋଇଥିବା ମନେକରି ତାନ୍ତ୍ରିକଙ୍କୁ ଖୋଜାଯାଏ। ଏହାଦ୍ୱାରା ପୀଡିତଙ୍କ ଅବସ୍ଥା ଗମ୍ଭୀର ହୋଇଯାଏ। ଅପସ୍ମାରକୁ ନେଇ ଲୋକମାନଙ୍କ ମଧ୍ୟରେ ରହିଥିବା ଏଭଳି ଭ୍ରାନ୍ତ ଧାରଣା ଦୂର କରିବା ସହ ରୋଗର ଲକ୍ଷଣ, ଚିକିତ୍ସା ସମ୍ପର୍କରେ ସଚେତନତା ଆଣିବା 'ଜାତୀୟ ଅପସ୍ମାର ଦିବସ'ର ଲକ୍ଷ୍ୟ। ସାମାନ୍ୟ ସ୍ତରରେ ଥିବା ରୋଗର ଚିକିତ୍ସା କରି ୩ରୁ ୫ ବର୍ଷ ଯାଏ ଔଷଧ ସେବନ କଲେ ତାହା ଭଲ ହୋଇଯାଏ, ଔଷଧରେ ପାଖାପାଖି ୭୦ ପ୍ରତିଶତ ରୋଗୀ ସୁସ୍ଥ ହୋଇଯାନ୍ତି। ଅନ୍ୟ ୩୦ ପ୍ରତିଶତ ରୋଗୀଙ୍କ କ୍ଷେତ୍ରରେ ଅସ୍ତ୍ରୋପଚାର ଆବଶ୍ୟକ ହୋଇଥାଏ। ଲୋକମାନେ ଅନ୍ଧବିଶ୍ୱାସରୁ ଦୂରେଇଯାଇ ଉପଯୁକ୍ତ ଚିକିତ୍ସା କଲେ ଅପସ୍ମାରରୁ ସହଜରେ ମୁକ୍ତି ମିଳିପାରିବ।

ଜାତୀୟ ଅପସ୍ମାର ଦିବସ

# ଅନ୍‌ଲାଇନ ଶପିଂ ପ୍ରତି ଦୁର୍ବଳତା ଏକ ମାନସିକ ରୋଗ

**ନୂଆଦିଲ୍ଲୀ:** ବର୍ତ୍ତମାନର ଡିଜିଟାଲ ଦୁନିଆରେ ପ୍ରାୟ ସମସ୍ତ ଜିନିଷ ହାତପାହାନ୍ତାରେ ଉପଲବ୍ଧ। କେବଳ କେତୋଟି କ୍ଲିକ ଜରିଆରେ ଆବଶ୍ୟକ ଜିନିଷକୁ ସହଜରେ ପାଇବା ସମ୍ଭବ ହୋଇଛି। ଅନ୍‌ଲାଇନ ଶପିଂ ଦ୍ୱାରା ଘର ସାମଗ୍ରୀଠାରୁ ଆରମ୍ଭ କରି ପୋଷାକ, ଇଲେକ୍ଟ୍ରୋନିକାଲ ଜିନିଷ, କସ୍‌ମେଟିକ୍ସ ସହ ବିଭିନ୍ନ ଦରକାରୀ ଜିନିଷ ସୁବିଧାରେ କିଣାଯାଇପାରୁଛି। ଏଥିପାଇଁ ଦିନକୁ ଦିନ ଅନ୍‌ଲାଇନରେ ସାମଗ୍ରୀ ବିକ୍ରି ପାଇଁ ୱେବସାଇଟଗୁଡିର ସଂଖ୍ୟା ମଧ୍ୟ ବଢୁଛି। ବିଶେଷ କରି ବଜାରଠାରୁ ତୁଳନାତ୍ମକ ଭାବେ ଅଧିକ ଅଫର ବିଭିନ୍ନ ୱେବସାଇଟ୍‌ରେ ମିଳୁଥିବାରୁ ଅଧିକାଂଶ ଏବେ ଅନ୍‌ଲାଇନ ଶପିଂମୁହାଁ। ହେଲେ ଅନ୍‌ଲାଇନରେ ଜିନିଷ କିଣାକିଣି ପ୍ରତି ଅଧିକ ରୁଚି ରଖିବା କିମ୍ବା ଦୁର୍ବଳତା ପ୍ରକାଶ ପାଇବା ଏକ ମାନସିକ ରୋଗ ବୋଲି ନିକଟରେ ଏକ ଅଧ୍ୟୟନରୁ ଜଣାପଡିଛି। ଏହାକୁ ବାଇଙ୍ଗ୍ ଶପିଂ ଡିଜ୍‌ଅର୍ଡର (ବିଏସ୍‌ଡି) ବୋଲି କୁହାଯାଉଛି। କମ୍ପ୍ରେହନସିଭ୍ ସାଇକାଟ୍ରିକ ନାମକ ଏକ ଜର୍ନାଲରେ ପ୍ରକାଶିତ ରିପୋର୍ଟ ମୁତାବକ, ବିକଶିତ ଦେଶଗୁଡିକରେ ପ୍ରାୟ ୫ ପ୍ରତିଶତ ଲୋକ ଏହି ରୋଗର ଶିକାର। ଅଧ୍ୟୟନକାରୀଙ୍କ କହିବା ଅନୁଯାୟୀ, ବିଏସ୍‌ଡି ପୀଡିତଙ୍କ ମଧ୍ୟରେ ଅନ୍‌ଲାଇନ ଶପିଂ କରିବାକୁ ପ୍ରବଳ ଇଚ୍ଛା ଜାଗ୍ରତ ହୋଇଥାଏ। ଫଳରେ ସମ୍ପୃକ୍ତ ବ୍ୟକ୍ତି ଆବଶ୍ୟକଠାରୁ ଅଧିକ ମାତ୍ରାରେ ସାମଗ୍ରୀ କିଣିବା ସହ ଅଧିକ ଖର୍ଚ୍ଚାନ୍ତ ହେଉଥିଲେ ଏହାର ପରିଣାମ ବିଷୟରେ ଚିନ୍ତା କରିପାରି ନ ଥାନ୍ତି। ଯାହାଦ୍ୱାରା ସେମାନଙ୍କ ଜୀବନରେ ଆର୍ଥିକ ବିଶୃଙ୍ଖଳା ସୃଷ୍ଟି ହୋଇଥାଏ। ୧୨୨ ଜଣଙ୍କୁ ନେଇ ହୋଇଥିବା ଏକ ସର୍ବେକ୍ଷଣରୁ ଏହି ତଥ୍ୟ ସାମ୍ନାକୁ ଆସିଥିଲା। ଯେଉଁଥିରେ ପ୍ରାୟ ୩୪ ପ୍ରତିଶତ ଲୋକ ବିଏସ୍‌ଡିର ଶିକାର ହୋଇଥିବା ଜଣାପଡିଥିଲା। ଅଧିକ ଜିନିଷ କିଣିବାର ଇଚ୍ଛା ପୂରଣ ନ ହୋଇପାରିଲେ ସେମାନଙ୍କ ମାନସିକ ସ୍ଥିତିରେ ଅସ୍ଥିରତା ଏପରିକି ଅନେକ ଡିପ୍ରେଶନକୁ ମଧ୍ୟ ଚାଲିଯାଉଥିବା ସର୍ବେକ୍ଷଣରୁ ଜାଣିବାକୁ ମିଳିଛି। ଏହି ରୋଗର କ୍ଲାସିଫିକେଶନ କରି ଅଧିକ ଅଧ୍ୟୟନ ଜରୁରୀ ବୋଲି ହେନୋବର ମେଡିକାଲ ସ୍କୁଲର ଅନୁସନ୍ଧାନକାରୀମାନେ କହିଛନ୍ତି।




# ହାତୀ ପାଇଁ କ୍ଷତି ୧୬୭୪ କୋଟି



## ବିଦ୍ୟୁତ୍ ବିଭାଗ ସର୍ବାଧିକ ପ୍ରଭାବିତ

**ରାୟପୁର:** ଛତିଶଗଡ଼ରେ ଦୀର୍ଘଦିନ ଧରି ଚାଲିଛି ହାତୀ-ମଣିଷ ସଂଘର୍ଷ। ସରକାର, ବନ ବିଭାଗ ପକ୍ଷରୁ ଅନବରତ ଉଦ୍ୟମ ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ରାଜ୍ୟର ୧୫ଟି ଜିଲା ହାତୀ ଉପଦ୍ରୁତ। ଏଠାକାର ଥଣ୍ଡା ଜଙ୍ଗଲୀ ପରିବେଶ ହାତୀଙ୍କ ପାଇଁ ସ୍ୱର୍ଗ ପାଲଟିଛି। ସେମାନେ ସ୍ୱଚ୍ଛନ୍ଦରେ ବିଚରଣ କରୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ଜନବସତିରେ ପଶୁଥିବା ହାତୀପଲ ବିପୁଳ କ୍ଷତି କରୁଛନ୍ତି। ସେମାନଙ୍କ ପାଇଁ ହଜାର ହଜାର ହେକ୍ଟର ଜମିର ଫସଲ ଉଜୁଡ଼ି ଯାଉଛି। ପ୍ରତି ସପ୍ତାହରେ ହାତୀ ଆକ୍ରମଣରେ ଅନ୍ୟୂନ ୨ଜଣଙ୍କ ଜୀବନ ଯାଉଥିବା ଏକ ତଥ୍ୟରୁ ଜଣାପଡ଼ିଛି। ହେଲେ ହାତୀ ପାଇଁ ସବୁଠାରୁ ବେଶି ପ୍ରଭାବିତ ହୋଇଛି ବିଦ୍ୟୁତ୍ ବିଭାଗ। ଗତ ୧୮ବର୍ଷ ମଧ୍ୟରେ ବିଦ୍ୟୁତ୍ ସେବା ଯୋଗାଉଥିବା କମ୍ପାନୀଗୁଡ଼ିକ ୧୬୭୪ କୋଟି ଟଙ୍କା କ୍ଷତି ସହିଥିବା ଦାବି କରିଛନ୍ତି, ଯାହା ଏବେ ଚିନ୍ତାର ବିଷୟ ପାଲଟିଛି। ଜଙ୍ଗଲ ମଧ୍ୟ ଦେଇ ଟଣାଯାଇଥିବା ବିଦ୍ୟୁତ୍ ତାର ହାତୀଙ୍କ ପାଇଁ ମରଣଯନ୍ତା ପାଲଟିଛି। ଏଥିରେ ଛନ୍ଦି ହୋଇ ବିଗତ ୧୮ ବର୍ଷରେ ୪୪ ହାତୀଙ୍କ ମୃତ୍ୟୁ ଘଟିଲାଣି। ଏହାର ପ୍ରତିକାର ଲାଗି ଜଙ୍ଗଲ ଭିତରେ ଟଣାଯାଇଥିବା ଖୋଲା ତାରଗୁଡ଼ିକୁ ହଟାଇ କେବୁଲ ବ୍ୟବସ୍ଥା କରିବା, ବିଦ୍ୟୁତ୍ ଟାୱାରରେ ଇନ୍‌ସୁଲେଟର ବ୍ୟବସ୍ଥା କରିବା ଏବଂ ବିଦ୍ୟୁତ୍ ଖୁଣ୍ଟଗୁଡ଼ିକର ଉଚ୍ଚତା ବୃଦ୍ଧି କରିବାକୁ ବିଦ୍ୟୁତ୍ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଜାରି କରାଯାଇଛି। ଏଥି ପାଇଁ ମୋଟା ଅଙ୍କର ଅର୍ଥ ଖର୍ଚ୍ଚ ହେବ। ତେବେ ଉକ୍ତ ଅର୍ଥ ବନ ବିଭାଗ ନିକଟରୁ ହାତେଇବାକୁ ବିଦ୍ୟୁତ୍ କମ୍ପାନୀଗୁଡ଼ିକ ମସୁଧା କରିଥିଲେ। ହେଲେ କେନ୍ଦ୍ରୀୟ ଜଙ୍ଗଲ ଏବଂ ପରିବେଶ ମନ୍ତ୍ରଣାଳୟ ଏଥିରେ ହସ୍ତକ୍ଷେପ କରିଥିଲା। ସୁପ୍ରିମକୋର୍ଟ ଏବଂ ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ରଖି ଏହି ଟଙ୍କା ବିଦ୍ୟୁତ୍ ବିଭାଗ ହିଁ ଭରଣା କରିବ ବୋଲି ଜଣାପଡ଼ିଛି।

# ବଲିଉଡ୍ ପାଇଁ ନାମ ବଦଳାଇଥିଲେ ମୀନାକ୍ଷୀ



**ମୁମ୍ବାଇ:** ବଲିଉଡ୍ ଦାମିନୀ ମୀନାକ୍ଷୀ ଶେଷାଦ୍ରୀ ଆଜି ବି ଦର୍ଶକଙ୍କ ମନରେ ବସାବାନ୍ଧି ରହିଛନ୍ତି। ଏହି ଅଭିନେତ୍ରୀ ୯୦ ଦଶକରେ ବଲିଉଡ୍ ଦୁନିଆରେ ଜଣେ ଆଗଧାଡ଼ିର ନାୟିକା ଭାବେ ବେଶ୍ ନାଁ କମାଇଥିଲେ। ଶନିବାର ୫୬ ବର୍ଷ ବୟସରେ ପଦାର୍ପଣ କରିଛନ୍ତି ସେ। ୧୬ ନଭେମ୍ବର ୧୯୬୩ରେ ଝାଡ଼ଖଣ୍ଡର ସିନ୍ଦ୍ରୀରେ ଜନ୍ମ ନେଇଥିଲେ ଏହି ବଲିଉଡ୍ ବିୟୁଟି। ମାତ୍ର ୧୭ ବର୍ଷ ବୟସରେ ସେ ମିସ୍ ଇଣ୍ଡିଆ ହେବାର ଗୌରବ ଅର୍ଜନ କରିଥିଲେ। ମୀନାକ୍ଷୀଙ୍କ ପ୍ରକୃତ ନାଁ ଥିଲା ଶଶିକଳା ଶେଷାଦ୍ରୀ। ତେବେ ସେ ଯେତେବେଳେ ମିସ୍ ଇଣ୍ଡିଆ ଟାଇଟଲ ପାଇଥିଲେ ଖବରକାଗଜରେ ତାଙ୍କର ଫଟୋ ଦେଖି ମନୋଜ କୁମାର ତାଙ୍କୁ ଫିଲ୍ମରେ ନେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଏତିକିବେଳେ ତାଙ୍କୁ ଫିଲ୍ମ 'ପେଣ୍ଟର ବାବୁ' ପାଇଁ ସାଇନ୍ କରାଗଲା। କିନ୍ତୁ ଇଣ୍ଡଷ୍ଟ୍ରିରେ ଶଶିକଳା ନାଁରେ ଅନ୍ୟ ଜଣେ ଅଭିନେତ୍ରୀ ଥିବାରୁ ମୀନାକ୍ଷୀଙ୍କ ନାଁ ଶଶିକଳାକୁ ପରିବର୍ତ୍ତନ କରିବାକୁ ସମସ୍ତେ ଇଚ୍ଛା ପ୍ରକାଶ କଲେ। ଆଉ ଶଶିକଳାରୁ ତାଙ୍କ ନାଁ ପରିବର୍ତ୍ତନ ହୋଇ ମୀନାକ୍ଷୀ ରଖାଗଲା। ତେବେ 'ପେଣ୍ଟର ବାବୁ' ବକ୍ସ ଅଫିସରେ ଫ୍ଲପ୍‌ହେବାରୁ ମିନାକ୍ଷୀ ବଲିଉଡ୍ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ହେଲେ ଏତିକିବେଳେ ସୁଭାଷ ଘାଇଙ୍କ ଫିଲ୍ମ 'ହିରୋ' ପାଇଁ ତାଙ୍କୁ ମିଳିଲା ଅଫର୍। ଆଉ ଏହା ବ୍ଲକବଷ୍ଟର ଫିଲ୍ମ ଭାବେ ସାଉଁଟିଲା ସଫଳତା।

# ଖଣ୍ଡା ବୁଲାଇ ନାଚିଲେ କେନ୍ଦ୍ରମନ୍ତ୍ରୀ



## 'ଓମେନ୍ ଅପ୍‌ଲିଫ୍ଟିଂ ଫୋରମ୍ ପ୍ରୋଗ୍ରାମ'ର ସାଂସ୍କୃତିକ କାର୍ଯ୍ୟକ୍ରମ

**ଭାବନଗର:** ଗୁଜରାଟର ଭାବନଗରରେ ଉତ୍ତରପ୍ରଦେଶର ଅମେଠୀ ନିର୍ବାଚନମଣ୍ଡଳୀର ଏମ୍‌ପି ତଥା କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ସ୍ମୃତି ଇରାନୀ ଖଣ୍ଡା ବୁଲାଇ ନାଚିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସାଜିଛି। ମନଖୋଲା ହସ ସହ ସେ ଦୁଇ ହାତରେ ଦୁଇଟି ଖଣ୍ଡା ଧରି ନାଚୁଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହୋଇଛି। ବିଭିନ୍ନ ଲୋକ ଏହା ଉପରେ ଭିନ୍ନ ଭିନ୍ନ କମେଣ୍ଟ ଦେବାରେ ଲାଗିଛନ୍ତି। ଭାବନଗରରେ ସ୍ୱାମୀନାରାୟଣ ଗୁରୁକୁଳ ଦ୍ୱାରା ଆୟୋଜିତ 'ଓମେନ୍ ଅପ୍‌ଲିଫ୍ଟିଂ ଫୋରମ୍ ପ୍ରୋଗ୍ରାମ'ର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଏଭଳି ନାଚୁଥିବାର ଦେଖାଯାଇଥିଲା। ତାଙ୍କ ସହ ଅନ୍ୟ ଯୁବତୀମାନେ ପାରମ୍ପରିକ ବେଶଭୂଷା ସହ ନୃତ୍ୟ ପରିବେଷଣ କରୁଥିବା ଦେଖାଯାଇଥିଲା। ସଙ୍ଗଠନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ କଳାକାରଙ୍କ ସହ ଷ୍ଟେଜ୍ ଉପରେ ପର୍‌ଫର୍ମ କରିବା ଲାଗି ଅନୁରୋଧ କରାଯାଇଥିଲା। ଅଭିନୟ ଜଗତରୁ ରାଜନୀତିକୁ ଆସିଥିବା ସ୍ମୃତି ଇରାନୀ ବା କେମିତି ଏହାକୁ ଅଗ୍ରାହ୍ୟ କରିବେ। କଥାରଖି ସେ ଷ୍ଟେଜ୍ ଉପରେ ମହିଳା କଳାକାରଙ୍କ ସହ 'ତଲ୍‌ୱାର ରାସ୍' ନୃତ୍ୟରେ ଖଣ୍ଡାବୁଲାଇ ନାଚିଲେ। ଗୁଜରାଟ ଓ ରାଜସ୍ଥାନରେ ଏହା ଏକ ପାରମ୍ପରିକ ଲୋକନୃତ୍ୟ ଭାବେ ପରିଚିତ। ଏହି କାର୍ଯ୍ୟକ୍ରମରେ ଗୁଜରାଟର ଭାଜପା ଅଧ୍ୟକ୍ଷ ଜିତୁ ଭଗାନୀ ଉପସ୍ଥିତ ଥିଲେ।

# ଜେଲରେ ବାଜିଲା ସାହାନାଇ




**ନାଭା:** ପଞ୍ଜାବର ନାଭା ଜିଲା କାରାଗାରରେ ଶୁକ୍ରବାର ଦ୍ୱିତୀୟ ଥର ପାଇଁ ବାଜିଛି ସାହାନାଇ। ଏକ ହତ୍ୟା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ଗ୍ୟାଙ୍ଗଷ୍ଟର ମହମ୍ମଦ ୱାସିମ୍ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି। ଏହାପୂର୍ବରୁ ଏହି ଜେଲରେ ଗ୍ୟାଙ୍ଗଷ୍ଟର ମନଦୀପ ସିଂଙ୍କ ବିବାହ ହୋଇଥିଲା। ଏକ ହତ୍ୟା ମାମଲାରେ ୱାସିମ୍ ସଜା ଭୋଗୁଛନ୍ତି। ବିବାହ କରିବା ଲାଗି ସେ ଜେଲ କର୍ତ୍ତୃପକ୍ଷଙ୍କ ନିକଟରେ ପାରୋଲରେ ଯିବାକୁ ଆବେଦନ କରିଥିଲେ। ଏଥିରେ ସେ ଦର୍ଶାଇଥିଲେ ଯେ, ତାଙ୍କର ନିର୍ବନ୍ଧ ଶେଷ ହୋଇଛି। ତାଙ୍କୁ ବିବାହ କରିବା ଲାଗି ପାରୋଲ ଦିଆଯାଉ। ତେବେ ସୁରକ୍ଷାଜନିତ କାରଣରୁ ତାଙ୍କୁ ଜେଲରେ ହିଁ ବିବାହ କରିବାକୁ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଥିଲା। ଏଥିଲାଗି ଦିନ ନିର୍ଦ୍ଧାରଣ ପରେ ଶୁକ୍ରବାର ତାଙ୍କର ବିବାହ ସମ୍ପନ୍ନ ହୋଇଛି। ତେବେ ବର ୱାସିମ୍‌ଙ୍କୁ ଛାଡ଼ି କନ୍ୟାଙ୍କୁ ଏକାକୀ ଘରକୁ ବାହୁଡ଼ିବାକୁ ପଡ଼ିଥିଲା। କନ୍ୟାଙ୍କ ବିଦାୟ ପର୍ବରେ ୮ଜଣ ପୋଲିସ କର୍ମଚାରୀ ସାମିଲ ହୋଇଥିଲେ। ସେହିପରି ୱାସିମ୍‌ଙ୍କ ଭାଇ ଜାଭେଦ, ଭଉଣୀ ଫିର୍ଦ୍ଦୋଷ, ଭିଣୋଇ ମହମ୍ମଦ ସଲିମ, ମୌଲବୀଙ୍କ ସମେତ ଉଭୟ ପକ୍ଷର ୮ଜଣଙ୍କ ଉପସ୍ଥିତିରେ ଏହି ମାଙ୍ଗଳିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

# ତୈମୁର-ଇନାୟାଙ୍କ ଫଟୋ ଭାଇରାଲ

**ମୁମ୍ବାଇ:** ଶିଶୁ ଦିବସ ଅବସରରେ ସୋହା ଆଲି ଖାଁ ଏକ ଫଟୋ ଶେୟାର କରିଥିଲେ। ଏହି ଫଟୋ ଶେୟାର ହେବାର କିଛି ସମୟ ମଧ୍ୟରେ ଭାଇରାଲ ହେବାରେ ଲାଗିଛି। ଫଟୋଟି ହେଉଛି ଶୈଫ ଓ କରୀନାଙ୍କ ପୁଅ ତୈମୁର ଅଲି ଖାଁ ଓ ଭାଣିଜୀ ଇନାୟା ଖେମୁଙ୍କର। ଏଥିରେ ଦୁଇ ଭାଇ ଭଉଣୀ ବେଶ୍ କ୍ୟୁଟ ଦେଖାଯାଉଛନ୍ତି। ତୈମୁର ଆଇସ୍‌କ୍ରିମ୍ ଖାଉଥିବା ବେଳେ ଭଉଣୀ ଇନାୟାଙ୍କ ପାଟିରୁ ଲାଳ ବାହାରୁଥିବା ଦେଖିବାକୁ ମିଳିଛି। ଇନାୟାଙ୍କ ପାଟିରେ ଆଇସ୍‌କ୍ରିମ ଲାଗିଥିବା ବେଳେ ଆହୁରି ଖାଇବା ପାଇଁ ସେ ତୈମୁରଙ୍କ ଆଡକୁ ଚାହିଁଛନ୍ତି। ଉକ୍ତ ଫଟୋରେ ଦୁହେଁ ବେଶ୍ ସୁନ୍ଦର ଦେଖାଯାଉଥିବା ବେଳେ ଦୁଇଜଣଙ୍କର ନୀରିହତାର ଦୃଶ୍ୟ ନଜର ଆସିଛି। ଏହି ଫଟୋକୁ ସୋହା ଶେୟାର କରିବା ସହ ନିଜ ପିଲା ବେଳର ସ୍ମୃତିକୁ ମନେପକାଇଛନ୍ତି। ତେବେ ଇନାୟା ଓ ତୈମୁରଙ୍କ ଭିତରେ ଭଲ ବଣ୍ଡିଂ ରହିଛି।



## ସଂକ୍ଷେପରେ

### 'ଅଗ୍ନି-୨'ର ସଫଳ ପରୀକ୍ଷଣ



ବାଲେଶ୍ୱର ଅଫିସ,୧୬।୧୧: ବାଲେଶ୍ୱର ଜିଲା ଚାନ୍ଦିପୁର ଆଇଟିଆର୍ ପକ୍ଷରୁ ଭଦ୍ରକ ଜିଲାସ୍ଥିତ ଅବଦୁଲ କଲାମ ଦ୍ୱୀପର ୪ ନଂ. ଲଞ୍ଚପ୍ୟାଡ୍‌ରୁ ଶନିବାର ସନ୍ଧ୍ୟା ସାଢ଼େ ୭ଟା ବେଳେ 'ଅଗ୍ନି-୨' କ୍ଷେପଣାସ୍ତ୍ରର ବ୍ୟବହାରିକ ପରୀକ୍ଷଣ ସଫଳ ହୋଇଛି। ଅନୁକୂଳ ପାଗକୁ ଅନୁଧାନ କରି ଏହାର ପରୀକ୍ଷଣ କରାଯାଇଥିଲା। ଭୂପୃଷ୍ଠରୁ ଭୂପୃଷ୍ଠକୁ ନିକ୍ଷେପ କରାଯାଉଥିବା ମଧ୍ୟମ ଦୂରବର୍ତ୍ତୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟଭେଦ କରିଥିଲା। ଡିଆର୍‌ଡିଓ ଷ୍ଟ୍ରାଟେଜିକ କମାଣ୍ଡୋ ଫୋର୍ସ ପକ୍ଷରୁ ଏହାର ପରୀକ୍ଷା କରାଯାଇଥିଲା। 'ଅଗ୍ନି-୨'ର ଲକ୍ଷ୍ୟଭେଦ କ୍ଷମତା ୧୫୦୦ରୁ ୨୦୦୦ କି.ମି.। ଏହାର ଓଜନ ୧୭ ଟନ୍, ଲମ୍ବ ୨୦ମିଟର ଓ ମୋଟେଇ ୧.୩ ମିଟର। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି କ୍ଷେପଣାସ୍ତ୍ର ୧୦୦୦ କି.ଗ୍ରା ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଉତ୍‌କ୍ଷେପଣ ପରେ ଏହାର ଗତିପଥକୁ ଅତ୍ୟାଧୁନିକ ରାଡ଼ାର ଓ ଟେଲିମେଟ୍ରି ଷ୍ଟେଶନ ସହାୟତାରେ ନିରୀକ୍ଷଣ କରାଯାଇଥିବା ଡିଆର୍‌ଡିଓ ପକ୍ଷରୁ କୁହାଯାଇଛି।

# ଗୋବର୍ଦ୍ଧନ ପୀଠ ଦେବୋତ୍ତରରୁ ମୁକ୍ତ

ଭୁବନେଶ୍ୱର,୧୬।୧୧(ବ୍ୟୁରୋ)

ରାଜ୍ୟ ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନରୁ ପୁରୀସ୍ଥିତ ଗୋବର୍ଦ୍ଧନ ପୀଠ ମୁକ୍ତ ହୋଇଛି। ଗୋବର୍ଦ୍ଧନ ମଠର ଧାର୍ମିକ ଅଗ୍ରଗଣ୍ୟତା ଓ ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ହିନ୍ଦୁ ଦେବୋତ୍ତର ଅଧିନିୟମ-୧୯୫୧ର ପରିସରରୁ ବାଦ୍ ପାଇଁ ବିଭିନ୍ନ ମହଲରୁ ଅନୁରୋଧ କରାଯାଇଥିଲା। ଏହି ଅନୁରୋଧକୁ ବିଚାର କରି ରାଜ୍ୟ ସରକାର ପ୍ରଥମେ କ୍ୟାବିନେଟ୍‌ରେ ପ୍ରସ୍ତାବ ଆଣିବା ସହ ମଞ୍ଜୁର କରାଇଥିଲେ। ଏହା ପରେ ବିଧାନସଭାରେ ଆଇନ ଅନୁସାରେ ଆବଶ୍ୟକ ସଂଶୋଧନ ଆଣି ଶନିବାର ଗୃହୀତ କରାଇଛନ୍ତି। ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଶୁକ୍ରବାର ଓଡ଼ିଶା ହିନ୍ଦୁ ଦେବୋତ୍ତର(ସଂଶୋଧନ) ବିଧେୟକ-୨୦୧୯ ଆଗତ କରାଯାଇଥିଲା। ଏହି ବିଲ୍ ଆଗତ ହେବାର ଗୋଟିଏ ଦିନ ପରେ ଗୃହର ମଞ୍ଜୁରୀ ମିଳିଛି। ଏବେ ଏହି ସଂଶୋଧନକୁ ରାଜ୍ୟପାଳଙ୍କ ଅନୁମୋଦନ ପାଇଁ ପଠାଯିବ। ସଂଶୋଧନ ସମ୍ପର୍କିତ ଆଲୋଚନା ସମୟରେ ଶାସକ ବିଜେଡି ଏବଂ କଂଗ୍ରେସ ଦଳ ବିଧାୟକମାନେ ଉପସ୍ଥିତ ରହିଥିଲେ। ଅପରପକ୍ଷରେ ଭାଜପା ବିଧାୟକମାନେ ଅନୁପସ୍ଥିତ ରହିଥିଲେ। ଏହି ସଂଶୋଧନକୁ ଅଣାଯିବା ଏବଂ ଗୃହୀତ କରିବା ପ୍ରକ୍ରିୟାର କେତେକ ଆଇନଗତ ଦିଗ ଉପରେ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରଶ୍ନ ଉଠାଇଥିଲେ। ଉଲ୍ଲେଖଯୋଗ୍ୟ, ଅନ୍ୟ ୩ ମଠ ଯଥା- ଯୋଷୀ ମଠ, ଦ୍ୱାରକା ମଠ, ଶ୍ରୀଙ୍ଗେରୀ ମଠକୁ ସମ୍ପୃକ୍ତ ରାଜ୍ୟର ଦେବୋତ୍ତର ଅଧିନିୟମ ପରିସରରୁ ବାଦ୍ ଦିଆଯାଇ ସେଗୁଡିକର ପରିଚାଳନା ଭାର ସେହି ମଠର ଶଙ୍କରାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ କରାଯାଇଛି। ଏହି ସଂଶୋଧନ ହେବା ପୂର୍ବରୁ ଗୋବର୍ଦ୍ଧନ ମଠ ଅଧିନିୟମର ଧାରା ୩ର ଖଣ୍ଡ(୧୩) ଅନୁସାରେ ଧାର୍ମିକ ଅନୁଷ୍ଠାନ ଭାବେ ପରିଗଣିତ ହେଉଥିଲା। ଏହି ସଂଶୋଧନ ସମ୍ପର୍କରେ ଗଣମାଧ୍ୟମକୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ ଯେ, ଅଣାଯାଇଥିବା ବିଧେୟକ ଏକ ଅର୍ଥ ବିଲ୍। ତେଣୁ ଆଲୋଚନା ପାଇଁ ରାଜ୍ୟପାଳଙ୍କ ଅନୁମୋଦନ ଦରକାର। ନଚେତ ଆଲୋଚନା ହୋଇପାରିବ ନାହିଁ। ମଠଗୁଡିକ ଆଇନ ଅନୁଯାୟୀ ଆକାଉଣ୍ଟର ବିବରଣୀ ଦେବା ଆବଶ୍ୟକ। ସେହିପରି ମଠ ନିଜ ଆୟର ୫ ପ୍ରତିଶତ ସରକାରଙ୍କୁ ଦେବା କଥା। ହେଲେ ତାହା କେହି ଦେଉନାହାନ୍ତି। ଶଙ୍କରାଚାର୍ଯ୍ୟଙ୍କ କାର୍ଯ୍ୟ ଆଫିଡେଭିଟ୍ ଅନୁଯାୟୀ ହେଉନାହିଁ। ସରକାର ଉଚିତ ପଦକ୍ଷେପ ନେଉନାହାନ୍ତି। ଆଇନ ଥାଇ ଏବେ ଦେଉ ନାହାନ୍ତି, ଆଇନ ନ ରହିଲେ ଭକ୍ତ ଯାହା ଭାବିବେ ବୋଲି ନରସିଂହ କହିଛନ୍ତି। ଅପରପକ୍ଷରେ ନରସିଂହଙ୍କ ଏହି ବୟାନ ଉପରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ପ୍ରତିକ୍ରିୟା ରଖିଛନ୍ତି। ପ୍ରତାପ କହିଛନ୍ତି ଯେ, ଏହା କୌଣସି ଅର୍ଥ ବିଲ୍ ନୁହେଁ। ତେଣୁ ରାଜ୍ୟପାଳଙ୍କ ଅନୁମୋଦନ ଆବଶ୍ୟକ ନାହିଁ। ଗୋବର୍ଦ୍ଧନ ମଠ ସରକାରଙ୍କ ନୀତିନିୟମରେ ପରିଚାଳିତ ହେବ । ହେଲେ ପୂର୍ବ ଭଳି ଦେବୋତ୍ତର ବିଭାଗକୁ ଆଉ ହିସାବ ଦେବ ନାହିଁ। ସରକାରୀ ନୀତିନିୟମ ଲାଗୁ ହେବ, ମାତ୍ର ପୀଠାଧୀଶ ଶଙ୍କରାଚାର୍ଯ୍ୟ ମଠ ପରିଚାଳନା କରିବେ। ସେହିପରି ଗୃହରେ ହୋଇଥିବା ଆଲୋଚନାରେ ନରସିଂହଙ୍କ ସମେତ ବିଜେଡି ସଭ୍ୟ ଅମର ପ୍ରସାଦ ଶତପଥୀ, ପ୍ରଫୁଲ୍ଲ ସାମଲ. କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ।

**ଓଡ଼ିଶା ହିନ୍ଦୁ ଦେବୋତ୍ତର (ସଂଶୋଧନ) ବିଧେୟକ-୨୦୧୯ ଗୃହୀତ**




- ଅର୍ଥ ବିଲ୍ ବୋଲି କହିଲେ ନରସିଂହ
- ଖଣ୍ଡନ କଲେ ଆଇନ ମନ୍ତ୍ରୀ
- ଲାଗୁ ହେବ ସରକାରୀ ନୀତିନିୟମ, ହିସାବ ଦେବେନି
- ପରିଚାଳନା ଦାୟିତ୍ୱ ଶଙ୍କରାଚାର୍ଯ୍ୟଙ୍କ ଉପରେ ନ୍ୟସ୍ତ




## ରିଲାଏନ୍ସ କମ୍ୟୁନିକେଶନରୁ ଅନିଲ ଅମ୍ବାନୀଙ୍କ ଇସ୍ତଫା



ମୁମ୍ବାଇ,୧୬।୧୧: ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ତ୍ରୈମାସରେ ରିଲାଏନ୍ସ କମ୍ୟୁନିକେଶନ ୩୦,୧୪୨ କୋଟି ଟଙ୍କା କ୍ଷତି ସହିବା ପରେ ଏହାର ନିର୍ଦ୍ଦେଶକ ପଦବୀରୁ ଅନିଲ ଅମ୍ବାନୀ ଶନିବାର ଇସ୍ତଫା ଦେଇଛନ୍ତି। ତାଙ୍କ ସହ ଉଚ୍ଚ ପଦପଦବୀରେ କାର୍ଯ୍ୟ କରୁଥିବା ଅନ୍ୟ ୪ ଅଧିକାରୀ ମଧ୍ୟ ଇସ୍ତଫା ଦେଇଥିବା ଜଣାପଡିଛି। ରିଲାଏନ୍ସ କମ୍ୟୁନିକେଶନ ବର୍ତ୍ତମାନ ଇନ୍‌ସଲ୍‌ଭେନ୍ସି ପ୍ରକ୍ରିୟା ଦେଇ ଗତିକରୁଛି। କମ୍ପାନୀର ସମ୍ପତ୍ତି ଏହାଦ୍ୱାରା ବିକ୍ରି ହୋଇଯିବ। ବମ୍ବେ ଷ୍ଟକ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନା ମୁତାବକ ଅନିଲ ଅମ୍ବାନୀଙ୍କ ବାଦ୍ ଛାୟା ବିରାନି, ରାୟନା କରାନି, ମଞ୍ଜରୀ କେକର ଏବଂ ସୁରେଶ ରଙ୍ଗାଚର ନିର୍ଦ୍ଦେଶକ ପଦବୀରୁ ଇସ୍ତଫା ଦେଇଛନ୍ତି। ପୂର୍ବରୁ କମ୍ପାନୀର ନିର୍ଦ୍ଦେଶକ ତଥା ମୁଖ୍ୟ ବିତ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ବି.ମଣିକାନ୍ତନ ଇସ୍ତଫା ଦେଇଥିଲେ। ଶୁକ୍ରବାର କମ୍ପାନୀର ଦ୍ୱିତୀୟ ତ୍ରୈମାସ ଫଳାଫଳ ଘୋଷଣା ହୋଇଥିବାବେଳେ ଏଥିରେ ରିଲାଏନ୍ସକୁ ୩୦,୧୪୨ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ଏହି ରିପୋର୍ଟ ଆସିବା ପରେ ରିଲାଏନ୍ସ କମ୍ୟୁନିକେଶନ ଶେୟାରରେ ୩.୨୮% କ୍ଷତି ହୋଇଛି। ଗତ ବର୍ଷ ଦ୍ୱିତୀୟ ତ୍ରୈମାସରେ କମ୍ପାନୀ ୧୧୪୧ କୋଟି ଟଙ୍କା କ୍ଷତି ସହିଥିଲା।




ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ତଥା କେନ୍ଦ୍ରମନ୍ତ୍ରୀ ନୀତୀନ୍ ଗଡ଼କରୀ ଉଦ୍‌ବୋଧନ ଦେଉଛନ୍ତି । ନିକଟରେ ଅନ୍ୟ ଅତିଥିମାନେ।

### ସ୍ମିତାରାଣୀଙ୍କ ମୃତ୍ୟୁର ସିବିଆଇ ତଦନ୍ତ ଦାବି

## ଗାନ୍ଧୀ ମୂର୍ତ୍ତି ତଳେ ପ୍ରତିବାଦ କଲା ଭାଜପା

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତର ସମ୍ପ୍ରସାରଣ ଅଧିକାରୀ ସ୍ମିତାରାଣୀ ବିଶ୍ୱାଳଙ୍କ ରହସ୍ୟଜନକ ମୃତ୍ୟୁର ସିବିଆଇ ତଦନ୍ତ ଦାବିରେ ଭାଜପା ଅଟଳ ରହିଛି। ଗତ ୩ ଦିନ ବିଧାନସଭାରେ ହଟ୍ଟଗୋଳ କରିବା ପରେ ଶନିବାର ଭାଜପା ସଭ୍ୟମାନେ ପୂର୍ବ ପରି ମୌନବ୍ରତ ସହ ପ୍ରତିବାଦ ଜାରି ରଖିଛନ୍ତି। କେତେକ ସଭ୍ୟ ମୁହଁରେ କଳା କପଡ଼ା ବାନ୍ଧି ଏବଂ କେତେଜଣ ବେକରେ କଳା ଗାମୁଛା ପକାଇ ଶନିବାର ଗୃହକୁ ଆସି ନିଜ ଆସନରେ ଛିଡା ହୋଇରହିଥିଲେ। ପ୍ରଶ୍ନକାଳରେ ଭାଜପା ସଭ୍ୟମାନେ କିଛି ସମୟ ଉପସ୍ଥିତ ଥାଇ ମଧ୍ୟ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରି ନ ଥିଲେ। ପୂର୍ବାହ୍ନ ୧୦ଟା ୪୨ରେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ସ୍ମିତାରାଣୀ ପ୍ରସଙ୍ଗରେ ସିବିଆଇ ତଦନ୍ତ ଦାବି କରିବା ସହ ଉପସ୍ଥିତ ଅନ୍ୟ ଭାଜପା ବିଧାୟକଙ୍କ ସହ କକ୍ଷତ୍ୟାଗ କରିଥିଲେ। ଏହା ପରେ ସମସ୍ତ ବିଧାୟକ ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଶାସକ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏବଂ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କୁ ଭାଜପା ବିଧାୟକମାନଙ୍କୁ ବୁଝାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହା ପରେ ପ୍ରମିଳା ଏବଂ ସୁଧୀର ଗାନ୍ଧୀମୂର୍ତ୍ତି ନିକଟକୁ ଯାଇ ବିରୋଧୀ ଦଳ ନେତା ଓ ଅନ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଭାଜପା ବିଧାୟକମାନେ ନିଜ ନିଜ ମଧ୍ୟରେ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ପ୍ରମିଳା ଗୃହକୁ ଜଣାଇଥିଲେ। ହେଲେ ଦ୍ୱିତୀୟାର୍ଦ୍ଧ ମଧ୍ୟ ଭାଜପା ସଭ୍ୟ ଗୃହକୁ ଆସି ନ ଥିଲେ। ବାଚସ୍ପତି ପୁନର୍ବାର ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବଂ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କୁ ଭାଜପା ବିଧାୟକଙ୍କୁ ବୁଝାଇବା ପାଇଁ ପଠାଇଥିଲେ। ମାତ୍ର ଏହା ଦ୍ୱାରା କୌଣସି ସୁଫଳ ମିଳି ନ ଥିଲା। ସେହିପରି ଓଡ଼ିଶା ହିନ୍ଦୁ ଦେବୋତ୍ତର(ସଂଶୋଧନ) ବିଧେୟକ-୨୦୧୯ ଆଲୋଚନା ସମୟରେ ଭାଜପାର ଅନୁପସ୍ଥିତି ନେଇ କଂଗ୍ରେସ ନେତା ନରସିଂହ ମିଶ୍ର ଉଦ୍‌ବେଗ ପ୍ରକାଶ କରିଥିଲେ। ସୋମବାର ବାଚସ୍ପତି ସର୍ବଦଳୀୟ ବୈଠକ ଡାକି ଭାଜପା ବିଧାୟକଙ୍କ ସହ ଆଲୋଚନା କରିବେ ବୋଲି ଜଣାପଡିଛି।



ଏବର୍ଷ ବାଲିଯାତ୍ରାରେ କ'ଣ ସବୁ ସ୍ପେଶାଲ ମିଳୁଛି, ଲୋକଙ୍କ ଗହଳି କେଉଁ ଷ୍ଟଲରେ ରହୁଛି ତାହା ଜାଣିବା ପାଇଁ ଦେଖନ୍ତୁ ଏହି ଭିଡିଓ
YouTube /dharitrilive

## ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ

ବରଗଡ଼ ଅଫିସ,୧୬।୧୧- ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ବରଗଡ଼ ଉଠାଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବୈକୁଣ୍ଠ ରାଉତଙ୍କ ବାସଭବନ ସମେତ ୬ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରାଯାଇଛି । ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଏକ ଟିମ୍ ସହକାରୀ ଯନ୍ତ୍ରୀ ରାଉତଙ୍କ ବରଗଡ଼ ସହର ଗଙ୍ଗାଧର ନଗରସ୍ଥିତ ଭଡ଼ାଘର ଓ ଉଠାଜଳସେଚନ ବିଭାଗ ଅଫିସରେ ଚଢ଼ାଉ କରିଥିଲେ। ଏହି ସମୟରେ ସହକାରୀ ଯନ୍ତ୍ରୀ ରାଉତ ଅନୁପସ୍ଥିତ ଥିବାରୁ ଘର ମାଲିକଙ୍କ ଉପସ୍ଥିତିରେ ସେ ରହୁଥିବା ଭଡ଼ା ଘରେ ଯାଞ୍ଚ କରାଯାଇଥିଲା । ତେବେ ବରଗଡ଼ ସମେତ ଭୁବନେଶ୍ୱର ସ୍ଥିତ ବାସଭବନ, ଯାଜପୁର ଜିଲାରେ ଥିବା ପୈତୃକ ଘର ଆଦି ସ୍ଥାନରେ ଏକକାଳୀନ ଚଢ଼ାଉ ଚାଲିଥିଲା ବୋଲି ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନର ଇନ୍ସପେକ୍ଟର ମନୋରଞ୍ଜନ ପାଇକରାୟ ସୂଚନା ଦେଇଛନ୍ତି ।




ODISHA STATE HOUSING BOARD
A Govt. of Odisha undertaking
Sachivalaya Marg, Bhubaneswar-751001
Phone : 0674-2393524/2392587/2393277, Website : https://oshb.org




EWS, LIG (1BHK), MIG (2BHK), HIG (3BHK) Flats

Multi Storied Residential Apartment Complex at a Prime Locality in ANGUL Town

BOOKING CLOSES on 30th Nov. 2019

Behind District Headquarter Hospital and near to Daily Market, Bus Stand, Railway Station, Central School & Collectorate.

- Ample Open Space
- Gated Complex with required Infrastructure Facilities
- Quality Construction
- Nominal Registration Charges - only on divided share of Land Cost as per benchmark value
- Easy Payment Schedule during construction period
- Tie-up with State Bank of India, Bank of Baroda, HDFC Bank for EMD & Loan as per eligibility.

Forms are available at :
- SBI : Angul, Talcher, Dhenkanal, Kandsar, NTPC
- BOB : Angul
- OSHB : Site Office Angul, Cuttack, Rourkela, Sambalpur and Head Office at Bhubaneswar.

Housing Commissioner-cum-Secretary
ODISHA STATE HOUSING BOARD

For Details Contact :
98612 11820, 9437 22 6043, 90903 73641, 9437 228 444, 98610 32436
Or Visit : https://oshb.org

Building Houses Building Odisha

## ଜ୍ଞାନ, ଅଭିନବ ଗବେଷଣା ଦ୍ୱାରା ବିକାଶ ସମ୍ଭବ: ଗଡ଼କରୀ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)

ଦେଶକୁ ଆଗକୁ ନେବା ପାଇଁ ଉପଯୁକ୍ତ ନୀତି ନିର୍ଦ୍ଧାରଣ, ପ୍ରଯୁକ୍ତି ବିଦ୍ୟା ସହିତ ଜ୍ଞାନ ଏବଂ ଅଭିନବ ଗବେଷଣାର ଆବଶ୍ୟକତା ରହିଛି। ଅନେକ କିଛି ଦୂରଦୃଷ୍ଟି, ପ୍ରଯୁକ୍ତି ବିଦ୍ୟା ଏବଂ ଜ୍ଞାନ ଉପରେ ନିର୍ଭର କରେ। ଏହା ଦ୍ୱାରା ହିଁ ବର୍ଜ୍ୟବସ୍ତୁରୁ ଆମେ ପ୍ରାଚୁର୍ଯ୍ୟ ପାଇପାରିବା ବୋଲି କେନ୍ଦ୍ର ସଡ଼କ ପରିବହନ, ରାଜପଥ ଏବଂ ଏମ୍ଏସ୍ଏମ୍ଇ ମନ୍ତ୍ରୀ ନିତିନ୍ ଗଡ଼କରୀ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଷଷ୍ଠ ସମାବର୍ତ୍ତନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଗଡ଼କରୀ ସୋଆରେ ଆବଶ୍ୟକ ଗବେଷଣା ଭିତ୍ତିଭୂମି ରହିଥିବାରୁ ପ୍ରଶଂସା କରିଥିଲେ। ସେ କହିଲେ, ବର୍ତ୍ତମାନ ଦେଶରେ ଗବେଷଣା କ୍ଷେତ୍ରରେ ଅଧିକ ମନୋନିବେଶ କରିବାର ଆବଶ୍ୟକତା ରହିଛି। ମାଲେସିଆର ଜଣେ ଇଞ୍ଜିନିୟରଙ୍କ ଗବେଷଣାଲବ୍ଧ ଜ୍ଞାନ ଦ୍ୱାରା ପୋଲ ଓ ଫ୍ଲାଏଓଭର ବିକାଶ କ୍ଷେତ୍ରରେ ଇସ୍ପାତ ବଦଳରେ ଇସ୍ପାତ ଫାଇବର ବ୍ୟବହାର କରାଯାଉଛି। ଏହା ଦ୍ୱାରା ନିର୍ମାଣ କାର୍ଯ୍ୟରେ ୨୫ ପ୍ରତିଶତ କମ୍ ଖର୍ଚ୍ଚ ହେଲା ବୋଲି ସେ କହିଥିଲେ। ବର୍ତ୍ତମାନ ଉଡ଼ାଜାହାଜରେ ବାୟୋ ଫୁଏଲ ବ୍ୟବହାର କରିବା ନେଇ ଗବେଷଣା ଜାରି ରହିଛି। ବାୟୋ ଫୁଏଲର ବିକାଶ କ୍ଷେତ୍ରରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସେହିଭଳି କୃଷି ହିଁ କର୍ମଯୋଗାଣର ପ୍ରକୃଷ୍ଟ ଉପାୟ ହୋଇପାରିବ ବୋଲି ସେ ପ୍ରକାଶ କରିଥିଲେ।

ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ କହିଲେ, ପ୍ରଯୁକ୍ତି ବିଦ୍ୟା ଏବଂ ନବ ପ୍ରବର୍ତ୍ତନର ଆବଶ୍ୟକତା ଯଥେଷ୍ଟ ନୁହେଁ। ଆମକୁ ଈଶ୍ୱରଙ୍କ ଉପରେ ବିଶ୍ୱାସ ରଖିବା ସହ ଏ ଦିଗରେ ଜ୍ଞାନ ଆହରଣ କରିବାକୁ ପଡ଼ିବ। କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଓଡ଼ିଶାରେ ପ୍ରାଚୁର୍ଯ୍ୟର ଅଭାବ ନାହିଁ। ବିଶ୍ୱବିଦ୍ୟାଳୟମାନେ ସେମାନଙ୍କର ବୁଦ୍ଧି ପ୍ରୟୋଗ କରି ଉନ୍ନତି କ୍ଷେତ୍ରରେ ରାଜ୍ୟକୁ କିଭଳି ଆଗେଇ ନେଇହେବ ସେ ଦିଗରେ ସାହାଯ୍ୟ କରିବା ଉଚିତ। ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ରାଜ୍ୟରେ ପରିବେଶ କ୍ଷେତ୍ରରେ ଉପୁଜିଥିବା ସମସ୍ୟା ତଥା କ୍ରମାଗତ ପ୍ରାକୃତିକ ବିପର୍ଯ୍ୟୟକୁ ସାମ୍ନା କରିବା ପାଇଁ ସୋଆ ପକ୍ଷରୁ ପ୍ରତିଷ୍ଠା ହୋଇଥିବା ପରିବେଶ ଏବଂ ଜଳବାୟୁ କେନ୍ଦ୍ର ଏକ ଉତ୍ତମ ନିଷ୍ପତ୍ତି।

ସୋଆ କୁଳାଧିପତି ପ୍ରଫେସର ଖଗେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାବର୍ତ୍ତନ ଉତ୍ସବରେ କୁଳପତି ପ୍ରଫେସର ଅମିତ୍ ବାନାର୍ଜୀ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ ବୈଜ୍ଞାନିକ ତଥା କଲିକତାସ୍ଥିତ ବିର୍ଲା ପ୍ଲାନେଟୋରିୟମର ନିର୍ଦ୍ଦେଶକ ପ୍ରଫେସର ଦେବୀ ପ୍ରସାଦ ଦୁଆରୀଙ୍କୁ ଅନରିସ୍ କଜା (ଡକ୍ଟର ଅଫ ସାଇନ୍ସ) ଉପାଧି ପ୍ରଦାନ କରାଯାଇଥିଲା। ୧୬୭ ଜଣଙ୍କୁ ପିଏଚ୍‌ଡି ଡିଗ୍ରୀ, ୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ ପଦକ, ୧୩୨ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ୪୫୪୨ ଜଣ ସ୍ନାତକ ଓ ୧୨୪୩ ଜଣ ସ୍ନାତକୋତ୍ତରଙ୍କୁ ମଧ୍ୟ ଡିଗ୍ରୀ ପ୍ରଦାନ କରାଯାଇଛି।

**ସୋଆର ଷଷ୍ଠ ସମାବର୍ତ୍ତନ ଉତ୍ସବ**

- ପ୍ରଫେସର ଦେବୀ ପ୍ରସାଦ ଦୁଆରୀଙ୍କୁ 'ଡକ୍ଟର ଅଫ୍ ସାଇନ୍ସ'
- ୧୬୭ ପିଏଚ୍‌ଡି, ୪୫୪୨ ସ୍ନାତକ, ୧୨୪୩ ଜଣ ସ୍ନାତକୋତ୍ତରଙ୍କୁ ଡିଗ୍ରୀ
- ୪ ଜଣଙ୍କୁ କୁଳାଧିପତି ସ୍ୱର୍ଣ୍ଣ, ୧୩୨ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ

DSPL-150
NATIONAL HEALTH MISSION

# ନବଜାତ ଶିଶୁ ଯତ୍ନ ସପ୍ତାହ

୧୫ -୨୧ ନଭେମ୍ବର ୨୦୧୯

**ସଚେତନ ରୁହନ୍ତୁ, ଶିଶୁମାନଙ୍କ ଜୀବନ ସୁରକ୍ଷିତ ରଖନ୍ତୁ**

- ଶିଶୁକୁ ଉଷୁମ୍ ରଖିବାପାଇଁ ମୁଣ୍ଡରେ ଟୋପି, ପାଦରେ ମୋଜା ଏବଂ ଦେହରେ ପରିଷ୍କାର କପଡା ଘୋଡାଇ ମା'ଶରୀର ସହିତ ଲଗାଇ ରଖନ୍ତୁ ।
- ଶିଶୁର ନାଭିନାଡକୁ ପରିଷ୍କାର ରଖନ୍ତୁ ଓ ଡାକ୍ତରଙ୍କ ବିନା ପରାମର୍ଶରେ ସେଥିରେ କିଛି ବି ଲଗାନ୍ତୁ ନାହିଁ ।
- ଶିଶୁକୁ ଧରିବା /ଛୁଇଁବା ପୂର୍ବରୁ ହାତକୁ ସାବୁନରେ ଭଲଭାବରେ ସଫା କରନ୍ତୁ ।
- କମ ଓଜନର ଶିଶୁଙ୍କ (୨୫୦୦ଗ୍ରାମ୍‌ରୁ କମ୍) ଯତ୍ନ ପ୍ରତି ଧ୍ୟାନ ଦିଅନ୍ତୁ ଓ ଆବଶ୍ୟକ ସ୍ଥଳେ ଆଶାକର୍ମୀଙ୍କୁ ତୁରନ୍ତ ଜଣାନ୍ତୁ ।
- ଶିଶୁ ଶରୀରର ତାପମାତ୍ରା ଅଧିକ ଗରମ ବା ଥଣ୍ଡା ଲାଗିଲେ, ଅଙ୍ଗ ଚାଳନା ଅସ୍ୱାଭାବିକ ଥିଲେ କିମ୍ବା ନିସ୍ତେଜ ଜଣାପଡୁଥିଲେ ତୁରନ୍ତ ନିକଟସ୍ଥ ଡାକ୍ତରଖାନା ନେଇଯାଆନ୍ତୁ ।
- ଶିଶୁ ଜନ୍ମ ପରେପରେ ଯଥାଶୀଘ୍ର ସ୍ତନ୍ୟପାନ ଆରମ୍ଭ କରାନ୍ତୁ । ଶିଶୁକୁ ମା' କ୍ଷୀର ଛଡା ଅନ୍ୟ କୌଣସି ଖାଦ୍ୟ ୬ ମାସ ପର୍ଯ୍ୟନ୍ତ ଦିଅନ୍ତୁ ନାହିଁ ।



10003/13/0052/1920

ଶିଶୁମାନଙ୍କର ଡାକ୍ତରଖାନାକୁ ଯାତାୟତ ଏବଂ ଆବଶ୍ୟକୀୟ ସମସ୍ତ ଚିକିତ୍ସାସେବା ବିନାମୂଲ୍ୟରେ ଉପଲବ୍ଧ ।

ଏ ସମ୍ପର୍କରେ ଅଧିକ ଜାଣିବାପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଯୋଗାଯୋଗ କରନ୍ତୁ ।

facebook.com/HFWOdisha http://www.health.odisha.gov.in @HFWOdisha

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ,ଓଡ଼ିଶା

**କିଛି ତଥ୍ୟ** ଦେଶର ବିଦେଶୀ ମୁଦ୍ରା ଭଣ୍ଡାରରେ ୧.୭୧ ବିଲିୟନ ଡଲାର ବୃଦ୍ଧି ଘଟି ରେକର୍ଡ ସ୍ତର ୪୪୭.୮୧ ବିଲିୟନ ଡଲାର ଛୁଇଁଛି। – ରିଜର୍ଭ ବ୍ୟାଙ୍କ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ଅଭିପ୍ସା
ପରିବାରବର୍ଗ


ସିଦ୍ଧୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ପାର୍ବତୀ ମହାନ୍ତି



ଜିତୁ ଦାଶ

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଟିକା ଚୁହାଁର ମାଇପ ମରେ,**
**ଖଣ୍ଡି ଗଣିଆର ଦି'ଗୁଣ ସରେ।**

ଅଭାବୀ ଲୋକର ଖର୍ଚ୍ଚ ଅଧିକ। ସେ ଯେତେ ଚେଷ୍ଟାକଲେ ମଧ୍ୟ ନିଜ ଖର୍ଚ୍ଚକୁ ରୋକପାରେ ନାହିଁ। ପରନ୍ତୁ ଧନ ଥାଇ କୃପଣ ପ୍ରକୃତିର ବ୍ୟକ୍ତି ନିଜ ଖାଇବା, ପିଇବା ତଥା ଚଳିବାରେ ଅନେକ କାଟଛାଣ୍ଟ କରିଥାନ୍ତି। ଫଳସ୍ୱରୂପ ଉକ୍ତ ବ୍ୟକ୍ତିର ସ୍ତ୍ରୀ ଭୋକଉପାସରେ ପଡ଼ି ରହିବାକୁ ବାଧ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବ ସରିଲେ ଆମସୀ,**
**କଉଡ଼ି ସରିଲେ ଜାଙ୍କ।**

ଆମ୍ବରୁ ଆମ୍ବୁଲ ପ୍ରସ୍ତୁତ ହୁଏ। ଆମ୍ବ ସରିଗଲେ ବା ନ ଥିଲେ ଯଦି ପାଖରେ ଆମ୍ବୁଲ ଥାଏ ତା'ହେଲେ ସେଥିରେ କାମ ଚଳିଯାଇଥାଏ। କିନ୍ତୁ ଟଙ୍କା ପଇସା ସରିଗଲେ ବ୍ୟକ୍ତି ନାଚାର ହୋଇଯାଏ। ଟଙ୍କା ପଇସା ବିନା ମଣିଷ ନିଜକୁ ଅସହାୟ ମଣିବା ସହ ହାତଗୋଡ଼ ଯାକି ବସି ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ୩୪ ହାବିଲଦାରଙ୍କ ପଦୋନ୍ନତି

କଟକ ଅଫିସ, ୧୬।୧୧- ଓଡ଼ିଶା ପୋଲିସ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ କାର୍ଯ୍ୟରତ ୩୪ ଜଣ ହାବିଲଦାରଙ୍କୁ ହାବିଲଦାର ମେଜର ପଦବୀକୁ ପଦୋନ୍ନତି କରାଯାଇଛି। ଶନିବାର ଏ ନେଇ ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ଡିଜିପି ବିଜୟ କୁମାର ଶର୍ମାଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପୋଲିସ କେନ୍ଦ୍ରୀୟ ମନୋନୟନ ବୋର୍ଡ ଏହି ପଦୋନ୍ନତିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି।

### ଚୋରା ପଥର ଚାଲାଣରେ ଦୁଇ ପୋଲିସ ଅଧିକାରୀ

# ନିଲମ୍ବିତ ହେଲେ ଇନ୍ସପେକ୍ଟର ବିକ୍ରମ ଜେନା

ଭୁବନେଶ୍ୱର, ୧୪।୧୧(ବ୍ୟୁରୋ)/ ଖୋର୍ଦ୍ଧା(ଡିଏନ୍‌ଏ)

ଚୋରା ପଥର ଚାଲାଣ ର୍‌ୟାକେଟରେ ପୋଲିସ ଅଧିକାରୀ। କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ୍ ସ୍କାନରରେ ଥିବା ଦୁଇ ଥାନା ଇନ୍ସପେକ୍ଟର ବିକ୍ରମ କେଶରୀ ଜେନା ଓ ରଞ୍ଜିତ ସାହୁଙ୍କ ଉପରେ ଆରମ୍ଭ ହୋଇଛି ପଦକ୍ଷେପ। ଉଭୟଙ୍କୁ ଖୋର୍ଦ୍ଧାରେ ବେଆଇନ ପଥର ଚାଲାଣ ମାମଲାରେ ଗିରଫ କରିପାରେ ଏସ୍‌ଟିଏଫ୍। ଡ୍ୟୁଟିରେ ଅନୁପସ୍ଥିତ ରହିବା ସହ ନୋଟିସ୍‌ର ଜବାବ ନ ଦେବାରୁ ଇନ୍ସପେକ୍ଟର ବିକ୍ରମ କେଶରୀ ଜେନାଙ୍କୁ ଶନିବାର ନିଲମ୍ବନ କରିଛନ୍ତି ପୋଲିସ ଡିଜି ବି.କେ. ଶର୍ମା।

ଏସ୍‌ଟିଏଫ୍‌ର ସୂଚନାନୁସାରେ, ବିକ୍ରମ ଖୋର୍ଦ୍ଧା ଥାନାରେ ଥିବା ସମୟରେ ଖଣି ମାଫିଆଙ୍କ ସହ ହାତ ମିଳାଇ ବେଆଇନ ପଥର ଚାଲାଣ କରୁଥିଲେ। ନିଜ କ୍ଷମତାର ଅପବ୍ୟବହାର କରି ଖଣି ମାଫିଆ ଓ ପଥର ଚାଲାଣବେଳେ ସୁରକ୍ଷା ଦେଉଥିଲେ। ବଦଳରେ ବିକ୍ରମ କୋଟି କୋଟି ଟଙ୍କା ପାଉଥିବା ନେଇ ପ୍ରମାଣ ମିଳିବା ପରେ ଏସ୍‌ଟିଏଫ୍ ତାଙ୍କୁ କେସ୍ ନଂ.୭/୧୯ରେ ଜେରା କରିଥିଲା। ତେବେ ପୁଣି ଥରେ ଜେରା ପାଇଁ ନୋଟିସ କରିଥିଲେ ମଧ୍ୟ ସେ ଆସି ନ ଥିଲେ। ଏହାପରେ ତାଙ୍କୁ ଖୋର୍ଦ୍ଧା ଥାନାରୁ ଏସ୍‌ପିଙ୍କ କାର୍ଯ୍ୟାଳୟକୁ ବଦଳି କରାଯାଇଥିଲା। ହେଲେ ସେ ସେବେଠାରୁ ବିନା ନୋଟିସରେ କାର୍ଯ୍ୟରେ ଯୋଗଦେଇ ନାହାନ୍ତି। ବାରମ୍ବାର ନୋଟିସ୍ ପରେ ଜବାବ ନ ମିଳିବାରୁ ଜଗତ୍‌ସିଂପୁରସ୍ଥିତ ଘରକୁ ମଧ୍ୟ ସମନ ପଠାଯାଇଥିଲା। ହେଲେ ସେଠାରେ ସେ ଅନୁପସ୍ଥିତ ଥିବାରୁ ଶେଷରେ ଶନିବାର ଡିଜିପି ତାଙ୍କୁ ନିଲମ୍ବିତ କରିଛନ୍ତି। ସେ ମଧ୍ୟ ଗିରଫ ଭୟରେ ହାଇକୋର୍ଟରୁ ଆଗୁଆ ଜାମିନ ଆବେଦନ କରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଇନ୍ସପେକ୍ଟର ରଞ୍ଜିତ ସାହୁ ୨୦୧୭-୧୮ରେ ଖୋର୍ଦ୍ଧା ଟାଉନ ଥାନା ଅଧିକାରୀ ଥିବାବେଳେ ଚୋରା ପଥର କାରବାରରେ ସମ୍ପୃକ୍ତ ଥିବା ଜଣାପଡିଥିଲା। ସେ ଏବେ ବାଲେଶ୍ୱର ଜିଲା ବାଲିଆପାଳ ଥାନାରେ ଥିଲେ ମଧ୍ୟ ଦେହ ଅସୁସ୍ଥ ଥିବା କାରଣ ଦର୍ଶାଇ ଦୀର୍ଘଦିନ ହେବ ଛୁଟିରେ ରହିଛନ୍ତି। ସେ ମଧ୍ୟ ଗିରଫ ଭୟରେ ଏଭଳି ଫେରାର ରହି ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଜଣାପଡିଛି। ସେ ପଥର ମାଫିଆଙ୍କ ଦ୍ୱାରା କୋଟି କୋଟି ଟଙ୍କା ଲାଭ ପାଇଥିବା ନେଇ ତାଙ୍କୁ ଏସ୍‌ଟିଏଫ୍ ଜେରାବେଳେ ପ୍ରମାଣ ପାଇଥିଲେ। ଏହାପରେ ସେ ଉପରିସ୍ଥ ଅଧିକାରୀଙ୍କୁ ଧରି ମାମଲାକୁ ରଫାଦଫା କରିବାକୁ ଚେଷ୍ଟା କରିଥିଲେ ବୋଲି ଚର୍ଚ୍ଚା ହେଉଛି।

ଏ ନେଇ ଖୋର୍ଦ୍ଧା ଏସ୍‌ପି ଅଜୟ ପ୍ରସାଦ ସ୍ୱାଇଁ କହିଛନ୍ତି, ବିକ୍ରମ କାର୍ଯ୍ୟରେ ଅନୁପସ୍ଥିତ ରହିବାରୁ ତାଙ୍କୁ କାରଣଦର୍ଶାଅ ନୋଟିସ କରାଯାଇଥିଲା। ସେ ଏହାର ଜବାବ ଦେଇ ନ ଥିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏସ୍‌ଟିଏଫ୍ ତା' ବାଟରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବ। ବାଲେଶ୍ୱର ଏସ୍‌ପି ବି. ଯୁଗଳ କିଶୋର କୁମାର କହିଛନ୍ତି, ରଞ୍ଜିତ ୩ସପ୍ତାହ ହେବ ଅସୁସ୍ଥ ଥିବା ଦର୍ଶାଇ ଛୁଟି ନେଇଛନ୍ତି। ଏପର୍ଯ୍ୟନ୍ତ କାର୍ଯ୍ୟରେ ଯୋଗଦେଇ ନାହାଁନ୍ତି। ଏସ୍‌ଟିଏଫ୍ ମାମଲା ଅନ୍ୟ ଜିଲାରେ ହୋଇଥିବାରୁ ସେନେଇ ମୋ ନିକଟରେ କିଛି ସୂଚନା ନାହିଁ।

# ଗୋଆ ଡିଜିପିଙ୍କ ପରଲୋକ

ନୂଆଦିଲ୍ଲୀ, ୧୬।୧୧(ଆଇଏଏନ୍‌ଏସ୍)


ପ୍ରଣବ ନନ୍ଦ

ଗୋଆ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ପ୍ରଣବ ନନ୍ଦଙ୍କର ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଗୋଆରେ ଏକ ସରକାରୀ କାର୍ଯ୍ୟକ୍ରମ ସାରି ସେ ଦିଲ୍ଲୀ ଯାଇଥିଲାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ଆଇଜି ଯଶପାଲ ସିଂ ସୂଚନା ଦେଇଛନ୍ତି। ୧୯୮୮ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସରଙ୍କୁ ଗତ ଫେବୃୟାରୀରେ ଗୋଆ ବଦଳି କରାଯାଇଥିଲା। ତାଙ୍କ ପରଲୋକରେ ଗୋଆ ମୁଖ୍ୟମନ୍ତ୍ରୀ ପ୍ରମୋଦ ସାୱନ୍ତ, ବିଧାନସଭାର ବିରୋଧୀ ଦଳ ନେତା ଦିଗମ୍ବର କାମାତ୍‌ଙ୍କ ସମେତ ବହୁ ନେତା ଶୋକବ୍ୟକ୍ତ କରିଛନ୍ତି। ପ୍ରଣବଙ୍କ ସ୍ତ୍ରୀ ସୁନ୍ଦରୀ ନନ୍ଦ ମଧ୍ୟ ଜଣେ ଆଇପିଏସ୍ ଅଫିସର ଏବଂ ସେ ଦିଲ୍ଲୀ ପୋଲିସରେ କାର୍ଯ୍ୟ କରୁଛନ୍ତି। ଗୋଆ ପୋଲିସ ଡିଜି ଭାବେ ନିଯୁକ୍ତି ପାଇବା ପୂର୍ବରୁ ପ୍ରଣବ ଗୋଇନ୍ଦା ବ୍ୟୁରୋ (ଆଇବି)ରେ ଦୁଇଦଶନ୍ଧି ଧରି କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ଆଇବିରେ ଅନେକ ପରିବର୍ତ୍ତନ ହେବା ସହ ଏହାର ସାମର୍ଥ୍ୟ ବୃଦ୍ଧି ପାଇଥିଲା। ପ୍ରକାଶ ଯେ, ସ୍ୱର୍ଗତ ପ୍ରଣବଙ୍କ ପୂର୍ବଜ ସମ୍ବଲପୁର ରାଜାଙ୍କ ପୁରୋହିତ ଥିଲେ। ପ୍ରଣବଙ୍କ ଜନ୍ମ ଓ ପାଠପଢ଼ା ବିହାରର ପାଟନାରେ ହୋଇଥିଲା।

# ଆଖି ସାମ୍ନାରେ ମାଓବାଦୀଙ୍କ ଗୁଳିରେ ଟଳିଥିଲେ ସାଥୀ

**ଥାନା ଅଧିକାରୀଙ୍କ ଅନୁଭୂତି**



ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ପୋଲିସର ପ୍ରମୁଖ ଦାୟିତ୍ୱ। ଏହି ଦାୟିତ୍ୱ ସମ୍ପାଦନରେ ଅନେକ ପୋଲିସ କର୍ମଚାରୀ ନିଜ ଜୀବନ ଉତ୍ସର୍ଗ କରିଥିବା ନଜିର ରହିଛି। ଅନେକେ ନିଜର କର୍ତ୍ତବ୍ୟ ସମ୍ପାଦନା କରୁଥିବାବେଳେ ମୃତ୍ୟୁକୁ ଅତି ନିକଟରୁ ଦେଖିଛନ୍ତି। ଚାକିରି ଜୀବନରେ ଏଭଳି ଏକ ଅନୁଭୂତିକୁ ସାଉଁଟିଛନ୍ତି ବାଦାମବାଡ଼ି ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ, ଯାହା ତାଙ୍କ ପାଇଁ ଅପାସୋରା ହୋଇ ରହିବ। ଏ ସମ୍ପର୍କରେ ସ୍ୱାଇଁ କୁହନ୍ତି, ୨୦୧୧ ମସିହାର ଘଟଣା। ସୁନ୍ଦରଗଡ଼ ଜିଲା ବଣାଇ ସବ୍‌ଡିଭିଜନ କେ. ବଲାଙ୍ଗ ଥାନାରେ ମୋର ପୋଷ୍ଟିଂ ହୋଇଥାଏ। ତାହା ଏକ ମାଓବାଦୀପ୍ରବଣ ଅଞ୍ଚଳ। ବିଶ୍ରା ଥାନା ଅଧୀନ ଦୀଘା ଜଙ୍ଗଲରେ ୩୦ରୁ ଅଧିକ ମାଓବାଦୀ ଏକତ୍ର ହେଉଥିବା ଖବର ମିଳିଲା। ୩୦ଜଣ ଏସ୍‌ଓଜି କମାଣ୍ଡର, ଡିଭିଏଫ୍ କମାଣ୍ଡରଙ୍କ ସହ ମୁଁ ରାତି ପ୍ରାୟ ୧୨ଟାରେ ଅପରେଶନରେ ବାହାରିଲି। ପ୍ରାୟ ୭ଘଣ୍ଟା ପାହାଡ଼ି ରାସ୍ତାରେ ଚାଲିଚାଲି ଯିବା ପରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଦୂରରୁ ମାଓବାଦୀଙ୍କ ଉପସ୍ଥିତି ଜଣାପଡ଼ିଥିଲା। ମାଓବାଦୀମାନେ ଆମକୁ ଦେଖି ଗୁଳିବର୍ଷଣ କଲେ। ଆମେ ମଧ୍ୟ ପ୍ରତିଜବାବ ଦେଲୁ। ତେବେ କିଛି ସମୟ ଗୁଳିବର୍ଷଣ ପରେ ମୋ ପାଖରେ ଥିବା ଜଣେ କନଷ୍ଟେବଳ ଲକ୍ଷ୍ମଣ କିଷାନଙ୍କ ବନ୍ଧୁକ ଧୀରେ ଧୀରେ ତଳ ମୁହାଁ ହେଉଥିବା ଦେଖିଲି। ପଛକୁ ଚାହିଁଲା ବେଳକୁ ଲକ୍ଷ୍ମଣଙ୍କ ଛାତିରୁ ପିଚକାରୀ ମାରିବା ଭଳି ରକ୍ତ ବାହାରୁଥାଏ। କିଛି କ୍ଷଣ ମଧ୍ୟରେ ସେ ଟଳିପଡ଼ିଲେ। ମାଓବାଦୀଙ୍କ ପ୍ରଚଣ୍ଡ ଗୁଳି ବର୍ଷଣ ଓ ସାଥୀଙ୍କ ମୃତ୍ୟୁ ଯୋଗୁ ଆଉ ଆଗକୁ ବଢ଼ିବାକୁ ସମ୍ଭବ ହେଲାନି। ପ୍ରାୟ ୨ଘଣ୍ଟା ଧରି ଗୁଳି ବିନିମୟ ହୋଇଥିଲା। ଏଥିରେ ଅଢ଼େଇ ହଜାର ରାଉଣ୍ଡ ଗୁଳି ଫାୟାରିଂ ହୋଇଥିଲା। ଶେଷରେ ଆମେ ପଛକୁ ଫେରି ଆସିଲୁ। ଏହାର ଦୁଇଦିନ ପରେ ଶହୀଦ ଲକ୍ଷ୍ମଣଙ୍କ ମୃତଦେହ ଆଣିଥିଲୁ। ତେବେ ଏହି ଘଟଣା ମୋର ନିଦ ହଜାଇଦେଲା। ସାଥୀଙ୍କ ମୃତ୍ୟୁର ପ୍ରତିଶୋଧ ନେବା ପାଇଁ ବିଚଳିତ ହୋଇପଡ଼ିଥିଲି। ଏହାର କିଛିଦିନ ପରେ ପୁଣି ସେଠାରେ ମାଓବାଦୀଙ୍କ ଉପସ୍ଥିତି ନେଇ ଖବର ମିଳିଥିଲା। ଅଧିକ ପ୍ରସ୍ତୁତ ହୋଇ ପୁନର୍ବାର ସେହିଠାରେ ପହଞ୍ଚିଥିଲୁ। ଆମ ଗୁଳିରେ ୩ଜଣ ମାଓବାଦୀ କମାଣ୍ଡର ପ୍ରାଣ ହରାଇଲେ। ଆହୁରି କେତେଜଣ ଆହତ ହୋଇଥିଲେ। ଏହାପରେ ମାଓବାଦୀ ଛତ୍ରଭଙ୍ଗ ଦେଇ ସେହି ସ୍ଥାନ ଛାଡ଼ି ପଳାଇଲେ। ସାଥୀଙ୍କ ମୃତ୍ୟୁର ପ୍ରତିଶୋଧ ନେଇ ମୋ ମନକୁ କିଛିଟା ଶାନ୍ତି ମିଳିଥିଲା। ତେବେ ସେହି ସାଥୀଙ୍କ ମୃତ୍ୟୁର ଦୃଶ୍ୟ ମନେପଡ଼ିଲେ ଆଜି ବି ଲୋମ ଟାଙ୍କୁରିଉଠେ।

-ଓଁକାର ମିଶ୍ର, କଟକ

# ବଳିଷ୍ଠ ଗଣମାଧ୍ୟମ ସମାଜକୁ ବିକାଶ ପଥରେ ଆଗେଇନିଏ

ଭୁବନେଶ୍ୱର, ୧୬।୧୧(ବ୍ୟୁରୋ)


ଜାତୀୟ ପ୍ରେସ୍ ଦିବସରେ ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ଅତିଥିମାନେ।

**ଜାତୀୟ ପ୍ରେସ୍ ଦିବସ**

ଏକ ବଳିଷ୍ଠ ଓ ଶକ୍ତିଶାଳୀ ଗଣମାଧ୍ୟମ ସମାଜକୁ ବିକାଶ ପଥରେ ଆଗେଇ ନେଇଥାଏ। ସତ୍ୟଶୀଳ, ନିରପେକ୍ଷ ଓ ପ୍ରତିବଦ୍ଧ ଗଣମାଧ୍ୟମ ହିଁ ଆମ ଗଣତନ୍ତ୍ରକୁ ଦୃଢ଼ କରିଛି। ଗୋଟିଏ ଦାୟିତ୍ୱବାନ ଗଣମାଧ୍ୟମ ସର୍ବଦା ଜନମତକୁ ଜାଗ୍ରତ କରିବା ସହିତ ଦେଶର ବିକାଶ ଯାତ୍ରାକୁ ପ୍ରୋତ୍ସାହିତ କରିଥାଏ ବୋଲି ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମତବ୍ୟକ୍ତ କରିଛନ୍ତି। ଶନିବାର ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମନ୍ତ୍ରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି। ସେ କହିଲେ, ଶୀଘ୍ର ପ୍ରକାଶନ ଉଦ୍ଦେଶ୍ୟରେ ଭ୍ରମାତ୍ମକ ଓ ଉପଯୁକ୍ତ ତର୍ଜମାବିହୀନ ଖବର ପରିବେଷଣ କରିବା ବାଞ୍ଛନୀୟ ନୁହେଁ। ତଥ୍ୟଭିତ୍ତିକ ଖବର ନାଗରିକ ଆଦୃତି ଓ ଜନମତ ଜାଗୃତିରେ ସହାୟକ ହେବା ସହିତ ପ୍ରଶାସନ ତଥା ବ୍ୟବସ୍ଥାକୁ ଦିଗ୍‌ଦର୍ଶନ ଦେଇଥାଏ ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ବିଭାଗୀୟ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ ଅଧ୍ୟକ୍ଷତା କରି କହିଲେ, ସାମ୍ବାଦିକତା ବୃତ୍ତି ପ୍ରତି ତାଙ୍କର ଅନୁରାଗ ଓ ଅଭିଜ୍ଞତା ରହିଛି। ଗଣତନ୍ତ୍ରର ଅନ୍ୟ ତିନି ସ୍ତମ୍ଭର କାର୍ଯ୍ୟକଳାପ ନେଇ ଲକ୍ଷ୍ମଣରେଖା ରହିଛି, କିନ୍ତୁ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ ପାଇଁ ଥିବା ଲକ୍ଷ୍ମଣରେଖା ସମ୍ପର୍କରେ କେଉଁଠାରେ ଉଲ୍ଲେଖ ନାହିଁ। କାରଣ ଗଣମାଧ୍ୟମ ହିଁ ସେହି ଲକ୍ଷ୍ମଣରେଖା ନିର୍ଦ୍ଧାରିତ କରିପାରିବ। ବିଭାଗ ପକ୍ଷରୁ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମର ପ୍ରମୁଖ ବିଷୟଗୁଡ଼ିକୁ ନେଇ ଏକ ଅଭିଲେଖାଗାର ପ୍ରତିଷ୍ଠା ପାଇଁ ପରିକଳ୍ପନା ରହିଛି ବୋଲି ସିଂ ସୂଚନା ଦେଇଥିଲେ। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ଗଣମାଧ୍ୟମର ସ୍ୱର ଚାପିଦେଲେ ଗଣତନ୍ତ୍ରରେ ଏକଚ୍ଛତ୍ରବାଦ ସୃଷ୍ଟି ହୁଏ। ତେଣୁ ଗଣମାଧ୍ୟମର ଅପବ୍ୟବହାର ଉଚିତ ନୁହେଁ।

ଚଳିତ ବର୍ଷ ଜାତୀୟ ପ୍ରେସ ଦିବସର ପ୍ରମୁଖ ପ୍ରସଙ୍ଗ 'ସମ୍ବାଦ ପରିବେଷଣ-ବ୍ୟାଖ୍ୟାନ: ଏକ ଅଭିଯାନ' ଉପରେ ପୂର୍ବରୁ ଆୟୋଜିତ ଆନ୍ତଃମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସୂଚନା ଅଧିକାରୀ ସୁଚେତା ପ୍ରିୟଦର୍ଶିନୀ ସଂଯୋଜନା, ବିଭାଗୀୟ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ସ୍ୱାଗତ ଭାଷଣ ଓ ଯୁଗ୍ମ ନିର୍ଦ୍ଦେଶକ ସୁଭାଷ ସୂପକାର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସୂଚନା ଭବନରେ ଏକ ସମ୍ବାଦପତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଛି। ଏହି ପ୍ରଦର୍ଶନୀରେ ରାଜ୍ୟର ଗଣମାଧ୍ୟମ ଇତିହାସର ଝଲକ ଦେଖିବାକୁ ମିଳିଛି। 'ଉତ୍କଳ ଦୀପିକା'ଠାରୁ ଆରମ୍ଭ କରି ବର୍ତ୍ତମାନ ରାଜ୍ୟରେ ପ୍ରକାଶିତ ବିଭିନ୍ନ ଦୈନିକ, ପାକ୍ଷିକ, ସାପ୍ତାହିକ ସମ୍ବାଦପତ୍ର ଏବଂ ପତ୍ରପତ୍ରିକା ଏହି ପ୍ରଦର୍ଶନୀରେ ସ୍ଥାନ ପାଇଛି।

ପ୍ରଥମ ପୃଷ୍ଠାରୁ...

## ତ୍ରୁଟି ଅନିଚ୍ଛାକୃତ...

ଉଭୟ ବିରୋଧୀ ଓ ଶାସକ ଦଳର ସଭ୍ୟମାନେ ଏହି ପ୍ରସଙ୍ଗରେ ଗୃହରେ ବିବୃତି ଦାବି କରିଥିଲେ। ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଗୃହର ଉଦ୍‌ବେଗକୁ ଦେଖି ଶନିବାର ବିଧାନସଭାରେ ଏ ସମ୍ପର୍କରେ ଏକ ବିବୃତି ଦେବାକୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀଙ୍କୁ ଶୁକ୍ରବାର ରୁଲିଂ ଦେଇଥିଲେ।

ଶନିବାର ଶୂନ୍ୟକାଳରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏ ନେଇ ଏକ ବିବୃତି ଦେଇଥିଲେ। ସେ କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉତ୍ସବକୁ ରାଜ୍ୟର ସମସ୍ତ ସ୍କୁଲରେ ୨୦୧୮ ଅକ୍ଟୋବର ୨ରୁ ୨୦୧୯ ଅକ୍ଟୋବର ୨ ଯାଏ ପାଳନ କରିବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ପିଲାମାନଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, କୁଇଜ୍ ପ୍ରତିଯୋଗିତା କରାଯାଇଥିଲା। ଜିଲାସ୍ତରରେ ଅହିଂସା, ଗାନ୍ଧିଜୀଙ୍କ ଅଭିଳାଷ ଓ ଆଜି ଏହାର ଗୁରୁତ୍ୱ ଉପରେ ପ୍ରଦର୍ଶନୀ, ନାଟକ ଓ କର୍ମଶାଳା ଇତ୍ୟାଦିର ଆୟୋଜନ କରାଯାଇଥିଲା। ଏହାଛଡା ଗାନ୍ଧିଜୀଙ୍କ ସମ୍ବନ୍ଧରେ 'ଆମ ବାପୁଜୀ, ଏକ ଝଲକ' ଶୀର୍ଷକ ଦୁଇପୃଷ୍ଠା ସମ୍ବଳିତ ପ୍ରଚାରପତ୍ର ବଣ୍ଟନ କରିବା ପାଇଁ ସ୍ଥିର କରାଯାଇଥିଲା। ଏଥିପାଇଁ ପ୍ରଚାରପତ୍ରର ସଫ୍ଟ କପି ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ ଏବଂ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଯାଇଥିଲା। ଜିଲାସ୍ତରରେ ମୁଦ୍ରଣ କରି ଛାତ୍ରୀଛାତ୍ରମାନଙ୍କୁ ବାଣ୍ଟିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହିପତ୍ରିକାରେ ଗାନ୍ଧିଜୀଙ୍କ ଜୀବନୀ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଛି। ଗାନ୍ଧିଜୀଙ୍କ ୪ଟି ଫଟୋ ସହ ଓଡ଼ିଶା ଉପରେ ମତାମତ ମଧ୍ୟ ସ୍ଥାନିତ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ବିବୃତି ପରେ କଂଗ୍ରେସ ନେତା ନରସିଂହ ମିଶ୍ର କହିଲେ, ଗାନ୍ଧିଜୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଗଠିତ ରାଜ୍ୟସ୍ତରୀୟ କମିଟିରେ ମୁଖ୍ୟମନ୍ତ୍ରୀ ଅଧ୍ୟକ୍ଷ ଅଛନ୍ତି। ଯଦି ତାଙ୍କ ଜ୍ଞାତସାରରେ ହୋଇଥିବ ତେବେ ସେ ଇସ୍ତଫା ଦେବା ଦରକାର। ଯଦି ଅଜାଣତରେ ହୋଇଥିବ ତେବେ ରାଜ୍ୟବାସୀଙ୍କୁ କ୍ଷମା ମାଗନ୍ତୁ। ଉଲ୍ଲେଖଯୋଗ୍ୟ ଯେ, ଜିଲାସ୍ତରରୁ ସମସ୍ତ ପ୍ରଚାରପତ୍ର ବଣ୍ଟନ ବନ୍ଦ କରିବାକୁ ପ୍ରକଳ୍ପ ନିର୍ଦ୍ଦେଶକ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ପ୍ରକଳ୍ପ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କର୍ମକ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧୁରେ ଆନନ୍ଦମୟ ପରିବେଶ ସୃଷ୍ଟି କରିବ। କିନ୍ତୁ ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ବନ୍ଧୁଙ୍କ ଅନୁରୋଧରେ ନୂତନ ସ୍ଥାନକୁ ବୁଲିଯିବାର ସୁଯୋଗ ମିଳିବ। ଆକସ୍ମିକ ଭାବରେ ଆତ୍ମୀୟମାନଙ୍କ ନିକଟରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ।

**ବୃଷ** ଅନ୍ୟମାନଙ୍କ କାନକୁ ମିଠା ଲାଗିଲା ଭଳି କଥା କହି କାମ ହାସଲ କରିବେ। ବହୁତ ବିଳମ୍ବରେ ହାତକୁ ନେଇଥିବା କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବ। ଫେରନ୍ତା ବାଟରେ ବନ୍ଧୁଙ୍କୁ ଅପେକ୍ଷା କରି ବିରକ୍ତ ହେବେ, କିନ୍ତୁ ପ୍ରକାଶ୍ୟରେ କିଛି କହିପାରିବେ ନାହିଁ। ବ୍ୟବସାୟ, ପରିବହନ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ମିଥୁନ** ଆନୁଷ୍ଠାନିକ କାମରେ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇପାରେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି, ଯାହାକି ସମସ୍ୟା ସୃଷ୍ଟି କରିବ। ଅର୍ଥ ସମ୍ବନ୍ଧିତ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି। ବିଭିନ୍ନ ଦିଗରୁ ରୋଜଗାର ବଢ଼ିବା ସହ ଅଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

**କର୍କଟ** ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧିଯୋଗୁ ମନରେ ସରସତା ରହିବ ନାହିଁ। ଯାତ୍ରା ସମୟରେ ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ। ନିଜ ଘର ପାଖରେ ପରକଥାକୁ ବିଶ୍ୱାସ କରି ହଇରାଣରେ ପଡ଼ିପାରନ୍ତି। କୌଣସି ସମସ୍ୟାରେ ମନ ଭାରାକ୍ରାନ୍ତ ରହିଥିବାରୁ ଭୋଗବିଳାସରେ ବାଧାବିଘ୍ନ ଘଟିପାରେ।

**ସିଂହ** ଅଭାବ ନ ଥିଲେ ମଧ୍ୟ ଆନୁଷଙ୍ଗିକ ସାହାଯ୍ୟ ଓ ସହଯୋଗର ଅଭାବ ମାନସିକ ସ୍ଥିରତାକୁ କ୍ଷୁଣ୍ଣ କରିବ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଅଫିସ୍‌ରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ। ସକାଳ ସମୟରେ ବ୍ୟବସାୟିକ କାରବାର, ବନ୍ଧୁଙ୍କ ସହ ଆଲୋଚନା ହେତୁ ଶୁଭଫଳ ପାଇପାରନ୍ତି।

**କନ୍ୟା** ଆପଣଙ୍କର ଅଭାବନୀୟ ପରିସ୍ଥିତିକୁ ହୃଦୟଙ୍ଗମ କରି ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଅଧିକାଂଶ କ୍ଷେତ୍ର ବିଶେଷରେ ସୁଯୋଗ ପାଇଲେ ମଧ୍ୟ ସଦ୍‌ବ୍ୟବହାର କରିବା କାଠିକର ପାଠ ହେବ। ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ ଦେଖାଦେଇପାରେ। ସଭାସମିତିରେ ରୋକ୍‌ଠୋକ୍ କଥା ପାଇଁ ସମାଲୋଚିତ ହୋଇପାରନ୍ତି।

**ତୁଳା** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ଅଫିସ୍ କାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କଥା ଭୁଲିଯାଇପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ କୌଣସି ବନ୍ଧୁଙ୍କ ଦର୍ଶନ ପାଇଁ ମନ ଛଟପଟ ହେବ। ପ୍ରକାଶନ, ଚୁକ୍ତିପତ୍ର, ଆଲୋଚନା ତଥା ଲେଖାପଢ଼ାରୁ ଶୁଭଫଳ ପାଇବେ।

**ବିଛା** ବିଭିନ୍ନ ଅପ୍ରକାଶ୍ୟ ଘଟଣାକୁ କେନ୍ଦ୍ରକରି ଅଧିକାଂଶ ସମୟ ମନ ବିଚଳିତ ରହିବ। ଅନ୍ୟମାନଙ୍କ ମିଥ୍ୟାଳାପ କାରଣରୁ ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ। ମନ କଥା ମନରେ ରହିଯିବ ସିନା ଅଯଥା ରାଗି ଅନ୍ୟମାନଙ୍କ ସହ ଥିବା ସମ୍ପର୍କକୁ ଖରାପ କଲା ଭଳି କିଛି କାମ କରନ୍ତୁ ନାହିଁ। ଧନ ହାନି ଘଟିପାରେ।

**ଧନୁ** ଆକସ୍ମିକ ସୃଷ୍ଟି ହୋଇଥିବା ପରିସ୍ଥିତି ଆପଣଙ୍କୁ ଘଟଣାଗୁଡ଼ିକୁ ଅସ୍ୱାଭାବିକ ଭାବେ ଚିନ୍ତା କରିବାକୁ ବାଧ୍ୟ କରିବ। ଅଧିକାଂଶ ସମୟରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। ବ୍ୟବସାୟ ଓ ପରିବହନରେ ସମସ୍ୟା ସମାଧାନ ହେବା ପାଇଁ ବନ୍ଧୁଙ୍କ ସାହାଯ୍ୟ ନେବେ। ଗଠନମୂଳକ ପ୍ରସ୍ତାବ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର** କାମର ଚାପ ବୃଦ୍ଧି ପାଇବା ଫଳରେ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବେ। ବାଣିଜ୍ୟ, ପରିବହନ, ନିର୍ମାଣ, ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ସଫଳତା ହାସଲ କରିବେ। ସଙ୍ଗଠନ, ସଭାସମିତି, ଆନୁଷ୍ଠାନିକ କାମ ତଥା ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା ମିଳିବ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ଠିକ୍ ରହିଲେ ମଧ୍ୟ ସମସ୍ୟାଜନିତ ମାନସିକ ସନ୍ତୁଳନ ରକ୍ଷା କରିବାରେ ଅସମର୍ଥ ହେବେ। ଅଯଥା ଖର୍ଚ୍ଚାନ୍ତ ଦୁଶ୍ଚିନ୍ତାର କାରଣ ହେବ। ପରିବାରରେ ସାଧାରଣ ଭୁଲ୍ ବୁଝାମଣାକୁ ଦୂରେଇ ନେଲେ ଉପକୃତ ହେବେ। ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଏଣୁ ବିବାଦୀୟ ଘଟଣାରେ ନୀରବତା ଶ୍ରେୟ ଅଟେ।

**ମୀନ** ସମସ୍ୟା ସମାଧାନ କରିବା ସକାଶେ ବନ୍ଧୁଙ୍କ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ରପ୍ତାନି ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ପ୍ରିୟ ବନ୍ଧୁଟି ସହ ଦୀର୍ଘଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। ସକାଳୁ ସକାଳୁ ଆଶା କରୁଥିବା କୌଣସି ଖବର ସହକର୍ମୀଙ୍କ ନିକଟରୁ ପାଇ ଖୁସି ହୋଇଯିବେ।

ଆଜି ବିଛା ସଂକ୍ରାନ୍ତି, ଶ୍ରୀକ୍ଷେତ୍ର ପରିକ୍ରମା, ସିଦ୍ଧ ମହାବୀରଙ୍କ ନାଗାବେଶ, ଶ୍ରୀମାଙ୍କ ମହାପ୍ରୟାଣ ଦିବସ, ମାର୍ଗଶିର କୃଷ୍ଣ ୫ମୀ ରବିବାର, ନଭେମ୍ବର ୧୭ ତାରିଖ, ରାଶି ନକ୍ଷତ୍ର-ପୁନର୍ବସୁ/ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୪୪ମି. ଗତେ ଘ୮।୫୬ମି. ମଧ୍ୟେ ଅମୃତବେଳା। ସକାଳ ଘ୮।୫୦ମି. ଗତେ ଘ୧୦।୧୫ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୩।୩୯ମି. ଗତେ ଘ୫।୦୨ମି. ମଧ୍ୟେ ରାହୁକାଳ।

ମାନୁଷୀ ପ୍ରବଣତା ବାସ୍ତବକୁ ପୀଡନ କରିବା ବା ଅସ୍ୱୀକାର କରିବା ପରିବର୍ତ୍ତେ ତା'ର ପ୍ରତିମା ଓ ପ୍ରତୀକକୁ ପୂଜା କରିବା। ଏହା ବିରୁଦ୍ଧରେ ନିଜକୁ ସର୍ବଦା ସଜାଗ ରଖିବ। ଅପଶକ୍ତିର ସୁଯୋଗ ହେଲା– ମାନୁଷୀ ଦୁର୍ବଳତା। ମାନୁଷୀ ଦୁଷ୍କର୍ମ ନୁହେଁ। –ଶ୍ରୀଅରବିନ୍ଦ



# ଅଜବ ମେଣ୍ଟ



ଆକାର ପଟେଲ

କଂଗ୍ରେସ ଓ ଜାତୀୟତାବାଦୀ କଂଗ୍ରେସ ଦଳ (ଏନ୍‌ସିପି)କୁ ସାଙ୍ଗରେ ନେଇ ଶିବସେନା ଯଦି ସରକାର ଗଢ଼େ ତେବେ ମହାରାଷ୍ଟ୍ରରେ ଏହା ସମ୍ପୂର୍ଣ୍ଣ ଏକ ଅଜବ ମେଣ୍ଟ ସରକାର ହେବ। ଏତେ ଅଜବ ଯେ, ନିର୍ବାଚନ ପୂର୍ବରୁ ତାହା କେବେ ଆଶା କରାଯାଇ ନ ଥିଲା କି ଚିନ୍ତା ବି କରାଯାଇ ନ ଥିଲା। ତିନି ଦଶନ୍ଧି ହେଲା ଠାକ୍‌ରେ ପରିବାର ଭାରତୀୟ ଜନତା ପାର୍ଟି (ଭାଜପା) ସହ ମେଣ୍ଟ କରି ରହିଆସୁଥିଲେ। ପ୍ରତିଥର ଆସନ ବୁଝାମଣାକୁ ନେଇ ଶିବସେନା ଅସନ୍ତୋଷ ଓ କ୍ରୋଧ ପ୍ରକାଶ କରେ। ପ୍ରତିଥର ଶିବସେନା ଯେତିକି ପାଇବା କଥା ତା'ଠୁ ଅଧିକ ଆସନ ଦାବି କରେ। ପୁଣି ପ୍ରତିଥର ଭାଜପା ଧୈର୍ଯ୍ୟର ସହ ଏହାର ସମାଧାନ କରେ କାରଣ ଏହା ଜାଣିଥିଲା ଯେ ଦିନେ ନା ଦିନେ ଦଳ ସମଗ୍ର ମହାରାଷ୍ଟ୍ରକୁ କବ୍‌ଜା କରିନେବ ଏବଂ ନେଲା ମଧ୍ୟ। ଶିବସେନା ସହ ମେଣ୍ଟ ରାଜନୀତିର ଲମ୍ବା ଖେଳ ଖେଳିବାରେ ଭାଜପା ଅସୀମ ଧୈର୍ଯ୍ୟ ଓ ଶୃଙ୍ଖଳା ରକ୍ଷା କରିଆସିଛି। ସେନା ସବୁବେଳେ ବହିର୍ମୁଖୀ ଓ ଆତ୍ମସଂଯମହୀନ। ଏହା କୌଣସି ବିଷୟରେ ସର୍ବସାଧାରଣରେ ଘନ ଘନ ନିଜର ମତ ବଦଳାଇପାରେ, ଯାହା କଂଗ୍ରେସ ଓ ଏନ୍‌ସିପି ପରେ ଅନୁଭବ କରିବେ। ସେନାର ଖବରକାଗଜ 'ସାମ୍‌ନା'ର ପ୍ରଥମ ପୃଷ୍ଠାରେ ଶିବସେନା ମୁଖ୍ୟଙ୍କ ସାକ୍ଷାତ୍‌କାର ନିୟମିତ ପ୍ରକାଶ ପାଏ। ଏହା ମାଧ୍ୟମରେ ଦଳର ସମ୍ବିଧାନ ପ୍ରତି ନିଜର ପ୍ରତିବଦ୍ଧତା ପ୍ରକାଶ କରେ। ସ୍ଥାନୀୟ ଖବରକାଗଜ ଓ ଚାନେଲଗୁଡ଼ିକ ତାହାକୁ ନେଇ ଖବର କରନ୍ତି। ଏସବୁ ମରାଠୀ ଭାଷାରେ ହୋଇଥିବାରୁ ଦେଶର ଅନ୍ୟ ଅଞ୍ଚଳର ଲୋକମାନେ ସେନା କେତେ ଅସ୍ଥିର ତାହା ଜାଣିବା କଷ୍ଟକର। ତଥାପି ତାହା ଜାଣିବାକୁ ବେଶିଦିନ ଲାଗିବ ନାହିଁ। ଆଦର୍ଶଗତ ଦୃଷ୍ଟିରୁ ସେନାକୁ ଭାଜପାର ଅଂଶୀଦାର ବୋଲି ମନେକରାଯାଏ, କିନ୍ତୁ ପ୍ରକୃତରେ ଏହାର କୌଣସି ମୂଳ ହିନ୍ଦୁତ୍ୱ ଆଦର୍ଶ ନାହିଁ। ଏହା ବି ଦରକାର ପଡ଼ିଲେ ଯାହାକୁ ଭଲ ପାଉଥିଲା ତାକୁ ଘୃଣା କରିପାରେ। ଏହା ନିଜକୁ ଗଢ଼ିବା ପାଇଁ ଉତ୍ତର ଭାରତୀୟ, ଦକ୍ଷିଣ ଭାରତୀୟ ଓ ମୁସଲମାନଙ୍କଠାରୁ ବି ରକ୍ତ ଶୋଷିଛି। ଏହା ସତ ଯେ ୧୯୯୨–୯୩ରେ ଶିବସେନାର ନେତାମାନେ ବାବ୍ରୀ ମସ୍‌ଜିଦ ଭଙ୍ଗା ଏବଂ ପରେ ପରେ ମୁମ୍ବାଇର ମୁସଲମାନ ବିରୋଧୀ ଦଙ୍ଗାରେ ଅଂଶ ଗ୍ରହଣ କରିଥିଲେ। ଏଥିପାଇଁ ମଧୁକର ସର୍ପୋଟଦାରଙ୍କ ସମେତ ସେନା ନେତାମାନେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି।

କିନ୍ତୁ ଏହା ମଧ୍ୟ ସତ ଯେ, ମୁମ୍ବାଇରେ ସେନା ଚାହୁଁଛି ସେହି ଉତ୍ତର ଭାରତୀୟ ହିନ୍ଦୁମାନଙ୍କୁ ହଇରାଣ ହରକତ କରିବା ପାଇଁ ଯେଉଁମାନେ ଅଯୋଧ୍ୟାର ବାବ୍ରୀ ମସ୍‌ଜିଦ ଭଙ୍ଗା କାର୍ଯ୍ୟରେ ତାଙ୍କ ସହ ଅଂଶଗ୍ରହଣ କରିଥିଲେ। ସେନା ମୁସଲମାନଙ୍କ ପ୍ରତି ସମାନ ପ୍ରକାର ବିଦ୍ୱେଷ ଓ ଘୃଣାଭାବ ପ୍ରକାଶ କରେ ଏବଂ ଅନ୍ୟମାନଙ୍କ ପ୍ରତି ବି ଏହା ଅତି ସହଜରେ ସେପରି ଭାବ ପ୍ରକାଶ କରିପାରିବ। ଗାନ୍ଧୀ ପରିବାର ଠାକ୍‌ରେମାନଙ୍କ ଗାଳି ଏବଂ ଅତୀତକୁ କେମିତି ଭୁଲିପାରିବ ? ଶତ୍ରୁତା ଓ ମିତ୍ରତା ଏବଂ ଧାର୍ମିକ ଓ ଧର୍ମନିରପେକ୍ଷ ଉଭୟ ଭାବକୁ ନେଇ ସେମାନେ କେମିତି ଚାଲିପାରିବେ ? ମନମୋହନ ସିଂ, ଶଶୀ ଥରୁର ଓ ଚିଦାମ୍ବରମ୍‌ଙ୍କ ପରି ଲୋକ କେମିତି ସେନା ସହ ମେଣ୍ଟକୁ ଯୁକ୍ତିଯୁକ୍ତ ବୋଲି ଦର୍ଶାଇବେ ? ଅନ୍ୟପକ୍ଷରେ ସେନାର କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନ ଥିବାରୁ ଏହାର କୌଣସି ଯଥାର୍ଥ ଇସ୍ତାହାର ବା ରଣନୀତିକ ଦିଶା ବି ନାହିଁ। ଅର୍ଥନୀତି କେମିତି ଚାଲିବ, ରାଜ୍ୟ କେମିତି ଚାଲିବ, ମାନବ ସମ୍ବଳ ବିକାଶ ସୂଚକାଙ୍କ କେମିତି ବଢ଼ିବ, ବୈଦେଶିକ ନୀତି କିପରି ହେବ ଏସବୁ ବିଷୟରେ ସେନାର କୌଣସି ଚିନ୍ତାଧାରା ନାହିଁ। ଏହା କେବଳ ରାଗି ପାଟି କରିବା ଶିଖିଛି।

କଂଗ୍ରେସ ଓ ଏନ୍‌ସିପି ପାଇଁ ଏପରି ନିର୍ବାଚନୀ ଫଳାଫଳ ଅପ୍ରତ୍ୟାଶିତ ଥିଲା। ସେମାନେ ପାଖାପାଖି ସମାନ ଭୋଟ ପାଇଛନ୍ତି, ଯାହା ଭାଜପାଠାରୁ ମାତ୍ର ପ୍ରାୟ ୮ ପ୍ରତିଶତ କମ୍। କଂଗ୍ରେସର ଭୋଟ ସାମାନ୍ୟ ହ୍ରାସ ପାଇଥିବା ବେଳେ ସେମାନେ ପୁଣି ନିଜକୁ ସଜାଡ଼ିବା ଓ ଦୃଢ଼ କରିବାର ସୁଯୋଗ ଏବେ ବି ରହିଛି। କିନ୍ତୁ ସେନା ସହ ମେଣ୍ଟ କରିବା ଦ୍ୱାରା ସେମାନେ ସେହି ସୁଯୋଗ ହରାଇବେ। ଉଭୟ କଂଗ୍ରେସ ଓ ଏନ୍‌ସିପି ପାଇଁ ସେନା ସହ ମେଣ୍ଟ ଚୁମ୍ବକ ପରି ପରସ୍ପରକୁ ଆକର୍ଷଣ କଲା ପରି ନୁହେଁ, ଅର୍ଥାତ୍ ସ୍ୱାଭାବିକ ନୁହେଁ। କର୍ମୀ ଓ ଭୋଟର ସ୍ତରରେ ସ୍ପଷ୍ଟ ବିକର୍ଷଣ ଦେଖିବାକୁ ମିଳିବ। ଭାଜପାର ଆଧିପତ୍ୟ ଓ ଶକ୍ତି ଅବଦମିତ ରହିଥିବା ବେଳେ ସେମାନେ ନିଜର ପ୍ରାସଙ୍ଗିକତା ରକ୍ଷା କରିବାକୁ ଚେଷ୍ଟା କରିବା ଉଚିତ। ଭାଜପା–ସେନା ମେଣ୍ଟର ବିଫଳତାକୁ ଦର୍ଶାଇ କଂଗ୍ରେସ ଆଉ ଏକ ନିର୍ବାଚନ ଦାବି କରିପାରିଥାନ୍ତା। କିନ୍ତୁ ସେମାନେ ଏବେ ଦିଶାହରା ହୋଇଯାଇଥିବା ପରି ମନେହେଉଛି। ସେନା, କଂଗ୍ରେସ ଓ ଏନ୍‌ସିପି ସମସ୍ତେ ମୋଦି–ନେତୃତ୍ୱାଧୀନ ଭାଜପା ଆଗରେ କ୍ରମଶଃ ଅପ୍ରାସଙ୍ଗିକ ଓ କୋଣଠେସା ହୋଇପଡ଼ିବାର ଆଶଙ୍କା ଦେଖାଦେଇଛି। ଏପରି ଆଶଙ୍କା ମଧ୍ୟ ଯୁକ୍ତିଯୁକ୍ତ। ଭାଜପା ଯେପରି ଭାବେ ନିର୍ବାଚନ ଜିଣି ରାଜ୍ୟ ପରେ ରାଜ୍ୟ ଓ କ୍ଷମତା ଦଖଲ କରିଚାଲିଛି, ତାହା ଭୟ ସୃଷ୍ଟି କରିବା ସ୍ୱାଭାବିକ। ତେଣୁ କଂଗ୍ରେସ ପରି ବିରୋଧୀ ଦଳଗୁଡ଼ିକ ଏହାକୁ ଦୃଷ୍ଟିରେ ରଖି ସୁଚିନ୍ତିତ ପଦକ୍ଷେପ ନେବା ଉଚିତ।

Email: aakar.patel@gmail.com

## ଚିରନ୍ତନୀ

ପାହାଡ କଟିରେ ଉଡଇ ବିହଗ ଦୁଇ
ନ ପାରଇ ତା'ର ତୁଙ୍ଗ ଶିଖର ଛୁଇଁ।
ପ୍ରତୀଚୀ ଗଗନେ ବୁଲାଏ ପଥିକ ଆଖି
ଆଉ ବେଳ କେତେ ରହିଚି ତା' ପାଇଁ ବାକି ? (ଏହି ଯେ ପାହାଡ଼)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 9 | 8 | 5 | 7 | | | | | 3 | | 4 | |
| | | | | | | | | | | | A | | 7 | 9 |
| 5 | 0 | | B | | | | A | | | C | | 6 | | D |
| 9 | 4 | B | | | | 5 | | | | | 6 | | | |
| 6 | | | | A | 1 | 3 | | | | | | C | | |
| B | | | | | | | 7 | | | | | 2 | | |
| | 5 | | C | | 4 | 1 | | | A | E | | | 8 | 0 |
| C | 8 | | | | E | 0 | | | | 7 | | | 5 | 6 |
| 0 | 6 | | | B | 7 | 8 | | | | | D | 4 | | |
| 7 | E | 1 | | 6 | | | | | | | | | A | |
| | A | 8 | | | 9 | | | C | 7 | | 1 | 5 | 0 | |
| 3 | 7 | | 4 | | | 6 | | | 0 | 8 | B | | C | E |
| | | | D | 3 | 0 | | | | | | | | | |
| | | | | | | | | | | 6 | | | | 3 |
| | | | | | | D | | 3 | | | | B | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | A | 0 | 5 | 3 | 7 | 1 | B | 2 | D | C | 4 | 6 | 8 | 9 |
| 4 | 7 | 2 | B | 0 | C | 5 | D | E | 8 | 9 | 6 | 3 | 1 | A |
| B | 1 | 8 | E | A | D | 4 | 9 | 6 | 3 | 2 | 5 | 7 | C | 0 |
| 5 | 3 | 9 | 8 | 6 | 2 | C | 7 | A | 0 | B | 1 | E | 4 | D |
| D | 6 | C | 4 | 9 | 1 | 0 | 8 | 3 | 7 | E | A | 5 | 2 | B |
| 9 | B | 6 | 2 | 4 | 0 | 7 | 1 | 5 | C | 8 | D | A | E | 3 |
| C | 2 | 4 | 7 | 5 | 9 | E | 0 | 8 | B | A | 3 | D | 6 | 1 |
| 3 | E | 5 | 1 | B | 8 | A | 2 | D | 6 | 7 | 0 | 4 | 9 | C |
| 7 | 8 | D | A | C | 3 | B | 6 | 9 | 4 | 1 | E | 0 | 5 | 2 |
| A | 0 | 1 | D | E | 6 | 3 | C | 4 | 2 | 5 | 9 | 8 | B | 7 |
| 0 | 5 | 3 | 9 | D | B | 6 | A | 1 | E | 4 | 2 | C | 7 | 8 |
| 8 | D | E | 0 | 7 | A | 2 | 4 | C | 1 | 6 | B | 9 | 3 | 5 |
| 1 | 4 | A | C | 2 | 5 | 8 | E | 0 | 9 | 3 | 7 | B | D | 6 |
| 6 | C | 7 | 3 | 1 | E | 9 | 5 | B | A | D | 8 | 2 | 0 | 4 |
| 2 | 9 | B | 6 | 8 | 4 | D | 3 | 7 | 5 | 0 | C | 1 | A | E |

ଗତକାଲିର ଉତ୍ତର



ଚିତ୍ର ଚରିତ୍ର

ନିରଞ୍ଜନ ପାଢ଼ୀ

# ତଥାପି ଅନ୍ଧାର ହଟିନାହିଁ

ଏବେ ଆଧୁନିକତାର ଉତ୍ତାଳ ପ୍ରୀତି ପ୍ରଳୟ ରୂପ ଧାରଣ କରିଛି ପ୍ରତିଟି ଜନମାନସରେ। ବସ୍ତୁବାଦୀ ସଭ୍ୟତାର ଶିଖର ଆରୋହଣ କରି ମଣିଷ ଆଜି ସ୍ୱୟଂସମ୍ପୂର୍ଣ୍ଣ। ଆଧ୍ୟାତ୍ମିକ ଅନୁଭବକୁ ଅବଜ୍ଞା କରି ଭୋଗବାଦୀ ଜୀବନଯାତ୍ରାର ଜୟଜୟକାର ମଧ୍ୟରେ ସମଗ୍ର ଜଗତ କୋଳାହଳମୁଖରିତ। ଆତ୍ମନିଷ୍ଠତାର ଉଜ୍ଜ୍ୱଳ ଆଲୋକ ମଧ୍ୟରେ ଧର୍ମଭୟ ଓ ଈଶ୍ୱରବିଶ୍ୱାସର ତଥାକଥିତ ଅନ୍ଧକାର ସତତ ପ୍ରତିହତ। ହଁ, ଅଲୋଡ଼ା ଧର୍ମ ପ୍ରତି ଭୟ ଅବା ଅଦୃଷ୍ଟ ଈଶ୍ୱରଙ୍କ ଉପରେ ବିଶ୍ୱାସ ସ୍ଥାପନ ଆଧୁନିକତାରେ ଆକ୍ରାନ୍ତ ସାମ୍ପ୍ରତିକ ନଗରସଭ୍ୟତା ପାଇଁ ଅନ୍ଧକାର ନୁହେଁ ତ ଆଉ କ'ଣ ? ବିଜ୍ଞାନର ବିଶେଷ ସହାୟତା ବଳରେ ବଳୀୟାନ୍ ବୁଦ୍ଧିଦୀପ୍ତ ମଣିଷ ଧର୍ମ ଓ ଈଶ୍ୱରଙ୍କୁ ପିଠିକରି ଯେଉଁଠି ଆଲୋକ ରାଜ୍ୟରେ ବିଚରଣ କରେ, ସେଠି ଅନ୍ଧାରର ପରିକଳ୍ପନା ଅତ୍ୟନ୍ତ ଅବାସ୍ତବ ନିଶ୍ଚୟ। ତେବେ ପୁଣି ଏମିତି କାହିଁକି ହୁଏ ?

ଦପ୍ତରର ଶୀତତାପନିୟନ୍ତ୍ରିତ ସୁସଜ୍ଜିତ କକ୍ଷରେ ଚାରିଚାରିଟି କମ୍ପ୍ୟୁଟର। ଘରର କାର୍ପେଟ ବିଛା ଡ୍ରଇଂ ରୁମରେ ଇଣ୍ଟରନେଟ୍‌ର ଇନ୍ଦ୍ରଜାଲ। ସୁଟ୍–ବୁଟ୍‌ପିନ୍ଧା ସମ୍ଭ୍ରାନ୍ତ କଳେବର। ଅତ୍ୟାଧୁନିକ ଇମ୍ପୋର୍ଟ କାର ଚଢ଼ି ପବନ ବେଗରେ ରାଜଧାନୀର ରାଜରାସ୍ତାରେ ଉଡିଯାଉଥିବା ସଭ୍ୟ ଶିକ୍ଷିତ ଲୋକ ପୁଣି ନିଭୃତରେ ହସ୍ତରେଖା ବିଶାରଦ ଜ୍ୟୋତିଷ ପାଖରେ ଆଣ୍ଠେଇ ପଡି ଜାଣିବାକୁ ଚାହୁଁଥିବେ ନିଜର ଅନାଗତ ଭବିଷ୍ୟତ। ବିକଳରେ ପ୍ରତୀକ୍ଷା କରୁଥିବେ ଗଣକଙ୍କ ଗଣନାର ଫଳାଫଳକୁ ଓ ତାଙ୍କ ପରାମର୍ଶକୁ ବେଦବାକ୍ୟ ମନେକରି ଲକ୍ଷାଧିକ ଟଙ୍କା ବ୍ୟୟରେ ଅଙ୍ଗୁଳିରେ ପିନ୍ଧୁଥିବେ ପାନ୍ନା ଓ ପୋଖରାଜ ଆଦି ଦୁର୍ମୂଲ୍ୟ ମଣିଖଚିତ ମୁଦ୍ରିକାମାନ। ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ଭାଗ୍ୟ ସନ୍ଧାନରେ ଏ ପ୍ରକାର ଏକନିଷ୍ଠତାକୁ କ'ଣ ନାମ ଦିଆଯାଇପାରେ ? ଅଷ୍ଟାଦଶ ଶତାବ୍ଦୀ ଅନ୍ଧବିଶ୍ୱାସର କଳା ଅନ୍ଧକାର ନା ଏକବିଂଶ ଶତାବ୍ଦୀ ଆଧୁନିକତାର ଶୁଭ୍ର ଆଲୋକ।

ସମୟ ପ୍ରାଚୀନ ହେଉ କି ନବୀନ, ଶତାବ୍ଦୀ ଊନବିଂଶ ପ୍ରାନ୍ତ ହେଉ କି ଆଦ୍ୟ ଏକବିଂଶ, ଯୁଗେ ଯୁଗେ ଅଦୃଷ୍ଟ ଈଶ୍ୱରଙ୍କ ଅଲୌକିକ ପ୍ରଭାବ ନିକଟରେ ମଣିଷ ନିଜକୁ ଅସହାୟ ମନେକରି ଆସିଛି। ଏମିତି ଅଲୌକିକତା ତା' ମନରେ ଈଶ୍ୱରଙ୍କ ପ୍ରତି ଭକ୍ତି କମ୍, ଭୟ ସଂଚାର କରିଛି ବେଶି। ଶିକ୍ଷା, ସଭ୍ୟତା ଓ ଆଧୁନିକତାର ଔଜ୍ଜ୍ୱଲ୍ୟରେ ତା'ର ଆତ୍ମସତ୍ତା ଯେତେ ଆଲୋକିତ ହେଲେ ବି ଭୟର ଏ କଳା ଅନ୍ଧକାର ତଥାପି ଦୂରୀଭୂତ ହେଉନାହିଁ ମଣିଷ ମନରୁ। ସେ ଶରଣ ପଶୁଛି କେବେ ବି ପ୍ରତ୍ୟକ୍ଷ କରି ନ ଥିବା ସେଇ ରହସ୍ୟମୟ ଶକ୍ତି ପାଖରେ। ନିଜକୁ ସମର୍ପଣ କରୁଛି କେବେ ବି ପ୍ରମାଣିତ ହୋଇ ନ ଥିବା ସେଇ ବିଶ୍ୱାସ ନିକଟରେ। ସେଇ ଶକ୍ତି ଓ ବିଶ୍ୱାସ ତା' ପାଇଁ ପାଲଟିଯାଇଛି ନିଜ ଜ୍ଞାନ, ଗରିମା, ବୁଦ୍ଧି ଓ ବିବେକଠାରୁ ଆହୁରି ନିର୍ଭରଶୀଳ ଏକ ଅପରିହାର୍ଯ୍ୟ ଆଶ୍ରୟ। ଅଥଚ ବିଡମ୍ବନାର ବିଷୟ ଏହା ଯେ ତା'ର ଏମନ୍ତ ଆଚରଣ ଓ ଏ ପ୍ରକାର ସମର୍ପଣ ବିଜ୍ଞାନବିରୋଧୀ, ନବ୍ୟ ସଭ୍ୟତାର ଏକାନ୍ତ ପରିପନ୍ଥୀ। କାରଣ ସେ କାଳିର ପ୍ରସ୍ତରଯୁଗର ଅନ୍ଧାରି ଇଲାକାର ମଣିଷ ନୁହେଁ, ଆଜିର ଆଲୋକମୟ ଯୁଗର ଅଗ୍ରଗାମୀ ମଣିଷ।

ଏବେ ଟିଭି ଖବରରୁ ଦେଖିବାକୁ ମିଳିଲା ତିନୋଟି ଭୟଙ୍କର ଦୃଶ୍ୟ। ଦୃଶ୍ୟ ତିନୋଟିକୁ ଗଭୀର ମନୋଯୋଗ ସହକାରେ ତର୍ଜମା କଲେ ଲାଗିବ ଏ ଯାଏ ବି ଶିକ୍ଷା ବା ସଭ୍ୟତାଠାରୁ ଅପହଞ୍ଚ ଦୂରତାରେ ଅଛନ୍ତି ବେଶ୍ ଥୋକେ ଲୋକ, ଯେଉଁମାନଙ୍କୁ ବେଶ୍ କବଳିତ କରିରଖିଛି ସେଇ ଆଦିମ ଯୁଗର ଅନ୍ଧବିଶ୍ୱାସ। ପ୍ରଥମ ଘଟଣାରେ ଜଣେ ଆଠବର୍ଷର ଶିଶୁକୁ ଦୁଇଜଣ ଗୁଣିଆ ନିର୍ମମ ଭାବେ ନିର୍ଘାତ ପିଟି ଚାଲିଛନ୍ତି ଓ ଅର୍ଦ୍ଧଶତାଧିକ ଲୋକ ଦୃଶ୍ୟଟିକୁ ନିର୍ବିକାରରେ ଉପଭୋଗ କରି ଚାଲିଛନ୍ତି। ନିଷ୍ପାପ, କୋମଳ ଶିଶୁଟିର ଦୋଷ ହେଉଛି ସେ ବିଗତ କେଇ ମାସ ଧରି କ୍ରମାଗତ ଅସୁସ୍ଥ ହୋଇରହୁଛି। ତା'ର କଅଁଳ ଶରୀରଟିକୁ ପ୍ରେତ କବଳିତ କରିରଖିଛି ବୋଲି ଚିହ୍ନଟ କରି ଗୁଣିଆଦ୍ୱୟ ପ୍ରେତ ବିତାଡନ କାର୍ଯ୍ୟରେ ଲାଗିପଡିଛନ୍ତି ପିଲାଟିକୁ ନିର୍ଘାତ ପ୍ରହାର କରି। ବିକଳରେ କାନ୍ଦୁଥିବା ଶିଶୁଟିକୁ ରୋଗମୁକ୍ତ କରିବାର ଏ ଆସୁରିକ ପ୍ରକ୍ରିୟାକୁ ନୀରବରେ ଉପଭୋଗ କରୁଛନ୍ତି ତା'ର ପିତାମାତା ଓ ଅନ୍ୟମାନେ। ଦ୍ୱିତୀୟ ଘଟଣାରେ ବିଷାକ୍ତ ନାଗସାପ ଦଂଶନର ଶିକାର ହୋଇଥିବା ଜଣେ ଯୁବକଙ୍କୁ ଡାକ୍ତରଖାନା ନ ନେଇ ବହୁ ଜନସମାଗମ ମଧ୍ୟରେ ଏକ ପୋଖରୀ ଭିତରକୁ ନେଇ ମନ୍ତ୍ର ଉଚ୍ଚାରଣ ସହ ମୁଣ୍ଡରେ ଶହେ କୋଡିଏ କଳସୀ ପାଣି ଢାଳି ବିଷ ହରଣ କରିବାର ଅପଚେଷ୍ଟା ଚାଲିଛି। ବିଷଜ୍ୱାଳା ପ୍ରଭାବରେ ମୁଣ୍ଡ ଘୂରାଇବା ଭଳି ବିପଜ୍ଜନକ ଉପସର୍ଗର ଆଭାସ ମିଳିଲା ପରେ ବି ପୋଖରୀ ସମୀପସ୍ଥ ମନ୍ଦିରର ମୂକ ଦେବତାଙ୍କ ଉପରେ ଆସ୍ଥା ସ୍ଥାପନ କରୁଛନ୍ତି ନିଜେ ପୀଡ଼ିତ ବ୍ୟକ୍ତି ଜଣକ।

ତୃତୀୟ ଘଟଣାଟିରେ ସଂଖ୍ୟା ଏକରେ ସୀମିତ ନୁହେଁ। ଏକ ଆଦିବାସୀ ଗ୍ରାମର ଅଶିକ୍ଷିତ ମହିଳା ଜଣଙ୍କୁ ଜଘନ୍ୟ ଭାବେ ହତ୍ୟାକରି ମୁଣ୍ଡରୁ ଗଣ୍ଡିକୁ ଅଲଗା କରି ଦିଆଯାଉଛି। ଅତ୍ୟନ୍ତ ନିରୀହ ଭାବେ ମହିଳାଙ୍କର ପୁଅ ଅଭିଯୋଗ କରୁଛି ଟିଭି ଚାନେଲର ଖବରଦାତାଙ୍କ ନିକଟରେ ଯେ, ତାଙ୍କ ଗାଁରେ ଚାରିଜଣ ପିଲାଙ୍କ ମୃତ୍ୟୁ ଓ ବହୁ ଜଣଙ୍କ ଅସୁସ୍ଥତାର କାରଣ ଥିଲା ତାଙ୍କ ମା'ର ଗୁଣିଗାରେଡି। ତେଣୁ ତାକୁ ମାରି ଦିଆଯାଇଛି। ନିଜ ମା'ର ବୀଭତ୍ସ ହତ୍ୟା ସମ୍ପର୍କରେ ପୁଅର କି ବିଚିତ୍ର କୈଫିୟତ୍! ଅଥଚ ସେଇ ଆଖପାଖ ଗାଁରେ ଆଉ ଜଣେ ଆଦିବାସୀ କନ୍ୟା ବିମାନ ଚଳାଇ ଆକାଶରେ ଉଡିବାର ଯୋଗ୍ୟତା ହାସଲ କଲେଣି। ପୁଣି ସେଇ ସମ୍ପ୍ରଦାୟର ଆଉ ଜଣେ ବିଶିଷ୍ଟ ସନ୍ତାନ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ–କଶ୍ମୀରର ପ୍ରଥମ ଉପରାଜ୍ୟପାଳ ଭାବେ ନିଯୁକ୍ତି ପାଇବା ଭଳି ବିରଳ ସମ୍ମାନର ଅଧିକାରୀ ହେଲେଣି।

ପ୍ରାୟ ଦୁଇମାସ ତଳେ ଏ ଲେଖକର ହ୍ୱାଟ୍‌ସଆପକୁ ଜଣେ ବନ୍ଧୁଙ୍କ ନମ୍ବରରୁ ଏକ ବିଚିତ୍ର ବାର୍ତ୍ତା ଆସିଲା। ବାର୍ତ୍ତାଟି ଥିଲା ଦୁର୍ବଳଚିତ୍ତ ଲୋକମାନଙ୍କ ପାଇଁ ଭୟ ଉଦ୍ରେକକାରୀ। ଲେଖା ଥିଲା, ମହାବୀର ହନୁମାନଙ୍କ ଆଜ୍ଞାରେ ଏ ବାର୍ତ୍ତା ପ୍ରେରଣ କରାଯାଉଛି। ଏହାକୁ ଅବଜ୍ଞା କରି କାଟି ଦେଉଥିବା ଲୋକର ପ୍ରଭୂତ କ୍ଷତି ହେବ ଏବଂ ଶ୍ରଦ୍ଧାର ସହ ଚାଳିଶ ଜଣଙ୍କ ନିକଟକୁ ପ୍ରେରଣ କରୁଥିବା ଲୋକର ଅଶେଷ ମଙ୍ଗଳ ହେବ। ବନ୍ଧୁ ଜଣଙ୍କୁ ଏ ପ୍ରକାର ଅସଙ୍ଗତ ବାର୍ତ୍ତା ପ୍ରେରଣ ପାଇଁ ମୃଦୁ ଭର୍ତ୍ସନା କରିବାରୁ ଯାହା ଉତ୍ତର ମିଳିଲା, ତାହା ଭିତରେ ଭରି ରହିଥିଲା କେବଳ ଅସଭ୍ୟ, ଅଶିକ୍ଷିତ ଆଦିବାସୀମାନଙ୍କର ନୁହେଁ, ସଭ୍ୟ ଶିକ୍ଷିତବର୍ଗମାନଙ୍କର ଅହେତୁକ ଭୟଭ୍ରାନ୍ତିର ଏକ ସଂବେଦ୍ୟ ସଙ୍କେତ। ବନ୍ଧୁ ଏଭଳି ବାର୍ତ୍ତା ପ୍ରେରଣ ପାଇଁ ଦୁଃଖ ପ୍ରକାଶ କଲେ ସତ, କିନ୍ତୁ ଏକ ଅଭିନବ ସ୍ୱୀକାରୋକ୍ତି କରି କହିଲେ, କୋଡିଏ ଭିତରେ ନିର୍ଦ୍ଦେଶ ଥିଲେ ଆପଣଙ୍କୁ ସାମିଲ କରି ନ ଥାନ୍ତି। ଚାଳିଶ ଜଣଙ୍କୁ ପଠାଇବାକୁ ପଡିଲାରୁ ଆପଣ ଆସିଗଲେ। ଏଭଳି ଆଦେଶକୁ ଅମାନ୍ୟ କରି ଐଶ୍ୱରୀୟ କୋପର ଶିକାର ହେବାକୁ କିଏ ବା ଦୁଃସାହସ କରନ୍ତା ଆଜ୍ଞା!

ଚାଳିଶଜଣଙ୍କୁ ଏମିତି ବାର୍ତ୍ତାହୀନ ବାର୍ତ୍ତା ପଠାଇ ନିଜକୁ ଚିନ୍ତାମୁକ୍ତ କରିଥିବା ଏ ବନ୍ଧୁଙ୍କର କାମ ଶେଷ ହେଲା ଯେଉଁଠି, ସେଇଠି ଆରମ୍ଭ ହେଲା ଆଉ ଚାଳିଶ ଜଣଙ୍କର ଚିନ୍ତା, ମନର ଅସ୍ଥିରତା ଓ ଅହେତୁକ ଆଶଙ୍କାକୁ ନେଇ ମନ ବିଚଳିତ ହେଲା ଭଳି ଏକ ଭୟଙ୍କର ଅବସ୍ଥା। ଈଶ୍ୱରୀୟ ସତ୍ତାର ପ୍ରଚାର ଓ ପ୍ରସାର ପାଇଁ ବାର୍ତ୍ତା ପ୍ରେରଣର ଏ ଭୟଙ୍କର ଅସରନ୍ତି ଖେଳ ପ୍ରଥମେ କିଏ କେବେ ଆରମ୍ଭ କରିଥିଲା କେଜାଣି, ସେଦିନରୁ ଏ ଯାଏ ଏକରୁ ଚାଳିଶ, ଚାଳିଶରୁ ଚାଳିଶ ଗୁଣନ ଚାଳିଶ ଓ ପୁଣି ପରବର୍ତ୍ତୀ ବର୍ଗ ନିର୍ଦ୍ଧାରଣ ଆଦି ଗାଣିତିକ ପ୍ରକ୍ରିୟା ମଧ୍ୟରେ ଏ ଖେଳ ଏ ଯାଏ ବି ଚାଲୁ ରହିଛି। କେଇବର୍ଷ ପୂର୍ବରୁ ପୋଷ୍ଟକାର୍ଡ ପ୍ରେରଣ ମାଧ୍ୟମରେ ତ ଏବେ ମୋବାଇଲ ବାର୍ତ୍ତା ମାଧ୍ୟମରେ। ତାହା ପୁଣି ଏମିତି ଏକ ସମୟରେ, ଯେତେବେଳେ ସଭ୍ୟ ମଣିଷ ଆଧୁନିକ ଜୀବନର ଉଜ୍ଜ୍ୱଳ ଆଲୋକରେ ଯାବତୀୟ କୁସଂସ୍କାର ଓ ଅନ୍ଧବିଶ୍ୱାସର ଅନ୍ଧକାରକୁ ଦୂରୀଭୂତ କରିପାରିଛି ବୋଲି ନିତିଦିନ ଡିଣ୍ଡିମ ପିଟିବାରେ ଲାଗିଛି।

ଉପସଂହାରରେ ଆଉ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଦୃଷ୍ଟାନ୍ତ। ଟିଭିରେ ଭାଗ୍ୟ ଭବିଷ୍ୟ ଓ ବାସ୍ତୁ ବିଚାର ଆଦି କାର୍ଯ୍ୟକ୍ରମକୁ ଧ୍ୟାନର ସହ ଦେଖୁଥିବା ଜଣେ ଅନ୍ୟଥା ଆଧୁନିକ ରମଣୀଙ୍କ ଜିଦ୍ ଆଗରେ ମୁଣ୍ଡ ନୁଆଁଇ ଜଣେ ବିବ୍ରତ ଗୃହସ୍ୱାମୀ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ତାଙ୍କ ନୂଆ ଗ୍ୟାରେଜଟିକୁ ଭାଙ୍ଗିଦେବାକୁ ବାଧ୍ୟ ହୋଇଛନ୍ତି। କଥା ହେଲା, ବାସ୍ତୁ ବିଚାରର ବିଚିତ୍ର ତତ୍ତ୍ୱ ଅନୁଯାୟୀ ଗୃହର ଯେଉଁ ଦିଗରେ ଗ୍ୟାରେଜ ନିର୍ମିତ ହେବା କଥା, ତାହା ହୋଇନାହିଁ ବୋଲି ପତ୍ନୀ ମହୋଦୟା ଟିଭି କାର୍ଯ୍ୟକ୍ରମରୁ ଜାଣିଲା ପରେ ଆରମ୍ଭ ହୋଇଥିଲା ଘରେ ଅଶାନ୍ତି। ଘରର ସମୁଚିତ ଦିଗରେ ଗ୍ୟାରେଜ ନ ଥାଇ ଅନ୍ୟ ଦିଗରେ ଥିଲେ ଘରର ଶାନ୍ତି ବ୍ୟାହତ ହେବ ବୋଲି ଚେତାବନୀ ଶୁଣୁ ଶୁଣୁ ଆରମ୍ଭ ହୋଇଥିଲା ଅଶାନ୍ତି। ଈଶ୍ୱର କାଳେ ଅମଙ୍ଗଳ କରନ୍ତି ବୋଲି ବାସ୍ତୁବିତ୍‌ମାନେ ମତପୋଷଣ କରନ୍ତି। ଅଥଚ ଈଶ୍ୱର ଯେ ସଦା ମଙ୍ଗଳମୟ, ଘରର ଗ୍ୟାରେଜ ପୂର୍ବ ଦିଗରେ ନ ରହି ପଶ୍ଚିମରେ ରହିଲେ ତାଙ୍କ ମଙ୍ଗଳ କରିବାର କ୍ରିୟା ଊଣା ହୋଇଯାଏ ନାହିଁ, ଏ ସତ୍ୟକୁ କେହି ଗ୍ରହଣ କରନ୍ତି ନାହିଁ। ବିଶ୍ୱାସ ଅବିଶ୍ୱାସ, ଆସ୍ଥା ଅନାସ୍ଥାର ଊର୍ଦ୍ଧ୍ୱରେ ବୋଲି ତ ସେ ସର୍ବସମ୍ପନ୍ନ, ସର୍ବବ୍ୟାପୀ ଈଶ୍ୱର। ତାଙ୍କୁ ମାନୁଥିବା ଲୋକଙ୍କ ପାଇଁ ସେ ଯେତିକି ଈଶ୍ୱର, ତାଙ୍କୁ ନ ମାନୁଥିବା ଲୋକଙ୍କର ବି ସେ ସେତିକି ଈଶ୍ୱର। ସୁତରାଂ ତାଙ୍କ ନାମ ନେଇ ଯାବତୀୟ ଅସ୍ପୃହଣୀୟ ଓ ଅକରଣୀୟ କାର୍ଯ୍ୟ ଯେ ତାଙ୍କ ଈଶ୍ୱରତ୍ୱର ଅପମାନ, ଏ କଥା ବିଜ୍ଞାନ ଓ ବୌଦ୍ଧିକତାର ଶୀର୍ଷରେ ଉପନୀତ ହୋଇ ବି ସାମ୍ପ୍ରତିକ ସମୟର ଆଲୋକିତ ମଣିଷ ବୁଝିନାହିଁ। ଅନ୍ଧାର ତଥାପି ହଟିନାହିଁ।

ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର, ମୋ–୮୮୯୫୬୭୨୪୧୦୫

# ମରିସସ୍‌ର ପ୍ରଧାନମନ୍ତ୍ରୀ

ବ୍ୟକ୍ତିତ୍ୱ



ପ୍ରଭିନ୍ଦ ଜଗନ୍ନାଥ

ଆଫ୍ରିକାର ଏକ ସ୍ଥାୟୀ ଗଣତନ୍ତ୍ର ଭାବେ ମରିସସ୍ ଜଣାଶୁଣା। ୧୯୬୮ରେ ବ୍ରିଟେନରୁ ଏହା ସ୍ୱାଧୀନତା ପାଇଥିଲା। ଭାରତ ଭଳି ଏହାର ଅର୍ଥନୀତି କୃଷିଭିତ୍ତିକ। ଗରିବ ରାଷ୍ଟ୍ର ହୋଇଥିଲେ ହେଁ ମରିସସ ରାଜସ୍ୱକୁ ବୃଦ୍ଧି କରିବାରେ ପର୍ଯ୍ୟଟନ ଅନ୍ୟତମ କ୍ଷେତ୍ର ରହିଆସିଛି। ଭାରତ ମହାସାଗର ମଧ୍ୟରେ ଥିବା ଏହି ଦ୍ୱୀପଦେଶରେ ଅନେକ ଭାରତୀୟ ବଂଶୋଦ୍ଭବ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଆସିଛନ୍ତି। ଅନିରୁଦ୍ଧ ଜଗନ୍ନାଥ ସେଠାରେ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ରହିଥିଲେ। ୧୨ ନଭେମ୍ବର ୨୦୧୯ରେ ତାଙ୍କ ପୁତ୍ର ପ୍ରଭିନ୍ଦ ଜଗନ୍ନାଥ ମରିସସ୍‌ର ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ତାଙ୍କ ବ୍ୟକ୍ତିତ୍ୱ ଚର୍ଚ୍ଚାକୁ ଆସିଛି।

ପ୍ରଭିନ୍ଦ କୁମାର ଜଗନ୍ନାଥ ୨୫ ଡିସେମ୍ବର ୧୯୬୧ରେ ମରିସସ୍‌ର ଏକ ସହରତଳି ଅଞ୍ଚଳ ଲାକାଭେମେରେ ଜନ୍ମଗ୍ରହଣ କରିଥିଲେ। ସେ ଉଚ୍ଚ ବର୍ଗର ଯାଦବ ପରିବାରରେ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ବଂଶୋଦ୍ଭବ ପିତା ଅନିରୁଦ୍ଧ ଜଗନ୍ନାଥ ଜଣେ ଜଣାଶୁଣା ବାରିଷ୍ଟର ଥିଲେ। ପରବର୍ତ୍ତୀ ସମୟରେ ଅନିରୁଦ୍ଧ ମରିସସ୍‌ର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ମଧ୍ୟ ହୋଇଥିଲେ। ମା' ସରୋଜିନୀ ବାଲ୍ଲା ଥିଲେ ଜଣେ ସ୍କୁଲ ଶିକ୍ଷୟିତ୍ରୀ। ପ୍ରଭିନ୍ଦଙ୍କ ବଡ଼ ଭଉଣୀ ଶାଳିନୀ। ପ୍ରବିନ୍ଦ ବିଶ୍ୱବିଦ୍ୟାଳୟରୁ ଆଇନ ବିଦ୍ୟାରେ ଡିଗ୍ରୀ ଅର୍ଜନ କରିଥିଲେ। ହେଲେ ପିତାଙ୍କ ରାଜନୈତିକ ବ୍ୟକ୍ତିତ୍ୱ ତାଙ୍କ ଉପରେ ଗଭୀର ପ୍ରଭାବ ପକାଇଥିଲା। ସେ ମରିସସ୍ ରାଜନୀତିକୁ ୨୦୦୦ ମସିହାରେ ପ୍ରବେଶ କରିଥିଲେ। ରାଜନୈତିକ ବ୍ୟାପାରରେ ସକ୍ରିୟ ଅଂଶଗ୍ରହଣ କରିବା ସହ ସରକାରରେ ଓ ବିରୋଧୀ ପକ୍ଷରେ ରହି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିଆସିଛନ୍ତି। ପ୍ରଭିନ୍ଦ ୨୦୦୦ରୁ ୨୦୦୩ ଯାଏ ଦେଶର କୃଷିମନ୍ତ୍ରୀ, ୨୦୦୩ରୁ ୨୦୦୫ ପର୍ଯ୍ୟନ୍ତ ଉପ–ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଦାୟିତ୍ୱ ସୁଚାରୁ ରୂପେ ନିର୍ବାହ କରିଥିଲେ। ସେ ମରିସସ୍‌ର ଅନ୍ୟତମ ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀ ନବୀନ ରାମଗୁଲାମ୍‌ଙ୍କ ମନ୍ତ୍ରିମଣ୍ଡଳରେ ଉପପ୍ରଧାନମନ୍ତ୍ରୀ ଏବଂ ଅର୍ଥମନ୍ତ୍ରୀ ରହିଥିଲେ। ୨୦୧୪ରୁ ୨୦୧୫ ପର୍ଯ୍ୟନ୍ତ ମରିସସ ସରକାରରେ ଟେକ୍‌ନୋଲୋଜି କମ୍ୟୁନିକେଶନ ଓ ଇନୋଭେଶନ ମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଏହାପରେ ସେ ମିଳିତ ସରକାରକୁ ଛାଡ଼ି ବିରୋଧୀ ଦଳର ନେତୃତ୍ୱ ନେଇଥିଲେ। ତାଙ୍କ ପିତା ଅନିରୁଦ୍ଧଙ୍କ କ୍ୟାବିନେଟ୍‌ରେ ମନ୍ତ୍ରୀ ହେବା ଯାଏ ସେ ବିରୋଧୀ ଦଳ ନେତା ଭାବେ ରହିଥିଲେ। ସରୋଜିନୀ ବାଲ୍ଲା ଓ ଅନିରୁଦ୍ଧ ଜଗନ୍ନାଥଙ୍କର ଏକମାତ୍ର ସନ୍ତାନ ପ୍ରଭିନ୍ଦ ଜଗନ୍ନାଥ ପ୍ରଥମେ ୨୦୦୦ରେ ମରିସସ୍ ସାଧାରଣ ନିର୍ବାଚନରେ ବିଜୟୀ ହୋଇ ସାଂସଦ ହେବାର ସୌଭାଗ୍ୟ ଲାଭ କରିଥିଲେ। ଏହାପରେ ସେ ତାଙ୍କ ପିତା ଅନିରୁଦ୍ଧ ଜଗନ୍ନାଥଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ କୃଷି ମନ୍ତ୍ରୀ ହୋଇଥିଲେ। ୨୩ ଜାନୁଆରୀ, ୨୦୧୭ରେ ତାଙ୍କ ଉପରେ ଦଳ ମିଲିଟାଣ୍ଟ ସେସାଲିଷ୍ଟ ମୁଭ୍‌ମେଣ୍ଟ (ଏମ୍‌ଏସ୍‌ଏମ୍)ଆସେମ୍ବ୍ଲିର ନେତୃତ୍ୱ ନେବା ଲାଗି ଦାୟିତ୍ୱ ଅର୍ପଣ କରିଥିଲା। ତାଙ୍କ ପିତାଙ୍କ ବୟସ ଅଧିକ ହେବା ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥିଲେ ଓ ପ୍ରଭିନ୍ଦଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ସେତେବେଳେ ପିତା ପୁତ୍ରଙ୍କୁ ଦାୟିତ୍ୱ ଦେଇଦେବାରୁ ଦେଶରେ ମୃଦୁ ଗୁଞ୍ଜରଣ ସୃଷ୍ଟି ହୋଇଥିଲା। ବିରୋଧୀ ଦଳ ପକ୍ଷରୁ ତାଙ୍କୁ ତୀବ୍ର ସମାଲୋଚନା ମଧ୍ୟ କରାଯାଇଥିଲା। ଏହାପରେ ମରିସସ୍ ସୋସାଲିଷ୍ଟ ପାର୍ଟି ଶାସନରୁ ଓହରି ଯାଇ ବିରୋଧୀ ଦଳର ଭୂମିକା ନିର୍ବାହ କରିଥିଲା। ପରେ ୨୦୧୯ ସାଧାରଣ ନିର୍ବାଚନରେ ଏମ୍‌ଏସ୍‌ଏମ୍ ପାର୍ଲାମେଣ୍ଟରେ ସଂଖ୍ୟା ଗରିଷ୍ଠତା ହାସଲ କରିବା ପରେ ପ୍ରବିନ୍ଦ ବିଧିବଦ୍ଧ ଭାବେ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ଏବେ ତାଙ୍କ ପାଇଁ ଦେଶର ବେକାର ସମସ୍ୟା ମୁଖ୍ୟ ପ୍ରସଙ୍ଗ ହୋଇଛି। ୨୨ ପ୍ରତିଶତ ବେକାର ଯୁବତୀଯୁବକଙ୍କୁ କାର୍ଯ୍ୟକ୍ଷେତ୍ର ଯୋଗାଇଦେବା ତାଙ୍କ ପାଇଁ ନୂଆ ଚ୍ୟାଲେଞ୍ଜ ହୋଇଛି ବୋଲି କହିଛନ୍ତି। ସେ ଖୁବ୍ ଶୀଘ୍ର ଅଭିନବ ପଦକ୍ଷେପ ନେଇ ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଛନ୍ତି।

ଭାରତ ସରକାର ୨୦୧୭ରେ ପ୍ରବିନ୍ଦଙ୍କୁ ପ୍ରବାସୀ ଭାରତୀୟ ସମ୍ମାନରେ ସମ୍ମାନିତ କରିଥିଲା। ଏବେ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ଭାରତ–ମରିସସ୍ ସମ୍ପର୍କ ଅଧିକ ଦୃଢ଼ୀଭୂତ ହେବ ବୋଲି କୁହାଯାଉଛି। ପ୍ରବିନ୍ଦଙ୍କ ବ୍ୟକ୍ତିଗତ ଜୀବନ କହିଲେ କୋବିତା ରାମଦାନେଙ୍କୁ ୧୯୯୨ରେ ସେ ବିବାହ କରିଥିଲେ। ତାଙ୍କର ସୋନିକା, ସୋନାଲି ଓ ସାରା ନାମରେ ୩ ଝିଅ ଅଛନ୍ତି।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଇଆଇଟି ଏବଂ ଆଇଆଇଏମ୍‌ରୁ ଶିକ୍ଷାପ୍ରାପ୍ତ ୪ ଜଣ ଯୁବକ ଚାକିରି ପଛରେ ନ ଧାଇଁ ଗ୍ରାମାଞ୍ଚଳ ବିକାଶରେ ଲାଗିଥିବା ଏକ ପ୍ରେରଣାଦାୟକ ଖବର ସାମ୍‌ନାକୁ ଆସିଛି। ଏମାନେ ଗ୍ରାମ୍‌ଫୋନ୍ ଷ୍ଟାର୍ଟଅପ୍ ମାଧ୍ୟମରେ କୃଷିଭିତ୍ତିକ ଖର୍ଚ୍ଚ କମାଉଛନ୍ତି। ଦାମୀ ସାରର ଅନାବଶ୍ୟକ ଉପଯୋଗ କମ୍ କରି କୃଷକଙ୍କ ଆୟ ବୃଦ୍ଧି କରୁଛନ୍ତି। ୨୦୧୬ରେ ଇନ୍ଦୋରରେ ଗ୍ରାମ୍‌ଫୋନ୍‌ର କାର୍ଯ୍ୟାଳୟ ଖୋଲି ତୌସିକ ଖାନ, ନିଶାନ୍ତ ବତ୍ସ, ହର୍ଷିତ ଗୁପ୍ତା ଓ ଆଶିଷ ସିଂ ୫୦ଜଣିଆ ଟିମ୍‌କୁ ନେଇ କାର୍ଯ୍ୟ ଆରମ୍ଭ କରିଥିଲେ। ଏମାନେ ପ୍ରଥମେ ମଧ୍ୟପ୍ରଦେଶର କୃଷକମାନଙ୍କୁ ଏଥିରେ ଯୋଡିଥିଲେ। କେଉଁ ଫସଲକୁ କେଉଁ କୀଟନାଶକ କେତେ ମାତ୍ରାରେ ପ୍ରୟୋଗ କରାଯିବ ସେ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଉଛନ୍ତି। ଚାଷୀମାନେ ଏମାନଙ୍କ ଉପାୟରେ ଚାଷ କରିବା ପରେ ପ୍ରଥମ ଉତ୍ପାଦନ ୪୦ ପ୍ରତିଶତ ବୃଦ୍ଧି ଘଟିଥିଲା। ଚାଷ ବାବଦ ଖର୍ଚ୍ଚ ୨୦ ପ୍ରତିଶତ କମ୍ ବି ହୋଇଗଲା। କୃଷକମାନଙ୍କୁ ସବୁବେଳେ ସେମାନଙ୍କ ପ୍ରଶ୍ନର ଉତ୍ତରଦେବା ଲାଗି ଏମାନେ କଲ୍ ସେଣ୍ଟର ଖୋଲିଛନ୍ତି। ଆର୍ଟିଫିସିଆଲ୍ ବେଷ୍ଟ ଆପ୍ ମଧ୍ୟ ରଖାଯାଇଛି। ଏମାନେ କେବଳ ମଧ୍ୟପ୍ରଦେଶ ନୁହେଁ ଛତିଶଗଡ଼, ରାଜସ୍ଥାନ, ଉତ୍ତରପ୍ରଦେଶ ସମେତ ଅନ୍ୟ ରାଜ୍ୟରେ ପାଖାପାଖି ୨.୫୦ ଲକ୍ଷ କୃଷକଙ୍କୁ ଯୋଡି ସାରିଲେଣି। ତିନିବର୍ଷ ମଧ୍ୟରେ ୬ ଲକ୍ଷ କୃଷକଙ୍କୁ ଲାଭ ପହଞ୍ଚାଯାଇଛି। ପ୍ରତିଦିନ ୩ ହଜାରରୁ ଊର୍ଦ୍ଧ୍ୱ କୃଷକ କୃଷି ସମ୍ବନ୍ଧିତ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଏହା ସହ ସମ୍ପର୍କ କରୁଛନ୍ତି। ଯେଉଁ କୃଷକ ସ୍ମାର୍ଟ ଫୋନ୍ ବ୍ୟବହାର ଜାଣି ନାହାନ୍ତି ସେମାନେ ସାଧାରଣ ଫୋନ୍‌ରେ ମିସ୍‌ଡ କଲ୍ ଦେଲେ ସେମାନଙ୍କୁ ସମାଧାନର ଉପାୟ ସମ୍ପର୍କରେ ଜଣାଇ ଦିଆଯାଉଛି। ତିନିବର୍ଷ ପୂର୍ବରୁ ମାତ୍ର ୬ ଲକ୍ଷ ଟଙ୍କାରେ ଆରମ୍ଭ କରାଯାଇଥିବା ଏହି ଗ୍ରାମ୍‌ଫୋନ୍ ଷ୍ଟାର୍ଟଅପ୍ ଏବେ ୧୦୦ କୋଟି ଟପିଯାଇଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ନଭେମ୍ବର ୧୯୯୪

- ଆମେରିକା ଓ ଭାରତ ମିଳିତ ଉଦ୍ୟୋଗରେ ୫ଟି ଶକ୍ତି ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଏକ ରାଜିନାମାରେ ସ୍ୱାକ୍ଷର କରିଛନ୍ତି।
- ହାଇଟିରେ ଭୟଙ୍କର ଝଡ଼ତୋଫାନ ହେବା ଫଳରେ ୪୦୦ ଲୋକଙ୍କ ପ୍ରାଣହାନି।

## ପାଠକ ଶ୍ରେଷ୍ଠ ବିଚାରକ

### 'ଜିରୋ–ଏଫ୍' ମିଶନକୁ ସ୍ୱାଗତ

ମହାଶୟ,

ସମ୍ପ୍ରତି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମାଧ୍ୟମିକ ବିଦ୍ୟାଳୟରେ 'ଜିରୋ–ଏଫ୍ ମିଶନ' ଅର୍ଥାତ୍ ମାଟ୍ରିକ ପରୀକ୍ଷାରେ କେହି ଫେଲ୍ ନ ହେବା ଯୋଜନା ଏକ ସାଧୁ ଉଦ୍ୟମ। ଛୁଟି ଦିନରେ ମଧ୍ୟ ଦଶମ ଶ୍ରେଣୀରେ ଶିକ୍ଷକମାନେ ପାଠ ପଢ଼ାଇବା ବ୍ୟବସ୍ଥା ହେବ, କିନ୍ତୁ ଏଥିରେ ଆନ୍ତରିକତା ସହ ଶିକ୍ଷକମାନେ ସହଯୋଗ କରିବା ଉଚିତ। ଅନେକ ଶିକ୍ଷକ ସହରରେ ରହି ଗ୍ରାମାଞ୍ଚଳ ବିଦ୍ୟାଳୟକୁ ଯିବା ଆସିବା କରନ୍ତି। ତେଣୁ ଛୁଟିଦିନରେ ବିଦ୍ୟାଳୟକୁ ଯାଇ ସେମାନେ କେତେଦୂର ପାଠ ପଢ଼ାଇପାରିବେ ତାହା ଦେଖିବା କଥା। ପୁଣି ଟେଷ୍ଟ ପରୀକ୍ଷା ପରେ ପିଲାମାନେ ବିଦ୍ୟାଳୟର ବାରଣ୍ଡା ମାଡନ୍ତିନି। କିନ୍ତୁ ଘରୋଇ ସ୍କୁଲରେ ବାର୍ଷିକ ପରୀକ୍ଷା ପର୍ଯ୍ୟନ୍ତ ରୀତିମତ ପଢାଯାଏ ଓ ବାରମ୍ବାର ପ୍ରି–ବୋର୍ଡ ପରୀକ୍ଷା ହୁଏ। ସେଭଳି ସରକାରୀ ସ୍କୁଲରେ କରାଗଲେ ଜିରୋ–ଏଫ୍ ମିଶନ ସଫଳ ହେବ।

ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି, ଗଜପତି

### ଭୁଲ୍ ରିପୋର୍ଟକାରୀଙ୍କୁ ଶାସ୍ତି ଦିଆଯାଉ

ଫନୀ ବାତ୍ୟା ଯୋଗୁ ସତ୍ୟବାଦୀ, ବ୍ରହ୍ମଗିରି, ପୁରୀ, ଚନ୍ଦନପୁର ଓ ଅନେକ ଉପକୂଳ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଉକ୍ତ କ୍ଷୟକ୍ଷତିର ଆକଳନ ପାଇଁ ରାଜସ୍ୱ ନିରୀକ୍ଷକ, କୃଷିମିତ୍ର, ଅଧିକାରୀଗଣ ନିୟୋଜିତ ହୋଇଥିଲେ। ଦେଖାଗଲା ଯେଉଁମାନଙ୍କର ସର୍ବମୋଟ ବଖରାଏ ଘର ତାଙ୍କୁ ସମ୍ପୂର୍ଣ୍ଣ ଏବଂ ଯାହାର ତିନି ବଖରା ଘର ରହି ଦୁଇବଖରା ଘର ଓ ରୋଷେଇଘର ପାଚେରି ଭାଙ୍ଗିଛି ତାଙ୍କୁ ଆଂଶିକ କ୍ଷତି ହୋଇଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ସେହିପରି କୃଷି ଅଧିକାରୀ ରବି ଫସଲ କେତେ ନଷ୍ଟ ହୋଇଛି ଦେଖିବାକୁ କୃଷିମିତ୍ରଙ୍କୁ ନିୟୋଜିତ କରିଥିଲେ। ଗୋଟିଏ ଗୋଟିଏ ମୁଗ, ବିରି ନଷ୍ଟ ହୋଇଥିବା ଜମିର ଫଟୋ ଉଠାଇ କମ୍ପ୍ୟୁଟର ଦ୍ୱାରା ଅନ୍ୟ ବ୍ୟକ୍ତିଙ୍କର ଦର୍ଶାଇ ସେମାନେ ଭୁଲ ତଥ୍ୟ ଦେଇଛନ୍ତି। କୃଷି କର୍ମଚାରୀ ଅନେକ କ୍ଷେତ୍ରରେ ପିତାଙ୍କ ନାମ/ସ୍ୱାମୀଙ୍କ ନାମ ଭୁଲ୍ ଲେଖିଛନ୍ତି। ଏବେ ପୁନଃ ତଦାରଖ ହେଉଥିବାରୁ ଦୋଷୀ କର୍ମଚାରୀଙ୍କୁ ଦୃଷ୍ଟାନ୍ତମୂଳକ ଶାସ୍ତି ବିଧାନ କରାଯାଉ।

ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜାତୀୟ ପ୍ରେସ୍ ଦିବସ ପାଳିତ

**ପାରାଦୀପ,୧୬ା୧୧(ସ୍ୱ.ପ୍ର.):** ପାରାଦୀପର କାର୍ଯ୍ୟରତ ଖବରଦାତାମାନେ ଶନିବାର ଜାତୀୟ ପ୍ରେସ୍ ଦିବସ ପାଳନ କରିଛନ୍ତି। ସେଥିରୁ କେତେଜଣ ବଡ଼ପଡ଼ିଆସ୍ଥିତ ପୋର୍ଟ ୱାର୍କର୍ସ ୟୁନିୟନ ପରିସରରେ ପାଳନ କରିଥିବାବେଳେ ଆଉ କେତେଜଣ ନୂଆବଜାର ପ୍ରେସ୍ କ୍ଲବ ପରିସରରେ ଏହି ଦିବସ ପାଳନ କରିଥିଲେ। ବଡ଼ପଡ଼ିଆଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ଖବରଦାତା କୈଳାଶଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ନୂଆ ବଜାର ବୈଠକରେ ଖବରଦାତାମାନେ ସାମିଲ ହୋଇଥିଲେ।

### ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ନୂତନ କର୍ମକର୍ତ୍ତା ନିର୍ବାଚନ

**ଜଗତ୍‌ସିଂହପୁର ଅଫିସ,୧୬ା୧୧:** ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତା ନିର୍ବାଚନ ଶନିବାର ଅନୁଷ୍ଠିତ ହୋଇଛି। ଏଥିରେ କାର୍ଯ୍ୟକାରୀ ସଭାପତି ଭାବେ ବିପ୍ଳବ ଚୌଧୁରୀ, ଉପାଧ୍ୟକ୍ଷ ବିଜୟ କୁମାର ରାଉତ ଓ ଗଣେଶ୍ୱର ମାଣିଆ, ସମ୍ପାଦକ ସାରଦା ଦାସ, କୋଷାଧ୍ୟକ୍ଷ ପ୍ରଶାନ୍ତ ମହାପାତ୍ର, ସହ ସମ୍ପାଦକ ଭାବେ ସୁଧୀର କୁମାର ମହାନ୍ତି ଓ ନରେଶ ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି କାର୍ଯ୍ୟକାରିଣୀ କମିଟି ସଦସ୍ୟଭାବେ ମାନସ ରଥ, ଜ୍ୟୋତିର୍ମୟୀ ମହାନ୍ତି, ଅମରଜ୍ୟୋତି ସାହୁ, ପ୍ରସନ୍ନ କୁମାର ପରିଡ଼ା, ସୁଷମା ପ୍ରଧାନ, ଅବନିକାନ୍ତ ମହାରଣା, ଶଶାଙ୍କ ଶେଖର ପଣ୍ଡା, ମାନସ କାନୁନ୍‌ଗୋ, ବିବେକାନନ୍ଦ ବେହେରା, ପ୍ରଭାତ ଦାଶ, ସୌଭାଗ୍ୟରଞ୍ଜନ ବିଶ୍ୱାଳ, ପ୍ରଜ୍ଞା ପାରମିତା ଚୌଧୁରୀ, ସତ୍ୟବ୍ରତ ବିଶ୍ୱାଳ, ହିମାଂଶୁ ଶେଖର ଆଚାର୍ଯ୍ୟ ଓ ଧ୍ରୁବ ଚରଣ ସାହୁ ମନୋନୀତ ହୋଇଛନ୍ତି। ଅତିରିକ୍ତ ଜିଲାପାଳ ସଚିଦାନନ୍ଦ ସାହୁ ନିର୍ବାଚନ ଅଧିକାରୀ ଭାବେ ଯୋଗ ଦେଇଥିବା ବେଳେ ସହକାରୀ ଜିଲାପାଳ ପ୍ରମୋଦ ମହାପାତ୍ର ଯାଞ୍ଚ ଅଧିକାରୀ ଥିଲେ।

### ଅଢ଼ଙ୍ଗା ପଞ୍ଚାୟତରେ ଭତ୍ତା ବଣ୍ଟନ ମେଳା

**ବାଲିକୁଦା,୧୬ା୧୧(ସ୍ୱ.ପ୍ର.):** ଅଢଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ ଶନିବାର ନୂତନ ଭତ୍ତା ବଣ୍ଟନ ମେଳା ଅନୁଷ୍ଠିତ ହୋଇଛି। ଏହି ଅବସରରେ ସରପଞ୍ଚ ଚିନ୍ମୟୀ ସ୍ୱାଇଁଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ଜଟାଧାରି ଦାସ, ଜିଆର୍‌ଏସ୍ ଚିନ୍ମୟୀ ମହାନ୍ତି, ନାଏବ ସରପଞ୍ଚ ପ୍ରତାପ ବାରିକ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଏହି ମେଳାରେ ୧୦୦ ଜଣ ନୂତନ ହିତାଧିକାରୀଙ୍କୁ ଦୁଇ ମାସର ଭତ୍ତା ପ୍ରଦାନ କରାଯିବା ସହିତ ଏହା ସରକାରଙ୍କ ବୃଦ୍ଧାବୃଦ୍ଧ, ବିଧବା ଓ ଭୀନ୍ନକ୍ଷମଙ୍କ ପାଇଁ ଏକ ପ୍ରୋତ୍ସାହନ ବୋଲି କହିଥିଲେ।

## ଜିଲାସ୍ତରୀୟ ପ୍ରେସ୍ ଦିବସ

# ଗଠନମୂଳକ ସମାଲୋଚନା ଉପରେ ଗୁରୁତ୍ୱ

**ଜଗତ୍‌ସିଂହପୁର ଅଫିସ, ୧୬ା୧୧**

ସମାଲୋଚନା କରନ୍ତୁ। ଏହା ଆପଣମାନଙ୍କ କର୍ତ୍ତବ୍ୟ। କିନ୍ତୁ ତାହା ଗଠନମୂଳକ ହେବା ଦରକାର। ବ୍ୟକ୍ତିଗତସ୍ତରକୁ ଯାଇ ସମାଲୋଚନା କରିବା ଉଚିତ ନୁହେଁ। ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବ ପାଳନ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏଭଳି ବକ୍ତବ୍ୟ ଦେଇଛନ୍ତି । ସେ ଏକଥା ମଧ୍ୟ କହିଛନ୍ତି ଗଣମାଧ୍ୟମ ପ୍ରତିନିଧିମାନେ ୬ଟି ଦିଗ ପ୍ରତି ଯତ୍ନବାନ ହେଲେ ସମାଜର ବାସ୍ତବ ଲକ୍ଷ୍ୟ ପୂରଣ ହୋଇପାରିବ। ସେଗୁଡ଼ିକ ହେଲା ସମାଲୋଚନା, ସତ୍ୟ, ସଚ୍ଚୋଟତା, ସମ୍ଭ୍ରମତା, ସଶକ୍ତ ଓ ସ୍ୱନିୟନ୍ତ୍ରଣ । ଗଣମାଧ୍ୟମ ସତ୍ୟ ଖବର ପରିବେଷଣ କରିବା ଜରୁରୀ। ଏହା ବିଭିନ୍ନ ମାଧ୍ୟମରେ ପରିବେଷଣ କରାଯାଇପାରେ। ସଚ୍ଚୋଟତା କଥା କାହାରିକୁ ଅଛପା ନାହିଁ। ଗଣତନ୍ତ୍ରରେ ନ୍ୟାୟପାଳିକା, ବ୍ୟବସ୍ଥାପିକା ଆଦିରେ କଣ୍ଟ୍ରୋଲ୍ ରହିଛି । କିନ୍ତୁ ଗଣମାଧ୍ୟମର ନାହିଁ। ତେଣୁ ଗଣମାଧ୍ୟମ ପ୍ରତିନିଧିମାନେ ସମ୍ଭ୍ରମତା ଆଚରଣ ପ୍ରଦର୍ଶନ କରିବା ଉଚିତ। କଥାରେ ଅଛି ଧୀର ପାଣି ପଥର କାଟେ । ଫମ୍ପା ମାଠିଆର ଶବ୍ଦ ଅଧିକ। ତେଣୁ ଏ ପ୍ରସଙ୍ଗର ପ୍ରାସଙ୍ଗିକତା ରହିଛି। ସମାଲୋଚନା, ସତ୍ୟ, ସଚ୍ଚୋଟତା ଓ ସମ୍ଭ୍ରମତା ରକ୍ଷା କରିପାରିଲେ ସଶକ୍ତ ହୋଇପାରିବେ। ଶେଷରେ ରହିଲା ସ୍ୱନିୟନ୍ତ୍ରଣ। ନିଜକୁ କେତେ ନିୟନ୍ତ୍ରଣରେ ରଖି ବୃତ୍ତିକୁ ନିଭାଇପାରିବେ ତାହା ହେଲା ଗୁରୁତ୍ୱପୂର୍ଣ୍ଣ। ମୋଟାମୋଟି ଭାବରେ କହିବାକୁ ଗଲେ ସାଧାରଣ ଲୋକଙ୍କ ସ୍ୱରକୁ ସରକାରଙ୍କ ନିକଟରେ ପହଞ୍ଚାଇବାରେ ଗଣମାଧ୍ୟମର ଭୂମିକା ସର୍ବାଗ୍ରେ ବୋଲି ଜିଲାପାଳ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି ୪ଟି ସ୍ତମ୍ଭ ମଜଭୂତ ରହିଲେ ଗଣତନ୍ତ୍ର ସୁଦୃଢ଼ ରହିବ ବୋଲି ମତ ରଖିଥିଲେ। ନିରପେକ୍ଷ, ସତ୍ୟ ଓ ନିର୍ଭିକ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ। କାର୍ଯ୍ୟକ୍ରମରେ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ପୌରୋହିତ୍ୟ କରି କହିଥିଲେ, ଗଣମାଧ୍ୟମ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ରୂପେ କାର୍ଯ୍ୟ କରିଥାଏ। ନଗଡ଼ାର ପ୍ରତିଛବି ଗଣମାଧ୍ୟମ ଯୋଗୁ ଲୋକ ଲୋଚନକୁ ଆସି ପାରିଥିଲା ବୋଲି କହିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବା ବର୍ଣ୍ଣନା କରିଥିଲେ।

ଉତ୍ସବରେ ଖବରଦାତା ପ୍ରଦୀପ୍ତ କିଶୋର ଚୌଧୁରୀ, ଶଶାଙ୍କ ଶେଖର ପଣ୍ଡା, ଅମରଜ୍ୟୋତି ସାହୁ, ପ୍ରମୋଦ କୁମାର ନାୟକ ଓ ମନୋଜ ଦାସ ପ୍ରମୁଖ ସମାଜରେ ଗଣମାଧ୍ୟମର ଭୂମିକା, ସେମାନଙ୍କ ସ୍ୱାର୍ଥ, ଅଧିକାର, ସୁରକ୍ଷା, ଗୁଣାତ୍ମକ ଓ ନିରପେକ୍ଷ ଖବର ପରିବେଷଣ, ବାକ୍ ସ୍ୱାଧୀନତା, ପ୍ରଶାସନିକ ଦାୟିତ୍ୱବୋଧ ଆଦି ଉପରେ ବକ୍ତବ୍ୟ ରଖିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ଉପ ପରିଚାଳକ ସୁକାନ୍ତ କୁମାର ପ୍ରଧାନ ଜାତୀୟ ପ୍ରେସ୍ ଦିବସର ଅନୁଚିନ୍ତା ଠିକ ଖବର ଓ ନିର୍ଭିକ ସାମ୍ବାଦିକତା ଶୀର୍ଷକ କବିତା ଆବୃତ୍ତି କରିଥିଲେ। ପୂର୍ବାହ୍ନରେ ସ୍ଥାନୀୟ କଲେଜ ଛକ ନିକଟରୁ ପଦଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ଏହାକୁ ଜିଲାପାଳ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଜିଲାପାଳଙ୍କ ସହିତ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଉପଜିଲାପାଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ କୁମାର ଲେଙ୍କା, ବିବୁଧ କୁମାର ମହାନ୍ତି, ଗଣମାଧ୍ୟମ ପ୍ରତିନିଧି, ଏନ୍‌ସିସି ଓ ସ୍କାଉଟ୍ ଗାଇଡ୍ ଛାତ୍ରୀଛାତ୍ର, ସହରର ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ। ପ୍ରେସ୍ କାଉନସିଲ ଅଫ ଇଣ୍ଡିଆ ପ୍ରଦତ୍ତ ଦିବସର ଶୀର୍ଷକ ଖବର ପରିବେଷଣ ବ୍ୟାଖ୍ୟାନ ଏକ ଅଭିଯାନ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । ଉତ୍ସବରେ ଆଇନଜୀବୀ ଦୋଳଗୋବିନ୍ଦ ଦାଶ, ବିରନାରାୟଣ ପାତ୍ର, ବରିଷ୍ଠ ନାଗରିକ ଗୌରାଙ୍ଗ ଚରଣ ହୋତା, ଜିଲା ଓ ବ୍ଲକସ୍ତରୀୟ ଖବରଦାତାମାନେ ଯୋଗ ଦେଇଥିଲେ। ଶେଷରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

## ଆଇଓସିଏଲ୍ ପକ୍ଷରୁ କୃଷି ପ୍ରଶିକ୍ଷଣ ଶିବିର



ଶିବିରରେ ଚାଷୀଙ୍କୁ କିଟ୍ ବଣ୍ଟନ କରାଯାଉଛି।

**ବାଲିଆ,୧୬ା୧୧**

କୃଷି ଓ କୃଷକର ଉନ୍ନତି ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଏହିକ୍ରମରେ ଶନିବାର (ଆଇଓସିଏଲ୍) ଇଣ୍ଡିଆନ ଅଏଲ କର୍ପୋରେଶନ ଲିମିଟେଡ୍ ଓ ସ୍ନେହା ଟ୍ରଷ୍ଟର ମିଳିତ ଅନୁକୂଲ୍ୟରେ ବିରିଡି ବ୍ଲକର ଅରଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୃଷି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ସରପଞ୍ଚ ସୁଦେଷ୍ଣା ପଟ୍ଟନାୟକ ଉଦ୍‌ଘାଟନ କରିଛନ୍ତି। ଟ୍ରଷ୍ଟ ଚେୟାରମ୍ୟାନ ପ୍ରଭାସ ମହାନ୍ତି, ରବିନାରାୟଣ ସିଂ, ନିରଞ୍ଜନ ମଲ୍ଲିକ, ପୂର୍ବତନ ସମିତିସଭ୍ୟ ଜିତେନ ବେହେରା, ନାଏବ ସରପଞ୍ଚ ସନ୍ତୋଷ କୁମାର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଶିକ୍ଷକଭାବେ ବିଶ୍ୱରଞ୍ଜନ ସେଠୀ, ଦେବୀପ୍ରସାଦ ପତି ଚାଷୀଙ୍କୁ ବିଭିନ୍ନ ଉନ୍ନତ ଚାଷ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ବିଶେଷକରି କମ୍ ଖର୍ଚ୍ଚରେ ଅଧିକ ଲାଭ କରିବାକୁ ହେଲେ ଛତୁ ଚାଷକରି ଉପକୃତ ହବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସାଗର ବେହେରା, ସଂଗ୍ରାମ ଭୋଇ, ଅମୀୟ ରଞ୍ଜନ ମହାନ୍ତି, ଗଣେଶ୍ୱର ବେହେରା, ଗୟାଧର ସ୍ୱାଇଁ, ସତ୍ୟଜିତ ଭୂୟାଁ, ସବ୍ୟସାଚୀ ଭୂୟାଁ, ସତ୍ୟଜିତ ଖଣ୍ଡୁଆଳ, ଜସୋବନ୍ତ ବେହେରାଙ୍କ ସମେତ ଶତାଧିକ ଚାଷୀ ଯୋଗ ଦେଇଥିଲେ। ଚାଷୀଙ୍କୁ କିଟ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିତେନ୍ ବେହେରା ପରିଚାଳନା କରିଥିଲେ।

## ଗଡେଶ୍ୱର ଯୁବ ପରିଷଦର ବାର୍ଷିକୋତ୍ସବ ଉଦ୍‌ଯାପିତ



ଯୁବ ପରିଷଦ ବାର୍ଷିକ ଉତ୍ସବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ତିର୍ତ୍ତୋଲ,୧୬ା୧୧(ଡି.ଏନ୍.ଏ.)**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଇନ୍ଦ୍ରିସିଂ ପଞ୍ଚାତର ଖନ୍ଦୋଳସ୍ଥିତ ଗଡେଶ୍ୱର ଯୁବ ପରିଷଦର ବାର୍ଷିକୋତ୍ସବ ୨ଦିନ ଧରି ଅନୁଷ୍ଠିତ ହୋଇଛି। ଏହି ଅବସରରେ କବିତା ପାଠୋତ୍ସବ, ସମ୍ବର୍ଦ୍ଧନା ସଭା, ଆଲୋଚନା ଚକ୍ର, ସାଂସ୍କୃତିକ ବିଚିତ୍ରା, ପ୍ରତିଭା ଅନ୍ୱେଷଣ ପ୍ରଭୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ସାମାଜିକ କର୍ମୀ ପ୍ରେମ ଚରଣ ରାଉତ ଉଦ୍‌ଘାଟନ କରିଥିଲେ। ପ୍ରିତୀ ପୌର୍ଣ୍ଣମାସୀର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ ଅରୁଣ ପ୍ରସାଦ ସାହୁ ଯୋଗଦେଇ ଗ୍ରାମାଞ୍ଚଳରେ ଆୟୋଜିତ ଏହିପରି ସାଂସ୍କୃତିକ ସଭା ଭାଇଚାରା ସୃଷ୍ଟି କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବରେ ଲେଖକ ତଥା ନାଟ୍ୟକାର ପ୍ରଶାନ୍ତ କୁମାର ଦଳାଇ, ସମ୍ମାନିତ ଅତିଥି ପୂର୍ବତନ ଜିଲାପରିଷଦ ହେମନ୍ତ କୁମାର ନାୟକ, ସାହିତ୍ୟିକ ରଞ୍ଜନ କୁମାର ସାମଲ ପ୍ରମୁଖ ଯୋଗଦେଇ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଏହାପରେ ନିଳମଣୀ ମଲ୍ଲିକ ଏବଂ ବସନ୍ତ ମଞ୍ଜରୀ ଦାସଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠୋତ୍ସବରେ ବହୁ କବି ସ୍ୱରଚିତ କବିତା ପାଠକରିଥିଲେ । ଉଦ୍‌ଯାପନୀ ଉତ୍ସବରେ ମୁଖପତ୍ର 'ପ୍ରୀତି ପୌର୍ଣ୍ଣମାସୀ' ଉନ୍ମୋଚନ ସହ ସମ୍ବର୍ଦ୍ଧନାସଭା ଓ ସମ୍ଭାବନାରେ ରାସର ଭୂମିକା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବରଗଡ଼ ଧନୁଯାତ୍ରର ପୂର୍ବତନ କଂସ କଳାକାହ୍ନୁ ଚୌହାନ, ମୁଖ୍ୟବକ୍ତା କବି ଓ ଗୀତିକାର ଶୁଭକୁମାର ଦାଶ ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ପାରାଦୀପର ପୌରପରିଷଦର ପୂର୍ବତନ ପିଆରଓ ପ୍ରକାଶ ଚନ୍ଦ୍ର ଦାସ, କବି ନଗେନ୍ଦ୍ରନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଡାକ୍ତର ଶୁଭକୁମାର ଦାଶ, ଆରଜେ କେପି, ଆରଜେ ଗୁଣ୍ଡୀ, ଜ୍ୟୋତିର୍ମୟୀ ମହାନ୍ତି, ଶକ୍ତି ପ୍ରସାଦ ଦେବତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କମିଟି ଗଠିତ

**ପାରାଦୀପ,୧୬ା୧୧(ସ୍ୱ.ପ୍ର.)**

ପାରାଦୀପ ଶିଳ୍ପାଞ୍ଚଳ ଏବେ ବହୁଧାଭାବେ ପ୍ରଦୂଷିତ ବୋଲି କେନ୍ଦ୍ର ଓ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସେପ୍ଟେମ୍ବର ୧୯ରେ ଘୋଷଣା କରାଯାଇଛି। ଜଳ ଓ ବାୟୁର ପ୍ରଦୂଷଣମାତ୍ରା (କ୍ରିଟିକାଲ) ମାରାତ୍ମକ ବୋଲି ଜଣାଯାଇଛି। ଏପରି ପ୍ରଦୂଷଣକୁ ନିୟମିତ ସମୀକ୍ଷା କରିବା ପାଇଁ ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ସଚିବ ମୋନା ଶର୍ମା ଜଗତ୍‌ସିଂହପୁର ଜିଲାପାଳଙ୍କୁ ଚିଠି ଲେଖିଥିଲେ। ଏଥିରେ ଦର୍ଶାଯାଇଥିଲା ପାରାଦୀପ ପ୍ରଦୂଷଣକୁ ଏକ ଜିଲାସ୍ତରୀୟ କମିଟି ନିୟମିତ ସମୀକ୍ଷା କରି ଏନ୍‌ଜିଟିକୁ ରିପୋର୍ଟ ପ୍ରଦାନ କରିବ। ଏହି କ୍ରମରେ ଜିଲା ପ୍ରଶାସନ ଏକ ୧୩ ଜଣିଆ କମିଟି ଗଠନ କରିଛନ୍ତି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଅଧ୍ୟକ୍ଷ ଅଛନ୍ତି। ସଦସ୍ୟଭାବେ ପାରାଦୀପ ଅତିରିକ୍ତ ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଡିଏଫଓ ରାଜନଗର, ଖଣିବିଭାଗ ଯାଜପୁରର ଉପନିର୍ଦ୍ଦେଶକ, ସହକାରୀ ନିର୍ଦ୍ଦେଶକ କାରଖାନା ଓ ବାଷ୍ପିତ ବିଭାଗ, ସାଧାରଣ ପରିଚାଳକ ଜିଲା ଶିଳ୍ପକେନ୍ଦ୍ର, ପୌରନିର୍ବାହୀ ଅଧିକାରୀ ପାରାଦୀପ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ, ପାରାଦୀପର ଦୁଇ ବରିଷ୍ଠ ନାଗରିକ ସଙ୍ଗଠନ ଏବଂ ଦୁଇ ପଞ୍ଜୀକୃତ ସ୍ୱେଚ୍ଛାସେବୀ ସଙ୍ଗଠନ ରହିଛନ୍ତି। ଦୁଇ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଶିକ୍ଷାବିତ୍ ମନୋରଞ୍ଜନ ଦାଶ, ଶ୍ରମିକନେତା ଅନନ୍ତ ଦାଶ ଅଛନ୍ତି। ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ବାବା ବାଲୁଙ୍କେଶ୍ୱର ଗ୍ରାମ ବିକାଶ ପରିଷଦଙ୍କ ଆହ୍ୱାନ କମ୍ପାଇନ୍ସ ଥିବା ଜଣାଯାଇଛି। ଏହି କମିଟି ପ୍ରଦୂଷଣ ନିୟନ୍ତ୍ରଣ କରିବା ପାଇଁ ଏକ ଆକ୍ସନ୍ ପ୍ଲାନ ପ୍ରସ୍ତୁତ କରିବେ। ପ୍ରତିକାର କାର ପାଇଁ କ'ଣ ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗକୁ ଜଣାଇବେ।

## ୬୦ ୟୁନିଟ୍ ରକ୍ତ ସଂଗ୍ରହ

**ପାରାଦୀପ,୧୬ା୧୧(ସ୍ୱ.ପ୍ର.)**

ପାରାଦୀପ କଲେଜ ପରିସରରେ ଶନିବାର ୫ଟି ସଂସ୍ଥାର ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ରୋଟାରୀ କ୍ଲବ, ଏନସିସି, ଏନ୍‌ଏସ୍‌ଏସ୍, ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଓ ଯୁବ ରେଡ୍‌କ୍ରସ ପକ୍ଷରୁ ଏହି ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଶିବିରକୁ କଲେଜ ଅଧ୍ୟକ୍ଷା ସୁପ୍ରିୟା କାନୁନ୍‌ଗୋ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ଦର ଚିକିତ୍ସାଳୟର ଡା. ଦୁର୍ଗାପ୍ରସାଦ ସେଠୀ, ବନ୍ଦର କ୍ୟାପଟେନ ଅଲେଖ ଚନ୍ଦ୍ର ସାହୁ, ଅଧ୍ୟାପକ ଅଭୟ ସ୍ୱାଇଁ, ଦୀପକ ଷଡ଼ଙ୍ଗୀ, ପ୍ରଶାନ୍ତ ମହାପାତ୍ର, ଗଣେଶ୍ୱର ପାତ୍ର, ଏନ୍‌ସିସି ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର: ପରୀକ୍ଷା କଲେ ୧୪୨୬ ଦିବ୍ୟାଙ୍ଗ

**ଏରସମା,୧୬ା୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ପରିସରରେ ଶନିବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ୧,୪୨୬ ଦିବ୍ୟାଙ୍ଗଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିରେ ଚକ୍ଷୁ ୧୬୮, ଶ୍ରବଣ ଶକ୍ତି ବାଧିତ ୨୨୩, ମାନସିକ ଅନଗ୍ରସର ୩୧୦, ଅସ୍ଥିଶଲ୍ୟ ବିଭାଗର ୭୨୫ ଜଣ ଦିବ୍ୟାଙ୍ଗ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ଜିଲା ଜନମଙ୍ଗଳ ଅଧିକାରୀ ଏ ଡବ୍ଲ୍ୟୁ ଖାନ, ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଏରସମା ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି, ନଳିନୀ କୁମାର ମନ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ବିଭଗୀୟ ଡାକ୍ତର ପରୀକ୍ଷା କରିଥିଲେ।

**ଏସ୍.ଇ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୧୯/୬୦।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତ୍ୟେକ ସାମଗ୍ରୀ ଲାଗି ପ୍ରଦତ୍ତ ତାରିଖର ୧୫.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି, ଯାହାକୁ ୧୫୩୦ ଘଟିକାରେ ଖୋଲାଯିବ। **କ୍ର.ସଂ., ଟେଣ୍ଡର ନଂ., କାର୍ଯ୍ୟର ବର୍ଣ୍ଣନା, ଟେଣ୍ଡର ମୂଲ୍ୟ ଓ ଅମାନତ ରାଶି: (୧) ଇ-କେକିପି-ଦକ୍ଷିଣ-୨୭-୨୦୧୯:** ଏଡିଇଏନ୍/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ରୁପସା-ବାଙ୍ଗିରିପୋଷୀ ଓ ରୁପସା-ରାଣିତାଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୧୬ ଗୋଟି ଟୁଲ୍ ରୁମ୍‌ର ନିର୍ମାଣ ଏବଂ ଗ୍ୟାଙ୍ଗସର ୪ ଗୋଟି ଟୁଲ୍ ରୁମ୍ ତଥା ରେଷ୍ଟ ରୁମ୍‌ର ପୁନରୁଦ୍ଧାର, ସେପ୍ଟିକ୍ ଟାଙ୍କି ସହ ୧୮ ଗୋଟି ଶୌଚାଳୟ, ୧୬ ଗୋଟି ହ୍ୟାଣ୍ଡ ଟ୍ୟୁବ୍‌ୱେଲ୍ ଓ ବୋର୍‌ୱେଲ୍ ତଥା ୧୧ ଗୋଟି ସାଇକେଲ ଷ୍ଟାଣ୍ଡ ନିର୍ମାଣ। ₹୧,୨୫,୧୧,୫୦୦.୯୬ ଏବଂ ₹୨,୧୨,୬୦୦.୦୦। **(୨) ଇ-କେକିପି-ସାଉଥ୍-୨୯-୨୦୧୯:** ଖଡ଼ଗପୁର ଡିଭିଜନ ପାଇଁ ପାକୁର/ବାକୁଡିହ ଡିପୋଠାରେ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରସ୍‌ଡ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳପଥ ୱାଗନ୍/ହପରରେ ଲୋଡିଂ କରିବା (୬୪.୨୦୪ ସିୟୁଏମ୍), ₹୬,୫୦,୧୮,୧୦୬.୭୨ ଏବଂ ₹୪,୭୫,୧୦୦.୦୦ **(୩) ଇ-କେକିପି-ସାଉଥ୍-୩୦-୨୦୧୯,** ଖଡ଼ଗପୁର - ରୁପସା : ବ୍ରିଜ୍‌ଗୁଡ଼ିକ ପାଇଁ ଫ୍ଲୋରିଂ, ବାଲାଷ୍ଟ ରିଟେନର, ଷ୍ଟାଣ୍ଡାର୍ଡ ବ୍ରିଜ୍ ଟାବ୍‌ଲେଟ୍‌ର ବ୍ୟବସ୍ଥା, କ୍ଷତିଗ୍ରସ୍ତ ସ୍ଲାବ୍ ଓ ୱିଙ୍ଗ୍ ୱାଲ୍‌କୁ ବଦଳାଇବା ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ (୨ୟ କଲ)। ₹୧,୯୦,୦୬,୯୩୨.୧୧ ଏବଂ ₹୨,୪୫,୦୦୦.୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** କ୍ର.ସଂ. ୧ ଓ ୩ ପାଇଁ ₹୫,୦୦୦/- ଓ କ୍ର.ସଂ. ୨ ପାଇଁ ₹୧୦,୦୦୦/- । **କାର୍ଯ୍ୟର ସମାପ୍ତି ଅବଧି:** କ୍ର.ସଂ. ୧ ପାଇଁ ୧୫ (ପନ୍ଦର) ମାସ, କ୍ର.ସଂ. ୨ ପାଇଁ ୬ (ଛଅ) ମାସ, କ୍ର.ସଂ. ୩ ପାଇଁ ୮ (ଆଠ) ମାସ। **ଖୋଲାଯିବାର ତାରିଖ:** କ୍ର.ସଂ. ୧ ପାଇଁ ତା୧୦।୧୨।୨୦୧୯ରିଖ ଓ କ୍ର.ସଂ. ୨ ଓ ୩ ପାଇଁ ତା୧୯।୧୨।୨୦୧୯ରିଖ। **ବିଡିଂ ଆରମ୍ଭ ତାରିଖ:** ତା୨୬।୧୧।୨୦୧୯ଠାରୁ ଏବଂ କ୍ର.ସଂ. ୧ ପାଇଁ ତା୧୦।୧୨।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଓ କ୍ର.ସଂ. ୨ ଓ ୩ ପାଇଁ ତା୧୯।୧୨।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ **www.ireps.gov.in** ପରିଦର୍ଶନ କରିପାରନ୍ତି। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। (PR-1019)

## ଖବରଦାତାଙ୍କ କଣ୍ଠରୋଧର ପ୍ରତିବାଦ

**ଏରସମା,୧୬ା୧୧(ସ୍ୱ.ପ୍ର.)**

ଏରସମା ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଶନିବାର ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଛି। ଏରସମା ସାମ୍ବାଦିକ ସଂଘର ସଭାପତି ସୁଶୀଲ କୁମାର ମହାନ୍ତି ଅଧକ୍ଷତା କରି କହିଲେ ଏରସମା ବ୍ଲକରେ କାର୍ଯ୍ୟ ଆରମ୍ଭ କରିଥିବା କମ୍ପାନୀ ଏରସମା ଖବରଦାତାଙ୍କୁ ଅଣଦେଖା କରିବା ଦୁର୍ଭାଗ୍ୟଜନକ। ଏହା ଖବରଦାତାଙ୍କ କଣ୍ଠରୋଧ ସହ ସମାନ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି କହିଥିଲେ। ଏହି ସଭାରେ ଏରସମା ବ୍ଲକ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବିଡିଓ କୈଳାସ ଚନ୍ଦ୍ର ବେହେରା, ସମିତି ସଭ୍ୟ ଧୃବ ସୁବୁଦ୍ଧି, ଅନୀଲ କୁମାର ରାଉତ, ଅରୁଣ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିପ୍ରେସ୍‌ଦିବସ ଉପରେ ଆଲୋକପାତ କରିଥିଲେ। ଏଥିରେ ସଂଘର ଉପସଭାପତି ଚନ୍ଦ୍ରଜିତ ଦାସ, ସମ୍ପାଦକ ଦୀପ୍ତି ଖଣ୍ଡୁଆଳ, କୋଷାଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ବେହେରା, ପ୍ରଫୁଲ ଦାସ, ମନୋଜ କୁମାର ସାହୁ, ରମାକାନ୍ତ ଦାସ, ପ୍ରଶାନ୍ତ ମହାପାତ୍ର, ଅରୁଣ ବେହେରା, ସ୍ମୃତି ରଞ୍ଜନ ମହାନ୍ତି, ଅଂଶୁମାନ ମିଶ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ଦେଇଥିଲେ।

**ଜିଲାସ୍ତରୀୟ ପ୍ରେସ୍ ଦିବସ**

## ଏସ୍‌ଏଚ୍‌ଜି ମହିଳାଙ୍କୁ ଋଣ ପ୍ରଦାନ ମେଳା

**ରଘୁନାଥପୁର, ୧୬ା୧୧ (ଡି.ଏନ.ଏ.)–**

ରଘୁନାଥପୁର ଏସ୍‌ବିଆଇ ପକ୍ଷରୁ ଏସ୍‌ଏଚ୍ ମହିଳାଙ୍କୁ ଋଣ ପ୍ରଦାନ ନିମନ୍ତେ ଏକ ମେଳା ଅନୁଷ୍ଠିତ ହୋଇଯାଇଛି। ଫିଲ୍ଡ ଅଫିସର ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଜ୍ୟୋତି ମହାସଂଘ ସଭାକକ୍ଷରେ ଆୟୋଜିତ ମେଳାରେ ବିଡିଓ ପଞ୍ଚାନନ ପଟାୟତ, ସିଡିପିଓ ଜ୍ୟୋସ୍ନାରାଣୀ ମଲ୍ଲିକ, ଓଡ଼ିଶା ଜୀବିକା ମିଶନର ବିପିଏମ୍ କଳ୍ପନା ଦଳାଇ, ମିଶନ ଶକ୍ତିର ବିପିସି ସ୍ନେହପ୍ରିୟା ସ୍ୱାଇଁ ଓ ସୁପରଭାଇଜର ସଂଯୁକ୍ତା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ମେଳାରେ ୨୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୨୮.୭୦ ଲକ୍ଷ ଟଙ୍କାର ଆପ୍ରୁଭାଲ ଲେଟର ପ୍ରଦାନ କରାଯାଇଥିଲା। ଆଗାମୀଦିନରେ ଅନ୍ୟ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ ମେଳାର ଆୟୋଜନ କରାଯିବ ବୋଲି ମିଶନ ଶକ୍ତିର ବିପିସି ସ୍ୱାଇଁ ପ୍ରକାଶ କରିଥିଲେ।

**କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯**

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

**ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ। ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ।**

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha



ବାସ୍ତବତାଠାରୁ ଲୋକଙ୍କୁ ଦୂରେଇ ରଖିବା ଲାଗି କେନ୍ଦ୍ର ସରକାର ଯୋଜନାବଦ୍ଧ ଭାବେ ବିଭିନ୍ନ ଅନୁପଯୋଗୀ ମନ୍ତବ୍ୟମାନ ଦେଉଛନ୍ତି।
–ରଣଦୀପ ସୁର୍ଜେୱାଲା,
କଂଗ୍ରେସ ମୁଖ୍ୟ ମୁଖପାତ୍ର

# ଘୋଡ଼ାବେପାର ଉଦ୍ୟମ କରୁଛି ଭାଜପା

**ମୁମ୍ବାଇ,୧୬।୧୧(ପି.ଟି.)**

## ଶିବସେନାର ଅଭିଯୋଗ

ମହାରାଷ୍ଟ୍ରରେ ସରକାର ଗଠନ ପାଇଁ ଅସାମର୍ଥ୍ୟ ପ୍ରକାଶ କରିଥିବା ଭାଜପା ଶୁକ୍ରବାର ପୁଣି ଥରେ ଏଥିପାଇଁ ଆଗ୍ରହ ପ୍ରକାଶ କରିଥିବାରୁ ଏହା ଘୋଡ଼ାବେପାରର ସୂଚନା ଦେଉଥିବା ଶିବସେନା ଅଭିଯୋଗ କରିଛି। ଶିବସେନା-ଏନ୍‌ସିପି-କଂଗ୍ରେସ ସରକାର ୬ ମାସ ତିଷ୍ଠିବ ନାହିଁ ବୋଲି ପୂର୍ବତନ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନ୍‌ବିସ କହିଥିଲାବେଳେ ନୂଆ ରାଜନୈତିକ ସମୀକରଣ ଅନେକ ନେତାଙ୍କ ମୁଣ୍ଡବ୍ୟଥାର କାରଣ ହୋଇଛି ବୋଲି ଶିବସେନା ଏହାର ମୁଖପତ୍ର 'ସାମ୍‌ନା'ରେ ଲେଖିଛି। ଭାଜପା ସପକ୍ଷରେ ୧୧୯ ବିଧାୟକଙ୍କ ସମର୍ଥନ ରହିଛି। ଏହି ଦଳ ଖୁବ୍‌ଶୀଘ୍ର ସରକାର ଗଢ଼ିବ ବୋଲି ଶୁକ୍ରବାର ମହାରାଷ୍ଟ୍ର ଭାଜପା ସଭାପତି ଚନ୍ଦ୍ରକାନ୍ତ ପାଟିଲ କହିଥିଲେ। ୧୦୫ ଆସନରେ ଜିତିଥିବାରୁ ସରକାର ଗଢ଼ିବା ପାଇଁ ସଂଖ୍ୟାଗରିଷ୍ଠତା ନ ଥିବା ଯେଉଁମାନେ ରାଜ୍ୟପାଳଙ୍କୁ ଜଣାଇଥିଲେ, ଏବେ ସେମାନେ ସରକାର ଗଠନ ପାଇଁ କିପରି ଦାବି କରୁଛନ୍ତି ବୋଲି ସାମ୍‌ନାରେ ପ୍ରଶ୍ନ କରାଯାଇଛି। ଏଥିରେ ଭାଜପାର ଘୋଡ଼ାବେପାର ସ୍ପଷ୍ଟ ହୋଇଯାଇଛି। ସେମାନଙ୍କ ସ୍ୱଚ୍ଛ ଶାସନ ପ୍ରତିଶ୍ରୁତି ସମ୍ପୂର୍ଣ୍ଣ ମିଥ୍ୟା ଏହା ପ୍ରମାଣିତ ହୋଇଥିବା ଶିବସେନା କହିଛି।

ସୂଚନାଯୋଗ୍ୟ, କୌଣସି ଦଳ ସରକାର ଗଢ଼ିବାକୁ ସମର୍ଥ ନ ହେବାରୁ ମଙ୍ଗଳବାରଠାରୁ ମହାରାଷ୍ଟ୍ରରେ ରାଷ୍ଟ୍ରପତି ଶାସନ ଲାଗୁ ହୋଇଛି। ଏବେ କଂଗ୍ରେସ ଏବଂ ଏନ୍‌ସିପି ସହଯୋଗରେ ଶିବସେନା ସରକାର ଗଢ଼ିବାକୁ ଉଦ୍ୟମ ଜାରି ରଖିଛି।

## ବିରୋଧୀ ଆସନରେ ବସିବ ଶିବସେନା

**କଲମ୍ବୋ,୧୬।୧୧(ପି.ଟି.):** ମହାରାଷ୍ଟ୍ରରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ମତପାର୍ଥକ୍ୟ ପରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରରୁ ଶିବସେନା ଓହରିଯାଇଥିଲା। ସୋମବାରରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିବାବେଳେ ରାଜ୍ୟ ସଭାରେ ଶିବସେନା ଏମ୍‌ପିମାନଙ୍କ ଆସନ ବଦଳିଛି। ଏମ୍‌ପି ସଞ୍ଜୟ ରାଉତ୍ ଓ ଅନିଲ ଦେଶାଇ ବିରୋଧୀ ଦଳ ଆସନରେ ବସିବେ ବୋଲି ଏକ ସୂତ୍ରରୁ ଜଣାପଡିଛି।

## ଏନ୍‌ଡିଏ ବୈଠକରେ ଯୋଗଦେବନି

**ମୁମ୍ବାଇ,୧୬।୧୧(ପି.ଟି.)**

ସୋମବାରଠାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେଉଥିଲାବେଳେ ରଣନୀତି ସ୍ଥିର କରିବା ଲାଗି ରବିବାର ଏନ୍‌ଡିଏ ବୈଠକ ବସୁଛି। ତେବେ ଶିବସେନା ଏହି ବୈଠକରେ ଯୋଗଦେବ ନାହିଁ ବୋଲି ଏହାର ନେତା ସଞ୍ଜୟ ରାଉତ୍ ଗଣମାଧ୍ୟମକୁ


ସଞ୍ଜୟ ରାଉତ୍

ସୂଚନା ଦେଇଛନ୍ତି। ଉଦ୍ଧବ ଠାକ୍‌ରେଙ୍କ ଦଳ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏରୁ ଓହରିଯାଇଛି, କେବଳ ଔପଚାରିକତା ବାକି ରହିଛି ବୋଲି ରାଉତ୍ କହିଛନ୍ତି। ଏନ୍‌ଡିଏ ମେଣ୍ଟ ପ୍ରତିଷ୍ଠାରେ ଶିବସେନା ଓ ଅକାଳୀ ଦଳର ସମାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ପଦ ପାଳିରେ ପାଇବା ନେଇ ଏନ୍‌ଡିଏର ପୁରୁଣା ସହଯୋଗୀ ଅଡ଼ିବସିବା ଫଳରେ ସେଠାରେ ସରକାର ଗଠନ ସମ୍ଭବ ହୋଇ ନ ଥିଲା। ଗତ ୧୧ ତାରିଖରେ ନରେନ୍ଦ୍ର ମୋଦି ସରକାରରୁ ଏକମାତ୍ର ଶିବସେନା ମନ୍ତ୍ରୀ ଅରବିନ୍ଦ ସାୱନ୍ତ ଇସ୍ତଫା ଦେଇଥିଲେ। ଶିବସେନାକୁ ମହାରାଷ୍ଟ୍ରରେ ସରକାର ଗଠନରେ ସମର୍ଥନ ଦେବା ପାଇଁ ଏନ୍‌ସିପି ନେତା ଶରଦ ପାୱାର ସାୱନ୍ତଙ୍କ ଇସ୍ତଫା ଓ ଏନ୍‌ଡିଏରୁ ଓହରିଆସିବା ସର୍ତ୍ତ ରଖିଥିଲେ। ରବିବାର ବୈଠକ ପାଇଁ ଶିବସେନାକୁ ଆମନ୍ତ୍ରଣ କରାଯାଇ ନାହିଁ। ତେଣୁ ଆମେ ବୈଠକରେ ଯୋଗ ନ ଦେବାକୁ ନିଷ୍ପତ୍ତି ନେଇସାରିଛୁ ବୋଲି ରାଉତ୍ କହିଛନ୍ତି। ମହାରାଷ୍ଟ୍ରରେ ମେଣ୍ଟ ସରକାର ଗଠନ ଲାଗି ସାଧାରଣ ସର୍ବନିମ୍ନ କାର୍ଯ୍ୟକ୍ରମ (ସିଏମ୍‌ପି) ନେଇ ଶିବସେନା, ଏନ୍‌ସିପି ଏବଂ କଂଗ୍ରେସ ମଧ୍ୟରେ ସହମତି ହୋଇସାରିଛି। ଏନେଇ ଦିଲ୍ଲୀରେ ଆଲୋଚନା କରିବା ଆବଶ୍ୟକ ନାହିଁ ବୋଲି ଶିବସେନା ଏମ୍‌ପି କହିଛନ୍ତି।

## ନୌସେନା ପ୍ରଶିକ୍ଷଣ ବିମାନ ଦୁର୍ଘଟଣା

**ପଣଜୀ, ୧୬।୧୧(ପି.ଟି.) :** ଭାରତୀୟ ନୌସେନାର ଏକ ମିଗ୍ ପ୍ରଶିକ୍ଷଣ ବିମାନ ଶନିବାର ସକାଳେ ଗୋଆର ଗ୍ରାମାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଥିବା ୨ ପାଇଲଟ ଏମ୍. ସେଓଖଣ୍ଡ ଏବଂ ଦୀପକ ଯାଦବ ଅଳ୍ପକେ ବର୍ତ୍ତିଯାଇଥିବା କୁହାଯାଇଛି। ବିମାନ ଇଞ୍ଜିନ୍‌ରେ ନିଆଁ ଲାଗିବାରୁ ଭର୍ନାସ୍ଥିତ ପାର୍ବତ୍ୟାଞ୍ଚଳରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଗୋଆ ପୋଲିସ ଓ ନୌସେନା ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

## ୭ ମାଓବାଦୀଙ୍କ ଆତ୍ମସମର୍ପଣ

**ବିଜାପୁର, ୧୬।୧୧(ପି.ଟି.) :** ଛତିଶଗଡ଼ର ବିଜାପୁର ଜିଲାରେ ଶନିବାର ୩ ମହିଳାଙ୍କ ସମେତ ୭ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ନାମରେ ୧ ଲକ୍ଷରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଘୋଷଣା କରାଯାଇଥିଲା। ବରିଷ୍ଠ ମାଓବାଦୀମାନେ ସେମାନଙ୍କୁ ଶୋଷଣ କରିବା ଓ ମାଓବାଦୀଙ୍କ କଠୋର ନୀତି ସେମାନଙ୍କୁ ଅସହ୍ୟ ହୋଇଥିବା ବସ୍ତର ରେଞ୍ଜ ଆଇଜିପି ସୁନ୍ଦରରାଜ ପି'ଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ପ୍ରକାଶ କରିଛନ୍ତି। ଉକ୍ତ ଲୋକାଲ ଅର୍ଗାନାଇଜେଶନର ଡେପୁଟି କମାଣ୍ଡାଣ୍ଟ ରାମ୍‌ଜି ଓରଫ ବିଟେମ୍ କରନ୍, ପ୍ଲାଟୁନ ନମ୍ବର-୨ର ଡେପୁଟି କମାଣ୍ଡାଣ୍ଟ ଲଖ୍‌ମୁ ମୋଡ଼ିୟାମ୍ ପ୍ରମୁଖ ଏମାନଙ୍କ ମଧ୍ୟରେ ଅଛନ୍ତି।


୧୫ ଦିନିଆ ବୁନ୍ଦି ଉତ୍ସବ ଅବସରରେ ରାଜସ୍ଥାନର କୋଟାଠାରେ ଶନିବାର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ ଲାଗି ମତଦାନ ଶେଷ

**କଲମ୍ବୋ,୧୬।୧୧(ପି.ଟି.)**

ଶ୍ରୀଲଙ୍କାରେ ନୂଆ ରାଷ୍ଟ୍ରପତି ନିର୍ବାଚନ ଲାଗି ଶନିବାର ଭୋଟଗ୍ରହଣ ଅନୁଷ୍ଠିତ ହୋଇଯାଇଛି। ସଂଖ୍ୟାଲଘୁ ମୁସଲମାନ ଭୋଟରମାନଙ୍କୁ ନେଇ ଯାଉଥିବା ବସ୍ ଉପରେ ଆକ୍ରମଣ ସମେତ କେତେକ ସ୍ଥାନରେ ହିଂସାକାଣ୍ଡ ଘଟିଛି। ରାଷ୍ଟ୍ରପତି ପଦ ଲାଗି ୩୫ ପ୍ରାର୍ଥୀ ନିର୍ବାଚନ ଲଢ଼ୁଛନ୍ତି। ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରେ ଅଛନ୍ତି ପୂର୍ବତନ ପ୍ରତିରକ୍ଷା ସଚିବ ଗୋଟାବାୟା ରାଜପାକ୍‌ସେ, ଶାସକ ଦଳର ସାଜିଥ୍ ପ୍ରେମଦାସା ଏବଂ ନ୍ୟାଶନାଲ ପିପୁଲ୍ସ ପାୱାର (ଏନ୍‌ପିପି) ମେଣ୍ଟରୁ ଅନୁରା କୁମାର ଦିସାନାୟକେ। ରାଷ୍ଟ୍ରପତି ମୈତ୍ରୀପାଳ ସିରିସେନାଙ୍କ ଉତ୍ତରାଧିକାରୀ ଚୟନ ଲାଗି ୧ କୋଟି ୫୯ ଲକ୍ଷ ଭୋଟର ମତଦାନ କରିଛନ୍ତି। ଏଥିପାଇଁ ସର୍ବାଧିକ ୧୨,୮୪୫ ବୁଥ୍ ସ୍ଥାପନ ସାଙ୍ଗକୁ ୨୬ ଇଞ୍ଚ ଲମ୍ବର ବାଲଟ ପେପର ବ୍ୟବହାର କରାଯାଇଥିଲା। ଇଷ୍ଟର ବେଳେ ଶ୍ରୀଲଙ୍କାର ତିନୋଟି ଚର୍ଚ୍ଚ ଓ ୩ ପ୍ରମୁଖ ହୋଟେଲରେ


ଶାସକ ଦଳ ପ୍ରାର୍ଥୀ ସାଜିଥ୍ ପ୍ରେମଦାସା

## ମୁସଲମାନ ଭୋଟରଙ୍କୁ ନେଇ ଯାଉଥିବା ବସ୍ ଉପରେ ଆକ୍ରମଣ

ଆଇଏସ୍ ଆତଙ୍କବାଦୀ ବିସ୍ଫୋରଣ ଘଟାଇଥିଲେ, ଯେଉଁଥିରେ ୨୬୯ ଜଣଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଶ୍ରୀଲଙ୍କା ଅର୍ଥନୀତିର ମୁଖ୍ୟ ଉତ୍ସ କୁହାଯାଉଥିବା ପର୍ଯ୍ୟଟକ ଶିଳ୍ପ ଗୁରୁତର ପ୍ରଭାବିତ ହୋଇଥିଲା। ଏହାର ୭ ମାସ ପରେ ସେଠାରେ ନିର୍ବାଚନ ଅନୁଷ୍ଠିତ ହେଉଛି।

# ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ଶପଥ ନେଲେ ଜଷ୍ଟିସ୍ କୁରେଶୀ

**ଅଗରତାଳା,୧୬।୧୧ (ଆଇଏଏନ୍‌ଏସ୍)**

ତ୍ରିପୁରା ହାଇକୋର୍ଟର ପଞ୍ଚମ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଅକିଲ ଅବଦୁଲ ହମିଦ କୁରେଶୀ ଶନିବାର ଶପଥ ନେଇଛନ୍ତି। ସେ ପୂର୍ବରୁ ଗୁଜରାଟ ଓ ବମ୍ବେ ହାଇକୋର୍ଟର ବିଚାରପତି ଭାବେ କାର୍ଯ୍ୟ କରିଥିଲେ। ରାଜଭବନର ଦରବାର ହଲ୍‌ରେ ଅନୁଷ୍ଠିତ ଏକ ନିରାଡମ୍ବର ଉତ୍ସବରେ ରାଜ୍ୟପାଳ ରମେଶ ବାଏସ୍ ନୂଆ ମୁଖ୍ୟ ବିଚାରପତିଙ୍କୁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ତ୍ରିପୁରା ମୁଖ୍ୟମନ୍ତ୍ରୀ ବିପ୍ଲବ କୁମାର ଦେବ, ଉପମୁଖ୍ୟମନ୍ତ୍ରୀ ଜିଷ୍ଣୁ ଦେବ ବର୍ମା, ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ଦୁଇଜଣ ବିଚାରପତି, ବିଭିନ୍ନ ଦଳର ନେତା, ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ବିଚାରପତି ନିଯୁକ୍ତିକୁ ଆଇନ ମନ୍ତ୍ରଣାଳୟର ନ୍ୟାୟ ବିଭାଗ ୬ ମାସରୁ ଊର୍ଦ୍ଧ୍ୱ ପକାଇରଖିବା ପରେ ଜଷ୍ଟିସ୍ କୁରେଶୀଙ୍କୁ ଏହି ପଦରେ ନିଯୁକ୍ତି ନେଇ



ଗତ ସପ୍ତାହରେ ବିଜ୍ଞପ୍ତି ଜାରି କରିଥିଲା। ଭାରତର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ସୁପ୍ରିମକୋର୍ଟ କଲେଜିୟମ ଗତ ମେ ମାସରେ ଜଷ୍ଟିସ୍ କୁରେଶୀଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପାରିସ କରିଥିଲା। ତେବେ ନ୍ୟାୟ ବିଭାଗ ଏହାକୁ ଅନୁମୋଦନ କରି ନ ଥିଲା। ସେପ୍ଟେମ୍ବର ୨୦ରେ କଲେଜିୟମ ଏହାର ସୁପାରିସ୍‌ରେ ପରିବର୍ତ୍ତନ କରି ଜଷ୍ଟିସ୍ କୁରେଶୀଙ୍କୁ ତ୍ରିପୁରା ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଦେବା ଲାଗି ଅନୁମୋଦନ କରିଥିଲା।

# ହଂକଂରେ ଚାଇନାର ସେନା ମୁତୟନ

**ବେଜିଂ, ୧୬।୧୧(ପି.ଟି.)**

ହଂକଂରେ ଗତ ୫ ମାସ ଧରି ଗଣତନ୍ତ୍ର ସପକ୍ଷବାଦୀଙ୍କ ବିକ୍ଷୋଭ ଜାରି ରହିଥିବାବେଳେ ପ୍ରଥମ ଥର ଲାଗି ଶନିବାର ଚାଇନା ପକ୍ଷରୁ ସେଠାରେ ପିଏଲ୍‌ଏ ସେନା ମୁତୟନ କରାଯାଇଛି। କୋଲୁନ୍ ଗ୍ୟାରିଶନଠାରେ ଚାଇନାର ସାଦା ପୋଷାକଧାରୀ ସେନା ମୁତୟନ ହୋଇଥିବା ଜଣାପଡ଼ିଛି। ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ଓ ଯାତାୟତ ପଥ ସୁଗମକରିବା ଲାଗି ଚାଇନା ଏଭଳି ପଦକ୍ଷେପ ଗ୍ରହଣ କରିଥିବା କୁହାଯାଉଛି। ହଂକଂର 'ସାଉଥ୍ ଚାଇନା ମର୍ଣ୍ଣିଂ ପୋଷ୍ଟ' ପକ୍ଷରୁ ଏକ ରିପୋର୍ଟରେ ଏହା ଦର୍ଶାଯାଇଛି। ଗ୍ରୀନ୍ ଟି-ସାର୍ଟ ସହ ବ୍ଲାକ୍ ସର୍ଟ ପିନ୍ଧିଥିବା ଚାଇନା ସୈନ୍ୟ ବାପିଷ୍ଟ ୟୁନିଭର୍ସିଟି ନିକଟରେ ଥିବା ଜଣାପଡ଼ିଛି। ହିଂସା ରୋକିବା ଲାଗି ଏଭଳି ପଦକ୍ଷେପ ଚାଇନା ନେଇଛି। ହଂକଂ ସରକାର ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ କରାଯିବାର ନାହିଁ ବୋଲି ଜଣେ ସୈନ୍ୟ କହିଛନ୍ତି।

# ୩୦ରେ କଂଗ୍ରେସର 'ଭାରତ ବଚାଓ ର୍‍ୟାଲି'

**ନୂଆଦିଲ୍ଲୀ,୧୬।୧୧(ପି.ଟି.)**

କେନ୍ଦ୍ର ସରକାରଙ୍କ ବିଫଳତା ଓ ଜନବିରୋଧୀ ନୀତିର ପ୍ରତିବାଦରେ କଂଗ୍ରେସ ଜିଲା ଓ ରାଜ୍ୟ ସ୍ତରରେ ଚଳାଇଥିବା ଆନ୍ଦୋଳନ ଆସନ୍ତା ୩୦ରେ ରାମଲୀଳା ମଇଦାନରେ ବିଶାଳ ର୍‍ୟାଲି ସହ ଶେଷ ହେବ। ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଙ୍କ ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ନଭେମ୍ବର ୫ରୁ ୧୫ ପର୍ଯ୍ୟନ୍ତ ଦେଶର ବିଭିନ୍ନ ଭାଗରେ ଆନ୍ଦୋଳନ କରିବାକୁ କଂଗ୍ରେସ ଯୋଜନା କରିଥିଲା। ଶନିବାର ଦିଲ୍ଲୀରେ ଏଆଇସିସି ବୈଠକ ବସି ଜିଲା ଓ ରାଜ୍ୟ ସ୍ତରରେ ଆନ୍ଦୋଳନ ୨୫ ତାରିଖ ପର୍ଯ୍ୟନ୍ତ ଚଳାଇବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିବା ଏହାର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ବୈଠକରେ ବିଭିନ୍ନ ରାଜ୍ୟର କଂଗ୍ରେସ ସଭାପତି, ସାଧାରଣ ସମ୍ପାଦକ ଏବଂ ରାଜ୍ୟ ପ୍ରଭାରୀମାନେ ଯୋଗଦେଇଥିଲେ। କେନ୍ଦ୍ର ସରକାରଙ୍କ ଭୁଲ୍ ନୀତି ପାଇଁ ଦେଶବାସୀ ଦୁର୍ଦ୍ଦଶାର ସମ୍ମୁଖୀନ ଭୋଗୁଛନ୍ତି। ତେଣୁ ୩୦ରେ ଦିଲ୍ଲୀର ରାମଲୀଳା ମଇଦାନରେ ବିଶାଳ ଭାରତ ବଚାଓ ର୍‍ୟାଲି କରିବା ପାଇଁ ଦଳ ନିଷ୍ପତ୍ତି ନେଇଛି।

# ମେଡିକାଲ ଛାତ୍ରୀଙ୍କୁ ର୍‍ୟାଗିଂ

**ପଲ୍‌ଘର୍, ୧୬।୧୧(ପି.ଟି.)**

## ୧୬ ଡାକ୍ତରଙ୍କ ବିରୋଧରେ ମାମଲା

ମହାରାଷ୍ଟ୍ରର ପଲ୍‌ଘର୍‌ସ୍ଥିତ ଡା. ଏମ୍.ଏଲ୍. ଧୱାଲେ ମେମୋରିଆଲ ହୋମିଓପ୍ୟାଥିକ୍ ଇନ୍‌ଷ୍ଟିଚ୍ୟୁଟରେ ଜଣେ ଛାତ୍ରୀଙ୍କୁ ର୍‍ୟାଗିଂ କରାଯିବା ଅଭିଯୋଗରେ ୧୬ ଡାକ୍ତରଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିବା ପୋଲିସ କହିଛି। ଗୁରୁବାର ଅନୁଷ୍ଠିତ କଲେଜ୍‌ର ଏକ କାର୍ଯ୍ୟକ୍ରମରେ କେତେ ଜଣ ବରିଷ୍ଠ ଛାତ୍ର ତାଙ୍କୁ ର୍‍ୟାଗିଂ କରିଥିବା ଅଭିଯୋଗ ହୋଇଛି। ଅଦ୍ୟାବଧି ପୋଲିସ କାହାକୁ ଗିରଫ କରି ନ ଥିବାବେଳେ ତଦନ୍ତ ଜାରି ରହିଥିବା ପଲ୍‌ଘର୍ ପୋଲିସ ଷ୍ଟେଶନର ପିଆର୍‌ଓ ହେମନ୍ତ କଟ୍‌କର ପ୍ରକାଶ କରିଛନ୍ତି।

## [ଇତିହାସର ଆଇନାରେ] ନଭେମ୍ବର ୧୭ର ପ୍ରମୁଖ ଘଟଣା

୨୦୧୩ ନଭେମ୍ବର ୧୭ରେ ରୁଷିଆର କଜନ ବିମାନବନ୍ଦରରେ ତତରସ୍ତାନ ଏୟାରଲାଇନ୍ସର ଏକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଥିବା ୫୦ ଯାତ୍ରୀ ପ୍ରାଣ ହରାଇଥିଲେ। ତଦନ୍ତ ପରେ ପାଇଲଟ୍‌ଙ୍କ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ହୋଇଥିବା କୁହାଯାଇଛି।

୨୦୧୨ ନଭେମ୍ବର ୧୭ରେ ଇଜିପ୍ଟର ମନଫଲୁଟ୍‌ରେ ରେଳ ଦୁର୍ଘଟଣାରେ ବସ୍ ଡ୍ରାଇଭରଙ୍କ ସହ ୫୧ ଛାତ୍ର ପ୍ରାଣ ହରାଇଥିଲେ। ପ୍ରାୟ ୭୦ ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଏକ ବସ୍ ରେଳ ଲାଇନ୍ କ୍ରସ କରୁଥିବା ବେଳେ ଏଭଳି ଦୁର୍ଘଟଣା ହୋଇଥିଲା। ଆହତ ୧୭ ଜଣଙ୍କୁ ଚିକିତ୍ସା ଲାଗି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

Cashbeen ଆଣିଛି
ସହଜରେ ଋଣ ପାଇବାର ସୁବର୍ଣ୍ଣ ସୁଯୋଗ। କେବଳ ପ୍ୟାନ୍‌କାର୍ଡ ସାହାଯ୍ୟରେ ମାତ୍ର 1% ସର୍ବାଧିକ ସୁଧରେ 50000 - 2000000 ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ।
ଯୋଗାଯୋଗ କରନ୍ତୁ
9470240552
7596892410
PATNA

ଥରେ ସେବାର ସୁଯୋଗ ନିଶ୍ଚୟ ଦିଅନ୍ତୁ
LOAN
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ସମଗ୍ର ଓଡ଼ିଶାରେ ପ୍ରଥମ ଥର ପାଇଁ
ମୁଦ୍ରା ଫାଇନାନ୍ସ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ୍ ଋଣ
ଏଗ୍ରିକଲ୍‌ଚର ଋଣ
ସବୁ ପ୍ରକାର ଋଣ
2% ସୁଧ - 50% ଛାଡ଼ ସହିତ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
ଠକମାନଙ୍କ ପ୍ରତି ସାବଧାନ
7289948952
7289999543
SCF-14, Aggarwal Estate, South Delhi

E-MUDRA FINANCE
All Odisha
★ Mudra Loan
★ Cash Credit Loan
★ Vehicle Loan
★ Agriculture Loan
★ Personal Loan
★ Business Loan
★ Mortgage Loan
★ Housing Loan
All types of Loan@ 1% Interest 50% Subsidy
Fund Received in 24 Hours
9614873562
B-34/A Block, Vijay Enclave, Burari, New Delhi

BARSA FINANCE
ବ୍ୟବସାୟ, ପର୍ସନାଲ, ପ୍ରପର୍ଟି, ମାର୍କଶିଟ୍, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗୃହ ଋଣ
ସମସ୍ତ ପ୍ରକାର LOAN
BARSA FINANCE
ଯୋଗାଇ ଦେଉଛି। ସୁଧ=1%
M = 7656825259
7656825281
Add - 61/25, SEC-2, Pushp Vihar, Delhi - Laing, Sundargarh, Odisha

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Bansal Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ। ଜଣକୁ ଚାକିରି ମିଳିବ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
07376033092

ଡାଇରେକ୍ଟ କମ୍ପାନୀର ଡିଜିଟାଲ ଟାୱାର୍
ଟାୱାର୍ କମ୍ପାନୀ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ କମ୍ପାନୀ
ନିଜର ଖାଲି ଜମି, ଛାତ, କ୍ଷେତ, ପ୍ଲଟ୍ ଉପରେ ଡିଜିଟାଲ୍ ଟାୱାର୍ ଲଗାନ୍ତୁ। ଅଗ୍ରିମ 90 ଲକ୍ଷ, ଭଡ଼ା 60 ହଜାର + ବାଇକ୍। 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
7838639856
8826558929

ASTROLOGY

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, କୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, କୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

EDUCATION

CONGRATULATIONS TO ALL SUCCESSFUL STUDENTS OF OCS (MAIN) EXAM.-2018
LISAS'IAS CELEBRATES 27th YEAR OF SUCCESS
FREE GUIDANCE FOR OAS (VIVA-VOCE)
BATCH STARTS FROM 17.11.2019
LISAS' SUCCESS IN OAS
2017 : 41 (5 in Top 20)
2016 : 58 (4 in Top 20)
2015 : 155 (6 in Top 20)
2011 : 154 (Topper, 5 in Top 10 & 10 in Top 20)
2010 : 180 (Lady Topper & 6 in Top 10)
2000 : 93 (Topper, Lady Topper & 6 in Top 10)
1997 : 55 (Topper, Lady Topper)
1996 : 7 (Topper)
1995 : 7
LISAS'IAS
2, Budha Nagar (Near Kalpana Chowk), BBSR-6
9338222113
9337594620
CORRESPONDENCE COURSE ALSO AVAILABLE

REAL ESTATE

LEASE
Rotary Eye Hospital, Bhubaneswar is looking for a leased out Building/Duplex/ House/ (Residential or Commercial) on the GF and FF. Carpet area has to be around 4500 square feet.
For details kindly Contact
7978116070



# ଅଭୁଲା ବାଲିଯାତ୍ରା



ବାଲିଯାତ୍ରା ଓଡିଶାର ସଂସ୍କୃତି, ଐତିହ୍ୟ, ସ୍ୱାଭିମାନ ଓ ପରମ୍ପରା ସହ ଜଡିତ ଏବଂ ସାଧବ ପୁଅମାନଙ୍କ ଦରିଆ ପାରି ନୌବାଣିଜ୍ୟର ସ୍ମାରକୀ ତେବେ ବର୍ଷକୁ ଥରେ ବାଲିଯାତ୍ରା ବୁଲିବାର ମଜା ସ୍ୱତନ୍ତ୍ର। ଏହାକୁ ନେଇ ନିଜର କିଛି ଅଭୁଲା ସ୍ମୃତି ସମ୍ପର୍କରେ ଯାହା କୁହନ୍ତି ...

## ଦୋଳିରେ ବସି ପ୍ୟାଣ୍ଟରେ ପରିସ୍ରା କରି ଦେଇଥିଲି



ପିଲାବେଳେ ବାଲିଯାତ୍ରାରେ ପଡୁଥିବା ଦୋଳି ଦେଖିଲେ ଡର ଲାଗୁଥିଲା। ଏତେ ଉଚ୍ଚରେ ବସିଲେ କେମିତି ଲାଗିବ ବୋଲି ସବୁବେଳେ ମନରେ ପ୍ରଶ୍ନ ଉଠେ। ବାପାଙ୍କୁ ଏ କଥା କହିବା ପରେ ଦୋଳିରେ ବସିବାର ଦିନ ଆସିଲା। ବାପା ଜୋର୍ କରି ମୋତେ ଦୋଳିରେ ବସାଇ ଦେଇଥିଲେ। ହେଲେ ଦୋଳିରେ ବସିବା ପରେ ଭାରି ଡର ଲାଗିଥିଲା। ଏପରିକି ପ୍ୟାଣ୍ଟରେ ସୁସୁ(ପରିସ୍ରା) ହେଇ ଯାଇଥିଲା। ପରିସ୍ରା ଛିଟିକି ଆଖପାଖ ଲୋକଙ୍କ ଉପରେ ପଡ଼ିଥିଲା। ସେ ଦୋଳିବାଲା ବାଧ୍ୟରେ ଦୋଳି ବନ୍ଦ କରିଥିଲା। ସେଦିନଠାରୁ ଦୋଳି ପାଖ ମାଡ଼େନି। ଏ କଥା ହେଉଛି ବରିଷ୍ଠ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କ ବାଲିଯାତ୍ରା ଅନୁଭୂତି।

ପିଲାଦିନର ବାଲିଯାତ୍ରା ଆଉ ଏବେର ବାଲିଯାତ୍ରା ଭିତରେ ଅନେକ ଫରକ। ସବୁ କ୍ଷେତ୍ରରେ ପରିବର୍ତ୍ତନ ଘଟିଲାଣି। ପୂର୍ବରୁ ହାତଗଣତି କେତୋଟି ଦୋକାନ ବସୁଥିଲା। ଏବେ ହଜାରରୁ ଊର୍ଦ୍ଧ୍ୱ ଦୋକାନ। ହାତଟଣା ରିକ୍ସା ଆଉ ଘୋଡ଼ାଗାଡ଼ିରେ ବୁଲିବାର ମଜା ନିଆରା ଥିଲା, ଯାହା ଏବେ ଆଉ ଦେଖିବାକୁ ମିଳୁନି। ରିକ୍ସାରେ ବାଲିଯାତ୍ରା ବୁଲିବାକୁ ୧୦ ଟଙ୍କା ପଡୁଥିଲା। ବମ୍ବେ ମିଠେଇ ଓ ଦହିବରା ଆଳୁଦମ୍ ଖାଇବା ମୋର ଭାରି ପସନ୍ଦ ଥିଲା। ବାଲିଯାତ୍ରାରେ ବୁଲୁଥିବା ବେଳେ ଥରେ ଆଖି ପଡିଗଲେ ପାଟିରେ ଲାଳ ଆସିଯାଏ । ୩ ଟଙ୍କାରେ ପେଟପୂରା ଦହିବରା ଆଳୁଦମ୍ ମିଳୁଥିଲା । ମସିହା ମନେନାହିଁ, କିନ୍ତୁ ସେଦିନର ସବୁ ଘଟଣା ଏବେବି ମନେପଡିଗଲେ ମୁହଁରେ ହସ ଆସିଯାଏ ଆଉ ଲାଜ ବି ମାଡ଼େ। ବାଲିଯାତ୍ରାକୁ ବହୁ ସର୍କସ ଦଳ ଆସନ୍ତି। ଯାଦୁଖେଳ ଦେଖିବା ପାଇଁ ଠେଲାପେଲା ଲାଗେ। ବାଲିଯାତ୍ରାରେ ମେଲୋଡି କାର୍ଯ୍ୟକ୍ରମ କରିବାରେ ବହୁତ ମଜାଥାଏ । ଯେତେ ବଡ଼ କଳାକାର ହେଲେ ବି ନର୍ଭସ ଲାଗିଥାଏ। ଲୋକମାନେ ମୋର କମେଡ଼ି ଡାଇଲଗ୍ ଶୁଣିବାକୁ ବହୁତ ଭଲ ପାଉଥିଲେ। ବଡ଼ ପରଦାରେ ଅଭିନେତା ହୋଇ ଗଲା ପରେ ଗହଳି ଭିତରେ ଯିବା ବହୁତ କଷ୍ଟ ଲାଗେ ଆଉ ଏଥିରୁ ଖୁସି ବି ମିଳେ। ଏବେ ପ୍ରାୟ ବହୁ ଜାଗାରେ ବାଲିଯାତ୍ରା ହେଲାଣି। କିନ୍ତୁ କଟକ ବାଲିଯାତ୍ରାର ବାସ୍ନା କିଛି ଅଲଗା।

**–ଜୟୀରାମ ସାମଲ**
**ହାସ୍ୟାଭିନେତା**

## ଦର୍ଶକଙ୍କ କରତାଳି ମନରେ ଭରିଥିଲା ଅପୂର୍ବ ଆନନ୍ଦ



ବାଲିଯାତ୍ରା ଓ କଟକ– ଏକ ଏବଂ ଅଭିନ୍ନ । ବାଲିଯାତ୍ରା କଥା କହିଲେ କଟକର ନାଁ ଆପେ ଆପେ ଯୋଡ଼ି ହୋଇଯାଏ । ଏହା ଓଡ଼ିଶାର ସଂସ୍କୃତି, ଐତିହ୍ୟ, ସ୍ୱାଭିମାନ ଓ ପରମ୍ପରା ସହ ଜଡିତ ଏବଂ ସାଧବ ପୁଅମାନଙ୍କର ଦରିଆପାରି ନୌବାଣିଜ୍ୟର ସ୍ମାରକ। ମୁଁ ମେଡିକାଲ କଲେଜରେ ପଢ଼ିଲାବେଳକୁ ତଥା ରାଇଜିଂ ଷ୍ଟାରରେ ଫୁଟବଲ ଖେଳିଲା ବେଳୁ ୧୯୭୦ ମସିହାରୁ ବାଲିଯାତ୍ରା ଦେଖିଆସୁଛି । ଯେଉଁଠି ଥିଲେ ବି ପ୍ରତିବର୍ଷ ବାଲିଯାତ୍ରା ଦେଖିବା ଥୟ। ଆଗ ଉପର ପଡ଼ିଆରେ ଖୁବ୍ ଜାକଜମକରେ ହେଉଥିଲା, ଏବେ ଉପର ଓ ତଳ ପଡ଼ିଆ ଦୁଇଟି ଜାଗାରେ ହେଉଛି। ଆଗ ଅଳ୍ପ କାଠଦୋଳି ଥିଲା। ଏବେ ଅତ୍ୟାଧୁନିକ ଦୋଳି ସହ ଅନେକ ଅତ୍ୟାଧୁନିକ ଦୋଳି ସଂଖ୍ୟା ବଢ଼ିଗଲାଣି। ପରିବର୍ତ୍ତନ ଯେତେ ହେଉନା କାହିଁକି, ଦହିବରା ଓ ଠୁଙ୍କାପୁରୀ ଖାଇବା ବିନା ବାଲିଯାତ୍ରାର ମଜା ଅଧୁରା। ଯଦିଓ ବାଲିଯାତ୍ରାକୁ ନେଇ ଅନେକ ଅନୁଭୂତି ରହିଛି, ତେବେ ଗୋଟିଏ ଅଭୁଲା ସ୍ମୃତି ବାଣ୍ଟିବାକୁ ଚାହିଁବି। ଗୋଟିଏ ବର୍ଷ ବାଲିଯାତ୍ରାରେ 'କନ୍ୟାଭ୍ରୁଣ ହତ୍ୟା' ଉପରେ ବାଲୁକାକଳା ପ୍ରଦର୍ଶନ କରାଯାଉଥିଲା। ସେତେବେଳେ ମୋ ପତ୍ନୀ ଡା. ସରୋଜିନୀ ଷଡ଼ଙ୍ଗୀଙ୍କର କନ୍ୟାଭ୍ରୂଣ ହତ୍ୟା ଉପରେ ଲିଖିତ କବିତା 'ଆତ୍ମଜା' ସର୍ବଭାରତୀୟ ସ୍ତରରେ ସ୍ୱୀକୃତି ପାଇଥିଲା ଏବଂ ଉକ୍ତ ବାଲୁକାଶିଳ୍ପ ପାର୍ଶ୍ୱରେ ଗୋଟିଏ ବୋର୍ଡରେ ପ୍ରଦର୍ଶିତ ହୋଇଥିଲା। ବୈଷ୍ଣବ ପାଣି ମଞ୍ଚ, ଯାହା ବାଲିଯାତ୍ରାର ପ୍ରାଣକେନ୍ଦ୍ର, ସେଠାରେ ଆମେ ଦୁହେଁ 'ଆତ୍ମଜା' କବିତାକୁ ଆବୃତ୍ତି କରି ଭାଷଣ ଦେଇଥିଲୁ। ତାହା ହଜାର ହଜାର ଦର୍ଶକଙ୍କ ମନକୁ ଛୁଇଁଥିଲା । ପ୍ରବଳ କରତାଳି ଭିତରେ ସମସ୍ତେ ତା'କୁ ଯେଉଁଭଳି ସ୍ୱାଗତ କରିଥିଲେ, ତାହା ମୋ ପାଇଁ ଖୁବ୍ ସ୍ମରଣୀୟ ଥିଲା। ଶେଷରେ ଏତିକି କହିବି, ବାଲିଯାତ୍ରା ଅନନ୍ୟ, ବାଲିଯାତ୍ରା ଅପୂର୍ବ, ବାଲିଯାତ୍ରା ଅବର୍ଣ୍ଣନୀୟ ; ଯାହାର ନାଁ ଉଚ୍ଚାରଣରେ ମନରେ ଏକ ଅନନ୍ୟ ଆନନ୍ଦ ସୃଷ୍ଟିହୁଏ ଓ ପାଦ ଆପେ ଆପେ ଟାଣି ହୋଇଯାଏ ବାଲିଯାତ୍ରା ପଡ଼ିଆକୁ।

**– ଡା. ରମାରମଣ ଷଡ଼ଙ୍ଗୀ**
**ହୃଦ୍‌ବକ୍ଷ ଶଲ୍ୟ ବିଶେଷଜ୍ଞ**

## ସାରା ରାତି ବାଲିଯାତ୍ରା ବୁଲି ଗାଳି ଖାଇଥିଲୁ



ବାଲିଯାତ୍ରା ଏମିତି ଏକ ଉତ୍ସବ, ଯାହା ଖାଲି ଆମ କଟକିଆଙ୍କ ପାଇଁ ନୁହେଁ ଅନ୍ୟଆଡୁ ଆସୁଥିବା ପ୍ରତ୍ୟେକଙ୍କ ଲାଗି ଅନୁଭୂତିଭରା। ପୂର୍ବରୁ ଏହା ମାତ୍ର ୪ ଦିନ ହେଉଥିଲା। ଦିନକୁ ଦିନ ଲୋକଙ୍କ ଚାହିଦାକୁ ଆଖି ଆଗରେ ରଖି ଏହାର ସମୟସୀମା ବୃଦ୍ଧି ସହ ସବୁକିଛିରେ ପରିବର୍ତ୍ତନ ଆସିଛି। ହେଲେ ପିଲାବେଳର ସେ ବାଲିଯାତ୍ରା ବୁଲିବାର ମଜାକୁ ଏବେବି ମିସ୍ କରୁଛି। କହିବାକୁ ଗଲେ ସେତେବେଳେ କଟକ ଆମ ପାଇଁ ସହର ନୁହେଁ ଥିଲା ଆମ ଗାଁ, ଆଉ ବାଲିଯାତ୍ରା କୌଣସି ବଡ ଉତ୍ସବ ନୁହେଁ ; ଲାଗୁଥିଲା ଯେପରି କୌଣସି ବଡ ପର୍ବରେ ଗାଁ ମେଳା। ବାଲିଯାତ୍ରା ସମୟ ଆସିଗଲେ ଖୁସିରେ ଗୋଡ ତଳେ ଲାଗୁ ନ ଥିଲା। ଘରୁ ଟଙ୍କା ନେଇ ଯାତ୍ରାରେ ବୁଲିବୁଲି ଖାଇବା, ଦୋଳି ଖେଳିବା ସହ ମଞ୍ଚରେ ପରିବେଷଣ ହେଉଥିବା ଡ୍ରାମା ଦେଖିବାର ଖୁସି ଥିଲା ସ୍ୱତନ୍ତ୍ର। ମନେପଡୁଛି ଦିନକର କଥା। ଆମେ କେତେଜଣ ସାଙ୍ଗ ଏକାଠି ବୁଲିବାକୁ ଗଲୁ। ମଜାମସ୍ତି ଭିତରେ ସମୟ ଦେଖିବାକୁ ଭୁଲିଯାଇଥିଲୁ। ସେତେବେଳେ ମୋବାଇଲ୍ ଫୋନ୍ ବି ନ ଥିଲା ଯେ, ଡେରି ହେଲେ ତାଗିଦ୍ କରିବାକୁ ଘରୁ କଲ୍‌ଟିଏ ଚାଲିଯିବ। ତେଣୁ ବୁଲାବୁଲିରେ ଏତେ ମସ୍‌ଗୁଲ୍ ହୋଇଯାଇଥିଲୁ, ରାତି ପାହି କେତେବେଳେ ସକାଳ ହେଇଗଲା ଜଣା ପଡିଲା ନାହିଁ। ଆଉ ଯେତେବେଳ ଘରେ ପହଞ୍ଚିଲୁ, ରାତିସାରା କି ବୁଲା ବୁଲୁଛ ଯେ ସମୟଜ୍ଞାନ ରହୁନି ବୋଲି ଯେତେ ଗାଳି ମାଡ ହୋଇଥିଲା ତାହା ନ କହିବା ଭଲ। ତା'ଛଡା ସେଦିନ ରାତିରେ ଆମ ସହ ବୁଲିବା ବେଳେ ପଞ୍ଚାନନ ନାୟକ(ଗୀତିକାର) ଆବଶ୍ୟକରୁ ଏତେ ଅଧିକ ଆଇସ୍‌କ୍ରିମ୍ ଖାଇଥିଲେ ଯେ, ପ୍ରାୟ ଏକମାସ ପର୍ଯ୍ୟନ୍ତ ତାଙ୍କୁ ଜ୍ୱର ଛାଡି ନ ଥିଲା। ସେଦିନ ବାଲିଯାତ୍ରାର ସେ ଅନୁଭୂତି ଏବେବି ମନରେ ସତେଜ।

**– ମୋହିତ ଚକ୍ରବର୍ତ୍ତୀ**
**ଗୀତିକାର**

ୟୁ|ଥ୍|ଆ|ଲ|ର୍ଟ

## ପର୍‌ଫ୍ୟୁମ୍ ବ୍ୟବହାର କରୁଥିଲେ...

ପର୍‌ଫ୍ୟୁମ୍ ବ୍ୟବହାର କରିବା ଯୁବପିଢ଼ିଙ୍କୁ କେତେ ପସନ୍ଦ ତାହା କହିବା ବାହୁଲ୍ୟମାତ୍ର। ପୋଷକରୁ ଝାଳଗନ୍ଧଠୁ ଦୂରେଇ ରଖିବା ସହ ମୁଡ୍ ଫ୍ରେଶ ରଖିବା ଲାଗି ସେମାନେ ବିଭିନ୍ନ ପ୍ରକାରର ସୁଗନ୍ଧଯୁକ୍ତ ଫର୍‌ଫ୍ୟୁମ୍ ବାଛିଥା'ନ୍ତି। ହେଲେ ଆପଣ ଜାଣନ୍ତି କି ପର୍‌ଫ୍ୟୁମ୍‌କୁ ସୁଗନ୍ଧିତ କରିବା ଲାଗି ବ୍ୟବହୃତ କେମିକାଲ ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ। ଜାଣିରଖନ୍ତୁ ସେ ସମ୍ପର୍କରେ...

■ ପୃଥିବୀର ବିଭିନ୍ନ ଗବେଷଣା ସଂସ୍ଥା ପକ୍ଷରୁ ପର୍‌ଫ୍ୟୁମ୍‌ରେ ବ୍ୟବହାର ହେଉଥିବା ରାସାୟନିକ ଉପାଦାନ (କେମିକାଲ୍) ଗୁଡ଼ିକର କ୍ଷତିକାରକ ଗୁଣ ସମ୍ପର୍କରେ ପରୀକ୍ଷା କରାଯାଇଛି। ତେବେ ବିଶେଷଜ୍ଞଙ୍କ କହିବା ମୁତାବକ ଏହି କେମିକାଲଗୁଡ଼ିକ ସ୍ୱାସ୍ଥ୍ୟ ପ୍ରତି ହାନିକାରକ।



■ କେମିକାଲଯୁକ୍ତ ପର୍‌ଫ୍ୟୁମ୍‌ର ମନମୋହକ ସୁଗନ୍ଧ ମାଇଗ୍ରେନ୍‌ଠୁ ଆରମ୍ଭ କରି କ୍ୟାନ୍‌ସର ଭଳି ମାରାତ୍ମକ ରୋଗର କାରଣ ସାଜୁଥିବା ଜଣାପଡିଛି।

■ ପର୍‌ଫ୍ୟୁମ୍‌ର ସୁଗନ୍ଧ ଫୁସ୍‌ଫୁସ୍‌କୁ ବିଶେଷ ଭାବେ କ୍ଷତି ପହଞ୍ଚାଇଥାଏ। ବାରମ୍ବାର ଏହାକୁ ବ୍ୟବହାର କରିବା ଦ୍ୱାରା ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ ହୋଇଥାଏ।

■ ଯେଉଁମାନେ ସମ୍ବେଦନଶୀଳ, ସେମାନେ ପର୍‌ଫ୍ୟୁମ୍‌ର କେମିକାଲ ସଂସ୍ପର୍ଶରେ ଆସିବା ମାତ୍ରେ ଆଖିପୋଡ଼ା, ପାଣି ବୋହିବା, ନାକ ବନ୍ଦ ହେବା, ମୁଣ୍ଡ ବିନ୍ଧିବା ଭଳି ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।

■ କେତେକ ପର୍‌ଫ୍ୟୁମ୍‌ର କେମିକାଲ ତ୍ୱଚାରେ ବାଜିବାମାତ୍ରେ ସ୍କିନ୍ ଆଲର୍ଜି ସମସ୍ୟା ମଧ୍ୟ ଦେଖାଦେଇଥାଏ।

■ ପର୍‌ଫ୍ୟୁମ୍‌ରେ ଥିବା ବିଷାକ୍ତ ରସାୟନ ବା ଟକ୍ସିକ୍ କେମିକାଲର ଉପସ୍ଥିତି ବନ୍ଧ୍ୟାଦୋଷର କାରଣ ବି ସାଜିଥାଏ।

## ଏ ସପ୍ତାହର ପ୍ରଶ୍ନ

୧– ବୈଜ୍ଞାନିକ............... ଙ୍କ ଜନ୍ମବାର୍ଷିକୀକୁ ନ୍ୟାଶନାଲ୍ କ୍ୟାନ୍‌ସର ଆୱାର୍‌ନେସ୍ ଡେ' ଭାବେ ପାଳନ କରାଯାଏ ?

୨– ଓସ୍କାର ପାଇଥିବା ପ୍ରଥମ ଭାରତୀୟ........... ?

୩– ଭାରତର ପ୍ରଥମ ଥ୍ରୀଡି ସ୍ମାର୍ଟ ଟ୍ରାଫିକ୍ ସିଗ୍‌ନାଲ 'ଇଣ୍ଟେଲାଇଟ୍ସ' ସେବା .......... ସହରରେ ଆରମ୍ଭ କରାଯାଇଛି ?

୪– ଜାତୀୟ ନୃତ୍ୟ ଶିରୋମଣି ପୁରସ୍କାର ୨୦୧୯........... ଙ୍କୁ ମିଳିଛି ?

୫– ସମଲିଙ୍ଗୀ ବିବାହକୁ ସ୍ୱୀକୃତି ପ୍ରଦାନ କରିଥିବା ପ୍ରଥମ ଏସୀୟ ଦେଶ......... ?

## ଗତ ଥରର ଉତ୍ତର

୧ କେନିଆ

୨ ଆନ୍ଧ୍ର ପ୍ରଦେଶ

୩ ଜବଲପୁର

୪ ନମିତା ଗୋଖଲେ ଲେଖିଛନ୍ତି

୫ ୧୯୩୦

## ଉତ୍ତର ଦାତା


ସ୍ୱାଗତ ପୂଜାହାରୀ, ସୋନପୁର


ଭଗବତୀ ପ୍ରସାଦ ପାଢ଼ୀ, ପୁରୀ


ସତ୍‌ଚିତ୍ ସାଗର, ହାଇଦ୍ରାବାଦ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ପୃଥିବୀ ପ୍ରସିଦ୍ଧ ପର୍ଯ୍ୟଟନ ମାୟାଜାଲ

(୧– ଗ୍ରେଟ୍ ୱାଲ୍ ଅଫ୍ ଚାଇନା................................ ଚାଇନା
୨– ଇପ୍‌କଟ୍ ............................................ ଆମେରିକା
୩– ଡାମଏନ୍ ସାଡକ୍ ଫ୍ଲୋଟିଂ ମାର୍କେଟ୍..................... ଥାଇଲାଣ୍ଡ
୪– ଟାଇମ୍ସ ସ୍କୋୟାର୍........................................ ଆମେରିକା
୫– ଲଣ୍ଡନ୍ ଡଞ୍ଜେଅନ୍........................................ ଇଂଲଣ୍ଡ
୬– କୋଷ୍ଟା ଡେଲ୍ ସୋଲ୍.....................................ସ୍ପେନ୍
୭– ବ୍ଲାର୍ନୀ ଷ୍ଟୋନ୍...........................................ଆୟର୍ଲାଣ୍ଡ
୮– ଡନ୍‌ସ ରିଭର୍ ଫଲ୍........................................ ଜାମାଇକା
୯– ଲିନିଂ ଟାୱାର୍ ଅଫ୍ ପିସା.............................. ଇଟାଲୀ
୧୦– ହଲିଉଡ୍ ୱାକ୍ ଅଫ୍ ଫେମ୍......................... ଆମେରିକା



## ଜାଣନ୍ତୁ ଦୁନିଆ ଦୁବାଇ

ସୁନା ଏବଂ ବିଳାସପୂର୍ଣ୍ଣ ତଥା ଅତ୍ୟାଧୁନିକ ସ୍ଥାପତ୍ୟ ଲାଗି ଦୁବାଇ ପୃଥିବୀ ପ୍ରସିଦ୍ଧ। ତେବେ ଏହା ସମ୍ପର୍କରେ ଆସନ୍ତୁ ଜାଣିବା କିଛି ରୋଚକ ତଥ୍ୟ ସମ୍ପର୍କରେ...

- ସମଗ୍ର ପୃଥିବୀରେ ବ୍ୟବହାର ହେଉଥିବା କ୍ରେନ୍ ସଂଖ୍ୟାର ପ୍ରାୟ ୨୫ ଭାଗ ଦୁବାଇରେ ଦେଖିବାକୁ ମିଳେ।
- ଦୁବାଇର ଏକ ମୁଖ୍ୟ ଆକର୍ଷଣ ହେଉଛି କୃତ୍ରିମ ପାମ୍ ଆଇସ୍‌ଲାଣ୍ଡ। ଏହାକୁ ନିର୍ମାଣ କରାଯିବା ଲାଗି ୯୪ ନିୟୁତ ଘନମିଟର ବାଲି ବ୍ୟବହାର କରାଯାଇଛି, ଯେଉଁଥିରେ ସମଗ୍ର ପୃଥିବୀର ସୀମା ଚାରିପଟେ ୨ ମିଟର ଓସାରରେ ୩ଟି ପାଚେରି କରାଯାଇ ପାରିବ।



- ଏଠାକାର ପୋଲିସ୍ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲାଗି ସୁପର କାର୍ ବ୍ୟବହାର କରିଥା'ନ୍ତି। ଏହାର ଦାମ୍ ନ୍ୟୁୟର୍କ ୟୁନିଭର୍ସିଟିରେ ଜଣେ ଛାତ୍ର ୪ ବର୍ଷ ପଢ଼ିବା ଲାଗି ଆବଶ୍ୟକ ଅର୍ଥଠାରୁ ବି ଅଧିକ।
- କେବଳ ଭଲ ଦରମାକୁ ଆଖି ଆଗରେ ରଖି ଅନେକେ ଦୁବାଇରେ ଜବ୍ କରିବା ଲାଗି ଆଗ୍ରହ ପ୍ରକାଶ କରିଥା'ନ୍ତି ତା' ନୁହେଁ, ବରଂ ସେଠାରେ ଇନ୍‌କମ୍ ଟ୍ୟାକ୍ସ ଦେବାକୁ ପଡୁ ନ ଥିବାରୁ ଅନେକଙ୍କୁ ଅଧିକ ସଞ୍ଚୟ କରିବାକୁ ସୁବିଧା ହୋଇଥାଏ।
- ସବୁଠୁ ଅଧିକ ସୁନା ଦୁବାଇରେ ରହିଛି। ଏମିତିକି ଏଠାରେ ଏଟିଏମ୍‌ରୁ ସୁନା ବାର୍ କାଢ଼ିବାର ବ୍ୟବସ୍ଥା ରହିଛି। ଏଠାରେ ଥିବା ବୁର୍ଜ ଅଲ୍ ଆରବ ହୋଟେଲ୍‌ର ଇଣ୍ଟେରିଅର ଡେକୋରେଶନ ଲାଗି ୧୭୯୦ ବର୍ଗମିଟର ୨୪ କ୍ୟାରେଟ୍ ସୁନା ଲଗାଯାଇଛି।
- ପୃଥିବୀର ସବୁଠାରୁ ଉଚ୍ଚତମ କୋଠା ବୁର୍ଜ ଖଲିଫା(୨୭୨୨ ଫୁଟ) ଏଠାରେ ରହିଛି। ସେହିପରି ପୃଥିବୀର ଦୀର୍ଘତମ ସ୍ୱୟଂଚାଳିତ ଟେନ୍ ନେଟ୍‌ୱର୍କ(୭୪.୬କି.ମି.) ମଧ୍ୟ ଏଠାରେ ରହିଛି।

## ସଂକ୍ଷେପରେ

### ପ୍ରମୋଦ ସାହୁଙ୍କ କୋର୍ଟରେ ହାଜିରା

**କେନ୍ଦ୍ରାପଡା ଅଫିସ, ୧୬।୧୧:** କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟି ସଭାପତି ପ୍ରମୋଦ ସାହୁ ଶନିବାର ପୂର୍ବାହ୍ନରେ କେନ୍ଦ୍ରାପଡା ଏସଡିଜେଏମ କୋର୍ଟରେ ହାଜିରା ଦେଇଛନ୍ତି । ସୋସାଇଟିର ଜନୈକା ମହିଳା କର୍ମଚାରୀଙ୍କୁ ଅସଦାଚରଣ କରିବା ମାମଲାରେ ଟାଉନ ପୋଲିସ ଗତ ୪ ତାରିଖରେ ତାଙ୍କୁ ଗିରଫ କରିଥିଲା । ଏନେଇ ୧୩୮/୧୯ ନଂରେ ଟାଉନ ଥାନାରେ ମାମଲା ରୁଜୁ ହୋଇଛି । କିନ୍ତୁ କୋର୍ଟରେ ଜାମିନ ଆବେଦନ ଖାରଜ ହେବାରୁ ପ୍ରମୋଦଙ୍କୁ ବାରିମୂଳ ସବ୍‌ଜେଲକୁ ପଠା ଯାଇଥିଲା ।

### ପ୍ଲାଷ୍ଟିକ ସଂଗ୍ରହକାରୀଙ୍କୁ ପୁରସ୍କାର

**କେନ୍ଦ୍ରାପଡା ଅଫିସ,୧୬।୧୧:** କେନ୍ଦ୍ରାପଡା ସହରକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ପୌରସଂସ୍ଥା ପକ୍ଷରୁ ଗତ ୭ ତାରିଖରେ ପ୍ଲାଷ୍ଟିକ ସଂଗ୍ରହ ଲାଗି ପ୍ରୋତ୍ସାହିତ କରା ଯାଇଥିଲା । ଗତ ସପ୍ତାହକ ମଧ୍ୟରେ ସଂଗ୍ରହକାରୀଙ୍କ ମଧ୍ୟରୁ କେତେଜଣଙ୍କୁ ଗୁରୁବାର ପୁରସ୍କୃତ କରାଯାଇଛି । ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ କହିଛନ୍ତି ଯେ, ସହରକୁ ନିର୍ମଳ ରଖିବା ପାଇଁ ପୁରସ୍କାର ମିଳିବ ବୋଲି ପ୍ରୋତ୍ସାହିତ କରାଯାଇଥିଲା । ଯେ କୌଣସି ବ୍ୟକ୍ତି ୩୦୦ ଗ୍ରାମ ଓଜନର ପଲିଥିନ ଓ ପ୍ଲାଷ୍ଟିକ ସଂଗ୍ରହ କରି ପୌରସଂସ୍ଥା ନିକଟରେ ଜିମା ଦେଲେ ତାଙ୍କୁ ଏକ ଲଟେରୀ ଉଠାଣ କରାଯାଇ ପୁରସ୍କୃତ କରାଯିବା ଘୋଷଣା ହୋଇଥିଲା । ଏଥିରେ ସହରର ଦିପ୍ତୀମୟୀ ଦାସ, ସକିଲା ଓ ପୁଷ୍ପଲତା ସାହୁଙ୍କୁ ପୁରସ୍କୃତ କରାଯାଇଛି । ଏହି କାର୍ଯ୍ୟକ୍ରମରେ ପୌରସଂସ୍ଥା କର୍ମଚାରୀ ବିଜୟ କୁମାର ମିଶ୍ର, ଭୁବନମୋହନ କାନୁନ୍‌ଗୋ, ଗଣେଶ କୁମାର ପାତ୍ର, ଅଶୋକ କୁମାର ସାହୁ, ତୃପ୍ତିମୟୀ ସେନାପତି, ସୁସ୍ମିତା ଜେନା, ମନୋରଞ୍ଜନ ଦାସ, ତପସ୍ୱିନୀ ଦାସ, ପ୍ରଶାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

### ସିପିଆଇ ପକ୍ଷରୁ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

**ରାଜନଗର, ୧୬।୧୧(ଡି.ଏନ.ଏ.):** ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ଗୁରୁବାର ଏକ ପ୍ରତିନିଧି ଦଳ ରାଜନଗର ନିର୍ବାଚନମଣ୍ଡଳୀ ଅଧୀନ ରାଜନଗର ଓ ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ବୁଲ୍‌ବୁଲ୍‌ଜନିତ କ୍ଷୟକ୍ଷତି ସଂପର୍କରେ ଅନୁଧ୍ୟାନ କରିଛନ୍ତି । ଏହାଛଡା ବାତ୍ୟାରେ ବାସହରା ହୋଇଥିବା ପରିବାରଙ୍କୁ ଗୃହଯୋଗାଣ, ଗୃହପାଳିତ ପଶୁଙ୍କ ପାଇଁ ଗୋଖାଦ୍ୟ ,ଚାଷୀମାନଙ୍କୁ ମାଗଣାରେ ବିହନ, ସାର, ଔଷଧ , ଆର୍ଥିକ ସହାୟତା ଯୋଗାଇ ଦେବା ସହିତ କୃଷିଋଣ ଛାଡ କରିବା ପାଇଁ ଦାବି କରିଛନ୍ତି । ସିପିଆଇ ଜିଲା କାର୍ଯ୍ୟକାରୀ କମିଟି ସଭ୍ୟ କମ୍ରେଡ ବାବାଜୀ ଧଳ, ଅନ୍ତର୍ଯାମୀ ପରିଡା, ରତ୍ନାକର ଦାସ, ଅଭୟ କୁମାର ଦାସ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ହୋଇ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଥିଲେ।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

**ମାର୍ଶାଘାଇ,୧୬।୧୧(ଡି.ଏନ.ଏ.)** ମାର୍ଶାଘାଇ ବ୍ଲକ ତାଳସଙ୍ଗା ପଞ୍ଚାୟତ ଖର୍ଦ୍ଧା ସାହିର ଦୋଳଗୋବିନ୍ଦ ଦାସ(୮୮)ଙ୍କ ଶନିବାର ସକାଳେ ପରଲୋକ ଘଟିଛି। ସ୍ୱର୍ଗତ ଦାସ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଜଣେ ଧର୍ମ ପରାୟଣ ବ୍ୟକ୍ତି ଭାବେ ସେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସାନ ଭାଇ ନିରଞ୍ଜନ ଦାସ,ପବିତ୍ର କୁମାର ଦାସ,ବ୍ରଜ କୁମାର ଦାସଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ବଡପୁଅ ପ୍ରସନ୍ନ କୁମାର ଦାସ ମୁଖାଗ୍ନି ଦେଇଥିଲେ।

## ■ବୁଲ୍‌ବୁଲ୍ ବାତ୍ୟା ପ୍ରଭାବର ପ୍ରାଥମିକ ଆକଳନ

# କେନ୍ଦ୍ରାପଡ଼ା ଜିଲାରେ ଭାଙ୍ଗିଛି ୭୦୦୪ ଘର

### ୭୨ ହଜାର ହେକ୍ଟର ଜମିର ଚାଷ ପ୍ରଭାବିତ



**କେନ୍ଦ୍ରାପଡା ଅଫିସ,୧୬।୧୧**

ଗତ ୯ ଓ ୧୦ ତାରିଖ ଦୁଇଦିନ ମଧ୍ୟରେ ସାମୁଦ୍ରିକ ଝଡ ବୁଲ୍‌ବୁଲ୍ ଉପକୂଳବର୍ତ୍ତୀ କେନ୍ଦ୍ରାପଡା ଜିଲାରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି । ପ୍ରବଳ ବର୍ଷାରେ ରାସ୍ତାଘାଟ କ୍ଷତିଗ୍ରସ୍ତ ହୋଇଥିବା ବେଳେ ରାଜକନିକା, ରାଜନଗର, ଆଳି, ପଟ୍ଟାମୁଣ୍ଡାଇ ଓ ମହାକାଳପଡା ବ୍ଲକର ତଳ ଅଞ୍ଚଳରୁ ଅଦ୍ୟାବଧି ବର୍ଷାଜଳ ସମ୍ପୂର୍ଣ୍ଣ ନିଷ୍କାସନ ହୋଇ ପାରିନାହିଁ । ଗଛ ଓ ଡାଳ ଅବରୋଧରୁ ସଡକ ପଥ ମୁକ୍ତ ହୋଇଥିଲେ ହେଁ ବିଦ୍ୟୁତ ବ୍ୟବସ୍ଥା ସମସ୍ତ ସ୍ଥାନରେ ସୁବ୍ୟବସ୍ଥିତ ହୋଇପାରିନାହିଁ । ବୁଲ୍‌ବୁଲ୍ କ୍ଷୟକ୍ଷତି ଅନୁଧ୍ୟାନ ପାଇଁ କେନ୍ଦ୍ରୀୟ ଟିମ୍ ଜିଲା ଗସ୍ତ କରି ଶୁକ୍ରବାର ଫେରି ଯାଇଛନ୍ତି । ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କ୍ଷୟକ୍ଷତିର ପ୍ରାଥମିକ ଆକଳନ ରିପୋର୍ଟ ପ୍ରକାଶ ପାଇଛି । ରିପୋର୍ଟ ଅନୁଯାୟୀ, ଜିଲାର ବିଭିନ୍ନ ଅଞ୍ଚଳରେ ମୋଟ ୭୦୦୪ଟି ଘର ଭାଙ୍ଗିଛି । ଏଥିମଧ୍ୟରୁ ୪୬୧୧ ଘର ଆଂଶିକ ନଷ୍ଟ ହୋଇଛି । ୯୫୮ ଚାଳଘର ନଷ୍ଟ ସହ ୧୪୩୫ଟି ଗୁହାଳ ଘର ଭାଙ୍ଗିଛି । କ୍ଷତିପୂରଣ ସହାୟତା ପାଇଁ ୨୨୫.୫୨୫ ଲକ୍ଷ ଟଙ୍କା ଆବଶ୍ୟକ ବୋଲି ରିପୋର୍ଟରେ ଦର୍ଶାଯାଇଛି । ସିଡିଭିଓଙ୍କ ରିପୋର୍ଟ ଅନୁଯାୟୀ, ଜିଲାରେ ୮ଟି ପ୍ରାଣୀଧନ ନଷ୍ଟ ହୋଇଛି । ଏହାବ୍ୟତୀତ ଜିଲାର ୫୫.୭୧ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଚାଷ ବୁଲବୁଲ ଝଡରେ ପ୍ରଭାବିତ ହୋଇଛି । ଜିଲାର ୭୨ ହଜାର ହେକ୍ଟର ଜମିରେ ଖରିଫ, ରବି ଓ ପନିପରିବା ଚାଷ ନଷ୍ଟ ହୋଇଛି । ଜିଲାର ମତ୍ସ୍ୟଜୀବୀ ଏହି ଝଡ ପ୍ରଭାବରୁ ମୁକ୍ତ ହୋଇନାହାନ୍ତି । ରାଜନଗରରେ ୬୪ଟି ଓ ମହାକାଳପଡାରେ ୩ଟି ବୋଟ ନଷ୍ଟ ହୋଇଛି । ସେହିପରି ମୋଟ ୧୨୫ ବୋଟର ଆଂଶିକ କ୍ଷତି, ୩୬ ଜାଲ ନଷ୍ଟ, ୪୮ଜାଲର ଆଂଶିକ କ୍ଷତି ହୋଇଛି । ୧୭ଟି ଫାର୍ମ ପୋଖରୀର କ୍ଷତି ହୋଇଛି । ମତ୍ସ୍ୟ ବିଭାଗ ପକ୍ଷରୁ କ୍ଷୟକ୍ଷତି ବାବଦରେ ୧୩୮୦୪୪୦ ଟଙ୍କା ସହାୟତା ରାଶି ଦେବା ପାଇଁ ଆକଳନ କରାଯାଇଛି । ଏହି ଝଡ ପ୍ରଭାବରେ ରାଜକନିକା ବ୍ଲକ ଗଜରାଜପୁର ଗ୍ରାମର ଗଣେଶ ମଲ୍ଲିକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା । ତେବେ ମୃତଦେହର ବ୍ୟବଚ୍ଛେଦ ହୋଇ ନ ଥିବାରୁ ଝଡ ମୃତ୍ୟୁ ପାଇଁ କ୍ଷତିପୂରଣ ମିଳିବ ନାହିଁ । ଅପରପକ୍ଷରେ ଗତ ୧୦ ତାରିଖ ଝଡବାତ୍ୟା ସମୟରେ ରାଜନଗର ବ୍ଲକ କୋଇଲିପୁର ଗ୍ରାମ ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ଅଦ୍ୟାବଧି ତାଙ୍କର ପରିଚୟ ମିଳି ନ ଥିବା ଓ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାରୁ ବୁଲ୍‌ବୁଲ୍ ଝଡ ଦ୍ୱାରା ମୃତ୍ୟୁ ପ୍ରମାଣିତ ହୋଇ ପାରିନାହିଁ । ତେବେ ଝଡବାତ୍ୟା ସମୟରେ ଜଣେ ବ୍ୟକ୍ତି ଗୁରୁତର ଓ ୫ ଜଣ ସାମାନ୍ୟ ଆହତ ହୋଇଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି । କ୍ଷତିପୂରଣ ସହାୟତା ରାଶି ସମ୍ପର୍କରେ ଜିଲା ଜରୁରିକାଳୀନ ଅଧିକାରୀ ସମ୍ବିତ କୁମାର ଶତପଥୀ କହିଛନ୍ତି ଯେ, ପ୍ରାଥମିକ ଆକଳନ ପରେ ଏବେ ଜିଲାର ପ୍ରତି କ୍ଷେତ୍ର ପାଇଁ ତଦନ୍ତ ଚାଲିଛି । ସମସ୍ତ ତଦନ୍ତ ରିପୋର୍ଟ ଆସିବା ପରେ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ସବିଶେଷ ରିପୋର୍ଟ ପ୍ରଦାନ କରାଯିବ ।

## ଜାତୀୟ ପ୍ରେସ୍ ଦିବସ ପାଳିତ




ଆଲୋଚନାଚକ୍ରରେ ଆଲୋଚକମାନେ।

**କେନ୍ଦ୍ରାପଡା ଅଫିସ, ୧୬।୧୧**

କେନ୍ଦ୍ରାପଡା ଜିଲା ଡିଆରଡିଏ ହଲରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜାତୀୟ ପ୍ରେସ ଦିବସ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଭାଗୀୟ ଉପନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ନାୟକଙ୍କ ଅଧକ୍ଷତାରେ ରିପୋର୍ଟିଂ ଇଣ୍ଟରପିଟେଶନ- ଏଜର୍ନି ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ଆଲୋଚକ ଭାବେ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଏଡିଏମ ବସନ୍ତ କୁମାର ରାଉତ ଓ ବୁଦ୍ଧିଜୀବୀ ପଣ୍ଡିତ ସର୍ବେଶ୍ୱର ମିଶ୍ର ଯୋଗ ଦେଇଥିଲେ । ଆଲୋଚକମାନେ ଖବର ପରିବେଷଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ସତ୍ୟ ଖବର ପରିବେଷଣ ସହିତ କାମଳ ସମ୍ବାଦିକତାରୁ ଦୂରେଇ ରହିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଆଲୋଚନା ଚକ୍ରରେ ଖବରଦାତା ଆଶିଷ ସେନାପତି, ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ମାତୃଦତ୍ତ ମହାନ୍ତି, ଅମରବର ବିଶ୍ୱାଳ, ଶିକ୍ଷାବିତ୍ ଡ. ସର୍ବେଶ୍ୱର ସେଣ, ଅଜୟ କୁମାର ସାମଲ ପ୍ରମୁଖ ନିଜସ୍ୱ ମତ ରଖିଥିଲେ । ଜାତୀୟ ପ୍ରେସ ଦିବସ ଉପଲକ୍ଷେ ହୋଇଥିବା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଆଲୋଚନାଚକ୍ରକୁ ଏଡିପିଆରଓ ଲକ୍ଷ୍ମଣ କୁମାର ବେହେରା, ଅଲେଖ ଚନ୍ଦ୍ର ଦାସ, ମଧୁସୂଦନ ମଲ୍ଲିକ, ରଞ୍ଜନ କୁମାର ବେହେରା, ବୀରଭଦ୍ର ମାଝି, ତପନ କୁମାର ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

## ବୃତ୍ତିଭିତ୍ତିକ ପରାମର୍ଶ ପ୍ରଶିକ୍ଷଣ ଶିବିର

**କେନ୍ଦ୍ରାପଡା ଅଫିସ,୧୬।୧୧**

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ବୃତ୍ତିଭିତ୍ତିକ ପରାମର୍ଶ ପ୍ରଶିକ୍ଷଣ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଂଯୋଜକ ମନୋଜ କୁମାର ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ପରାମର୍ଶଦାତା ପ୍ରଭଞ୍ଜନ ମହାନ୍ତି ଓ ଅରବିନ୍ଦ ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଷୟ ଭିତ୍ତିକ ବୃତ୍ତି ଉପରେ ପରାମର୍ଶ ଦେଇଥିଲେ । ଏହି ଶିବିରରେ ମହାବିଦ୍ୟାଳୟର ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗ ଶେଷ ବର୍ଷର ୨ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ଅଧ୍ୟାପକ ରଞ୍ଜିତ କୁମାର ଦାସ, ଡ. ପ୍ରଭାକର ମଲ୍ଲିକ, ପୂର୍ବାଶା ପ୍ରିୟଦର୍ଶିନୀ, ଡ. ବାସନ୍ତୀ ଶୁକ୍ଳା, ପ୍ରକାଶ ମଲ୍ଲିକ, ଅମର କୁମାର ସାହୁ, ଅଶୋକ କୁମାର ଦାସ, ଡ. ଗୌର ପ୍ରସାଦ ଷଡଙ୍ଗୀ ଶିବିର ପରିଚାଳନା କରିଥିଲେ ।

## ଜିଲା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ

**କେନ୍ଦ୍ରାପଡା ଅଫିସ,୧୬।୧୧**

କେନ୍ଦ୍ରାପଡା ଜିଲା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ନିର୍ବାଚନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅକ୍ଷୟ କୁମାର ମହାନ୍ତି ସଭାପତି, ଗୌରାଙ୍ଗ ଚରଣ ସାହୁ ଉପସଭାପତି, ଶରତ କୁମାର ମହାନ୍ତି ସାଧାରଣ ସଂପାଦକ, ଗଣେଶ୍ୱର ମେକାପଙ୍କୁ ସହକାରୀ ସାଧାରଣ ସଂପାଦକ ଭାବେ ମନୋନୟନ କରାଯାଇଛି । ଏଥିସହ ନୀଳମଣି କର ଯୁଗ୍ମ ସଂପାଦକ, ରବୀନ୍ଦ୍ର ନାଥ ବାରିକ ଅର୍ଥ ସଂପାଦକ ଓ ସୁବାସ ଚନ୍ଦ୍ର ଦାସ ସଂଯୋଜକ ଭାବେ ମନୋନୀତ ହୋଇଛନ୍ତି । ମଞ୍ଚ କମିଟିରେ ମନୋଜ କୁମାର ମହାନ୍ତି, ଚନ୍ଦ୍ର ଶେଖର ମିଶ୍ର, ସେକ୍ ନୁର ଅମିନ, ଚଣ୍ଡି ପ୍ରସାଦ ଶତପଥୀ, ବଳଦେବ ସାହୁ, କ୍ଷୀରୋଦ ଚନ୍ଦ୍ର ବେହେରା, ପରମାନନ୍ଦ ସେଠୀ ପ୍ରମୁଖଙ୍କୁ ରଖାଯାଇଛି । ଏହି ଅବସରରେ ସଭାପତି ମହାନ୍ତି କହିଛନ୍ତି ଯେ, ମଞ୍ଚର ପଞ୍ଜୀକରଣ ସହିତ ସାମାଜିକ କାର୍ଯ୍ୟକୁ ଗୁରୁତ୍ୱ ଦିଆଯିବ ।

## ଯୁକ୍ତ ୩ ବିଜ୍ଞାନ ଛାତ୍ରୀଙ୍କୁ ସ୍ୱାଗତ




ସଭାରେ ଅତିଥି ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୧୬।୧୧**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୩ ପ୍ରଥମ ବାର୍ଷିକ ସମ୍ମାନ ବିଭାଗର ଛାତ୍ରୀଙ୍କୁ ବିଭାଗ ପକ୍ଷରୁ ଶନିବାର ସ୍ୱାଗତ କରାଯାଇଛି । ଏହି ଉପଲକ୍ଷେ ଅଧ୍ୟକ୍ଷ ଡ. ସ୍ମୃତି ରଞ୍ଜନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମହାବିଦ୍ୟାଳୟର ଗୌରବ ଓ ଗାରିମା ବଜାୟ ରଖିବାକୁ ଆହ୍ୱାନ ଦିଆଯାଇଛି । ଏଥିରେ ଅଧ୍ୟାପକ ଅଜୟ କୁମାର ରାଉତ, ଅଧ୍ୟାପିକା ପ୍ରମିଳାରାଣୀ ବେହେରା, ଜ୍ୟୋତ୍ସାମୟୀ ମନ୍ତ୍ରୀ, ମଞ୍ଜୁଶ୍ରୀ ସ୍ୱାଇଁ, ଜ୍ୟୋତ୍ସାମୟୀ ପତି ଓ ବ୍ରହ୍ମାନନ୍ଦ ସେଠୀ ମହାବିଦ୍ୟାଳୟର ନୀତି ନିୟମ ଓ ଶୃଙ୍ଖଳା ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ପାଠ ସହ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଛାତ୍ରୀ ସରିତା ରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ନିବେଦିତା ନାୟକ, ଅଧ୍ୟାପକ ସନତ କୁମାର ପ୍ରଧାନ, ରଞ୍ଜିତ ଦାସ, ଲିପିକା ରାଉତ, ବାଗ୍ମୀ ସାମଲ, ମୋନାଲିସା ସାହୁ, ବର୍ଷାରାଣୀ ଜେନା, ଅର୍ପିତା କାନୁନ୍‌ଗୋ ପ୍ରମୁଖ ପରିଚାଳନା କରିଥିଲେ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭।୧୧।୨୦୧୯ (ରବିବାର)**

■ ପରିବେଶଭିତ୍ତିକ ଆଲୋଚନାଚକ୍ର। ସ୍ଥାନ-ବାଲିଯାତ୍ରା ମହୋତ୍ସବ ପଡିଆ, ସୁଜାନଗର, କେନ୍ଦ୍ରାପଡା, ସମୟ- ଅପରାହ୍ନ ୫ଟା ।

**୧୮।୧୧।୨୦୧୯ (ସୋମବାର)**

■ ମିଳିତ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ରାଜକନିକା, ସମୟ- ପୂର୍ବାହ୍ନ ୧୦ଟା ।

■ ବାଲିଯାତ୍ରା ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ- ବାଲିଯାତ୍ରା ମହୋତ୍ସବ ପଡିଆ, ସୁଜାନଗର, କେନ୍ଦ୍ରାପଡା, ସମୟ- ଅପରାହ୍ନ ୫ଟା ।

**୧୯।୧୧।୨୦୧୯ (ମଙ୍ଗଳବାର)**

■ ଉନ୍ନୟନ କାର୍ଯ୍ୟର ସମୀକ୍ଷା, ସ୍ଥାନ-ବ୍ଲକ କାର୍ଯ୍ୟାଳୟ, ମହାକାଳପଡା, ସମୟ- ପୂର୍ବାହ୍ନ ୧୦ଟା ।

**୨୨।୧୧।୨୦୧୯ (ଶୁକ୍ରବାର)**

■ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାର ଜନଶୁଣାଣି । ସ୍ଥାନ- ବ୍ଲକ କାର୍ଯ୍ୟାଳୟ, ଡେରାବିଶ, ସମୟ- ପୂର୍ବାହ୍ନ ୧୦ଟା ।

## ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**କେନ୍ଦ୍ରାପଡା ଅଫିସ, ୧୬।୧୧**

ସହରର ଗୋପସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଭାରତ ସମ୍ବିଧାନରେ ନାରୀଙ୍କ ଅଧିକାର ଓ ଏହାର ସାଂପ୍ରତିକ ପ୍ରାସଙ୍ଗିକତା' ଶୀର୍ଷକ ଆଲୋଚନାଚକ୍ର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ଅଜୟ କୁମାର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ପ୍ରାଧାପକ କ୍ଷୀରୋଦ କୁମାର ମିଶ୍ର, ପ୍ରାଧ୍ୟାପକ ରଞ୍ଜିତ ରଞ୍ଜନ ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚକମାନେ ନାରୀ ଓ ପୁରୁଷକୁ ନେଇ କୌଣସି ଭେଦଭାବ ସୃଷ୍ଟି ନ କରିବାକୁ ମତ ଦେଇଥିଲେ । ଏଥିସହ ରାଜନୀତିରେ ସଫଳ ହୋଇଥିବା ବହୁ ନାରୀ ନେତ୍ରୀଙ୍କ ଉଦାହରଣ ଦେଇଥିଲେ । ବିଭାଗୀୟ ଅଧାପିକା ଡ. ମମତା ସାହୁ , ସେଲିନା ତରାଇ, ଗାୟତ୍ରୀ ନାୟକ, ଅଧାପକ ରାମଚନ୍ଦ୍ର ସୁଆର ପ୍ରମୁଖ ଏ ସମ୍ପର୍କରେ ନିଜର ମତ ଉପସ୍ଥାପନ କରିଥିଲେ । ଛାତ୍ରୀ ଦୀପ୍ତୀମୟୀ ପରିଡା, ମହାବିଦ୍ୟାଳୟର କର୍ମଚାରୀ ଇନ୍ଦୁମତି ସାହୁ, ବଳରାମ ବାରିକ, ଦୈତାରୀ ସାହୁ, ଅଖିଳେନ୍ଦୁ ସ୍ୱାଇଁ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ ।

## ଏସ୍‌ଏନ୍ କଲେଜ ଛାତ୍ରୀଛାତ୍ରଙ୍କ ଆନ୍ଦୋଳନ

# ଜଳ ନିଷ୍କାସନ ହେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ

**ରାଜକନିକା,୧୬।୧୧(ଡି.ଏନ୍.ଏ)**

କଲେଜ ପରିସରରେ ଜମି ରହିଥିବା ବର୍ଷା ଜଳ ନିଷ୍କାସନର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଦାବି କରି ସ୍ଥାନୀୟ ଏସ୍.ଏନ୍.କଲେଜ ଛାତ୍ରୀଛାତ୍ରମାନେ ଶୁକ୍ରବାର ଠାରୁ ଚଳାଇଥିବା ରାସ୍ତାରୋକୋ ଆନ୍ଦୋଳନ ଶନିବାର ପ୍ରତ୍ୟାହୃତ ହୋଇଛି । ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ବ୍ୟବସ୍ଥା ଆରମ୍ଭ କରାଯିବା ପରେ ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନରୁ ଓହରିଥିବା ଜଣାପଡିଛି ।

ପ୍ରକାଶ ଯେ, କଟକ-ଚାନ୍ଦବାଲି ରାସ୍ତା ପ୍ରଶସ୍ତୀକରଣ ପରେ ରାଜକନିକା ସଦର କଣ୍ଟପଡା ବଜାରରୁ ଜଳ ନିଷ୍କାସନ ହେବାରେ ସମସ୍ୟା ଦେଖାଦେଇଛି । ପ୍ରତ୍ୟେକ ଥର ବର୍ଷାରେ ପାଣି ଜମି ରହିବାରୁ ବହୁ ଅଞ୍ଚଳ ବୁଡି ରହୁଛି । ବର୍ଷା ପାଣି ନିଷ୍କାସନ ପଥ ଅବରୋଧ ହେବା କାରଣରୁ ଗତ ୩ ବର୍ଷ ମଧ୍ୟରେ ଏସଏନ କଲେଜ ସମ୍ମୁଖ ରାସ୍ତା ଖେଳପଡିଆ,ସେସୁ ଅଫିସ ସହ ବ୍ୟକ୍ତିଗତ ଘରେ ପାଣି ପଶିଯାଉଛି । ଏ ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ପ୍ରଶାସନ କିମ୍ବା ପୂର୍ତ୍ତବିଭାଗ କୌଣସି ପଦକ୍ଷେପ ନ ନେବାରୁ କଲେଜ ଛାତ୍ରୀଛାତ୍ରମାନେ କଣ୍ଟପଡା ବଜାରଠାରେ ରାସ୍ତାରେ ବସି ରହି ଆନ୍ଦୋଳନ ଚଳାଇଥିଲେ । ଶେଷରେ ପ୍ରଶାସନ ବର୍ଷାପାଣି ନିଷ୍କାସନ ପାଇଁ ତୁରନ୍ତ ଏକ ଜେସିବି ସହାୟତାରେ ବଜାର ପଟରୁ କିଛି ଜବରଦଖଲ ଉଠାଇ ନାଳ ଖୋଳିବା ପରେ ଛାତ୍ରୀଛାତ୍ର ଆନ୍ଦୋଳନରୁ ଓହରି ଯାଇଛନ୍ତି ।

ପ୍ରକାଶଥାଉ କି ,ପ୍ରତି ବର୍ଷାରେ ଏସଏନ କଲେଜ ପ୍ରବେଶପଥ ରାସ୍ତାରେ ୩ରୁ ୪ ଫୁଟ ପାଣି ଜମି ରହିବା ଫଳରେ ଛାତ୍ରୀଛାତ୍ରମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କଲେଜର ୟୁରିନାଲ,ସାଇକେଲ ଷ୍ଟାଣ୍ଡ,କ୍ଲାସରୁମ ସମ୍ମୁଖ ସ୍ଥାନରେ ପାଣି ଜମି ରହୁଛି । ଗତ ମାସର ଲଗାଣ ବର୍ଷା ଓ ବୁଲବୁଲ ବାତ୍ୟାଜନିତ ବର୍ଷାରେ କଲେଜ ସମ୍ମୁଖ ରାସ୍ତା ଉପରେ ବର୍ଷା ପାଣି ଲହଡି ଭାଙ୍ଗୁଥିବାରୁ ନିକଟରେ କଲେଜର ଛାତ୍ରୀଛାତ୍ର କନିକା ତହସିଲଦାରଙ୍କୁ ଦାବିପତ୍ର ଦେଇ ପାଣି ନିଷ୍କାସନ ପାଇଁ ଅନୁରୋଧ କରିଥିଲେ । ମାତ୍ର କୌଣସି ବ୍ୟବସ୍ଥା ନ ହେବାରୁ ଶୁକ୍ରବାରଠାରୁ ରାସ୍ତାରୋକୋ କରିଥିଲେ । ଖବର ପାଇ କନିକା ଅତିରିକ୍ତ ତହସିଲଦାର,ରାଜକନିକା ଆଇଆଇସି, ପୂର୍ତ୍ତବିଭାଗ ଯନ୍ତ୍ରୀ ପ୍ରମୁଖ ଛାତ୍ରୀଛାତ୍ରଙ୍କ ଦାବି ମୁତାବକ ନାଳଖୋଳି ଜମି ରହିଥିବା ପାଣି ହଟାଇବା ବ୍ୟବସ୍ଥା କରିଥିଲେ ।

## ବାଲିଯାତ୍ରା ମହୋତ୍ସବରେ ସାହିତ୍ୟ ଆସର



କବି ହେମନ୍ତ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**କେନ୍ଦ୍ରାପଡା ଅଫିସ,୧୬।୧୧**

କେନ୍ଦ୍ରାପଡା ବାଲିଯାତ୍ରା ମହୋତ୍ସବର ୪ର୍ଥ ସନ୍ଧ୍ୟାରେ କେନ୍ଦ୍ରାପଡା ଜିଲା ସାହିତ୍ୟ ସଂସଦ ପକ୍ଷରୁ ସାହିତ୍ୟ ଆସର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ସଂସଦ ସଭାପତି ଡ. ବାସୁଦେବ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆସରରେ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ ହୋଇଥିଲା । ଏଥିରେ ଶିକ୍ଷାବିତ ଡ. ତରୁଣକାନ୍ତି ସାହୁ, ଡ. ମୀନାକ୍ଷୀ ଦେବୀ, ଆଇନଜୀବୀ ପ୍ରଦୀପ କୁମାର ଦାଶ, ସଞ୍ଜୀବ କୁମାର ପଟ୍ଟନାୟକ, ହେମନ୍ତ କୁମାର ଜେନା, ମହୋତ୍ସବ କମିଟି ସମ୍ପାଦକ ସଞ୍ଜୟ ଜେନା ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲେଚକମାନେ ସାହିତ୍ୟରେ କେନ୍ଦ୍ରାପଡା ଜିଲାର ନୌବାଣିଜ୍ୟ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ । ଖୁଦୁରୁକୁଣୀ ଓଷାର ନାୟିକା ତଅପୋଇ ସମ୍ପର୍କରେ ଆଲୋକପାତ ସହିତ ବିଭିନ୍ନ କାବ୍ୟ କବିତାରେ ନୌବାଣିଜ୍ୟ ଇତିହାସକୁ ମନେ ପକାଇଥିଲେ । ଏହି ଅବସରରେ କବି ହେମନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି ଆଲୋଚନାଚକ୍ରକୁ କବି ଶୁଭ୍ରାଂଶୁ କୁମାର ଦାସ ପରିଚାଳନା କରିଥିଲେ । ସେହିପରି କବି କାକୁଳି ମଲ୍ଲିକ, ଚାରୁଲତା ଭୂୟାଁ ଓ ଅନୁସୂୟା ମିଶ୍ରଙ୍କ ସଂଯୋଜନାରେ କବିମାନେ ସ୍ୱରଚିତ କବିତା ପାଠ କରିଥିଲେ ।

# ଜଙ୍ଗଲୀ ବାର୍‌ହା ଉପଦ୍ରବ : ଚିନ୍ତାରେ ଚାଷୀ

**କେନ୍ଦ୍ରାପଡା ଅଫିସ,୧୬।୧୧**

କେନ୍ଦ୍ରାପଡା ଜିଲାର ଉପାନ୍ତ ମହାକାଳପଡା ଓ ରାଜନଗର ଅଞ୍ଚଳରେ ଜଙ୍ଗଲୀ ବାର୍‌ହା ଉପଦ୍ରବ ଚାଷୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହାଛଡା ବିଭିନ୍ନ ସମୟରେ ବାର୍‌ହା ଆକ୍ରମଣରେ ଲୋକେ ଆହତ ହେଉଛନ୍ତି । ଅପରପକ୍ଷରେ ପାଚିଲା ଧାନ କ୍ଷେତରେ ପଶି ବାର୍‌ହା ଫସଲ ନଷ୍ଟ କରିବା ଯୋଗୁ ଚାଷୀଙ୍କୁ ପ୍ରଭୂତ କ୍ଷତି ସହିବାକୁ ପଡୁଛି । ଉପାନ୍ତ ଅଞ୍ଚଳରେ ଗତ ଅକ୍ଟୋବର ମାସରେ ହୋଇଥିବା ଲଘୁଚାପଜନିତ ଲଗାଣ ବର୍ଷା ଓ ସାମୁଦ୍ରିକ ଝଡବାତ୍ୟା ବୁଲ୍‌ବୁଲ୍‌ରେ ଖରିଫ ଚାଷର ଯେତିକି କ୍ଷତି ହୋଇଛି, ତାଠାରୁ ଅଧିକ ଜଙ୍ଗଲୀ ବାରହା କରୁଛି । ଏ ସମ୍ପର୍କରେ ମହାକାଳପଡା ବ୍ଲକ ବଟିଘର ଗ୍ରାମର ରମଣୀ ରଞ୍ଜନ ଦାସ କୁହନ୍ତି ଯେ, ଭିତରକନିକା ଅଞ୍ଚଳରେ ଜଙ୍ଗଲୀ ବାର୍‌ହାଙ୍କ ସଂଖ୍ୟା ବହୁତ ବଢିଯାଇଛି । ସେମାନେ ଏହି ସମୟରେ ପାଚିଲା ଧାନ ଖାଇବା ପାଇଁ ଜଙ୍ଗଲରୁ ବାହାରି କ୍ଷେତକୁ ପଶି ଆସୁଛନ୍ତି । ବନବିଭାଗ ପକ୍ଷରୁ ଏମାନଙ୍କୁ ରୋକିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ । ଗ୍ରାମ ନିକଟ ଜଙ୍ଗଲରେ ତାରବାଡ ଘେରାଇବା, ବନବିଭାଗ ପକ୍ଷରୁ ପାଟ୍ରୋଲିଂ କରିବା ଓ ବନ୍ୟଜନ୍ତୁଙ୍କ ଦ୍ୱାରା ଆହତ ବ୍ୟକ୍ତିଙ୍କୁ ସହାୟତା ଯୋଗାଇ ଦେବା ପାଇଁ ସରକାରୀ ନିୟମ ରହିଥିଲେ ମଧ୍ୟ ଏହାର ସୁଫଳ ମିଳୁନାହିଁ । ଫଳରେ ରାଜନଗର ଓ ମହାକାଳପଡା ବ୍ଲକର ବ୍ରାହ୍ମଣସାହି, ଡେରା, ଡାଙ୍ଗମାଳ, ହାତୀନା, ଗୁପ୍ତି, ସାତଭାୟା, ଈଶ୍ୱରପୁର, କ୍ଷମାସାହି, କୃଷ୍ଣନଗର, ତାଳଚୁଆ, ବାଘମାରୀ, କେରୁଆଁପାଳ, ତନ୍ତିଆପାଳ, ବଟୀଘର ପ୍ରଭୃତି ଅଞ୍ଚଳର ଚାଷୀମାନେ ବହୁ କ୍ଷତି ସହୁଛନ୍ତି । ପାଚିଲା ଧାନ ଅମଳ ସମୟରେ ଜଙ୍ଗଲୀ ବାରହାଙ୍କ ଉତ୍ପାତ ଚିନ୍ତାରେ ପକାଉଛି ବୋଲି ଦାସ ପ୍ରକାଶ କରିଛନ୍ତି । ବାର୍‌ହାଙ୍କ ଆକ୍ରମଣର କାରଣ ସମ୍ପର୍କରେ ଡିଏଫଓ ବିକାଶ ରଞ୍ଜନ ଦାସ କୁହନ୍ତି ଯେ, ନଭେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ଜଙ୍ଗଲୀ ବାର୍‌ହାଙ୍କ ପ୍ରଜନନ ସମୟ । ଏଥିପାଇଁ ପ୍ରଚୁର ଖାଦ୍ୟର ଆବଶ୍ୟକତା ଅଛି । ଜଙ୍ଗଲ ଆଖପାଖ ଅଞ୍ଚଳରେ ଥିବା ପାଚିଲା ଧାନ ସହଜଲବ୍ଧ ଖାଦ୍ୟ ହୋଇଥିବାରୁ ଖେତକୁ ଚାଲି ଆସିଥାନ୍ତି । ଏହି ସମୟରେ ସେମାନଙ୍କର ଆକ୍ରମଣ ପ୍ରବୃତ୍ତି ବୃଦ୍ଧି ପାଇଥାଏ । ଏଥିପାଇଁ ବନବିଭାଗ ପକ୍ଷରୁ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରାଯାଉଛି । ଏଥିସହ ବନବିଭାଗ ପକ୍ଷରୁ ରାତ୍ରି ଜଗୁଆଳି ବ୍ୟବସ୍ଥା କେତେକ ଅଞ୍ଚଳରେ କରାଯାଇଛି । ସେହିପରି ସ୍ଥାନୀୟ ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରୁଛନ୍ତି । ଗ୍ରାମ ନିକଟ ଜଙ୍ଗଲ ପରିସୀମାରେ ତାର ବାଡ ବ୍ୟବସ୍ଥା କରାଯାଇଛି । ତେବେ ସମସ୍ତ ବନାଞ୍ଚଳକୁ ତାରବାଡ ମଧ୍ୟରେ ରଖିବା ସମ୍ଭବ ନୁହେଁ । ରାତିରେ ଫସଲକୁ ସୁରକ୍ଷା ଦେବା ପାଇଁ ଯାଉଥିବା ଚାଷୀଙ୍କୁ ସେ ସାବଧାନତା ଅବଲମ୍ବନ କରିବାକୁ କହିଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ନଭେମ୍ବର,୨୦୧୯



## ସଂକ୍ଷେପରେ

### ମାର୍ଶାଘାଇରେ ଜାତୀୟ ପ୍ରେସ୍ ଦିବସ ପାଳିତ

ମାର୍ଶାଘାଇ,୧୬।୧୧(ଡି.ଏନ.ଏ.) :ଶନିବାର ମାର୍ଶାଘାଇ ପ୍ରେସ କ୍ଲବ ତରଫରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ 'ସାମ୍ବାଦିକତା ଏକ କଣ୍ଟକିତ ବୃତ୍ତି' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଗଣମାଧ୍ୟମ ଗଣତନ୍ତ୍ରକୁ ଅନେକ କ୍ଷେତ୍ରରେ ପ୍ରଭାବିତ କରିଥାଏ। ନିଛକ ଖବର ପରିବେଷଣ କରି ଅନେକ ଖବରଦାତା ଜୀବନ ହାରିବା ଭଳି ବହୁ ନଜିର ଥିବା ଉପ ସଭାପତି ସୁବାସ ଚନ୍ଦ୍ର ସାହୁ କହିଥିଲେ। ଗରିବ ଅସହାୟ ଲୋକଙ୍କର ଅସୁବିଧାକୁ ପ୍ରଶାସନର ନିକଟତର କରିବା ଏବଂ ନିର୍ଭୀକ ,ସତ୍ୟ ଖବର ପରିବେଷଣ କରିବା ଉପରେ ମୁଖ୍ୟ ଉପଦେଷ୍ଟା ଅକ୍ଷୟ ଜେନା ପରାମର୍ଶ ଦେଇଥିଲେ। ଖବରଦାତାମାନଙ୍କ ସୁରକ୍ଷା ପାଇଁ ସରକାର ତୁରନ୍ତ ଆଇନ ଲାଗୁ କରିବା ଉପରେ ଗୁରୁତ୍ୱାରୋପ କରି ପ୍ରସ୍ତାବ ରଖିଥିଲେ ଶୁଭେନ୍ଦୁ ପ୍ରକାଶ ଦାସ। ସାମ୍ବାଦିକତା ବୃତ୍ତି କଣ୍ଟକିତ ହୋଇଥିଲେ ବି ଏହି ବୃତ୍ତି ଅଧିକ ଜ୍ଞାନ ଆହରଣ ସହିତ ଜୀବନରେ ଖୁସି ପ୍ରଦାନ କରିଥାଏ। ଏଥିସହିତ ଖବର ପରିବେଷଣ ପରେ ଜଣେ ଗରିବ ବ୍ୟକ୍ତି ସରକାରୀ ସୁବିଧା ସୁଯୋଗ ପାଇ ପାରିଲେ ସେହି ଖୁସି ଦ୍ୱିଗୁଣିତ ହୋଇଥାଏ ବୋଲି ବିଚିତ୍ରାନନ୍ଦ ବେହେରା କହିଥିଲେ। ମାର୍ଶାଘାଇ ପ୍ରେସ କ୍ଲବ ସଭାପତି ମାଧବ ଚରଣ ନାୟକ,ସଂପାଦକ ପ୍ରମୋଦ କୁମାର ଦାସ,ପ୍ଲାବନ ସ୍ୱାଇଁ,ହେମନ୍ତ ସ୍ୱାଇଁ,ହିମାଂଶୁ ଶେଖର ନାୟକ,ରନେନ୍ଦ୍ର ନାୟକ,ପ୍ରଦୀପ କୁମାର ସ୍ୱାଇଁ,ସରୋଜକାନ୍ତ ପରିଡା ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ।

### ଖବରଦାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

ମହାକାଳପଡା, ୧୬।୧୧ (ଡି.ଏନ୍.ଏ.): ମହାକାଳପଡା ପ୍ରେସ କ୍ଲବ ତରଫରୁ ଜାତୀୟ ପ୍ରେସ୍ ଦିବସ ଶନିବାର ବ୍ଲକ ପରିସର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରେସ କ୍ଲବ ସଭାପତି ପି. ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସସ୍ମିତା ବରାଳ, ସମ୍ମାନିତ ଅତିଥି ଭାବେ ମହାକାଳପଡା ଥାନା ଆଇଆଇସି ମନୋରଞ୍ଜନ ଚୌଧୁରୀ ଯୋଗ ଦେଇଥିଲେ। ସମ୍ପାଦକ ବିରଞ୍ଚି ନାରାୟଣ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଗଣମାଧମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରିଥାଏ। ଏହି ଦୃଷ୍ଟିରୁ ଖବରଦାତାମାନଙ୍କ ସୁରକ୍ଷା ଲାଗି ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖବରଦାତା ସଞ୍ଜୟ ଦାସ, ସୁବାସ ସାହୁ, ସୁବାସ ସ୍ୱାଇଁ, କଳ୍ପତରୁ ସାମଲ, ଅଶୋକ ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, ସମରେନ୍ଦ୍ର ମାହାଳି, ଅରକ୍ଷିତ ନାଥ, ହେମନ୍ତ ସ୍ୱାଇଁଙ୍କ ସମେତ ବହୁ ଖବରଦାତା, ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।

### ଜିଲା ମୋହରିର ସଂଘ ସଭାପତିଙ୍କ ପରଲୋକ

ଡେରାବିଶ,୧୬।୧୧(ସ୍ୱ.ପ୍ର.) - ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର ଗ୍ରାମର ମୋହରିର ଅଲେଖ ଚନ୍ଦ୍ର ମହାନ୍ତିଙ୍କ (୮୭) ଶୁକ୍ରବାର ଅପରାହ୍ନରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତି ଦୀର୍ଘ ବର୍ଷ ଧରି କେନ୍ଦ୍ରାପଡ଼ା ଜିଲା ମୋହରିର ମହାସଂଘର ସଭାପତି ଥିଲେ। ବୟସାଧିକ ଯୋଗୁ କିଛିମାସ ହେବ ସେ ନିଜ ଘର କେଶରପୁରରେ ରହୁଥିଲେ। ତାଙ୍କ ପରଲୋକ ଖବର ପାଇ ଜିଲା ସଂଘର ଅନ୍ୟ କର୍ମକର୍ତ୍ତାମାନେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଏକମାତ୍ର ପୁତ୍ର ଅନନ୍ତ ଗୋପାଳ ମୁଖାଗ୍ନି ଦେଇଥିଲେ।

### ଜଳଖିଆ ଦୋକାନରୁ ଲୁଟ୍

ଆଳି,୧୬।୧୧(ଡି.ଏନ.ଏ): ଶୁକ୍ରବାର ରାତିରେ ଆଳି ଚଣ୍ଡିବଜାରରେ ଥିବା ମାଗୁଣି ସାହୁଙ୍କ ଜଳଖିଆ ଦୋକାନରୁ ଲୁଟ ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ମାଗୁଣି ରାତି ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଶନିବାର ସକାଳୁ ଆସି ଦୋକାନରୁ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଦୋକାନର ଆଜବେଷ୍ଟସ ତାଡି ଚୋରମାନେ ନଗଦ ୧୫ ହଜାର ଟଙ୍କା ନେଇ ପଛ କବାଟ ଖୋଲି ଫେରାର ହୋଇ ଯାଇଛନ୍ତି। ବଜାର ମଧ୍ୟରେ ଲଗାତର ଚୋରି ହେବା ଯୋଗୁ ବ୍ୟବସାୟୀମାନେ ଭୟଭିତ ହୋଇ ପଡିଛନ୍ତି।

# ୮ ହଜାରରୁ ୩ ହଜାର ଲିଟର ଚୋରା ଡିଜେଲ ଜବତ

## ■ ଅଭିଯୁକ୍ତ ଟ୍ୟାଙ୍କର ଚାଳକ ଅଟକ

ଡେରାବିଶ/କଳିଙ୍ଗନଗର,୧୬।୧୧ (ସ୍ୱ.ପ୍ର./ଡି.ଏନ.ଏ.)

ଗତ ଦୁଇ ଦିନ ହେଲା ପୋଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ଡେରାବିଶ ଥାନା ଅଧୀନ ପଞ୍ଚୁପାଣ୍ଡବ ଛକରୁ ଚୋରି ହୋଇଥିବା ୮ ହଜାର ଲିଟର ଡିଜେଲ ମଧ୍ୟରୁ ୩ ହଜାର ଲିଟର ଜବତ କରିଛି। ଏହି ଘଟଣାରେ ଉକ୍ତ ଟ୍ୟାଙ୍କର ଚାଳକଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

ପ୍ରକାଶ ଯେ, ବୁଧବାର ରାତିରେ ପାରାଦୀପରୁ କଳିଙ୍ଗନଗରସ୍ଥିତ ଏକ ତେଲ ଟାଙ୍କି ପାଇଁ ଓଡି-୦୪-୭୭୭୫ ନଂ ଟ୍ୟାଙ୍କରରେ ୧୮ହଜାର ଲିଟର ଡିଜେଲ ଯାଉଥିଲା। ତେବେ ସେଥିରୁ ୮ହଜାର ଲିଟର ଡିଜେଲ ଡେରାବିଶ ଥାନା ଅନ୍ତର୍ଗତ ପଞ୍ଚୁପାଣ୍ଡବ ଛକରେ ଚୋରାରେ ବିକ୍ରି କରି ଦିଆଯାଇଥିଲା। ଏହା ଜାଣିବା ପରେ ଉକ୍ତ ଟ୍ୟାଙ୍କର ମାଲିକ କଳିଙ୍ଗନଗର ଥାନା ବାଲିଆପାଳ ଅଞ୍ଚଳର ଉମେଶ ସାମଲ ସେଠିକାର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କଳିଙ୍ଗନଗର ପୋଲିସ ତଦନ୍ତ କରିବା ପରେ ଡେରାବିଶ



ପଞ୍ଚୁପାଣ୍ଡବଠାରେ ପୋଲିସ ଦ୍ୱାରା ଜବତ ଚୋରା ଡିଜେଲ।

ଥାନା ଅଧୀନ ପଞ୍ଚୁପାଣ୍ଡବ ଛକ ନିକଟ ଏକ ହୋଟେଲ ମାଲିକ ଏହାକୁ ଚୋରାରେ କିଣିଥିବା ଜାଣିବାକୁ ପାଇଥିଲା। ଗତ ଦୁଇ ଦିନ ହେଲା କଳିଙ୍ଗନଗର ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ ଏବଂ ଏସଆଇ ମନମୋହନ ରାଉତଙ୍କ ନେତୃତ୍ୱରେ ପୋଲିସ ଟିମ୍ ଡେରାବିଶ ଥାନା ଅଧିକାରୀ ଉମାକାନ୍ତ ନାୟକଙ୍କ ସହାୟତାରେ ଚଢାଉ କରିଥିଲେ। ଚଢାଉ ବେଳେ ଡେରାବିଶ ଥାନା ଅଞ୍ଚଳରୁ ୩ ହଜାର ଲିଟର ଚୋରା ଡିଜେଲ ଶନିବାର ସନ୍ଧ୍ୟା ସୁଦ୍ଧା ଜବତ ହୋଇଥିବା ଜଣାଯାଇଛି। ଅଭିଯୋଗକୁ ଭିତ୍ତି କରି କଳିଙ୍ଗନଗର ଥାନାରେ କେସ୍ ନଂ ୨୦୬/ ୧୯ରେ ଏକ ମାମଲା ରୁଜୁ ହୋଇଛି। ଆଇପିସିର ଦଫା ୪୦୭ରେ ପୋଲିସ ଟ୍ୟାଙ୍କର ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି।

ସୁଚନାଯୋଗ୍ୟ ଯେ, ୫ନଂ (କ) ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଡିଜେଲ ଓ ପେଟ୍ରୋଲର ଚୋରା କାରବାର ଅବାଧରେ ହେଉଥିଲେ ମଧ୍ୟ ଉଭୟ କେନ୍ଦ୍ରାପଡା ଓ ଯାଜପୁର ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ପାରାଦୀପରୁ ଏହି ରାଜପଥ ଦେଇ ବିଭିନ୍ନ ସ୍ଥାନକୁ ଟ୍ୟାଙ୍କର ଯାଉଥିବା ବେଳେ ସେଥିରୁ ଚୋରାରେ ବିକ୍ରି କରି ଦିଆଯାଉଛି। ଏପରି କି କେନ୍ଦ୍ରାପଡା ଜିଲାକୁ ରାଶନ କାର୍ଡ ହିତାଧିକାରୀଙ୍କ ପାଇଁ ଆସୁଥିବା କିରୋସିନକୁ ମଧ୍ୟ ଏହି ରାଜପଥରେ ଚୋରା କାରବାର ହେଉଥିବା ଦେଖାଯାଇଛି। କଟକରୁ କେନ୍ଦ୍ରାପଡା ଯାତାୟାତ କରୁଥିବା କେତେକ ଘରୋଇ ଯାତ୍ରୀବାହୀ ବସ ଓ ବିଭିନ୍ନ ଗାଡିକୁ ଶସ୍ତାରେ ଏହି ଚୋରା ତେଲ ବିକ୍ରି କରି ଚୋରା ବେପାରୀମାନେ ମାଲାମାଲ ହେଉଥିବା ଜଣାଯାଇଛି।

# ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଯୋଗ ଶିବିର



ଯୋଗ ଶିବିରରେ ଅତିଥିମାନେ।

ରାଜନଗର,୧୬।୧୧(ଡି.ଏନ.ଏ.)

ସ୍ଥାନୀୟ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଶନିବାର ଏକଦିବସୀୟ ଯୋଗଶିବିର ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ହରେକୃଷ୍ଣ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ହରିଦ୍ୱାର ପତଳି ଯୋଗପୀଠର ଯୋଗଗୁରୁ ରାମଦେବଙ୍କ ପ୍ରମୁଖ ଶିଷ୍ୟ ସ୍ୱାମୀ ଓମ୍ ଦେବଜୀ ମହାରାଜ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଯୋଗ ଶିବିରର ମହନୀୟ ଦୃଷ୍ଟିଭଙ୍ଗୀ ଉପରେ ଦୀକ୍ଷାନ୍ତ ଭାଷଣ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପତଳି ପ୍ରଚାର ସମିତି ରାଜ୍ୟ ଶାଖା ପ୍ରମୁଖ ସୁଧାଂଶୁ ଶେଖର ଅଧିକାରୀ ଯୋଗଦେଇ ସୂର୍ଯ୍ୟ ନମସ୍କାରର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭୁପ୍ରସାଦ ଦାସ, ଡ. ବିକ୍ରମାଦିତ୍ୟ ଦାସ ଏହାକୁ ପରିଚାଳନା କରିଥିଲେ। ଶିବିରରେ ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ, ଓ କର୍ମଚାରୀ ଯୋଗ ଦେଇଥିଲେ।

# କୂଳସାହି ଆଶ୍ରମ ସ୍କୁଲର ତାଲା ଖୋଲିଲା

ପଟ୍ଟାମୁଣ୍ଡାଇ,୧୬।୧୧ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଠପାଳ ପଞ୍ଚାୟତ ଅଧୀନ କୂଳସାହି ଆଶ୍ରମ ସ୍କୁଲରେ ଶିକ୍ଷୟିତ୍ରୀ ଜୟଶ୍ରୀ ଦାସଙ୍କ ପୁନଃ ନିଯୁକ୍ତିକୁ ବିରୋଧ କରି ଗୁରୁବାର ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ପକ୍ଷରୁ ପଡିଥିବା ତାଲା ଶନିବାର ମଧ୍ୟାହ୍ନରେ ଖୋଲାଯାଇଛି। ଜିଲା ମଙ୍ଗଳ ଅଧିକାରୀ କାଳନ୍ଦୀ ଚରଣ ଭୋଇ ଶନିବାର ଆଶ୍ରମ ସ୍କୁଲରେ ପହଞ୍ଚି ଆନ୍ଦୋଳନରତ ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟା ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ବୁଧବାର ଏହାର ସମାଧାନ କରିବାକୁ ସେ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନକାରୀମାନେ ଅଫିସରେ ପକାଇଥିବା ତାଲା ଖୋଲି ଦେଇଥିଲେ। ଅନ୍ୟପକ୍ଷରେ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ମୋବାଇଲରେ ଉଠାଇଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଟିକ୍‌ଟକ୍ ଭିଡିଓ ସମ୍ପର୍କିତ କୌଣସି ଅଭିଯୋଗ ଥାନାରେ ହୋଇନାହିଁ। ଏହି ଘଟଣାକୁ ଶିକ୍ଷୟିତ୍ରୀ ଜଣକ ମଧ୍ୟ ଅସ୍ୱୀକାର କରିଛନ୍ତି। ସମ୍ପୃକ୍ତା ଶିକ୍ଷୟିତ୍ରୀଙ୍କ ବିରୋଧରେ ଏହା ଏକ ମନଗଢା ଅଭିଯୋଗ ହୋଇଥାଇ ପାରେ ବୋଲି କୁହାଯାଉଛି। ତେବେ ଆଶ୍ରମ ସ୍କୁଲରେ ଥିବା ପୂର୍ବତନ ପ୍ରଧାନ ଶିକ୍ଷକ ସଞ୍ଜୟ ଦାସଙ୍କ ବିରୋଧରେ ଅଭିଯୋଗ କରି ସହକାରୀ ଶିକ୍ଷୟିତ୍ରୀ ବିବାଦୀୟ ହୋଇପଡିଥିଲେ। ଗତ ସେପ୍ଟେମ୍ବର ମାସରେ ଜୟଶ୍ରୀଙ୍କ ଅନ୍ୟତ୍ର ବଦଳି ହୋଇଥିଲା। ଏହାକୁ ବିରୋଧ କରି ଜୟଶ୍ରୀ ପ୍ରଥମେ ଓଡ଼ିଶା ଟ୍ରିବ୍ୟୁନାଲ ଓ ପରେ ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଶିକ୍ଷୟିତ୍ରୀ ଜୟଶ୍ରୀ କେନ୍ଦ୍ରାପଡା ଜିଲାପାଳଙ୍କୁ ସାକ୍ଷାତ କରି ଗତ ୧୩ ତାରିଖ ଦିନ ଆଶ୍ରମ ସ୍କୁଲରେ ପୁନର୍ବାର ଯୋଗ ଦେଇଥିଲେ। ମାତ୍ର ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି ସଭାପତି କିଶୋର ମଲିକଙ୍କ ସମେତ ଅଜୟ ମଲିକ, ଡଲି ମଲିକ, ମନୋରମା ମଲିକ, ଗୀତାଞ୍ଜଳି ମଲିକ, ପ୍ରେମାନନ୍ଦ ମଲିକ, ସୀମାରାଣୀ ମଲିକ, ପୂର୍ଣ୍ଣିମା ମଲିକ, ବିନୋଦ ମଲିକ, ଅନିରୁଦ୍ଧ ମଲିକ ପ୍ରମୁଖ ସ୍କୁଲ ଗେଟ ଓ ଅଫିସରେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ଭୋଇ ଜୟଶ୍ରୀଙ୍କ ରେକର୍ଡପତ୍ର ନେଇ ଯାଇଥିବା ବେଳେ ଆସନ୍ତା ବୁଧବାର ହାଇକୋର୍ଟରେ ଦାଖଲ କରିବେ ବୋଲି କହିଛନ୍ତି। ତେବେ ଆଶ୍ରମ ସ୍କୁଲରେ ଲାଗି ରହିଥିବା ବିଭିନ୍ନ ସମସ୍ୟାର ଆଶୁ ସମାଧାନ ପାଇଁ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ମହିଳାଙ୍କୁ ଅଶ୍ଳୀଳ ଫଟୋ ପଠାଇ ଯୁବକ ଗିରଫ

ରାଜନଗର,୧୫।୧୧(ଡି.ଏନ.ଏ.)

ଜଣେ ମହିଳାଙ୍କ ନିକଟକୁ ଅଶ୍ଳୀଳ ଫଟୋ ପଠାଇବା ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ଆଳି ଥାନା ଅନ୍ତର୍ଗତ ଭୂଇଁପୁର ଗାଁର କ୍ଷୀରୋଦ ଜେନା (୩୨)। ପ୍ରକାଶ ଯେ, କ୍ଷୀରୋଦ ରାଜନଗର ଅଞ୍ଚଳର ଜଣେ ବିବାହିତା ମହିଳାଙ୍କ ଫଟୋକୁ ଅଶ୍ଳୀଳ କରି ଏଡିଟିଂ କରିଥିଲେ। ପରେ ଏହାକୁ ସଂପୃକ୍ତ ମହିଳା ଓ ତାଙ୍କ ସ୍ୱାମୀଙ୍କ ପାଖକୁ ହ୍ୱାଟସ୍ ଆପ୍‌ରେ ପଠାଇଥିଲେ। ମହିଳାଙ୍କୁ ଯୁବକ ଜଣଙ୍କ ଧମକ ଦେବା ସହ ତାଙ୍କ ସହିତ ରହିବାକୁ ବାଧ୍ୟ କରୁଥିଲେ। ଏପରି କି ତାଙ୍କ ସହିତ ନ ରହିଲେ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିବାକୁ ଧମକ ଦେଇଥିଲେ। ମହିଳା ଜଣକ ଏ ନେଇ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ରାତିରେ ପୋଲିସ କ୍ଷୀରୋଦଙ୍କୁ ଆଳି ଅଞ୍ଚଳରୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୋଗକୁ ଭତ୍ତି କରି ଥାନାରେ କେସ ନଂ ୧୬୪/୨୦୧୯ରେ ମାମଲା ରୁଜୁ ହୋଇଛି।

# ଗହୀରମଥାରୁ ୧ ଟ୍ରଲର ଜବତ, ୧୦ ମତ୍ସ୍ୟଜୀବୀ ଗିରଫ

ରାଜନଗର, ୧୫।୧୧ (ଡି.ଏନ.ଏ.): ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ଧରୁଥିବା ଗୋଟିଏ ଟ୍ରଲର ଜବତ ହେବା ସହ ଏଥିରେ ଥିବା ୧୦ ମତ୍ସ୍ୟଜୀବୀ ଗିରଫ ହୋଇଛନ୍ତି। ଗିରଫ ମତ୍ସ୍ୟଜୀବୀଙ୍କୁ ଶନିବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଗହୀରମଥା ନିଷିଦ୍ଧାଞ୍ଚଳରେ ବାଲେଶ୍ୱର କଷାଫଳ ଅଞ୍ଚଳର ମା' ବୈଷ୍ଣବୀ ଟ୍ରଲର ମାଛ ଧରୁଥିଲା। ବିଭାଗୀୟ କର୍ମଚାରୀମାନେ ମାଦଳମାଉଥ ନିକଟରୁ ଏହି ଟ୍ରଲରକୁ ଜବତ କରିଥିଲେ।

**MUNICIPAL OFFICE, KENDRAPARA**
'e' Procurement NOTICE No 4974/ Dt. 16.11.19
Bid Identification No. KM_05-2019/20

| | | |
|---|---|---|
| 1 | Procurement Officer-Publisher/ Officer Inviting the Tender/ Bids (OIT) | Executive Officer, Kendrapara Municipality, Kendrapara |
| 2 | No. of Works | 3 Nos. |
| 3 | Estimated Cost (Approx.) of the Works. | Rs. 50 Lakhs to Rs. 1 Crore |
| 4 | Date & Time of availability of bid document in the portal | From 5 PM of Dt. 19.11.2019 to 5 PM of 04.12.2019 |
| 5 | Date & Time of Technical bid Opening | 11 AM of 05.12.2019 |

(1) Other details can be seen from Detailed Notice Inviting Tenders, available in website **www.tendersorissa.gov.in**.
(2) Corrigendum if any shall only be published in the above website.
**Sd./- Executive Officer, Kendrapara Municipality**

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES
NIT No.: OMC/E-PROC/CMC/05/2019 **procurement Notice** Dated: 15.11.2019

| | | |
|---|---|---|
| 1. | Title of tender | Selection of agency for preparation, submission and obtaining approval of modification of Mining Plan from IBM under Rule 17(3) of the MCR, 2016 with PMCP under Rule-23 of MCDR, 2017 in respect of Gandhamardan (Block-A) Mining Lease of OMC |
| 2. | Availability of tender documents on the e-tendering portal of Government of Odisha | 16.11.2019 after 05:00PM |
| 3. | Last date of online submission of tender in Govt. portal | 30.11.2019 up to 5.00PM |
| 4. | Cost of Bid document | The bidder shall have to deposit Rs.2,000.00 (Two Thousand) + GST 18% only through on line as available in www.tendersodisha.gov.in |
| 5. | Earnest money deposit | The bidder shall have to deposit Rs.40,000.00 (Forty Thousand) only through on line as available in www.tendersodisha.gov.in |
| 6. | Date of opening of Techno-Commercial Bid | 02.12.2019 at 11:00AM. |
| 7. | Date of opening of Price- Bid | Shall be intimated through uploading in e-portal. |

CAD-587
All other details can be seen from the tender document available at Govt. website i.e https//tendersodisha.gov.in & in OMC website i.e. www.omcltd.in.
OMC reserves the right to reject this tender without assigning any reason thereof.
30005/11/0090/1920 General Manager (Mat.)

**DEPARTMENT OF WATER RESOURCES**
Odisha Community Tank Development Management Society
Plot No-A-8/2, Beside RTO Office, Bhoi Nagar, Bhubaneswar-751022
Ph.. 0674--2542252, E-Mail: spuoipera.od@gov.in
**Letter No-553 Date-16/11/2019**
**QUOTATION CALL NOTICE FOR HIRING VEHICLES**
No. A-388: Sealed quotations are invited for supply of hired vehicles for official use of OCTDMS, Bhubaneswar on Monthly Basis for a period of one year.
- Sealed quotations should reach the Project Director, OCTDMS-cum-Additional Secretary to Govt., DoWR in the campus of Plot No-A-8/2, Superintending Engineer, Central Minor Irrigation Circle, beside RTO office, Bhoi Nagar, Bhubaneswar-751022 on or before 29/11/2019 by 3.00pm positively.
- Sealed quotations will be opened on same day i.e. on 29/11/2019 at 3.30pm in the Conference Hall of OCTMP in presence of all the bidders, who prefer to remain present.
- The bidder should write "QUOTATIONS FOR SUPPLY OF HIRED VEHICLES ON MONTHLY BASIS" on the top of the separate sealed envelope.
- The authority reserves the right to accept/reject any or all quotations without assigning reason thereof.

Further details can be seen in the Govt. of Odisha website www.odisha.gov.in under link advertisement.
**Project Director, OCTDMS -cum-Additional Secretary to Govt.,DoWR**
32188/11/0003/1920

**GOVERNMENT OF ODISHA**
**"e"-PROCUREMENT NOTICE**
No.B-320 :- **WORKS DEPARTMENT**
**E-mail : ceroads.bbsr@gmail.com**
**Bid Identification No. CE-DPI & R-16/2019-20**
1. The Chief Engineer (DPI & Roads), Odisha on behalf of Governor of Odisha invites percentage rate bids in double cover system in ONLINE MODE from eligible contractors for Road/ Bridge works as mentioned below :
2. Nature of work : Road and Bridge works
3. No. of work : 02 Nos.
4. Tender Paper cost : Rs.10,000.00
5. Class of Contractor : 'A' Class/ Special Class/ Super Class as noted against each work
6. Available of bid document in the website : From 10.00 A.M. of 14.11.2019 to 5.00 PM of 03.12.2019
7. Date of opening of Bid : Dt.04.12.2019 at 11.30 AM.
8. The Bidders have to participate in ONLINE bidding only. Further details can be seen from the website: https://tenderodisha.gov.in . Any addendum / corrigendum / cancellation of tender can also be seen in the said website.

Sd./-
34117/11/0046/1920 **Chief Engineer (DPI & Roads), Odisha**

**CENTRAL ELECTRICITY SUPPLY UTILITY OF ORISSA**
**OFFICE OF THE SUPERINTENDING ENGINEER (ELECT.), ELECTRICALCIRCLE, CUTTACK, ORISSA-754012**
PHONE : 0674-2310703, 2312006, 2324223, FAX - 2310703
E-Mail : sectc@cescoorissa.com
Lt No.3340 **Notice Inviting Tender No.-(OT)- 04/19-20** Dated: 14.11.2019
**No.CAD-589 :-** Sealed quotations are invited from intending Registered HT Licensed Electrical Contractors having valid Registration to execute the electrical works for re-construction and shifting of 33KV line (Jagatsinghpur 33KV Feeder) existing inside the premises of STP-II, Matgajpur of OISIP due to construction of sewage treatement plant under CMC, Cuttack of CDD No.II, Cuttack in 100% Deposit work scheme on partly Turn key basis. The details of work alongwith Terms & Conditions of the above work which can be available on payment of Rs. 16,800/- (Rupees sixteen thousand eight hundred) only (Rs 15,000/- towards paper cost + 12% GST) (Non Refundable) in shape of cash / bank draft in the office of Superintending Engineer, Electrical Circle, CESU, Cuttack.
1. Sale/downloading of Tender Paper - 18.11.2019
2. Due date of receipt of Tender Paper - 05.12.19 up to 1.00 P.M.
3. Opening of Tender Paper - 05.12.19 at 03.30 P.M
4. Approx. works value - Rs 1,07,77,596/-

**Tender will summarily be rejected in absence of the following documents.**
1. EMD @ Rs 1,08,000/- of the estimated value to be deposited in shape of Cash/Bank draft drawn in favour of **"CESU, ELECTRICAL CIRCLE, CUTTACK".**
2. Copy of valid License/PAN/GST up to the current financial year.
3. No Previous EMD will be adjusted.
4. No Telegraphic Tender will be accepted.
5. Copy of the Money Receipt towards purchase of Tender documents.

The undersigned reserves the right to accept or reject the Tender without assigning any reason thereof and also right to split-up the Tender quantity.
**Sd./- Superintending Engineer (Elect) Electrical Circle, CESU, Cuttack**
04010/11/0006/1920

**ODISHA POLICE, OISF, HEADQUARTERS**
**PLOT NO.139 (P) KESHARI NAGAR, UNIT - V, BHUBANESWAR**
**ବିଜ୍ଞାପନ**
D-193
କନ୍‌ଷ୍ଟେବଳ ନମ୍ବର – ୮୮୬ ପ୍ରଶାନ୍ତ ପାତ୍ର
ପିତା - ଶ୍ରୀ ବ୍ରହ୍ମାନନ୍ଦ ପାତ୍ର
ଗ୍ରାମ – ଦେବଗାଁ, ପୋ, – ଛତ୍ର
ଥାନା – ଜଗତ୍‌ସିଂହପୁର, ଜିଲ୍ଲା – ଜଗତ୍‌ସିଂହପୁର
ଏତଦ୍ୱାରା ଆପଣଙ୍କୁ ଜଣାଇଦିଆଯାଉଛି ଯେ, ଆପଣ ଓ.ଏମ୍.ସି., କାଳିଆପାଣି, ଯାଜପୁରସ୍ଥିତ ଓ.ଆଇ.ଏସ୍.ଏଫ. କ୍ୟାମ୍ପରୁ ତା୧୧।୦୯।୨୦୧୯ରିଖ ଅପରାହ୍ନଠାରୁ ତା୧୩।୦୯।୨୦୧୯ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୨ ଦିନ ଆକସ୍ମିକ ଛୁଟିରେ ଯାଇଥିଲେ। ଆପଣଙ୍କର ତା୧୪।୦୯।୨୦୧୯ରିଖ ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦେବାର ଥିଲା, କିନ୍ତୁ ଆପଣ ଠିକ୍ ସମୟରେ ନିଜ କାର୍ଯ୍ୟରେ ଯୋଗ ନ ଦେଇ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ରହିଅଛନ୍ତି। ଆପଣଙ୍କୁ ବାରମ୍ବାର ତଲବ ଦେବା ସତ୍ତ୍ୱେ, ଆପଣ ନିଜ କାର୍ଯ୍ୟରେ ଏପର୍ଯ୍ୟନ୍ତ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ ଅନୁପସ୍ଥିତି ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ନିମନ୍ତେ ଆପଣଙ୍କୁ ଓଡ଼ିଶା ଶିଳ୍ପ ସୁରକ୍ଷା ବଳରେ ନିଯୁକ୍ତି କରାଯାଇଥିଲା, ତାହାର ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ, ବରଂ ଏହା ଚାକିରି ସର୍ତ୍ତାବଳୀର ବିରୁଦ୍ଧାଚରଣ କରୁଅଛି।
ଏଣୁ ଉକ୍ତ ବିଜ୍ଞାପନ ମାଧ୍ୟମରେ ଆପଣଙ୍କୁ ଜଣାଇ ଦିଆଯାଉଛି ଯେ, ଏହି ସମ୍ବାଦ ପ୍ରକାଶନର ୭(ସାତ) ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଅର୍ଥାତ୍ ଓ.ଆଇ.ଏସ୍.ଏଫ. କ୍ୟାମ୍ପ ଓ.ଏମ.ସି., କାଳିଆପାଣି, ଯାଜପୁରରେ ଯୋଗଦାନ କରିବେ। ଏଥିରେ ତ୍ରୁଟି କଲେ ଆପଣଙ୍କ ବିରୁଦ୍ଧରେ ଏକତରଫା ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./– ଦୁର୍ଗପତି
ଓ.ଶି.ସୁ.ବ., ଭୁବନେଶ୍ୱର, ଖୋର୍ଦ୍ଧା
Address-O/O The Commandant, OISF, At- Plot No.139 (P) Keshari Nagar, Unit-V, Bhubaneswar, Pin-751001, Dist.- Khurda, E-Mail - comdtoisf.odpol@gov.in
12029/11/0033/1920

Annexure-I
**OFFICE OF THE CHIEF RESEARCH OFFICER HIRAKUD RESEARCH STATION, HIRAKUD**
**E-mail: cro_hrs@rocketmail.com**
**Quotation Call Notice No. 01/2019-20**
**No: 2509** **Date: 07.11.2019**
No. A-387: Sealed Quotations are invited from interested reputed Travel Agencies/Tour Operators or private individuals for providing 1 (one) No. of AC Diesel driven vehicles Tiago/Bolt/Celerio(Petrol) (BS-IV compliant Petrol Vehicle is preferable) having sitting capacity not more than five including driver, which shall conform to the Terms and conditions (Annexure-II) for the official use in the O/O THE DIRECTOR. RESEARCH & QUALITY CONTROL, BURLA on monthly rent basis.
1. The vehicle must be in Road worthy condition, shall not be more than 3 years old from the date of initial registration and must have valid Registration Certificate, Insurance Certificate, Fitness Certificate, valid Contract Carriage permit, proof of up to date tax payment etc. which are mandatory for plying of vehicle.
2. The Driver of the vehicle must have a valid Driving License for driving light transport passenger vehicle and should be sufficiently experienced in driving transport passenger vehicle.
3. The Driver should be well behaved, gentle and obedient in nature.
4. A sum of Rs.5000/- shall be deposited by the intending bidders in shape of account payee Bank Draft drawn in favour of the (CHIEF RESEARCH OFFICER. HIRAKUD RESEARCH STATION. HIRAKUD) Payable at SBI, Burla & submitted along with the tender as security deposit. After completion of tender process, the amount will be refunded to unsuccessful bidders.
5. The monthly rate of hire charge be quoted separately in the general bid information (excluding fuel and lubricants)
6. The vehicle must achieve a fuel efficiency of 17(Seventeen) Kms per litre.
7. The details of the make and year of manufacture of the vehicle, registration no, mileage (Kms covered per litre) and name of the driver with Driving license No. and period of validity should be specifically provided in the general bid information to be furnished with the Quotation (Annexure-III)
8. The Quotation completed in all respect should reach the undersigned on or before 26-11-2019 by 5.00 P.M. and shall be opened on 27-11-2019 11 A.M. in the O/O the Chief Research Officer, Hirakud Research Station, Hirakud in presence of the bidders or their authorized representatives.
9. The application form of Quotation containing General Bid information & Terms and conditions for Hiring of vehicles etc. will be available with "CHIEF RESEARCH OFFICER. HIRAKUD RESEARCH STATION. HIRAKUD" on payment of Rs. 600/-(Rupees Six Hundred) only from 20-11-2019 to 26-11-2019 or can be downloaded from Odisha Govt. Website www.odisha.gov.in from 20-11-2019 to 26-11-2019 . In case the application form is downloaded from Government website, the applicant shall furnish the demand draft for an amount of Rs. 600/- (Rupees Six Hundred) only towards the cost of application along with the application.

**Sd./- Chief Research Officer Hirakud Research Station, Hirakud**
32244/11/0004/1920

# SUNDAY classifieds




## BRIDE WANTED

ସୁରଟର ଏକ ଡାଇମଣ୍ଡ କମ୍ପାନୀରେ ଚାକିରି କରୁଥିବା ପୁରୀ ନିବାସୀ 35 ବର୍ଷୀୟ ବରପାତ୍ର ପାଇଁ, ବଣିଆ ଜାତିର ଏକ କନ୍ୟାପାତ୍ରୀ ଆବଶ୍ୟକ। ଯୋଗାଯୋଗ କରନ୍ତୁ। 9348544047, 9238600228. D-15274

Son Age 30 B.Tech, MBA, IIT Khargpur working in Mumbai Consultant Pwc India, Caste Brahmin, 7008986003. D-15201

Son Age 32 MBBS, SCB, MD in SCB Medical College, working in AIIMS BBSR, 7008986005. D-15203

Brahmin Divorced 38/5'8", Bhubaneswar, searching Bride, (Odisha), 8338083380, 8480611745. D-68176

SC (Pana) boy 1984/ B.Tech, Nationalised Bank Manager "VAISHNABI" 9238578590. D-68509

ତେଲୀପାତ୍ର 55½, କମ୍ପାନୀ ଚାକିରି, ମାଟ୍ରିକ (ଘରଜୋଇଁଆ ପ୍ରଯୁଜ୍ୟ): 7377316197. D-67253

Divorcee groom Bank manager 41, TCS 38, Clerk 43- 7873374269. D-68607

ପୁତ୍ରର ବାହାଘର ପାଇଁ ଚିନ୍ତିତ କି? Photo, Biodata ସହ ଯୋଗାଯୋଗ। "Akankshya group", 7978736177. D-68215

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ଫୋନ୍ : 6370055042. D-15264

Age- 38, work in Private sector OBC caste, Rasi 7/3- 8144732934. D-15197

## GROOM WANTED

Girl Age 29, MSC OUAT BBSR Working in Deputy Manager Govt Bank Caste-no-bar, 8144589551. D-15202

Beautiful Patara girl 1991, B-Tech, Software Engineer MNC Bangalore, 9090605880. D-15195

Age 35, Graduate Divorcee ସୁନ୍ଦର ଖଣ୍ଡାୟତ ଝିଅଙ୍କ ପାଇଁ ଯେ କୌଣସି ଜାତିର ପୁଅ ଦରକାର। 7381460016. D-67918

କନ୍ୟାର ବାହାଘର ଶୀଘ୍ର କରିବାକୁ ଚାହୁଁଛନ୍ତି କି? ଭଲଭଲ ପ୍ରସ୍ତାବ ପାଇଁ। "Akankshya group", 7978736177. D-68216

ସୁନ୍ଦର କରଣ ଝିଅ 1979, PG, 5'4" ପାଇଁ ଚାକିରିଆ, ବ୍ୟବସାୟୀ ପାତ୍ର ଆବଶ୍ୟକ। (Any caste), 8895458810. D-15266

Daughter is B.Sc, B.Ed & M.A, Education, serving TGT Science, in Kendriya Vidyalaya (permanent) Dob- 1986, 5.4" Danua Brahmin, fair complexion, needs boy of same caste, preferably Kendriya Vidyalay Employee/ Central Govt. Contact No: 9402475189, 9438054955 for early marriage. D-15228

Now Matrimonial ads. only on Wednesday & Sunday
Book 1 Get 1 FREE




## SALE

Scooty pep for sale 15 years renewal, Contact. 7008437072 12000/-. D-67722

Toyota Fortuner, WagonR-2015 (Dec), Lancer, Elentra for sale. 7381091234, 9861194627. D-68418




## SALE

**Gharabari boundary plot Infocity-2 near 200ft. road side. Direct owner- 8144391451.** D-68429

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ 1200sqft. 2,16,000/-, ଅରଗୁଳ IIT ରେଲୱେଷ୍ଟେସନ ପାଖରେ 1200କୁ 2,00,000/- plot (outright/ installment) 8144706560, 9348817649. D-68416

**30' revenue ରାସ୍ତାଥାଇ 3200sqft. ଘରବାଡ଼ି, BDA yellowzone boundary plot AIIMS Hospital ପାଖରେ ବିକ୍ରିହେବ। 6370292040.** D-68424

ତିନିତାଲା ନୂଆ କୋଠାଘର ବିକ୍ରିହେବ। ହାତିଶାଳ, ପହଲି ମହାନ୍ତି ବଗିଚା, ପୁରୀ। Contact No. 9452684397. D-68508

**Gharabari plot for sale at Amanapada, near Anantapur, Phulnakhara. Contact: 9438826479, 9776581412.** D-68022

ଭୁବନେଶ୍ୱର ହଂସପାଳ ଅଟଳା ପାଖରେ ଘରବାରି ପ୍ଲଟ 300/- ଏବଂ 600/-ରେ ମିଳୁଛି– 7853930213. D-68605

**Gharabari yellowzone East facing possession plot under BDA and BMC 500mtrs from NH-5 Bigbazar Hanspal- 9040059669.** D-68604

ଭୁବନେଶ୍ୱର New Railwaystation 30ft Road ଥାଇ sqft. 480/-, Ragistration, Conversion, Mutation free. 6371406921, 9439690111. D-68505

**NH-16 ପିତାପଲ୍ଲୀ ଛକରେ ସ୍ଥିତିବାନ ପ୍ଲଟ୍ ପୋଜେସନ୍ ଥାଇ 399/ରେ ମିଳୁଛି। 7873894075.** D-68415

One BHK flat for sale near Sea beach, Puri with modern facilities. Contact: 0674-2561050, 8260011011. D-15126

**ଭୁବନେଶ୍ୱର ପିପିଲି Tol gate ପରେ NH କୁ ଲାଗିକି Plot sqft. 650/-, 8249070901, 9438272948.** D-68430

**Do you want a land in Bhubaneswar, Sundarpada near Xavier University at Lowprice? Litigation free land, first possession then registration. 8847851850.** D-68413

Plot for sale Nakhara & Sundarpada, Bhubaneswar. Gharabari demarcated 30' wide road. Immediate registration & possession. Contact: 7008683329, 9348243488. D-67719

**ଭୁବନେଶ୍ୱର ନୁଆଗାଁରେ Yellowzone ଘରବାରି ପ୍ଲଟ୍ 1200sqft. @2300/- ବିକ୍ରିହେବ– 9861082584.** D-68417

Plot for sale at Puri, Sanatan Nagar ploting project per sqft. 700/- including registration, mutation, electricity, gharabari with patta, boundarywall. Plot size minimum 1200 sqft. 1km from Bus-stand & Railway station. Contact: 9861793775, 7077125889. D-68164

**Bhubaneswar Kesura SBI, କଲୋନୀକୁ ଲାଗି ଘରବାରି ପାଚେରୀସହ ଏବଂ Airport ଠାରୁ 5k.m. ସୁନ୍ଦରପଦାରେ plot ବିକ୍ରିହେବ। 9040008777.** D-68428

Land for sale at Sundarpada right side, in front of SBI, 08917399909. D-15275

**100ft. Revenue ପିଚୁରାସ୍ତାକୁ ଲାଗି ଘରବାରି, ବାଉଣ୍ଡାରୀ Commercial/ Residential ପ୍ଲଟ୍ 14,40,000/- ଧଉଳି ଶାନ୍ତିସ୍ତୁପ ପାଖରେ ମିଳୁଛି। 9437033320.** D-68426

Bhubaneswar ରୁ 18k.m ଏବଂ Cuttack ରୁ 13k.m ଦୂରରେ ଘରବାଡ଼ି plot କିଣନ୍ତୁ ମାତ୍ର 299 ଟଙ୍କାରେ। Mobile: 8917492419, 9090950009. D-68179

**ଭୁବନେଶ୍ୱର ବାଲିଅନ୍ତାରେ Ready to move Duplex, Tamandoରେ yellowzone plot କିଣନ୍ତୁ। 9348767829.** D-68427

Ready to move 2BHK/ 4BHK flat near Hotel Mayfair, Jaydev Vihar, Price Rs.5800/- per sqft. & triplex and duplex at Rangabazar near BJEM English Medium School-II. Price start Rs.47 lakhs. Contact: 9040046767, 9040007267. D-68166

**Gharabari 5ft boundarywall complete plot sale Chhatabar bypass roadside 3k.m. from 2nd infosys 6000sqft. 36,00,000/- (3side simplex) 9861281504.** D-68423

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-15139

"Plot near Gita College 2400sqft. new 100' to Infosys Road". Contact: 8072428923. D-15089

ଭୁବନେଶ୍ୱର ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ @ 500/- ରେ ମିଳୁଛି। 8093465134, 9668194157. D-68608

**Gated community plot sale in Uttara Sqft.650/-, 2/3BHK flat available Hanspal, GGP Colony, Patia, Khandagiri. 8763886496, 8763887357.** D-68422

To sell Running Bakery at Pahala (Bhubaneswar) with good turnover. Contact: 9178778888. D-63220

**2/3BHK ready to move premium duplex and flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-15140

(Schedule Caste) 19 ଗୁଣ୍ଠ ଜମି ଭିଙ୍ଗାରପୁର ହସଂପାଳଠାରେ ବିକ୍ରିହେବ। 9937816565, 9937568585. D-68170

**Plot sale near AIIMS Hospital, Bhubaneswar yellow zone 30' Road- 8280037688.** D-68425

ସ୍ଥିତିବାନ ବାସପୋଯୋଗୀ ଜମି 60ft ପିଚୁରାସ୍ତାକୁ ଲାଗି ବିକ୍ରିହେବ। 9937816565, 9937568585. D-68171

ଭୁବନେଶ୍ୱର ଗ୍ୟାରେଜଛକ ନିକଟରେ ପ୍ଲଟ୍ ବିକ୍ରିହେବ। possession, registration immediately. Contact: 9178660666. D-68177

4/5BHK duplex with gated community at Balianta (land-1400 & construction-2200 @ 60,00,000.00/ 2600 @ 70,00,000.00) Mplanets: 9938219397/ 9861022055. D-15248

Gharabari Conversion plot @ Khandagiri location. 7064229141, 9776341255. D-15265

**33000 sqft. IDCO corner plot sale at Mancheswar, Bhubaneswar. Only directly buyer contact Deepak- 9937329999.** D-68027

Gharabari plot sale Sundarpada near Kuha sqft. 850/-, 950/-. 9861964818, 9337766961. D-15206

**Gharabari plot at Balianta, Bhingarpur and Bagalpur. Immediate possession & registration. Contact: 9437147826.** D-15246

3BHK duplex for sale at Gothapatana, Bhubaneswar, 2.5km from SUM Hospital 9861444497, 8917665342. D-68510

**3BHK Duplex in Trinatha Bazar 32lakhs. Plot for sale at Atala sqft.300-650. 1BHK Simplex in Bhingarpur 10lakhs corehouse. 7978202587.** D-15231

Versa hermitage- 1BHK, studio flats available for sales at the holy land of Puri (Hurry, few flats left) 9861930740, 9437030740. D-68180

Tankapani road Saitemple backside Eastfacing plots available immediate registration & possession Simplex B.J.E.M-(2), 15,80,000/-, Duplex 26,50,000/-, 7735738102. D-15247

3BHK brand new Duplex with three phase electricline (Ready to move) with gated community (land- 1500sqft. Construction 1600sqft. both floors), at Brahmeswar Patna is for sale. Directly buyer Contact: 9776804190. D-15241

Independent Duplex house for sale at Gadakana, corner plot, 2200sqft. plinth over 2400sqft. plot. Contact: 7326049403. D-15268

2BHK flat near garage chhaka Bhubaneswar, Kedargouri Temple nearby, 7873492433. D-68309

**ମୋର ନିଜସ୍ୱ ପ୍ଲଟ୍ ଘାଟିକିଆ ଏବଂ କଳିଙ୍ଗ ବିହାରରେ, Duplex ଅନ୍ଧାରୁଆରେ ଓ 40,000sqft. ଫାର୍ମହାଉସ୍ ଅଛି, କେବଳ କିଣିବା ଲୋକ ଯୋଗାଯୋଗ କରନ୍ତୁ। 9438166196.** D-15267




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-15252

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## GENERAL

## SALE

Dignostics setup for disposal near Amri Hospital Bhubaneswar. Contact: 9437022665. D-68603

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ। 9853089865. D-68404




Tastefully built 1st floor 3BR with Garage and modern facilities at H/17 Chhend 1st phase at Rourkela on main road available for rent. Interested person contact: 9937055045. D-56659

2 Bedroom, 2 Toilet, Drawing, Big balcony, First floor for rent only Family opposit Stewart School Unit-8 Contact: 9437890015, 06742562487. D-67723

2BHK, 1BHK, Marble flats at main road, Unit-8, Soubhagya Nagar, Bhubaneswar. 9000004523. D-67720

New 3BHK flat for rent at Visal Garden. Near Krupajal Management College, Bhubaneswar. Rent 8500/- (Negotiable). Service holder preferred. Contact- 9337565886, 9437245757. D-15273

2BHK accommodation available at Sibanagar, Tankapani Road, Bhubaneswar. Small family preferred. Contact: 8249305801. D-67104

Two rooms, One longhall, Bathroom, Kitchen for rent at Metro Satelite City, Hanspal. Contact: 9337575253. D-15170

2BHK house for rent near Gosagareswar Temple, Ratharoad, Old-town BBSR, 9437357543. D-15205

1000sqft. Office 233, Sahid Nagar for rent. Contact: 9090089376. D-68026

Ground floor 1BHK for family at Chintamaniswar area, Bhubaneswar. 9439124087. D-67508




Rejuvenate and ayurvedic full body massage by smart therapist. 9114402304. D-68145

Ayurvedic full body massage ladies & gents smart therapist, 9668814589. D-68702

Newly open full body massage by ladies, gents therapist. 8018656899 D-60850

Kajal Ayurvedic massage club fully relaxed by smart lady, home service available- 9937637219. D-67000

Ayurvedic full body massage ladies & gents smart therapist, 9040900385. D-68701

Full body herbal massage with refreshment expert therapist. 7381239385, 06742540855. D-68172

Experience full body massage with us (expert). Call: 7377048581, 06742597822. D-68173

Herbal full body massage by smart / expert therapist. Contact: 8338067247. D-68174

Summer special mesmerizing offer expert therapeutic refreshing massage appointment. 9668374480. D-68175

Ayurvedic full body massage by ladies, gents therapist. 7008773793 D-60851

Refresh your mind and soul with best therapy at Orchid Salon/Spa. 9937287222. D-68703

Refresh your body with smart and expert therapist, Contact: 6370668486. D-68182




Daily profit start gold trading Business with 5%. Only. Contact: 7438997323. D-68181




ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ– ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-15270

## AFFIDAVIT

I, P N Jyotiranjan Behera, S/o- Narendra Prasad Behera, At- Betira, P.O- Mareigaon, P.S- Nandipada, Dist- Keonjhar have changed my name to Jyotiranjan Behera for all future purposes vide affidavit no. 41AA761396. D-15271

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

### ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



**ସିଦ୍ଧାର୍ଥ ଶଙ୍କର ଦାଶ (ସିଦ୍ଧୁ)**

ଗ୍ରାମ: କେନ୍ଦୁପାଲି, ପୋ: ଗୋଡଭଗା, ଜି: ବରଗଡ଼
ବର୍ତ୍ତମାନ ଠିକଣା: ଗ୍ରା/ପୋ: ଢ଼କରା, ଜି: ସମ୍ବଲପୁର, ଭାୟା: ଧମା
ମାଁ ବହଲମୁଣ୍ଡିଏନ୍, ଦୁର୍ଗାଦେବୀ ଏବଂ ବଡ଼ଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ। ତୋର ଚଲାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହୋଇଥାଉ। ଏତିକି ଭଗବାନଙ୍କଠାରେ ପ୍ରାର୍ଥନା କରୁଛୁ।

**ଶୁଭେଚ୍ଛା ସହ**

ବାବା, ମାମା, ବାପା, ମାଁ, ବାବୁବାପା, ବାରେନ୍ ପିଉସା, ମିନିଝିଅ: ପ୍ରଶାନ୍ତ ପିଉସା, ବେବି, ଶୁଭମ ବାବା, ଆକାଂକ୍ଷା ନାନୀ, ଆଲିସା ନାନୀ, ଆରିୟନ୍ତ ବାବା, ସ୍ନେହର ସିଦ୍ଧି ନାନୀ ଓ ଦାଶ ପରିବାରବର୍ଗ।
ଧ–୧୫୨୬୯

## CLASSIFIED BOOKING STATIONS

**MUNNA COMMUNICATION**
163, Jharpada,Cuttack Road, BBSR. Priyabrata Mohalik, Ph: 9337875700, 9861234845

**SUKHALATA SPARE HOUSE**
217, CTC Road, BBSR, Prasant Dash, Mob: 9439339595

**SAI COMMUNICATION**
3A/H, BJB Nagar, BBSR,

**ASSET PROPERTIES**
R.P. Patra, Plot-3766, Opposite Reliance Footprint, Rabi talkies chakka, Lewis Road, Ph-(0674) 2435756 (Tel/Fax) 9337124748 (What's app) 9439963384

**AMAN ADDCARE**
Plot No: 114/7, Airport Square, Bhimpur, Bhubaneswar- 751020
Email ID: amamaddcare@gmail.com
Whatsapp & Mobile No: 9937426436, 9853380364

**ANITA ADVERTISER**
S-17, BDA Market Complex, Nilakantha Nagar, Near Passport Office, Nayapalli, BBSR-12
Chinmaya Choudhury
Ph:9338991113, 9439811130
Email: anitaadvt@gmail.com

**PANCHAMUKHI ADVERTISERS**
Baramunda, Jagannath Vihar, Lane no-1, Road No-2, BBSR.
Mr. Swayang Prava Nayak, Mob: 9937791331.

## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ହରିହର ମହାପାତ୍ର**
ଦୋଳମଣ୍ଡପ ସାହି, ପୁରୀ

ଅଜା, ତୁମେ ପୁରୀର ମନ୍ଦିର ସେବାରେ ତୁମର ନିଷ୍ଠା ଓ କାଷ୍ଠା ପାଇଁ ସାଧାରଣରେ ତୁମେ ଅସାଧାରଣ ବ୍ୟକ୍ତିତ୍ୱ। ଚାହୁଁ ଚାହୁଁ ଦଶଦିନ ବିତିଗଲା ତୁମର କାର୍ଯ୍ୟଧାରା ମୋ ପରିବାରକୁ ବିଶେଷ ପ୍ରେରଣା ଦେଇଛି। ତୁମେ ଯୋଉଠି ରୁହପଛେ ଶ୍ରୀଜଗନ୍ନାଥ ତୁମକୁ ଭଲରେ ରଖନ୍ତୁ ଏହାହିଁ ଆମର କାମନା।

**ଶୋକସନ୍ତପ୍ତ:**
ନାତି: ଦେବବ୍ରତ ଦାସ୍ (ବୁବୁ), ନାତୁଣୀବୋହୂ: ଖୁସି, ଅଣନାତି: ଆର୍ଯ୍ୟନ ଓ ଆୟୁଷ
ଧ–୬୮୭୦୬

### ତୃତୀୟ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମଧୁସୂଦନ ମଲିଆ**
କପିଳେଶ୍ୱର, ଓଲ୍ଡଟାଉନ୍, ଭୁବନେଶ୍ୱର–୨
ଆବିର୍ଭାବ: ୦୩।୦୨।୧୯୪୨
ତିରୋଧାନ: ୩୦।୧୧।୨୦୧୬
ଆପଣଙ୍କ ପାଖରେ ଆମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ।

**ଶୋକସନ୍ତପ୍ତ:**
ପୁଅ: ପପୁ, ଅକ୍ଷୟ, ଅଜୟ, ସଞ୍ଜୟ, ବୋହୂ: ଲିଲି, କୁନି, ଲୀନା, ଲିଲିମା, ଝିଅ: ନୃସିଂହ, ଝିଅ: ଝୁନା, ନାତି: ସଂଗ୍ରାମ, ବାପୁନା, ଲାଲୁ, ଲିପୁନ୍, ଆରିୟନ୍, ଆଦି, ଋଷି, ରାଜବାପା, ନାତୁଣୀ: ମିତା ଟୁକୁରୀ, ରୋଜା, ଫିଜା, ନିକି, ରିତା, ଶୋନୁ, ସାନି, ନାତୁଣୀ ବୋହୂ: ଲୋନି, ରିଙ୍କି
ଧ–୧୫୨୭୨

## ସଂକ୍ଷେପରେ

### ଖିମ୍‌ଜୀ ଗ୍ରୁପ ବାଲିଯାତ୍ରା ଷ୍ଟଲ୍‌ରେ ପ୍ରବଳ ଜନଗହଳି

ଭୁବନେଶ୍ୱର,୧୬-୧୧(ବ୍ୟୁରୋ): ଖିମ୍‌ଜୀ ଗ୍ରୁପ ପକ୍ଷରୁ କଟକ ବାଲିଯାତ୍ରାଠାରେ ସ୍ଥାପନ ହୋଇଥିବା ଷ୍ଟଲ୍‌ରେ ପ୍ରବଳ ଜନଗହଳି ପରିଲକ୍ଷିତ ହୋଇଛି। ୭ ହଜାର ବର୍ଗଫୁଟ ପରିମିତ ଏହି ସ୍ଥାନରେ ଖିମ୍‌ଜୀ ଜୁଏଲର୍ସ ସହ ଖିମ୍‌ଜୀର ରୟାଲ ଏନଫିଲ୍ଡ, କାୱାସାକି ଡିଲରଶିପର ବାଇକଗୁଡିକ ଲୋକମାନଙ୍କ ଲାଗି ପ୍ରଦର୍ଶିତ କରାଯାଇଛି। ଏହି ଅବସରରେ ଲୋକମାନେ ଖିମ୍‌ଜୀ ଜୁଏଲର୍ସର ଧନଲକ୍ଷ୍ମୀ ଜୁଏଲେରୀ କ୍ରୟ ପ୍ଲାନର ସୁବିଧା ଉଠାଇପାରିବେ। ଏହା ସହ ରୟାଲ ଏନ୍‌ଫିଲ୍ଡର ବିଭିନ୍ନ ମୋଟରସାଇକେଲ, କାୱାସାକି ନିଞ୍ଜା ସିରିଜ୍ ବାଇକର ଏଠାରେ ଲୋକଙ୍କୁ ଆକର୍ଷିତ କରୁଥିବା ସୂଚନା ରହିଛି। ଭୁବନେଶ୍ୱର, ବ୍ରହ୍ମପୁର, କଟକ ଏବଂ ରାଉରକେଲାରେ ଖିମ୍‌ଜୀ ଜୁଏଲର୍ସ ବର୍ତ୍ତମାନ ସେବା ଯୋଗାଉଛି। ରୟାଲ ଏନ୍‌ଫିଲ୍ଡ ଲାଗି ଖିମ୍‌ଜୀ ଅଟୋମୋବାଇଲ ଶୋ'ରୁମ ବର୍ତ୍ତମାନ ଫୁଲନଖରା, ଜଗତସିଂହପୁର, ସାଲେପୁର, ଚୌଦ୍ୱାର ଭଳି ସ୍ଥାନରେ ରହିଛି। ଏହାବାଦ କାୱାସାକି ଲାଗି ଖିମ୍‌ଜୀ ସୁପରବାଇକ୍ସ ଏଲ୍ଏଲ୍‌ପି ଶୋ'ରୁମ ଏବେ ଭୁବନେଶ୍ୱର ଏବଂ ଅହମ୍ମଦାବାଦଠାରେ ଥିବା ଖିମ୍‌ଜୀ ପକ୍ଷରୁ କୁହାଯାଇଛି।



ଏମ୍‌ଏସ୍‌ଏମ୍‌ଇ ରପ୍ତାନିକୁ ପ୍ରୋତ୍ସାହିତ କରିବା ଲାଗି ସରକାର ଜାତୀୟ ନୀତି ଆଣିବାକୁ ଚିନ୍ତା କରୁଛନ୍ତି।
– ନୀତିନ ଗଡକରୀ, କେନ୍ଦ୍ର ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ



ଟେକ୍ନୋଲୋଜିକୁ ଏମିତି ରୂପ ଦିଆଯିବା ଆବଶ୍ୟକ ଯାହା ମାନବଜାତିକୁ ଅଧିକରୁ ଅଧିକ ଲାଭ ପ୍ରଦାନ କରିବ।
– ବିଲ୍ ଗେଟ୍‌ସ, ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା

# ନଗଦ କାରବାର ଛାଡ଼ିବାକୁ ଲୋକେ ବିମୁଖ

■ ନଗଦ ପରିମାଣ ୧୭% ବଢ଼ି ୨୧.୧ ଲକ୍ଷ କୋଟି
■ ମୁଦ୍ରା ସଞ୍ଚାଳନ ଅନୁପାତ ୧୧.୨୩%କୁ ବୃଦ୍ଧି



ମୁମ୍ବାଇ,୧୬-୧୧

ଦେଶ ମଧ୍ୟରେ ଇଣ୍ଟରନେଟ ଏବଂ ମୋବାଇଲ ଫୋନ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିଥିଲେ ମଧ୍ୟ ଏବେବି ଲୋକମାନେ ବିଭିନ୍ନ କାର୍ଯ୍ୟ ଲାଗି ନଗଦ କାରବାର ଛାଡିବାକୁ ବିମୁଖ ଅଛନ୍ତି। ଏହାଯୋଗୁ ଦେଶର ଡିଜିଟାଲ ଅର୍ଥନୀତି ସ୍ୱପ୍ନ ଧିମା ହେଉଥିବା ନଜରକୁ ଆସିଛି। ଗ୍ରାମାଞ୍ଚଳ ବାଦ୍ ସହରାଞ୍ଚଳରେ ମଧ୍ୟ ଦୈନନ୍ଦିନ ବ୍ୟବହାରରେ ଲୋକମାନେ ଅଧିକ ସଂଖ୍ୟାରେ ନଗଦ କାରବାର କରୁଥିବା ଦେଖାଯାଉଛି। ବିଭିନ୍ନ ଆନୁଷଙ୍ଗିକ ଭିତ୍ତିଭୂମି ଅଭାବରୁ ଡିଜିଟାଲ କାରବାରରେ ବାଧା ଉପୁଜୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି। ୨୦୧୬ ନଭେମ୍ବର ୮ରେ ବିମୁଦ୍ରୀକରଣ ଘୋଷଣା ଦ୍ୱାରା ଅଘୋଷିତ କଳାଟଙ୍କା ଏବଂ ଦୁର୍ନୀତି ବିରୋଧରେ ଲଢେଇ, ନଗଦ କାରବାର କମାଇବା ଏବଂ ଡିଜିଟାଲ ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଦାନ ସରକାରଙ୍କ ଲକ୍ଷ୍ୟ ଥିଲା। ମାତ୍ର ନଗଦ ପ୍ରତି ରହିଥିବା ଲୋକଙ୍କ ଆସକ୍ତି ଏବେ ଦୃଢ ହୋଇଥିବା ଜଣାପଡିଛି। ଦେଶର ଜିଡିପି ଅଭିବୃଦ୍ଧି ୬ ବର୍ଷର ସର୍ବନିମ୍ନ ସ୍ତରକୁ ଖସିଥିଲେ ମଧ୍ୟ ଏବେ ମଧ୍ୟ ପ୍ରଚଳନ ନଗଦ ମାତ୍ରା ବଢି ଚାଲିଛି।

ରିଜର୍ଭ ବ୍ୟାଙ୍କ ତଥ୍ୟ ମୁତାବକ, ଚଳିତ ବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ବିମୁଦ୍ରୀକରଣ ପରେ ବ୍ୟବସ୍ଥାରେ ନଗଦ ପରିମାଣ ୧୭% ବଢି ୨୧.୧ ଲକ୍ଷ କୋଟି( ୨୯୫.୭ ବିଲିୟନ ଡଲାର) ଟପିଛି। ଏହି ସମୟରେ ଦେଶର ମୋଟ ଜିଡିପିକୁ ଏବଂ ମୁଦ୍ରା ସଞ୍ଚାଳନ ଅନୁପାତ ଏବେ ୧୧.୨୩%କୁ ବଢିଛି। ଏହା ୨୦୧୭ ମାର୍ଚ୍ଚ ଶେଷ ସୁଦ୍ଧା ୮.୭୯% ରହିଥିଲା। ୨୦୧୭-୧୮ରେ ଡିଜିଟାଲ ନେଣଦେଣ ୨୨.୨% ବଢିଥିବା ବେଳେ ଏହା ୨୦୧୮-୧୯ରେ ୧୯.୫% ରହିଥିବା କେନ୍ଦ୍ରୀୟ ବ୍ୟାଙ୍କର ତଥ୍ୟରୁ ସାମ୍ନାକୁ ଆସିଛି। ଡିଜିଟାଲ ନେଣଦେଣକୁ ବଢାଇବା ଲାଗି ସରକାର ଷ୍ଟେଟ୍ ଅଫ୍ ଆର୍ଟ ପେମେଣ୍ଟ ସିଷ୍ଟମ ଆଣିଛି। ସେହିଭଳି ପାର୍କିଂ, ଫୁଏଲ, ଟୋଲ ସଂଗ୍ରହ କ୍ଷେତ୍ରରେ ଇପେମେଣ୍ଟକୁ ବଢାଇବା ଦିଗରେ ରିଜର୍ଭ ବ୍ୟାଙ୍କ କାମ କରୁଛି। ଏହାବାଦ ୨୦୨୦ ଜାନୁୟାରୀରୁ ନ୍ୟାଶନାଲ ଇଲେକଟ୍ରୋନିକ୍ସ ଫଣ୍ଡ ଟ୍ରାନ୍ସଫର(ଏନ୍‌ଇଏଫ୍‌ଟି) ନେଣଦେଣରେ କୌଣସି ଚାର୍ଜ ନ କରିବାକୁ ବ୍ୟାଙ୍କଗୁଡ଼ିକୁ କୁହାଯାଇଛି।

ଉଚ୍ଚ ହାରରେ ଟିକସ ପ୍ରଦାନରୁ ବିରତ ହେବା, ରିଟେଲରଙ୍କଠାରୁ ଉଚ୍ଚ ଚାର୍ଜ ଭଳି ପ୍ରସଙ୍ଗ ଏହା ମଧ୍ୟରେ ସାମିଲ ରହିଛି। ଇ-ଟ୍ରାଞ୍ଜାକସନ୍ ଲାଗି ଛୋଟଛୋଟ ଷ୍ଟୋରଗୁଡିକ ପ୍ରଦାନ କରୁଥିବା ସର୍ଭିସ ପାର୍ଟନର ଚାର୍ଜ ମଧ୍ୟ ସେମାନଙ୍କ ଲାଗି ଅଡୁଆ ହେଉଛି। ଏଟିଏମ୍‌ଗୁଡିକର ଉଚ୍ଚ ପରିଚାଳନା ଖର୍ଚ୍ଚ ଯୋଗୁ ନୂଆ ଏଟିଏମ୍ ଖୋଲିବାରେ ବାଧା ଉପୁଜୁଛି। ବ୍ରିକ୍ସ ଦେଶ ତୁଳନାରେ ଭାରତରେ ପ୍ରତି ୧ ଲକ୍ଷ ଜନସଂଖ୍ୟାରେ ଏଟିଏମ୍ ସଂଖ୍ୟା ଅତି ସ୍ୱଳ୍ପ ରହିଥିବା ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି(ଆଇଏମ୍‌ଏଫ୍) କହିଛି। ଦେଶର ମୋଟ ଜନସଂଖ୍ୟା ମଧ୍ୟରୁ ଏକ ସିଂହଭାଗ ଅଂଶ ଗ୍ରାମାଞ୍ଚଳରେ ରହୁଥିବାରୁ ଇ-ପେମେଣ୍ଟ କ୍ଷେତ୍ରରେ ଏହା ବାଧା ଉପୁଜାଉଛି। ଡିଜିଟାଲ ପେମେଣ୍ଟ ମେଟ୍ରୋ ସହର ସମେତ ସହର ଏବଂ ଅର୍ଦ୍ଧ ସହରାଞ୍ଚଳରେ ଦେଖାଯାଉଛି। ମାତ୍ର ଗ୍ରାମାଞ୍ଚଳରେ ସ୍ଥିତିରେ ଉନ୍ନତି ଏବେ ଯାଏ ଆସିନାହିଁ।



## ବଜାଜ ଅଟୋର ଚେତକ ଇଲେକ୍‌ଟ୍ରିକ ଯାତ୍ରା

ପୁଣେ,୧୬-୧୧

ବଜାଜ ଅଟୋ ଲିମିଟେଡ ପକ୍ଷରୁ ଚେତକ ଇଲେକ୍‌ଟ୍ରିକ ଯାତ୍ରା ଶେଷ ହୋଇଛି। ଏହା ନୂଆଦିଲ୍ଲୀଠାରୁ ଆରମ୍ଭ କରାଯାଇଥିବା ବେଳେ ପୁଣେରେ ଶେଷ କରାଯାଇଛି। ଅକ୍ଟୋବର ୧୬ରେ ଏହାକୁ ନୂଆଦିଲ୍ଲୀଠାରୁ ଉନ୍ମୋଚନ କରାଯାଇଥିଲା। କେନ୍ଦ୍ର ସଡକ ଏବଂ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଏହାର ଶୁଭାରମ୍ଭ କରିଥିଲେ। ଉତ୍ତର ଏବଂ ପଶ୍ଚିମ ଭାରତରେ ପ୍ରାୟ ୩୦୦୦ କିମି ଯାତ୍ରା କରିବା ପରେ ଏହା ପୁଣେଠାରେ ଶେଷ ହୋଇଛି। ଦିଲ୍ଲୀରୁ ଆରମ୍ଭ ହୋଇ ଆଗ୍ରା, ଜୟପୁର, ଉଦୟପୁର, ଚିତ୍ତୋରଗଡ, ଅହମ୍ମଦାବାଦ, ମୁମ୍ବାଇ ଏବଂ ପଣଜୀ ଭଳି ସ୍ଥାନ ଏହା ଛୁଇଁଥିଲା। ଉଦ୍‌ଯାପନୀ ଉତ୍ସବରେ ବଜାଜ ଅଟୋର ଅଧ୍ୟକ୍ଷ ରାହୁଲ ବଜାଜ ଉପସ୍ଥିତ ଥିଲେ।

## ଗୀତମ୍ ପକ୍ଷରୁ ନାମଲେଖା ଘୋଷଣା

ବିଶାଖାପାଟଣା,୧୬-୧୧

ଗୀତମ୍ ଡିମ୍‌ଡ ୟୁନିଭର୍ସିଟି ପକ୍ଷରୁ ୨୦୨୦ ଲାଗି ନାମଲେଖା ସମ୍ପର୍କରେ ଘୋଷଣା କରାଯାଇଛି। ୟୁନିଭର୍ସିଟିର କୁଳପତି ପ୍ରଫେସର କେ.ଶିବରାମ କ୍ରିଷ୍ଣା ଗୀତମ ଆଡମିଶନ ଟେଷ୍ଟ(ଜିଏଟି-୨୦୨୦) ବିଜ୍ଞପ୍ତିକୁ ଗୀତମ ଭାଇଜାଗ ସିଟି ସେଣ୍ଟରଠାରେ ଉନ୍ମୋଚନ କରିଥିଲେ। ୨୦୨୦ ଏପ୍ରିଲ ୧୧ରୁ ୨୧ ତାରିଖ ମଧ୍ୟରେ ସାରା ଦେଶର ୫୦ ସେଣ୍ଟରରେ ଏଥି ଲାଗି ପ୍ରବେଶିକା ଅନୁଷ୍ଠିତ ହେବ ବୋଲି ପ୍ରଫେସର କ୍ରିଷ୍ଣା କହିଛନ୍ତି। ବି.ଟେକ, ଏମ୍‌ଟେକ କାର୍ଯ୍ୟକ୍ରମ ବାଦ୍ ବି.ଫାର୍ମା, ଏମ୍ .ଫାର୍ମା, ଏମ୍.ଆର୍କ ଭଳି ବିଭିନ୍ନ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ଲାଗି ଶିକ୍ଷାଦାନ ବ୍ୟବସ୍ଥା ରହିଛି। ବିଶାଖାପାଟଣା, ହାଇଦ୍ରାବାଦ ଏବଂ ବାଙ୍ଗାଲୋର କ୍ୟାମ୍ପସରେ ଛାତ୍ରୀଛାତ୍ର ବିଭିନ୍ନ ବିଷୟରେ ଶିକ୍ଷା ଗ୍ରହଣ କରିପାରିବେ। ଚଳିତ ବର୍ଷ ମେଧାବୃତ୍ତି ଲାଗି ମଧ୍ୟ ବ୍ୟବସ୍ଥା କରାଯାଇଛି। ୧୫ ନଭେମ୍ବରରୁ ଗୀତମ ୱେବସାଇଟକୁ ଯାଇ ଛାତ୍ରୀଛାତ୍ର ଆବେଦନ କରିପାରିବେ।

## ହୋଣ୍ଡା ଟୁହ୍ୱିଲର୍ସ ପକ୍ଷରୁ ଶିଶୁଦିବସ ପାଳନ

ଭୁବନେଶ୍ୱର,୧୬-୧୧

ହୋଣ୍ଡା ଟୁହ୍ୱିଲର୍ସ ଲିମିଟେଡ ପକ୍ଷରୁ ସାରା ଦେଶରେ ୧୪ ଟ୍ରାଫିକ ଟ୍ରେନିଂ ପାର୍କରେ ଶିଶୁ ଦିବସ ପାଳନ କରାଯାଇଛି। ଭାରତୀୟ ସଡକକୁ ସୁରକ୍ଷିତ କରିବା ଏବଂ ପିଲାମାନଙ୍କ ମଧ୍ୟରେ ନିରାପତ୍ତାକୁ ନିଶ୍ଚିତ କରିବା ଲାଗି କମ୍ପାନୀ ପକ୍ଷରୁ ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଛି। 'ବ୍ଲାଇଣ୍ଡ ସ୍ପଟରୁ ସୁରକ୍ଷିତ ରୁହନ୍ତୁ' ବିଷୟ ଉପରେ ୫ରୁ ୧୦ ବର୍ଷ ପିଲାଙ୍କ ମଧ୍ୟରେ ଏହି ଉତ୍ସବକୁ ସ୍ୱତନ୍ତ୍ର ଭାବେ ପାଳନ କରାଯାଇଛି। ଏହି ସମୟରେ ପିଲାମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିକୁ କମ୍ପାନୀ ଧ୍ୟାନରେ ରଖିଛି। ଭୁବନେଶ୍ୱର ସମେତ ଦେଶର ୧୪ ଟ୍ରାଫିକ ଟ୍ରେନିଂ ପାର୍କରେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଛାତ୍ରୀଛାତ୍ର ସ୍କୁଲକୁ ଯିବା ବେଳେ କିମ୍ବା ଅଭିଭାବକଙ୍କ ସହ ଯାତ୍ରା ବେଳେ ବ୍ଲାଇଣ୍ଡ ସ୍ପଟକୁ ଚିହ୍ନଟ କରିବା ଲାଗି ଏହି ଅବସରରେ ପ୍ରଶିକ୍ଷଣ ପ୍ରଦାନ ସହ ସଡକ ସୁରକ୍ଷାକୁ ଗୁରୁତ୍ୱାରୋପ କରିଥିବା ହୋଣ୍ଡା ମୋଟର ସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡର ବ୍ରାଣ୍ଡ ଓ ଯୋଗାଯୋଗ ଉପସଭାପତି ପ୍ରଭୁ ନାଗରାଜ କହିଛନ୍ତି।

## ଗୋଦ୍‌ରେଜର ହର୍‌ଘର୍ ସୁରକ୍ଷିତ କାର୍ଯ୍ୟକ୍ରମ

ମୁମ୍ବାଇ,୧୬-୧୧

ଗୋଦ୍‌ରେଜ ଲକ୍ ପକ୍ଷରୁ ଗୃହ ସୁରକ୍ଷା ଦିବସରେ ନିଃଶୁଳ୍କ ଘର ସୁରକ୍ଷା ନୀରିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏହା ଦ୍ୱାରା ଲୋକମାନେ ନିଜ ଘରର ସୁରକ୍ଷା ଶକ୍ତି ସମ୍ପର୍କରେ ଜାଣିପାରିବେ। ସୁରକ୍ଷା ବ୍ୟବସ୍ଥାରେ କୌଣସି ତୃଟି ଥିଲେ ଏହାକୁ ସୁଧାରିବା ଲାଗି ଆବଶ୍ୟକ ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିପାରିବେ। ଗୋଦ୍‌ରେଜ ଲକ୍ ପକ୍ଷରୁ ଗ୍ରହଣ କରାଯାଇଥିବା ହର୍‌ଘର୍ ସୁରକ୍ଷିତ ଯୋଜନାର ପ୍ରଥମ ବାର୍ଷିକୀ ଅବସରରେ ଘର ସୁରକ୍ଷା ନୀରିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଗୃହ ସୁରକ୍ଷା ପ୍ରସଙ୍ଗ ଦେଶରେ ସମ୍ପ୍ରତି ଆଲୋଚନାର ବିଷୟ ହୋଇଥିବା ବେଳେ ଏଥି ପ୍ରତି ଦୃଷ୍ଟି ଦେବାର ଆବଶ୍ୟକତା ରହିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ତଥ୍ୟ ମୁତାବକ ୨୦୧୭ ମସିହାରେ ଚୋରି, ଡକାୟତି ଏବଂ ସିନ୍ଧିଚୋରିର ୨.୪୪ ଲକ୍ଷ ମାମଲା ସାମ୍ନାକୁ ଆସିଛି। ପୂର୍ବବର୍ଷ ତୁଳନାରେ ଏହି ଅପରାଧ ସଂଖ୍ୟା ୧୦.୫୩% ଅଧିକ। ଏହି ଅବସରରେ ଏଜ ଅଫ୍ ସେଫଟି ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପ୍ରତି ତିନି ମିନିଟରେ ଦେଶରେ ଏକ ସିନ୍ଧିଚୋରି ହେଉଥିବା ଗୋଦ୍‌ରେଜ ଲକର କାର୍ଯ୍ୟକାରୀ ଉପସଭାପତି ଶ୍ୟାମ ମୋଟୱାନୀ କହିଛନ୍ତି।

JATNI MUNICIPAL COUNCIL, JATNI
P.O. JATNI - 752050, DIST.- KHORDHA, (ODISHA), Phone No.-0674-2490826
QUOTATION CALL NOTICE

Quotations in Sealed cover are invited from the intending Suppliers/Manufacturers/ Authorized Company Dealer/Dealers for supply of following sanitation materials to this ULB by 26.11.2019 at 12.00 PM and the same will be opened at 1PM in the presence of Authorized Agencies or their Quotationer .The Quotation shall have to deposit the EMD Rs.10,000/-(Ten Thousand)only in shape of BD/DD from any Nationalized Bank in favour of Executive Officer Jatni Municipality along with the quotation. The up to date GST clearance /Pan Card are required to be submitted with quotation. The Authority reserves the right to accept or reject any quotation without assigning any reason thereof. The Quotation call notice is also available in the Website http://ordistricts.nic.in
Specification / Rate Per. 1. Bleaching Powder (Gr-I), 25kg bag each., 2.Black Phenyl (Best quality), 20ltrs. Barrel., 3.White Scented Phenyl, Per ltr., 4. Malaria oil (Larva killer), 20ltrs barrel., 5. Lime Powder, Per kg., 6. Feronoxime, Per 50kg., 7. Lindon Powder, Per 50kg., 8. Temphos, 5ltr barrel., 9. Bilarva, Per 500gm., 10. Kingfog, Per ltr.
The rate should be inclusive of all taxes, Freight charges, if any. The materials should be delivered in the store of J.M.C. The materials beyond the standard should not be accepted.
Sd./- Executive Officer, Municipality Council, Jatni

ଓଡ଼ିଶା ଗ୍ରାମ୍ୟ ଉନ୍ନୟନ ଓ ବିପଣନ ସମିତି ORMAS BHUBANESWAR
ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଓଡ଼ିଶା ସରକାର
ODISHA RURAL DEVELOPMENT & MARKETING SOCIETY
creating competence and values in rural Odisha
Panchayati Raj and DW Department, Government of Odisha
No.: 3309/19 Date: 16.11.19
SD/337/2019 (P-2)
EXTENSION NOTICE FOR SUBMISSION OF PROPOSALS
Referring to the Request for Proposal No. 2734 dated 14.10.2019 and Corrigendum Notice No. 2933, Dtd.25.10.2019, for **selection of agencies for Establishment and Operation of five migration support centers (Bhubaneswar, Hyderabad, Pune, Bengaluru, Bhiwadi - NCR under DDU-GKY**, the schedule of bid receiving and opening has been revised as follows;

| Activity | Scheduled Time & Date | Rescheduled Date & Time |
|---|---|---|
| End date and time of submission of RFP | 14th November' 2019 by 03.00 P.M. | 6th December' 2019 by 02.00 P.M. |
| Time & Date for opening of Technical Bid | 14th November' 2019 by 04.00 P.M. | 6th December' 2019 by 03.30 P.M. |

* The other terms and conditions with respect to the RFP remain unchanged.
By order of
Chief Executive Officer, ORMAS
Sd./- Joint CEO (Accounts)

GOVERNMENT OF ODISHA
OFFICE OF THE SUPERINTENDING ENGINEER, RURAL WORKS CIRCLE, SUNDARGARH
E-Procurement Notice, Online – RWSESNG – 16 of 2019-20 Letter No.2449 /Dtd.14.11.2019
No.O-522:- E-mail address-serw_sundargarh@yahoo.com

1. Type of the Work: Road Work & Bridge work
2. Total No. of works: 01 No. (Percentage Rate Tender)
3. Estimated cost: **Rs. 429.54 Lakh**
4. Class of contractor: 'A' Class & 'Special' Class
5. Period of completion: Eleven Calendar Months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS: Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender On-line for bidding | | Last Date & Time of Seeking Tender Clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-16 of 2019-20 | 20.11.2019 11:00 AM | 06.12.2019 3:00 PM | 05.12.2019 3:00 PM | 11.12.2019 11:00 AM | Will be intimated separately |

Further details can be seen from the website **www.tendersorissa.gov.in.**
N.B: Corrigendum if any may be seen in this website: **www.tendersorissa.gov.in.**
Authority reserves the right to reject any or all the tenders without assigning any reason thereof.
25133/11/0020/1920 Sd./- Superintending Engineer, Rural Works Circle, Sundargarh

ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING) PANTHANIVAS
(OLD BLOCK): LEWIS ROAD BHUBANESWAR-14
INVITATIONS FOR BIDS (IFB)
Letter No.6874 Date:15.11.2019
1st Corrigendum to Tender call Notice No. BP -I/16/2019-20 dt. 06.11.2019
Critical dates changed as follows:
No.CAD-588 :- This is regarding Tender Call Notice NO. BP -I/16/2019-20 dt.06.11.2019 published in "New Indian Express", "Indian Express" (All edition) and **"Dharitri" on 08.11.19.**
Bid documents such as DTCN/BOQ etc. can be seen / downloaded from the Govt. website i.e. www.tenderodisha.gov.in during the period dt. 19.11.2019 to 17.00 hours of dt. 03.12.2019.
Online bids shall be received till 17.00 hours of dt.03.12.2019.
The technical bids will be opened at 11.30 hours of dt. 04.12.2019 in the office of the Superintending Engineer, OTDC Ltd., Bhubaneswar.
All other terms & conditions remain unchanged.
Sd./- Superintending Engineer
37002/11/0018/1920 O.T.D.C. L.td., BBSR

ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି
ଜିଲ୍ଲା-ବଲାଙ୍ଗୀର

ଏତଦ୍ୱାରା ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ଖରିଫ୍ ଋତୁ (୨୦୧୯-୨୦) ବର୍ଷ ପାଇଁ ସରକାର ନିମ୍ନ ମତେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ କରିଛନ୍ତି। ତେଣୁ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ପ୍ରାଥମିକ କୃଷି ସମବାୟ ସମିତି (PACS) ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ (WSHG) ମାନଙ୍କରେ ନିର୍ଦ୍ଧାରିତ ଦିବସରେ ବିକ୍ରୀ କରିବା ପାଇଁ ଅନୁରୋଧ।

"ଚାଷୀ ଭାଇମାନଙ୍କୁ ଅନୁରୋଧ, ଧାନ ସବୁକୁ ଠିକ୍ ଭାବରେ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ଭଲ ଭାବରେ ସଫାକରି ବିକ୍ରୟ କେନ୍ଦ୍ରକୁ ଆଣିବା ହେବେ। ଯେପରି ଧାନ ବ୍ୟବସାୟଯୋଗୀ, ଖାଦ୍ୟ ଉପଯୋଗୀ ଏବଂ ପୋକରା, ଦୁର୍ଗନ୍ଧ, ବିଷ ମୁକ୍ତ ହୋଇଥିବ।"

ଧାନର ଗୁଣାତ୍ମକ ମାନ

| କ୍ର.ନଂ | ଧାନରେ ମିଶ୍ରି ନିକୃଷ୍ଟ ବାହ୍ୟ ପଦାର୍ଥ | ଏଫ୍. ଏ. କ୍ୟୁ ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (%) |
|---|---|---|
| ୧. | ଅଜୈବିକ ବାହ୍ୟ ପଦାର୍ଥ (ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି) | ୧.୦ % |
| ୨. | ଜୈବିକ ବାହ୍ୟ ପଦାର୍ଥ (କାଠି, କୁଟା, ଧୂଷ, ଅଗାଡ଼ି, ବା ପୋଲା ଇତ୍ୟାଦି) | ୧.୦ % |
| ୩. | ଖରାପ, ବେରଙ୍ଗୀ, ପାଣିଫୁଲା ଓ ପୋକା (ଖରାପ, ପାଣିଫୁଲା ଓ ପୋକା ମିଶି ୪% ରୁ ଅଧିକ ହୋଇନଥିବ) | ୫.୦ % |
| ୪. | ଅପରିପକ୍ୱ (କଞ୍ଚା-ସବୁଜ) ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦ % |
| ୫. | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ଼ "ଏ" ଧାନ ନିମନ୍ତେ) | ୬.୦ % |
| ୬. | ଆଦ୍ରତା ବା ଜଳୀୟ ଅଂଶ | ୧୭.୦ % |

-: ଏହି ବର୍ଗର ଧାନ ପାଇଁ ସରକାରୀ ଧାର୍ଯ୍ୟ ଦର ନିମ୍ନରେ ଦିଆଗଲା :-

| କ୍ର.ସଂ | ଧାନର ମାନ | ସରକାରୀ ଧାର୍ଯ୍ୟ ଦର (କ୍ୱିଣ୍ଟାଲ ପିଛା) | ବସ୍ତା ପିଛା ଦର (୭୫ କେ.ଜି.) |
|---|---|---|---|
| ୧. | ଗ୍ରେଡ଼ - ଏ | ଟ.୧୮୩୫.୦୦ | ଟ.୧୩୭୬.୨୫ |
| ୨. | ସାଧାରଣ ଧାନ (ଏଫ୍.ଏ.କ୍ୟୁ) | ଟ.୧୮୧୫.୦୦ | ଟ.୧୩୬୧.୨୫ |



ଟିଟିଲାଗଡ଼ ଉପଖଣ୍ଡର ସମବାୟ ସମିତି ଓ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଜରିଆରେ ତା୧୫।୧୧।୨୦୧୯ରିଖରୁ ଧାନ କ୍ରୟ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଧାନକ୍ରୟ ପାଇଁ ପଞ୍ଜୀକୃତ ହୋଇଥିବା ଚାଷୀମାନଙ୍କର ମୋବାଇଲ୍ ନମ୍ବରକୁ SMS ଜରିଆରେ ଅନୂନ୍ୟ ୧୫ଦିନ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ଧାନ ସହ ମଣ୍ଡିରେ ଉପସ୍ଥିତ ହେବା ପାଇଁ ବାର୍ତ୍ତା (ଅଗ୍ରୀମ ଟୋକନ) ପ୍ରେରଣ କରାଯିବ। ଅଗ୍ରୀମ ଟୋକନ କ୍ରୟକାରୀ ସମବାୟ ସମିତି ବା ମହିଳା ସ୍ୱୟଂ ସହାୟିକା ଗେଷ୍ଠୀଙ୍କ କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେବ। ଚାଷୀଭାଇ ଭଉଣୀମାନେ ସେମାନେ ନିଜର ନାମ ପଞ୍ଜୀକରଣ ସମୟରେ ଦେଇଥିବା ଆଧାର ପରିଚୟପତ୍ର ସାଙ୍ଗରେ ନେଇ ମଣ୍ଡିକୁ ଧାନ ଆଣିବା ପାଇଁ ଅନୁରୋଧ ଏବଂ ବିନା ଟୋକନରେ ମଣ୍ଡିକୁ ଧାନ ନ ଆଣିବା ପାଇଁ ଅନୁରୋଧ।

ପ୍ରକାଶଥାଉକି ଚାଷୀ ଧାନ ବିକ୍ରୟ କଲା ସମୟରେ ସାଙ୍ଗରେ ଯେ କୌଣସି ପରିଚୟ ପତ୍ର ଯଥା ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ବିଜୁ କୃଷକ କଲ୍ୟାଣ ଯୋଜନା କାର୍ଡ ଇତ୍ୟାଦି ଆଣିବାକୁ ହେବ।

ସ୍ୱା.-ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି
"ଚାଷୀ ହସିଲେ ଦୁନିଆଁ ହସିବ"
ସ୍ୱା./- ଉପଜିଲ୍ଲାପାଳ ଟିଟିଲାଗଡ଼ ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, କଣ୍ଟାବାଞ୍ଜି

ଜିଲ୍ଲାପାଳ କାର୍ଯ୍ୟାଳୟ, ସମ୍ବଲପୁର, ଓଡ଼ିଶା
ଇସ୍ତାହାର ସଂଖ୍ୟା- ୧୨୫୫/ ତା. ୧୬.୧୧.୧୯

ଏତଦ୍ୱାରା ସର୍ବସାଧାରଣଙ୍କର ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି କି, ନିମ୍ନରେ ଦିଆଯାଇଥିବା ଶିଶୁମାନଙ୍କୁ ଶିଶୁ କଲ୍ୟାଣ ସମିତି, ସମ୍ବଲପୁରର ନିର୍ଦ୍ଦେଶନାମା ଅନୁସାରେ ଶିଶୁଗୃହ ରୁକ୍ମଣୀଲାଠ ବାଲନିକେତନ, ଛଚାନପାଲି, ସମ୍ବଲପୁରରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁମାନଙ୍କର ଯଦି କେହି ଜନ୍ମିତ ପିତାମାତା ତଥା ଆଇନଗତ ଅଭିଭାବକ ଥାଆନ୍ତି, ତେବେ ଏହି ବିଜ୍ଞାପନ ପ୍ରକାଶନ ହେବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର, ଫୋନ ନମ୍ବର - ୦୬୬୩-୨୪୧୨୯୧୪, ଶିଶୁଗୃହ ପ୍ରବନ୍ଧକ, ରୁକ୍ମଣୀଲାଠ ବାଲନିକେତନ, ଛଚାନପାଲି, ସମ୍ବଲପୁର, ଫୋନ ନମ୍ବର- ୮୭୬୩୦୧୫୫୦୫/୮୮୪୭୮୩୨୦୫୫ରେ ଯୋଗାଯୋଗ କରିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି, ତେବେ ଉକ୍ତ ଶିଶୁମାନଙ୍କୁ ପୋଷ୍ୟ ସନ୍ତାନ ଅଧିନିୟମ ୨୦୧୭ ଅନୁଯାୟୀ ପୋଷ୍ୟ ଯୋଗ୍ୟ ବୋଲି ବିବେଚିତ କରାଯିବ।

| କ୍ର. ନଂ. | ନାମ | ଲିଙ୍ଗ | ବୟସ | ଉଦ୍ଧାର ସ୍ଥାନ | ବର୍ତ୍ତମାନ ଏହି ଶିଶୁମାନେ ରହୁଥିବା ଶିଶୁ ଯତ୍ନ ଅନୁଷ୍ଠାନର ନାମ | ଫଟୋ |
|---|---|---|---|---|---|---|
| ୧ | ଅନିକା | ଝିଅ | ୧ ମାସ | ଶିଶୁ ଝୁଲଣା କେନ୍ଦ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଜିଲ୍ଲା - ସମ୍ବଲପୁର | ଶିଶୁଗୃହ, ରୁକ୍ମିଣୀ ଲାଠ ବାଲ୍‌ନିକେତନ, ସମ୍ବଲପୁର |  |
| ୨ | ସନ୍ତୋଷିନୀ | ଝିଅ | ୧ ମାସ | ବୈଜାମୁଣ୍ଡା, ଖଗସିପାଲି, ଜିଲ୍ଲା- ସମ୍ବଲପୁର | ଶିଶୁଗୃହ, ରୁକ୍ମିଣୀ ଲାଠ ବାଲ୍‌ନିକେତନ, ସମ୍ବଲପୁର |  |
| ୩ | ସଞ୍ଜୟ | ପୁଅ | ୪ ବର୍ଷ | ଏସ.ଆର.ଆଇ.ଟି କଲୋନୀ, ଜିଲ୍ଲା- ସମ୍ବଲପୁର | ଶିଶୁଗୃହ, ରୁକ୍ମିଣୀ ଲାଠ ବାଲ୍‌ନିକେତନ, ସମ୍ବଲପୁର |  |
| ୪ | ଜ୍ୟୋତିପ୍ରକାଶ | ପୁଅ | ୨୧ ଦିନ | ଭିମସାର, ବୁର୍ଲା, ଜିଲ୍ଲା- ସମ୍ବଲପୁର | ଶିଶୁଗୃହ, ରୁକ୍ମିଣୀ ଲାଠ ବାଲ୍‌ନିକେତନ, ସମ୍ବଲପୁର |  |
| ୫ | ପ୍ରତୀକ୍ଷା | ଝିଅ | ୧ ମାସ | ଭିମସାର, ବୁର୍ଲା, ଜିଲ୍ଲା- ସମ୍ବଲପୁର | ଶିଶୁଗୃହ, ରୁକ୍ମିଣୀ ଲାଠ ବାଲ୍‌ନିକେତନ, ସମ୍ବଲପୁର |  |

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମ୍ବଲପୁର

ବନୀକରଣ ଓ ବୃକ୍ଷରୋପଣ ପାଇଁ ରାଜ୍ୟରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ପୁରସ୍କାର

No. MM-89 : ବନୀକରଣ ଓ ବୃକ୍ଷରୋପଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ନିମନ୍ତେ ଚଳିତ ଆର୍ଥିକ ବର୍ଷ (୨୦୧୯-୨୦) ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବିବେଚିତ ଗ୍ରାମ ପଞ୍ଚାୟତ ଓ ଶିକ୍ଷାନୁଷ୍ଠାନମାନଙ୍କୁ ସବ୍‌ଡିଭିଜନ ସ୍ତରରେ (ପ୍ରତି ସବ୍‌ଡିଭିଜନରେ ଗୋଟିଏ ଗ୍ରାମ ପଞ୍ଚାୟତ ଏବଂ ଗୋଟିଏ ଶିକ୍ଷାନୁଷ୍ଠାନ) ଯଥାକ୍ରମେ କୋଡିଏ ହଜାର ଓ ଦଶହଜାର ଟଙ୍କା ପୁରସ୍କାର ପ୍ରଦାନ କରିବା ପାଇଁ ଓଡ଼ିଶା ସରକାର ସ୍ଥିର କରିଛନ୍ତି। ଉକ୍ତ ପୁରସ୍କାର ଜିଲ୍ଲା ସଦର ମହକୁମାରେ ମାର୍ଚ୍ଚ ୨୧ ତାରିଖ, ୨୦୨୦ରେ ପାଳିତ ହେବାକୁ ଥିବା ବିଶ୍ୱ ବନ ଦିବସ ଉତ୍ସବରେ ଦିଆଯିବ। ଏଥିପାଇଁ କୌଣସି ଗ୍ରାମ ପଞ୍ଚାୟତ ବା ଶିକ୍ଷାନୁଷ୍ଠାନ ଯେ କି ବିଗତ ତିନି ବର୍ଷ ଭିତରେ ପର୍ଯ୍ୟାପ୍ତ ମାତ୍ରାରେ ବୃକ୍ଷରୋପଣ, ବନୀକରଣ, ବନସୁରକ୍ଷା କରିଛନ୍ତି ଓ ଏଥିପାଇଁ ଜନ ସଚେତନ ବୃଦ୍ଧି କରିବାରେ ସଫଳତା ଅର୍ଜନ କରିଅଛନ୍ତି, ସେମାନେ ନିର୍ଦ୍ଧାରିତ ଫର୍ମରେ ସଂପୃକ୍ତ ରେଞ୍ଜ ଅଫିସରଙ୍କ ନିକଟରେ ୩୦ ନଭେମ୍ବର ୨୦୧୯ ସୁଦ୍ଧା ଦରଖାସ୍ତ ଦେଇପାରିବ। ନିର୍ଦ୍ଧାରିତ ଫର୍ମର ନମୁନା ଓ ଏ ସମ୍ପର୍କିତ ସବିଶେଷ ସୂଚନା ସଂପୃକ୍ତ ଡି.ଏଫ.ଓ.ଙ୍କ କାର୍ଯ୍ୟାଳୟରେ ମିଳିପାରିବ।

ଡଃ ସନ୍ଦୀପ ତ୍ରିପାଠୀ
ପ୍ରଧାନ ମୁଖ୍ୟ ବନ ସଂରକ୍ଷକ, ଓଡ଼ିଶା
08002/11/0021/1920

> କ୍ୱାଲିଫାଇଂରେ ଫେରାରି ଟିମ୍‌ର ପ୍ରଦର୍ଶନକୁ ଦେଖିବା ପରେ ବ୍ରାଜିଲିଆନ ଫର୍ମୁଲାୱାନ ଗ୍ରାଁ ପ୍ରି ଜିତିବା ନେଇ ମୁଁ ଦୃଢ ନିଶ୍ଚିତ ନୁହେଁ ।
> –ଲୁଇସ୍ ହାମିଲଟନ, ମର୍ସିଡିଜ ଡ୍ରାଇଭର



> ରିୟଲ ମାଡ୍ରିଡ ତୁଳନାରେ ୱେଲ୍ସ ତରଫରୁ ପ୍ରତିନିଧିତ୍ୱ କରି ମୁଁ ଖେଳକୁ ଭଲରୂପେ ଉପଭୋଗ କରିପାରୁଛି ।
> –ଗ୍ୟାରେଥ ବାଲେ, ଫୁଟବଲର



## ସଂକ୍ଷେପରେ

### ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଫାଇନାଲରେ ପ୍ରମୋଦ



**ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ଟୋକିଓରେ ଚାଲିଥିବା ଜାପାନ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର ପ୍ରମୋଦ ଭଗତ ପ୍ରବେଶ କରିଛନ୍ତି। ସେମିଫାଇନାଲ ମ୍ୟାଚ୍‌ରେ ପ୍ରମୋଦ ୨୧-୭, ୨୧-୧୭ ସିଧାସଳଖ ଗେମ୍‌ରେ ଇଣ୍ଡୋନେସିଆର ମମନ ନୁର୍‌ଜାମନଙ୍କୁ ପରାସ୍ତ କରିଛନ୍ତି। ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ପ୍ରମୋଦଙ୍କ ମୁକାବିଲା ଇଂଲଣ୍ଡର ଡାନିଏଲ୍ ବେଥେଲଙ୍କ ସହ ହେବ। ଏଥିପୂର୍ବରୁ ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ୍‌କୁ ମଧ ପ୍ରମୋଦ ଏକପାଖିଆ ଭାବେ ଜିତିନେଇଥିଲେ। ଏଥିରେ ସେ ୨୧-୧୭, ୨୧-୧୭ ଗେମ୍‌ରେ ସାଥୀ ଭାରତୀୟ ଖେଳାଳି ବିକ୍ରମ କୁମାରଙ୍କୁ ହରାଇ ଅନ୍ତିମ-୪ରେ ପ୍ରବେଶ କରିଥିଲେ।

### ଇଣ୍ଟର ମିଲାନ କୋଚ୍‌ଙ୍କୁ ପୋଲିସ ସୁରକ୍ଷା

**ମିଲାନ, ୧୬।୧୧ (ଏଏଫ୍‌ପି):** ଇଣ୍ଟର ମିଲାନ କୋଚ୍ ଆଣ୍ଟୋନିଓ କୋଣ୍ଟେଙ୍କୁ ପୋଲିସ ସୁରକ୍ଷା ଯୋଗାଇ ଦିଆଯାଇଛି। ଡାକ ଯୋଗେ ତାଙ୍କ ନିକଟକୁ ଏକ ଗୁଳି ସହ ଧମକପୂର୍ଣ୍ଣ ଚିଠି ଆସିଛି। ପ୍ରେରକଙ୍କ ବିଷୟରେ କୌଣସି ଖବର ନାହିଁ। ଚିଠିଟି କ୍ଲବ ଠିକଣାରେ ଆସଥିବା ସିରି ଏ’ କ୍ଲବ ଇଣ୍ଟରମିଲାନ ତରଫରୁ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏଭଳି ଧମକପୂର୍ଣ୍ଣ ଚିଠି ଆସିବା ନୂଆ କଥା ନୁହେଁ ବୋଲି କ୍ଲବ କହିଛି। କିନ୍ତୁ ଘଟଣାର ତଦନ୍ତ ଚାଲିଥିବାବେଳେ କୋଣ୍ଟେଙ୍କ ବାସଭବନ ବାହାରେ ଏବଂ ଇଣ୍ଟରମିଲାନ ଟ୍ରେନିଂ ଗ୍ରାଉଣ୍ଡରେ ପୋଲିସ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, କୋଣ୍ଟେ ଗ୍ରୀଷ୍ମଋତୁରେ ଇଣ୍ଟରମିଲାନ ଦଳରେ ଯୋଗ ଦେଇଥିଲେ। ଇଟାଲୀର ଏହି ଦଳ ସିରି ଏ’ର ପଏଣ୍ଟ ଟେବୁଲରେ ଜୁଭେଣ୍ଟସ ପଛକୁ ୧ପଏଣ୍ଟ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଛି। ଇଟାଲୀ ନ୍ୟାଶନାଲ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ୫୦ ବର୍ଷୀୟ କୋଣ୍ଟେଙ୍କ ତତ୍ତ୍ୱାବଧାନରେ ଜୁଭେଣ୍ଟସ ୨୦୧୨ରୁ ୨୦୧୪ ପର୍ଯ୍ୟନ୍ତ କ୍ରମାଗତ ୩ଥର ସିରି ଏ’ ଟାଇଟଲ ଜିତିଥିଲା। କୋଣ୍ଟେ ଆହୁରି ମଧ ଦୁଇଟି ସିଜନ ଚେଲ୍‌ସି ସହିତ କାର୍ଯ୍ୟ କରିଛନ୍ତି। ଚେଲ୍‌ସିକୁ ସେ ଉଭୟ ପ୍ରିମିୟର ଲିଗ୍ ଏବଂ ଏଫ୍‌ଏ କପ୍ ଜିତାଇଛନ୍ତି। ପରେ ସେ ଲୁସିଆନୋ ସ୍ପାଲେଟିଙ୍କ ସ୍ଥାନରେ ଇଣ୍ଟର ମିଲାନ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ସ୍ପାଲେଟିଙ୍କ ଅଧୀନରେ ଇଣ୍ଟରମିଲାନ ଗତ ସିଜନରେ ୪ର୍ଥ ସ୍ଥାନ ଅଧିକାର କରିଥିଲା।

# ଅର୍ଥ ସଙ୍କଟରେ ଓସିଏ: ଆରମ୍ଭ ହୋଇନି ପ୍ରସ୍ତୁତି

**ବାଜିଲାଣି ବାରବାଟୀ ବିଗୁଲ୍**

**ଡିସେମ୍ବର ୨୨ରେ ଭାରତ-ଇଣ୍ଡିଜ୍ ଦିନିକିଆ**



କଟକ ଅଫିସ,୧୬।୧୧

ଆସନ୍ତା ଡିସେମ୍ବର ୨୨ରେ ବାରବାଟୀ ଷ୍ଟାଡିୟମରେ ହେବ ଭାରତ–ୱେଷ୍ଟଇଣ୍ଡିଜ ବିପକ୍ଷ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ୍। ପୋଲିସ ପ୍ରଶାସନ ପକ୍ଷରୁ ଏ ନେଇ ବିଗୁଲ ବାଜି ସାରିଲାଣି। ଏହି ଦିନିକିଆ ମ୍ୟାଚ୍ ଆୟୋଜନ ପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ତେବେ ଆଉ ମାତ୍ର ୩୫ ଦିନ ବାକି ଥିବା ବେଳେ ଫନୀ ଝଡ଼ରେ ଉଜୁଡ଼ି ପଡ଼ିଥିବା ଷ୍ଟାଡିୟମର ସ୍ଥିତି ଏବେ ଯାଏଁ ସୁଧୁରିନି। ଅନ୍ତର୍ଜାତୀୟ ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇନି ବାରବାଟୀ ଷ୍ଟାଡିୟମ। ହାତରେ ଅନେକ କାମ ବାକି। ତେବେ ଅର୍ଥ ସଙ୍କଟରେ ପେଷି ହୋଇ କିଛି ବି ପଦକ୍ଷେପ ଗ୍ରହଣ କରି ପାରୁନି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)। କିଛି ଗ୍ୟାଲେରୀ ଓ ପ୍ୟାଭିଲିୟନର ଅବସ୍ଥା ଭଙ୍ଗାରୁଜା ହୋଇ ରହିଛି। କର୍ପୋରେଟ ବକ୍ସ, ନ୍ୟୁ ପ୍ୟାଭିଲିୟନ, ଗ୍ୟାଲେରୀ ନଂ–୫ ଓ ୭, ସଚିନ ତେନ୍ଦୁଲକର ଇନଡୋର ହଲ୍, ଓସିଏ ସମ୍ମିଳନୀ କକ୍ଷ, ମିଡ଼ିଆ ଗ୍ୟାଲେରୀ ସମେତ ଫ୍ଲଡଲାଇଟ୍ କ୍ଷତିଗ୍ରସ୍ତ ହୋଇଥିଲା। ଓଡ଼ିଶା ଅଲିମ୍ପିକ ଆସୋସିଏଶନ (ଓଓଏ) ଅଧୀନରେ ବାରବାଟୀ ଷ୍ଟାଡିୟମ ରହୁଛି। ଗତ ଟେବୁଲ ଟେନିସ (ଟିଟି) ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ଓଓଏ କେବଳ କର୍ପୋରେଟ ବକ୍ସ ମରାମତି କରିଛି। ଅନ୍ୟପକ୍ଷରେ ଫନୀ କ୍ଷୟକ୍ଷତି ବାବଦକୁ ଟଙ୍କାଟିଏ ମଧ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏଯାଏଁ ଦେଇ ନ ଥିବା ଜଣାପଡ଼ିଛି। ଓସିଏ ପକ୍ଷରୁ ଫନୀ କ୍ଷୟକ୍ଷତି ୨୨କୋଟି ଟଙ୍କା ଆକଳନ କରାଯାଇଥିଲା। ଏବେ ୮୫ ଲକ୍ଷ ଟଙ୍କା ବ୍ୟୟରେ ଫ୍ଲଡଲାଇଟ୍ ବଲବ୍ କିଣା ହୋଇ ଆସିଛି। ବିସିସିଆଇ କୌଣସି ପାଣ୍ଠି ନ ଦେଲେ କେବଳ ଫ୍ଲଡଲାଇଟ ମରାମତି କରାଯାଇ ମ୍ୟାଚ୍ କାମଚଳାଇ ନେବା ସ୍ଥିତିରେ ଆୟୋଜନ ହେବାର ଆଶଙ୍କା ଦେଖାଦେଲାଣି। ‘ମ୍ୟାଚ୍ ହେବା ନିଶ୍ଚିତ। ଏଭଳି ପରିସ୍ଥିତିରେ ସମସ୍ତ କାର୍ଯ୍ୟ ସୁଚାରୁପେ କରାଯିବାକୁ ଚେଷ୍ଟା କରାଯିବ’ ବୋଲି ଓସିଏ ସମ୍ପାଦକ ସଞ୍ଜୟ ବେହେରା ନିଜ ପ୍ରତିକ୍ରିୟାରେ କହିଛନ୍ତି।

### ୫ହଜାର ଟିକେଟ୍‌ର କ୍ଷତି ଚିନ୍ତା

ଗ୍ୟାଲେରୀ ନଂ–୭ ମରାମତି ନ ହେଲେ ଏଠାରେ ଦର୍ଶକଙ୍କୁ ବସିବାକୁ ଦିଆଯିବନି। ଅର୍ଥାତ୍ ଏହି ଗ୍ୟାଲେରୀର ଟିକେଟ ବିକ୍ରି ପାଇଁ ଉଦ୍ଦିଷ୍ଟ ହେବନି। ଏଠାରେ ପ୍ରାୟ ୫ ହଜାର ଦର୍ଶକ ବସିବାର ସୁବିଧା ରହିଛି। ଏବେ କେବଳ ଏହି ଚିନ୍ତା ଭିତରେ ରହିଛି ଓସିଏ। ଦୁଇ ଦିନ ଭିତରେ ଏକ ସରକାରୀ ଏଜେନ୍ସି ଏହି ଗ୍ୟାଲେରୀର ସ୍ଥିତି ସମୀକ୍ଷା କରି ମରାମତି ନିମନ୍ତେ ରିପୋର୍ଟ ଦେବ ବୋଲି ଜଣାପଡ଼ିଛି। ଉକ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ମରାମତି କାର୍ଯ୍ୟ ହୋଇ ଉକ୍ତ ଗ୍ୟାଲେରିର ଟିକେଟ୍ ବିକ୍ରି ପାଇଁ ଉଦ୍ଦିଷ୍ଟ କରିବାକୁ ଓସିଏ କର୍ତ୍ତୃପକ୍ଷ ସମସ୍ତ ଚେଷ୍ଟା କରୁଛନ୍ତି। ବାରବାଟୀରେ ଦର୍ଶକ କ୍ଷମତା ୪୨ ହଜାର ଥିବାବେଳେ ଗ୍ୟାଲେରି ନଂ–୭ ବାଦ୍ ପଡ଼ିଲେ ୩୭ ହଜାର ଦର୍ଶକ ଆସନ୍ତା ଅନ୍ତର୍ଜାତୀୟ ମ୍ୟାଚ୍ ଉପଭୋଗ କରିବାର ସୁଯୋଗ ପାଇବେ।

**ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ**

### ସରିତା ଦେବୀ ଆଥଲେଟ୍ସ କମିଶନକୁ ନିର୍ବାଚିତ

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.):** ଭାରତର ଭେଟେରାନ ମହିଳା ବକ୍ସର ଏଲ୍. ସରିତା ଦେବୀ ନିର୍ଦ୍ୱନ୍ଦ୍ୱରେ ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ଆଥଲେଟ୍ସ କମିଶନକୁ ନିର୍ବାଚିତ ହୋଇଛନ୍ତି। ସେ ଏସିଆନ ବ୍ଲକରୁ ପ୍ରତିନିଧିତ୍ୱ କରିବେ। ପଦବୀ ପାଇଁ ଏସିଆରୁ ସେ ଏକମାତ୍ର ପ୍ରାର୍ଥୀ ବୋଲି ସରିତା ଗତ ଜୁଲାଇରେ ସୂଚନା ଦେଇଥିଲେ। ଆଥଲେଟ୍ସ କମିଶନରେ ୫ଟି ଆଞ୍ଚଳିକ କନଫେଡେରେଶନ (ଏସିଆ, ଓସେନିଆ, ୟୁରୋପ, ଆମେରିକା ଏବଂ ୟୁରୋପ)ରୁ ଜଣେ ଲେଖାଏଁ ମହିଳା ଓ ପୁରୁଷ ବକ୍ସର ପ୍ରତିନିଧିତ୍ୱ କରିବେ। ୩୭ ବର୍ଷୀୟା ସରିତା ଏସିଆନ ଚାମ୍ପିୟନଶିପ୍‌ରେ ୮ଥର ପଦକ ଜିତିଛନ୍ତି। ତନ୍ମଧ୍ୟରେ ୫ ସ୍ୱର୍ଣ୍ଣ ପଦକ ରହିଛି। ବର୍ତ୍ତମାନ ସେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ(ବିଏଫ୍‌ଆଇ)ର କାର୍ଯ୍ୟନିର୍ବାହୀ କମିଟିରେ ଜଣେ ଆଥଲେଟ୍ ପ୍ରତିନିଧି ଅଛନ୍ତି। ବିଏଫ୍‌ଆଇ ସରିତାଙ୍କ ନାମ ଏଆଇବିଏକୁ ସୁପାରିସ କରିଥିଲା।



ଜାତୀୟ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ସବ୍‌ଜୁନିୟର ବାଳକ ଫୁଟବଲ ଦଳ।

### ଅନିଲ ଓଡ଼ିଶା ଅଧିନାୟକ

**କଟକ ଅଫିସ,୧୬।୧୧:** ପଶ୍ଚିମବଙ୍ଗର କଲ୍ୟାଣୀଠାରେ ଆସନ୍ତା ୨୦ରୁ ଡିସେମ୍ବର ୩ ତାରିଖ ପର୍ଯ୍ୟନ୍ତ ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିୟନଶିପ(ଫାଇନାଲ ରାଉଣ୍ଡ) ଅନୁଷ୍ଠିତ ହେବ। ଏଥିନିମନ୍ତେ ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଶନିବାର ରାଜ୍ୟ ଦଳ ଘୋଷଣା କରାଯାଇଛି। ଅନିଲ ଟପ୍ପୋ ଦଳର ଅଧିନାୟକ ଥିବା ବେଳେ ନିପେନ୍ଦ୍ର ଦାସ ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି। ରବିବାର ପୂର୍ବାହ୍ନରେ ଦଳ ପଶ୍ଚିମବଙ୍ଗ ଅଭିମୁଖେ ଯାତ୍ରା କରିବ।

**ଓଡ଼ିଶା ଦଳ–** ଇନ୍ଦ୍ର କୁଜୁର, ସଦାନନ୍ଦ କହଁର, ତ୍ରିଲୋଚନ କିଣ୍ଡୋ, ପିଣ୍ଟୁ ଓରାମ, ଅଭିଶେକ ଏକ୍କା, ସପନ ସାମଲ, ମଙ୍ଗଲ ସୋରେନ, ନୱାଜୁଦ୍ଦିନ, ପ୍ରସନ୍ନ କେ ବାରା, ଅନିଲ ଟପ୍ପୋ (ଅଧିନାୟକ), ବିନୋଦ ମାଝି, ମାନସିଂ ହେମ୍ବ୍ରମ, ଭାଗୀରଥି ସୋରେନ, ଅଜୟ ଟପ୍ପୋ, ଶଶୀକାନ୍ତ ପ୍ରଧାନୀ, ବି.ଶିବ , ଅରବିନ ଲାକ୍ରା, ରହିମ ବାଡ଼ା, ଚିଣ୍ଟୁ ନାଗ, କହ୍ନେଇ ନାୟକ।

## ଭାରତର ପ୍ରଦର୍ଶନ ସମୀକ୍ଷା ହେବ

**୧୯ ବର୍ଷରୁ କମ୍ ଫୁଟ୍‌ବଲ**

ନୂଆଦିଲ୍ଲୀ, ୧୬।୧୧ (ପି.ଟି.)

ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ୧୯ ବର୍ଷରୁ କମ୍ ଭାରତୀୟ ଫୁଟ୍‌ବଲ ଦଳର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ସମୀକ୍ଷା ହେବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଶନିବାର ଏ ସମ୍ପର୍କରେ ନିଷ୍ପତ୍ତି ନେଇଛି। ନ୍ୟାଶନାଲ ଟିମ୍ ଡାଇରେକ୍ଟର ଅଭିଷେକ ଯାଦବ ଏବଂ ଟେକ୍‌ନିକାଲ ଡାଇରେକ୍ଟର ଇସାକ୍ ଦୋରୁ ଏବଂ ସିନିୟର ଦଳର ମୁଖ୍ୟ କୋଚ୍ ଇଗୋର ଷ୍ଟିମାକ୍ ପ୍ରମୁଖଙ୍କୁ ନେଇ ସମୀକ୍ଷା ବୈଠକ ହେବ। ଏଥିରେ ୧୯ ବର୍ଷରୁ କମ୍ ଫୁଟ୍‌ବଲ ଦଳର କୋଚ୍ ଫ୍ଲଏଡ୍ ପିଣ୍ଟୋଙ୍କୁ ହାଜର ହେବାକୁ କୁହାଯାଇଛି। ନିକଟରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଉଜ୍‌ବେକିସ୍ତାନଠାରୁ ୦–୨, ଗତଥରର ଚାମ୍ପିୟନ ସୌଦିଆରବ ଠାରୁ ୦–୪ ଏବଂ ଆଫଗାନିସ୍ତାନଠାରୁ ୦–୩ ଗୋଲରେ ହାରିଯାଇଥିଲା। ୧୮ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍ ଏବଂ ଓଏଫ୍‌ସି ୟୁଥ୍ ଡେଭଲପମେଣ୍ଟ ଟୁର୍ନାମେଣ୍ଟ ଜିତିବା ଦଳ ମୁଖ୍ୟ ରାଉଣ୍ଡରେ ପ୍ରବେଶ ଆଶା ନେଇ ଉପରୋକ୍ତ ପ୍ରତିଯୋଗିତାକୁ ଯାଇଥିଲା। ଦଳର ଦକ୍ଷତା ବୃଦ୍ଧି କରିବା ଲାଗି ବିପୁଳ ଅର୍ଥ ବ୍ୟୟ କରାଯାଇଥିଲା। ଦକ୍ଷତା ବୃଦ୍ଧି ପାଇଁ ଦଳକୁ ସର୍ବିୟା, ରୁଷିଆ, କ୍ରୋଏସିଆ ଏବଂ ତୁର୍କୀ ପଠାଯାଇଥିଲା। ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସରେ ଭାରତୀୟ ଦଳ କେଉଁ କାରଣରୁ ଭଲ ପ୍ରଦର୍ଶନ କରିପରିଲା ନାହିଁ ତାହା ପୁଙ୍ଖାନୁପୁଙ୍ଖ ସମୀକ୍ଷା ହେବ ବୋଲି ଏଆଇଏଫ୍‌ଏଫ୍ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ଆମେ ଜାଣିଛୁ ଗତଥରର ଚାମ୍ପିୟନ ସୌଦି ଆରବ ଏବଂ ବର୍ତ୍ତମାନ ଭଲ ପ୍ରଦର୍ଶନ କରିଆସୁଥିବା ଉଜ୍‌ବେକିସ୍ତାନକୁ ପରାସ୍ତ କରିବା ସହଜ ନ ଥିଲା। କିନ୍ତୁ ଏହି ଦୁଇଟି ଦଳ ବିପକ୍ଷରେ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରାଯାଇ ପାରିଥାନ୍ତା ବୋଲି ସେ କହିଛନ୍ତି। ବିଶେଷ କରି ଆଫଗାନିସ୍ତାନଠାରୁ ୦–୩ ଗୋଲରେ ପରାଜୟକୁ ଏଆଇଏଫ୍‌ଏଫ୍ ସହଜରେ ହଜମ କରିପାରୁନି।

### ଚଣ୍ଡିଗଡ଼ଠାରୁ ହାରିଲା ଓଡ଼ିଶା

**କଟକ ଅଫିସ,୧୬।୧୧:** ଗୁଣ୍ଟୁରର ଆର୍‌ଭିଆର୍ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୨୩ ବର୍ଷରୁ କମ୍ ମହିଳା ଟି୨୦ ଟ୍ରଫିର ଏକ ମ୍ୟାଚ୍‌ରେ ଓଡ଼ିଶା ୭ ଉଇକେଟରେ ଚଣ୍ଡିଗଡ଼ଠାରୁ ପରାସ୍ତ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୫ ଉଇକେଟ ବିନିମୟରେ ୧୧୧ ରନ କରିଥିଲା। ଦଳ ପକ୍ଷରୁ କାଜଲ ଜେନା ସର୍ବାଧିକ ୪୨ ରନ କରିଥିଲେ। ପୁନମ ନାୟକ ୩୦ ରନର ଇନିଂସ ଖେଳିଥିଲେ। ଚଣ୍ଡିଗଡ଼ ପକ୍ଷରୁ ନନ୍ଦିନୀ ଶର୍ମା, କାଶଭୀ ଗୌତମ, ଅମନଜିତ କୌର ଓ ଭି. ପାରୁଷୀ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଛନ୍ତି। ଅମନଜିତ ଓ କାଶଭୀଙ୍କ ଅଲରାଉଣ୍ଡର ପ୍ରଦର୍ଶନ ବଳରେ ଚଣ୍ଡିଗଡ଼ ୩ ଉଇକେଟ ହରାଇ ବିଜୟୀ ହୋଇଛି। ଅମନଜିତ ୪୭ ଓ କାଶଭୀ ୪୨ ରନର ଅପରାଜିତ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଇନ୍ଦ୍ରାଣୀ ଛତ୍ରିଆଙ୍କୁ ୨ଟି ଉଇକେଟ ମିଳିଥିଲା।

## ସିନିୟର ମହିଳା ହକି କ୍ୟାମ୍ପ୍‌ରେ ଓଡ଼ିଶାରୁ ୫

ନୂଆଦିଲ୍ଲୀ, ୧୬।୧୧ (ପି.ଟି.)





ଖେଳାଳିଙ୍କ ଗହଣରେ କୋଚ୍ ଜୋର୍ଡ ମାରିଜନେ।

ଆଗାମୀ ନ୍ୟୁଜିଲାଣ୍ଡ ଗସ୍ତ ଲାଗି ଭାରତୀୟ ସିନିୟର ମହିଳା ହକି ଦଳର ଏକ କୋଚିଂ କ୍ୟାମ୍ପ ସୋମବାରଠାରୁ ବେଙ୍ଗାଲୁରୁସ୍ଥିତ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ସେଣ୍ଟରରେ ଆରମ୍ଭ ହେବ। ଏହି କ୍ୟାମ୍ପ ଲାଗି ଶନିବାର ୩୩ ଜଣିଆ ସମ୍ଭାବ୍ୟ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ରାଣୀ ରାମପାଲ୍‌ଙ୍କ ନେତୃତ୍ୱରେ ଘୋଷିତ ଏହି ଦଳରେ ଓଡ଼ିଶାର ୫ ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଡିଫେଣ୍ଡର ଦୀପ୍‌ଗ୍ରେସ ଏକ୍କା, ସୁନୀତା ଲାକ୍ରା, ରଶ୍ମିତା ମିଞ୍ଜ, ମିଡ୍‌ଫିଲ୍ଡର ଲିଲିମା ମିଞ୍ଜ ଓ ନମିତା ଟପ୍ପୋ। ଭୁବନେଶ୍ୱରରେ ଚଳିତ ମାସ ପ୍ରାରମ୍ଭରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ହକି ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍‌ରେ ଆମେରିକାକୁ ୬–୫ ଗୋଲ (ଏଗ୍ରିଗେଟ୍) ବ୍ୟବଧାନରେ ପରାସ୍ତ କରି ଭାରତ ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିସାରିଛି। ଏଣୁ କୋଚ୍ ଜୋର୍ଡ ମାରିଜନେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦଳ ବର୍ତ୍ତମାନ ଲୟ ଓ ସ୍ଥିରତା ଉପରେ ଗୁରୁତ୍ୱ ଦେବାକୁ ଲକ୍ଷ୍ୟ ରଖିଛି। ଜାନୁୟାରୀ–ଫେବୃୟାରୀରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି।

## କଳିଙ୍ଗ ସ୍ପୋର୍ଟିଂକୁ ହରାଇଲା ମଙ୍ଗଳା କ୍ଲବ



ମ୍ୟାଚ୍ ପୂର୍ବରୁ ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି।

**ଶରତ ଦେବ ସ୍ମାରକୀ ଫୁଟବଲ**

ଆଳି,୧୬।୧୧(ଡି.ଏନ.ଏ)

ଆଳି ହାଇସ୍କୁଲ ମିନି ଷ୍ଟାଡିୟମ ପରିସରରେ ଚାଲିଥିବା ୧୪ ତମ ରାଜ୍ୟସ୍ତରୀୟ ଶରତ ଦେବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ ଭୁବନେଶ୍ୱରର କଳିଙ୍ଗ ସ୍ପୋର୍ଟିଂ ଓ କଟକର ମଙ୍ଗଳା କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମାର୍ଦ୍ଧ ଖେଳର ୨୦ତମ ମିନିଟରେ କଳିଙ୍ଗ ସ୍ପୋର୍ଟିଂ ଟିମ୍‌ର ରବିନ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୫୫ତମ ମିନିଟରେ ମଙ୍ଗଳା କ୍ଲବ ତରଫରୁ ସନାତନ ଲୋହାର ଏକ ଗୋଲ ସ୍କୋର କରିଥିଲେ । ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ୧–୧ ଗୋଲରେ ଅମୀମାଂସିତ ଭାବେ ଶେଷହେବାରୁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ମଙ୍ଗଳା କ୍ଲବ ୪–୨ ଗୋଲରେ କଳିଙ୍ଗ ସ୍ପୋର୍ଟିଂକୁ ହରାଇ ଦେଇଥିଲା। ଶନିବାର ଖେଳରେ ଅତିଥି ଭାବେ ପୂର୍ବତନ ବରିଷ୍ଠ ଫୁଟବଲ ଖେଳାଳି ଭଗବାନ ମହାନ୍ତି, ଗୟାଧର ପାତ୍ର, ସୋରାଫ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳକୁ ରେଫରି ଭାବେ ସୁବ୍ରତ କୁମାର ପୁରୋହିତ, ଦେବାଶିଷ ବାଗ୍, ପ୍ରଦୀପ କୁମାର ଦାସ, ସୁଦୀପ ଦାସ ଓ ଶିବ ପ୍ରସାଦ ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

## ଲିଙ୍ଗରାଜ ଚ୍ୟାଲେଞ୍ଜ ଭଲିବଲ୍ ଆରମ୍ଭ

ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ)



ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥିଙ୍କ ସହ ଖେଳାଳି ଓ କର୍ମକର୍ତ୍ତାମାନେ।

ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଶନିବାରଠାରୁ ଦ୍ୱାଦଶ ଜାତୀୟ ଦିବାରାତ୍ର ଭଲିବଲ୍ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଦୁଇ ଦିନିଆ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଏହି ପ୍ରତିଯୋଗିତା ସ୍ଥାନୀୟ ଅଞ୍ଚଳ ତଥା ରାଜ୍ୟ ପାଇଁ ନିଶ୍ଚିତ ଭାବେ ସୁନାମ ଆଣିବା ସହ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବାର ଲକ୍ଷ୍ୟ ନେଇ ଏହା ଆୟୋଜନ ହୋଇଥିବାରୁ ସଂଘର ସମସ୍ତ କର୍ମକର୍ତ୍ତାଙ୍କୁ ମୁଖ୍ୟ ଅତିଥି ଏହି ଅବସରରେ ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଭଲିବଲ୍ ଆସୋସିଏଶନର ସଭାପତି ସୁବୋଧ କୁମାର ରାଉତରାୟ ଓ ଆୟୋଜକ କ୍ଲବ୍‌ର ସଭାପତି ବାବୁ ସିଂ, ସମ୍ପାଦକ ରଜତ କୁମାର ତ୍ରିପାଠୀ, ସଂଯୋଜକ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଡିଏଲ୍‌ଡବ୍ଲ୍ୟୁ ବାରଣାସୀକୁ, ରାଉରକେଲାର ରାଇଜିଙ୍ଗ୍ କ୍ଲବ୍ ତାମିଲନାଡୁ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଛି। ତେବେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଏହାର ଦ୍ୱିତୀୟ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଠାରୁ ହାରି ଯାଇଛି। ରବିବାର ବଳକା ଲିଗ୍ ମ୍ୟାଚ୍ ସହ ସେମିଫାଇନାଲ ଓ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହି ପ୍ରତିଯୋଗିତାରେ ରାଜ୍ୟରୁ ୨ଟି ଦଳ ଭାବେ ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ ଓ ରାଉରକେଲା ରାଇଜିଂ କ୍ଲବ ଅଂଶଗ୍ରହଣ କରୁଛନ୍ତି। ସେହିଭଳି ରାଜ୍ୟ ବାହାରୁ ଆନ୍ଧ୍ର ପ୍ରଦେଶ, ଇଷ୍ଟର୍ନ ରେଲ୍‌ୱେ, ଡିଏଲ୍‌ଡବ୍ଲ୍ୟୁ ବାରଣାସୀ, ତାମିଲନାଡୁ ସ୍ପୋର୍ଟ୍ସ ହଷ୍ଟେଲ ଯୋଗଦେବେ। ପ୍ରତିଯୋଗିତାରେ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଯଥାକ୍ରମେ ୧୫ ହଜାର ଓ ୧୦ ହଜାର ଟଙ୍କା ପ୍ରଦାନ କରାଯିବ। ଏଥିସହିତ ସମସ୍ତ ବିଭାଗର ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି। ଉଦ୍‌ଘାଟନୀ ଉତ୍ସବରେ ଲିଙ୍ଗରାଜ ସ୍ପୋର୍ଟ୍ସ ଆସୋସିଏଶନର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।



“ଭାରତୀୟ ଦଳର ବୋଲିଂ ବିଭାଗରେ ପରସ୍ପର ମଧ୍ୟରେ ସମ୍ପର୍କ ରହିଛି। ଜଣେ ଅନ୍ୟର ସଫଳତାରେ ଆନନ୍ଦ ଉଠାଇପାରୁଛି।
–ଈଶାନ୍ତ ଶର୍ମା, ଭାରତୀୟ ଫାଷ୍ଟ ବୋଲର



“ଆମ ଫାଷ୍ଟ ବୋଲିଂ କମ୍ବିନେଶନ ଯେକୌଣସି ପିଚ୍‌ରେ ବିପକ୍ଷ ଦଳକୁ ଧରାଶାୟୀ କରିପାରିବାର ସାମର୍ଥ୍ୟ ରଖିଛି।
–ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ଏସିସି ଇମର୍ଜିଂ ଟିମ୍ସ କପ୍
## ଭାରତକୁ ହରାଇଲା ବାଂଲାଦେଶ

**ସାଭର, ୧୬।୧୧ (ପି.ଟି.):** ଗୋଟିଏ ପଟେ ବାଂଲାଦେଶ ସିନିୟର ଦଳ ପ୍ରଥମ ଟେଷ୍ଟରେ ଭାରତଠାରୁ ଇନିଂସ ପରାଜୟ ବରଣ କରିଥିବା ବେଳେ ଅନ୍ୟପଟେ ବାଂଲାଦେଶ ଜୁନିୟର ଦଳ ୬ ଉଇକେଟରେ ଭାରତକୁ ପରାସ୍ତ କରିଛି। ସାଭରଠାରେ ଚାଲିଥିବା ଏସିଆନ କ୍ରିକେଟ କାଉନସିଲ (ଏସିସି) ଇମର୍ଜିଂ ଟିମ୍ସ କପ୍‌ରେ ଘରୋଇ ବାଂଲାଦେଶଠାରୁ ଭାରତ ପରାସ୍ତ ହୋଇଛି। ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୨୪୬ ରନ କରି ଅଲଆଉଟ ହୋଇଥିଲା। ଜବାବରେ ବାଂଲାଦେଶ ୪୨.୧ ଓଭରରେ ୪ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲାଦେଶ ସିନିୟର ଦଳ ପାଇଁ ଟି୨୦ ଖେଳିଥିବା ସୌମ୍ୟ ସରକାର ୬୮ ବଲରୁ ୭୩ ରନ କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେହିପରି ଅଧିନାୟକ ନାଜମୁଲ ହୋସେନ ଶାଣ୍ଟୋ ୮୮ ବଲରୁ ୯୪ ରନ ସଂଗ୍ରହ କରିଥିଲେ। ଟୁର୍ନାମେଣ୍ଟରେ ଭାରତ ପାଇଁ ଏହା ପ୍ରଥମ ପରାଜୟ ସାବ୍ୟସ୍ତ ହୋଇଛି। ତେବେ ଏହା ପୂର୍ବରୁ ଭାରତ ନେପାଳକୁ ହରାଇଥିଲା। ତେବେ ବାଂଲାଦେଶ ତା’ର ଦୁଇଟି ମ୍ୟାଚ୍‌ରେ ବିଜୟୀ ହୋଇଛି। ବାଂଲାଦେଶ ଦଳରେ ୨୦ ବର୍ଷୀୟ ମହମ୍ମଦ ନଇମ ସାମିଲ ରହିଛନ୍ତି। ଉଲ୍ଲେଖଥାଉ କି, ନଇମ ଗତ ରବିବାର ନାଗପୁରରେ ଅନୁଷ୍ଠିତ ତୃତୀୟ ଟି୨୦ ମ୍ୟାଚ୍‌ରେ ଭାରତ ବିପକ୍ଷରେ ଲଢୁଆ ୮୧ ରନ ସଂଗ୍ରହ କରିଥିଲେ।

## ସେମିରୁ ବିଦାୟ ନେଲେ ଶ୍ରୀକାନ୍ତ

**ହଂକଂ, ୧୬।୧୧ (ପି.ଟି.):** ଭାରତର କିଦାମ୍ବି ଶ୍ରୀକାନ୍ତ ଏଠାରେ ଚାଲିଥିବା ୪୦୦,୦୦୦ ଆମେରିକୀୟ ଡଲାର ପୁରସ୍କାର ବିଶିଷ୍ଟ ହଂକଂ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ସେମିଫାଇନାଲରୁ ବିଦାୟ ନେଇଛନ୍ତି। ଶନିବାର ସ୍ଥାନୀୟ ଫେଭରାଇଟ୍ ଲି ଚିଅକ୍ ୟୁଙ୍କଠାରୁ ସେ ୯-୨୧, ୨୩-୧୫ରେ ହାରିଯାଇଛନ୍ତି। ଏହି ମ୍ୟାଚ ୪୨ମିନିଟରେ ଶେଷ ହୋଇଥିଲା। ଶ୍ରୀକାନ୍ତଙ୍କ ପରାଜୟ ଦ୍ୱାରା ଚାମ୍ପିୟନଶିପ୍‌ରେ ଭାରତୀୟ ଚ୍ୟାଲେଞ୍ଜ ଶେଷ ହୋଇଛି। ଇଣ୍ଡିଆ ଓପନ ସୁପର ୫୦୦ ପ୍ରତିଯୋଗିତା ପରେ ଶ୍ରୀକାନ୍ତଙ୍କର ଏହାଥିଲା ପ୍ରଥମ ସେମିଫାଇନାଲ। ଭାରତୀୟ ଖେଳାଳି ପୂର୍ବରୁ ଥରେମାତ୍ର ଇଣ୍ଡିଆ ଓପନରେ ୨୩ ବର୍ଷୀୟ ଲି’ଙ୍କୁ ଭେଟିଥିଲେ। ଏହି ମ୍ୟାଚରେ ସେ ବିଜୟୀ ହୋଇଥିଲେ।

## ବେସାମରିକ କବାଡ଼ି: କ୍ୱାର୍ଟରରେ ଓଡ଼ିଶା

**ଭୁବନେଶ୍ୱର, ୧୬।୧୧ (ସ୍ପୋର୍ଟ୍ସ ବ୍ୟୁରୋ):** ସିମ୍‌ଲାରେ ଚାଲିଥିବା ବେସାମରିକ କବାଡ଼ି ପ୍ରତିଯୋଗିତା (ମହିଳା)ରେ ଓଡ଼ିଶା ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଡିଫେଣ୍ଡିଂ ଚାମ୍ପିୟନ ହରିୟାଣା, ତେଲେଙ୍ଗାନା ଓ ଛତିଶଗଡ଼କୁ ନେଇ ଓଡ଼ିଶା ପୁଲ୍-ଏ’ରେ ସ୍ଥାନ ପାଇଛି। ଓଡ଼ିଶା ପ୍ରଥମେ ହରିୟାଣା ନିକଟରୁ ପରାସ୍ତ ହୋଇଥିଲେ ମଧ୍ୟ ପରେ ତେଲେଙ୍ଗାନା ଓ ଛତିଶଗଡ଼କୁ ହରାଇ ଅନ୍ତିମ-୮ରେ ପହଞ୍ଚିଛି। ଯଶୋବନ୍ତୀ ବେହେରା ଓଡ଼ିଶା ଦଳର ଅଧିନାୟିକା ରହିଥିବାବେଳେ ସୁଭଦ୍ରା ମଲ୍ଲିକ, ଶ୍ରୀଛନ୍ଦା ପ୍ରଧାନ, ଶୋଭାଙ୍ଗୀ ରାୟ, ସଂଘମିତ୍ରା ଶତପଥି, ନିବେଦିତା ରାଉତ ଓଡ଼ିଶା ଦଳର ସଦସ୍ୟା ରହିଛନ୍ତି।

# ଭାରତର ଇନିଂସ ବିଜୟ

**ଇନ୍ଦୋର, ୧୬।୧୧ (ପି.ଟି.)**

ଯୁବ ଓପନର ମୟଙ୍କ ଅଗ୍ରୱାଲଙ୍କ ଦ୍ୱିଶତକ ଓ ପରେ ଦ୍ରୁତ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ଭାରତୀୟ କ୍ରିକେଟ ଦଳ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭ୍ରମଣକାରୀ ବାଂଲାଦେଶକୁ ମାତ୍ର ୩ ଦିନ ମଧ୍ୟରେ ଏକ ଇନିଂସ ଓ ୧୩୦ ରନରେ ପରାସ୍ତ କରିଛି। ଏଥିସହିତ ଭାରତ ୨ ମ୍ୟାଚ ବିଶିଷ୍ଟ ଏହି ଟେଷ୍ଟ ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି। ପ୍ରଥମ ଇନିଂସରେ ୨୪୩ ରନର ଦ୍ୱିଶତକୀୟ ପାଳି ଖେଳିଥିବା ମୟଙ୍କ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। କୋଲକାତାର ଐତିହାସିକ ଇଡେନ ଗାର୍ଡେନ୍‌ରେ ଆସନ୍ତା ୨୨ ତାରିଖରୁ ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଖେଳାଯିବ। ଏହା ଦିବାରାତ୍ରଭିତ୍ତିକ ହେବ ଓ ଭାରତ ପ୍ରଥମଥର ପାଇଁ ଡେ ଆଣ୍ଡ ନାଇଟ୍ ଟେଷ୍ଟ ଖେଳିବ।

### ଇନ୍ଦୋର ଟେଷ୍ଟ
- ୩ ଦିନରେ ଖେଳ ଶେଷ
- ଅଗ୍ରୱାଲ ମ୍ୟାନ୍ ଅଫ୍ ଦି ମ୍ୟାଚ୍
- ଭାରତ ୧-୦ରେ ଅଗ୍ରଣୀ

ସ୍ଥାନୀୟ ହୋଲକର ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ବ୍ୟାଟିଂ କରି ପ୍ରଥମ ଇନିଂସରେ ୫୮.୩ ଓଭରରେ ୧୫୦ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରି ୧୧୪ ଓଭରରେ ୬ ଉଇକେଟ ହରାଇ ୪୯୩ ରନ କରି ପାଳି ଘୋଷଣା କରିଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୩୪୩ ରନର ବୃହତ୍ ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ବାଂଲାଦେଶ ଶନିବାର ତୃତୀୟ ଦିବସରେ ୬୯.୨ ଓଭରରେ ୨୧୩ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ଏକ ଇନିଂସ ୧୩୦ ରନରେ ବିଜୟୀ ହୋଇଥିଲା। ଏହି ଦମ୍‌ଦାର ବିଜୟ ସହ ଭାରତ ୬୦ ପଏଣ୍ଟ ହାସଲ କରିଛି। ଫଳରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଟେବୁଲରେ ଭାରତ ମୋଟ ୩୦୦ ପଏଣ୍ଟ ହାସଲ କରିବା ସହ ତା’ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ଼ କରିଛି। ଏଥିସହ ଭାରତ କ୍ରମାଗତ ତୃତୀୟଥର ପାଇଁ ଇନିଂସ ବିଜୟ ହାସଲ କରି ବିରଳ ହ୍ୟାଟ୍ରିକ ଅର୍ଜନ କରିଛି। ଏହାପୂର୍ବରୁ ଭାରତ ଗତ ଟେଷ୍ଟ ସିରିଜରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦ୍ୱିତୀୟ ଓ ତୃତୀୟ ଟେଷ୍ଟରେ ମଧ୍ୟ ଇନିଂସ ବିଜୟ ହାସଲ କରିଥିଲା।



ଉଇକେଟ ପତନ ପରେ ଉଲ୍ଲସିତ ଭାରତୀୟ ଖେଳାଳି।

### ସଂକ୍ଷିପ୍ତ ସ୍କୋର
- ବାଂଲାଦେଶ ପ୍ରଥମ ଇନିଂସ: ୫୮.୩ ଓଭରରେ ୧୫୦ ଅଲଆଉଟ।
- ଭାରତ ପ୍ରଥମ ଇନିଂସ: ୧୧୪ ଓଭରରେ ୪୯୩/୬ (ଇନିଂସ ଘୋଷଣା)।
- ବାଂଲାଦେଶ ଦ୍ୱିତୀୟ ଇନିଂସ: ୬୯.୨ ଓଭରରେ ୨୧୩ ଅଲଆଉଟ (ମୁସ୍‌ଫିକର- ୬୪, ମିରାଜ- ୩୮, ଲିଟନ- ୩୫, ସାମି- ୪/୩୧, ଅଶ୍ୱିନ- ୩/୪୨, ଉମେଶ- ୨/୫୧, ଇଶାନ୍ତ-୧/୩୧)

ଓଭର ନାଇଟ୍ ସ୍କୋର ୪୯୩/୬ରେ ହିଁ ଭାରତ ପ୍ରଥମ ଇନିଂସ ଘୋଷଣା କରିଥିଲା। ଫଳରେ ଶନିବାର ତୃତୀୟ ଦିବସ ଆରମ୍ଭରୁ ବାଂଲାଦେଶ ତା’ର ଦ୍ୱିତୀୟ ଇନିଂସ ଆରମ୍ଭ କରି ନିୟମିତ ଅନ୍ତରରେ ଉଇକେଟ ହରାଇବା ସହ ଅଲଆଉଟ ହୋଇଥିଲା। ବାଂଲାଦେଶର ଟପ୍ ଅର୍ଡର ଓ ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନ ଫେଲ ମାରିଥିଲେ। ତେବେ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନମାନେ ସାମାନ୍ୟ ସଂଘର୍ଷ କରି ପରାଜୟକୁ ବିଳମ୍ବିତ କରିଥିଲେ। ୩ ଜଣ ଟପ୍ ଅର୍ଡର ଓ ଟେଲ ଏଣ୍ଡର ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁପାରି ନ ଥିଲେ। ଦଳ ତରଫରୁ ମୁସ୍‌ଫିକର ରହିମ ସର୍ବାଧିକ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ବେଳେ ମେହେଦି ହାସନ ମିରାଜ ୩୮, ଉଇକେଟକିପର ବ୍ୟାଟ୍ସମ୍ୟାନ ଲିଟନ ଦାସ ୩୫, ମହମ୍ମଦ ମିଥୁନ ୧୮ ଓ ମହମୁଦୁଲ୍ଲା ୧୫ ରନ ସଂଗ୍ରହ କରି ଆଉଟ ହୋଇଥିଲେ। ଏହାପୂର୍ବରୁ ଦୁଇ ଓପନର ଶଦ୍‌ମାନ ଇସ୍‌ଲାମ ୬, ଇମ୍‌ରୁଲ କାଏସ୍ ୬, ଅଧିନାୟକ ମୋମିନୁଲ ହକ୍ ୭ ରନ କରି ଆଉଟ ହୋଇଥିଲେ। ସେହିପରି ତାଇଜୁଲ ଇସ୍‌ଲାମ ୬ ଓ ଶେଷ ବ୍ୟାଟ୍ସମ୍ୟାନ ଭାବେ ଇବାଦତ ହୋସେନ ୧ ରନ କରି ଆଉଟ ହୋଇଥିବା ବେଳେ ଆବୁ ଜାଏଦ ୪ ରନ କରି ଅପରାଜିତ ରହିଥିଲେ। ମୁସ୍‌ଫିକର ଓ ଲିଟନ ଷଷ୍ଠ ଉଇକେଟରେ ୬୩, ମୁସ୍‌ଫିକର ଓ ମେହିଦି ହାସନ ମିରାଜ ସପ୍ତମ ଉଇକେଟରେ ୫୯ ରନ ସଂଗ୍ରହ କରି ଭାରତର ବିଜୟକୁ ସାମାନ୍ୟ ବିଳମ୍ବିତ କରିଥିଲେ।

୩ ଦ୍ରୁତ ବୋଲର ମହମ୍ମଦ ସାମି, ଉମେଶ ଯାଦବ ଓ ଇଶାନ୍ତ ଶର୍ମା ଯଥାକ୍ରମେ ୪, ୨ ଓ ଗୋଟିଏ ଉଇକେଟ ହାସଲ କରିଥିଲେ। ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ୩ଟି ମୂଲ୍ୟବାନ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ୍‌ରେ ସାମି ମୋଟ ଉପରେ ୭, ଉମେଶ ୪ ଓ ଇଶାନ୍ତ ଶର୍ମା ୩ ଉଇକେଟ ହାସଲ କରିଛନ୍ତି। ଏହି ମ୍ୟାଚ୍‌ରେ ଭାରତୀୟ ପେସ୍ ବୋଲିଂ ସାମ୍ନାରେ ବାଂଲାଦେଶ ବେଶ୍ ଅସହାୟ ମନେ ହେଉଥିଲା।

### ଭାରତର ୩ଟି କ୍ରମାଗତ ଇନିଂସ ବିଜୟ

**ସିଜନ: ୧୯୯୨/୯୩**

| | |
|---|---|
| ଇନିଂସ ଓ ୨୨ ରନ ବନାମ ଇଂଲଣ୍ଡ | ଚେନ୍ନାଇ |
| ଇନିଂସ ଓ ୧୫ ରନ ବନାମ ଇଂଲଣ୍ଡ | ମୁମ୍ବାଇ |
| ଇନିଂସ ଓ ୧୩ ରନ ବନାମ ଇଂଲଣ୍ଡ | ଦିଲ୍ଲୀ |

**ସିଜନ: ୧୯୯୩/୯୪**

| | |
|---|---|
| ଇନିଂସ ଓ ୧୧୯ ରନ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ଇନିଂସ ଓ ୯୫ ରନ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ଇନିଂସ ଓ ୧୭ ରନ ବନାମ ଶ୍ରୀଲଙ୍କା | ଅହମ୍ମଦାବାଦ |

**ସିଜନ ୨୦୧୯/୨୦**

| | |
|---|---|
| ଇନିଂସ ଓ ୧୩୭ ରନ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| ଇନିଂସ ଓ ୨୦୨ ରନ ବନାମ ଦକ୍ଷିଣ ଆଫ୍ରିକା | ରାଞ୍ଚି |
| ଇନିଂସ ଓ ୧୩୦ ରନ ବନାମ ବାଂଲାଦେଶ | ଇନ୍ଦୋର |

**ଭାରତୀୟ ଅଧିନାୟକଙ୍କ ଦ୍ୱାରା ସର୍ବାଧିକ ଇନିଂସ ବିଜୟ**

| | |
|---|---|
| ୧୦ | ବିରାଟ କୋହଲି |
| ୯ | ଏମ୍‌ଏସ୍ ଧୋନୀ |
| ୮ | ମହମ୍ମଦ ଆଝାରୁଦ୍ଦିନ |
| ୭ | ସୌରଭ ଗାଙ୍ଗୁଲି |

## ଟ୍ୱିଲାଇଟ୍ ଟ୍ରେନିଂ: ଇନ୍ଦୋରରେ ଅଧିକ ୨ ଦିନ ରହିବେ କ୍ରିକେଟର

**ଇନ୍ଦୋର, ୧୬।୧୧ (ପି.ଟି.)**

ପ୍ରଥମଥର ପାଇଁ ଭାରତୀୟ କ୍ରିକେଟ ଦଳ ଆସନ୍ତା ୨୨ ତାରିଖରୁ ଐତିହାସିକ ଇଡେନ ଗାର୍ଡେନରେ ଦିବାରାତ୍ର ଟେଷ୍ଟ ଖେଳିବ। ପିଙ୍କ୍ ବଲ୍ ବା ଗୋଲାପୀ ବଲ୍‌ରେ ଏହି ମ୍ୟାଚ ଖେଳାଯିବ। ଫଳରେ ସନ୍ଧ୍ୟା ତଥା ରାତିରେ ଅଭ୍ୟାସ କରିବା ଅର୍ଥାତ୍ ‘ଟ୍ୱିଲାଇଟ୍ ଟ୍ରେନିଂ’ପାଇଁ ଭାରତୀୟ କ୍ରିକେଟର ଇନ୍ଦୋରରେ ଆହୁରି ଅଧିକ ଦୁଇଦିନ ରହିବେ। ଏପରି କି ବାଂଲାଦେଶ ଦଳ ମଧ୍ୟ ଅଭ୍ୟାସ ପାଇଁ ଏଠାରେ ରହିବାକୁ ନିଷ୍ପତ୍ତି ନେଇଛି। ପ୍ରଥମ ଟେଷ୍ଟ ୩ ଦିନ ମଧ୍ୟରେ ଶେଷ ହୋଇଥିବାରୁ ବାକି ୨ ଦିନ ଏଠାରେ ରହି ଅଭ୍ୟାସ ଉପରେ ଦଳ ଗୁରୁତ୍ୱ ଦେବ ବୋଲି କୁହାଯାଇଛି।

ଆଗାମୀ ଦୁଇଦିନରେ ଭାରତ ପିଙ୍କ୍ ବଲ୍‌ରେ ଅଭ୍ୟାସ କରିବ ଓ ଏହାକୁ ‘ଟ୍ୱିଲାଇଟନ ଜୋନ୍’ ବୋଲି କୁହାଯାଉଛି। ଗୋଧୂଳି ବା ସନ୍ଧ୍ୟା ସମୟରେ କିପରି ଖେଳିବାକୁ ହୁଏ ଆମେ ତାହା ଜାଣିନାହୁଁ। ତେଣୁ ଏଥିପାଇଁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷଣ ନେବାକୁ ଆମେ ସ୍ଥିର କରିଛୁ ବୋଲି ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ତରଫରୁ କୁହାଯାଇଛି। ପୂର୍ବରୁ ଚେତେଶ୍ୱର ପୂଜାରାଙ୍କ ସମେତ କେତେଜଣ ଖେଳାଳି ଦୁଲୀପ୍ ଟ୍ରଫି ଖେଳିବା ଅବସରରେ ସନ୍ଧ୍ୟା ସମୟରେ ପିଙ୍କ୍ ବଲ୍‌ରେ ଖେଳିଛନ୍ତି ଓ ଏହାକୁ ଚ୍ୟାଲେଞ୍ଜ୍ ପୂର୍ଣ୍ଣ କହିଛନ୍ତି। ସନ୍ଧ୍ୟା ସମୟରେ ଆକାଶ ଓ ପିଙ୍କ୍ ବଲ୍‌ର ରଙ୍ଗ କମଳା ରଙ୍ଗ ପରି ମନେ ହୋଇଥାଏ। ଫଳରେ ଏହି ସମୟରେ ବଲକୁ ଦେଖିବାରେ ସମସ୍ୟା ରହିଥିଏ ଓ ଏଥିପାଇଁ ବ୍ୟାଟିଂ କରିବା ମଧ୍ୟ କଷ୍ଟକର ହୋଇଥାଏ ବୋଲି ପୂଜାରା କହିଛନ୍ତି। ତେବେ ଏହି ସମୟରେ ଅଧିକ ଖେଳିଲେ ଜଣେ ବ୍ୟାଟ୍ସମ୍ୟାନ ଅଭ୍ୟସ୍ତ ହୋଇଥାନ୍ତି ଓ ବଲ୍‌ର ଗତି ସମ୍ପର୍କରେ ଅବଗତ ହୋଇଥାନ୍ତି।

ଏପର୍ଯ୍ୟନ୍ତ ପିଙ୍କ୍ ବଲ୍‌ରେ ବୋଲିଂ କରିନାହିଁ। ବେଳେବେଳେ ଏହି ବଲ୍ ଗୋଲାପୀ କିମ୍ବା କମଳା ରଙ୍ଗ ଭଳି ମନେ ହୋଇଥାଏ। ତେଣୁ ଅଭ୍ୟାସ କରିବା ନିହାତି ଜରୁରୀ ବୋଲି ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ କହିଛନ୍ତି। ଅନ୍ୟପଟେ ଖେଳାଳିମାନେ ଉଭୟ ନୂଆ ଓ ପୁରୁଣା ପିଙ୍କ୍ ବଲ୍‌ରେ ଅଭ୍ୟାସ କରବା ଜରୁରୀ ବୋଲି କ୍ରିକେଟ ଆଇକନ ସଚିନ ତେନ୍ଦୁଲକର କହିଛନ୍ତି। ନେଟ୍ସରେ ବ୍ୟାଟ୍ସମ୍ୟାନମାନେ ଭିନ୍ନ ବଲ୍ ସହ ଅଭ୍ୟାସ କରିବା ଆବଶ୍ୟକ। ନୂଆ ପିଙ୍କ୍ ବଲ୍, ୨୦ ଓଭର ପିଙ୍କ୍ ବଲ୍ ଓ ଗୋଟିଏ ୫୦ ଓଭର ପିଙ୍କ୍ ବଲ୍‌କୁ ନେଇ ଅଭ୍ୟାସ କରିବା ଦରକାର ବୋଲି ସେ କହିଛନ୍ତି। ସେଣ୍ଟର ଉଇକେଟରେ ଓ କଳା ସାଇଡ ସ୍କ୍ରିନ୍‌ରେ ଏହି ମ୍ୟାଚ୍ ଖେଳାଯିବ। ତେଣୁ ନେଟ୍ ପ୍ରାକ୍ଟିସ୍‌ରେ ଖେଳାଳିମାନେ ଧ୍ୟାନ ଦେବା ଉଚିତ ହେବ ବୋଲି ସଚିନ କହିଛନ୍ତି। ଆସନ୍ତା ୧୯ ତାରିଖରେ ଦୁଇ ଦଳ କୋଲକାତା ଯାତ୍ରା କରିବ ଓ ଏହା ପର ଦୁଇଦିନରେ ଇଡେନ ଗାର୍ଡେନରେ ଅଭ୍ୟାସ କରିବ।



## ୟୁବିଙ୍କ ଟି୧୦ ପଦାର୍ପଣ

**ଦୁବାଇ, ୧୬।୧୧:** ପୂର୍ବତନ ଭାରତୀୟ ଅଲରାଉଣ୍ଡର ଯୁବରାଜ ସିଂ (ୟୁବି) ଦୁବାଇ ପ୍ରିମିୟର ଟି୧୦ର ତୃତୀୟ ସଂସ୍କରଣରେ ଖେଳି ଶୁକ୍ରବାର ଟି୧୦ ଫର୍ମାଟରେ କ୍ୟାରିୟର ଆରମ୍ଭ କରିଛନ୍ତି। ଶେଖ ଜାୟେଦ କ୍ରିକେଟ ଷ୍ଟାଡିୟମରେ ନର୍ଦ୍ଦନ ୱାରିଅର୍ସ ବିପକ୍ଷ ମ୍ୟାଚ୍‌ରେ ୟୁବି ମାରାଠା ଆରବିଆନ୍ସ ପାଇଁ ଖେଳିଥିଲେ। କ୍ରିସ ଲିନ୍ ଆଉଟ୍ ହେବା ପରେ ୪ର୍ଥ ସ୍ଥାନରେ ଆସିଥିଲେ ଯୁବରାଜ। ସେ ଆନ୍ଦ୍ରେ ରସେଲଙ୍କ ବଲକୁ ଏକ ୪ ଚୌକା ଲଗାଇଥିଲେ। ପରବର୍ତ୍ତୀ ୪ ବଲରେ ୨ ରନ୍ କରିଥିଲେ। ୬ଷ୍ଠ ବଲକୁ ଲଙ୍ଗ୍ ଅନ ଅଞ୍ଚଳକୁ ଉଠାଇ ମାରିବାକୁ ଯାଇ ରୟାଦ ଏମରିଟଙ୍କ ହାତରେ ଧରା ପଡ଼ିଥିଲେ। ୩୭ ବର୍ଷୀୟ କ୍ରିକେଟର ମୋଟ ଉପରେ ୬ ବଲରେ ୬ ରନ୍ କରି ଆଉଟ୍ ହୋଇଥିଲେ। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ମରାଠା ଦଳ ୧୦ ଓଭରରେ ୬ ଉଇକେଟ ହରାଇ ୮୮ ରନ୍ କରିଥିଲା। ଜବାବରେ ରସେଲଙ୍କ ୨୪ ବଲରୁ ୫୮ ରନ୍‌ର ଇନିଂସ ବଳରେ ୱାରିଅର୍ସ ୭ ଓଭରରେ ମ୍ୟାଚ୍ ଜିତି ନେଇଥିଲା।

## ଡିଡିସିଏରୁ ଇସ୍ତଫା ଦେଲେ ରଜତ ଶର୍ମା

**ନୂଆଦିଲ୍ଲୀ, ୧୬।୧୧ (ପି.ଟି.)**

ସିନିୟର ଜର୍ନାଲିଷ୍ଟ ରଜତ ଶର୍ମା ଶନିବାର ଦିଲ୍ଲୀ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ (ଡିଡିସିଏ)ର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଆସୋସିଏଶନ ମଧ୍ୟରେ ଚାପ ଯୋଗୁ ସେ ଏଭଳି ନିଷ୍ପତ୍ତି ନେଇଥିବା କହିଛନ୍ତି। ୨୦ ମାସର କାର୍ଯ୍ୟକାଳରେ ସେ ବହୁ ଉତ୍ଥାନ ପତନ ଦେଇ ଗତି କରିଛନ୍ତି। ସାଧାରଣ ସମ୍ପାଦକ ବିନୋଦ ତିହାରାଙ୍କ ସହ ତାଙ୍କର ମତଭେଦ ଥିଲା, ଯାହାଙ୍କୁ ଆସୋସିଏଶନର ସମ୍ପୂର୍ଣ୍ଣ ସମର୍ଥନ ରହିଥିଲା। ଏଠାରେ ସର୍ବଦା ଟଣାଓଟାର ଓ ଭିତିରି ଚାପ ରହିଛି। କେତେ ଜଣ କ୍ରିକେଟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଚରିତାର୍ଥ କରିବାକୁ



ପଛାଉ ନାହାନ୍ତି। ନିୟମ ଅନୁସାରେ ନିଷ୍ଠାର ସହ କାର୍ଯ୍ୟ କରିବା ସମ୍ଭବ ନ ଥିଲା ବୋଲି ଜର୍ନାଲିଷ୍ଟରୁ କ୍ରିକେଟ ପ୍ରଶାସକ ହୋଇଥିବା ଶର୍ମା କହିଛନ୍ତି। ଉଲ୍ଲେଖଥାଉ କି, ପୂର୍ବତନ ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ ସମ୍ପୂର୍ଣ୍ଣ ସମର୍ଥନ ପରେ ଶର୍ମା କ୍ରିକେଟ ପ୍ରଶାସନରେ ଯୋଗ ଦେଇଥିଲେ। ଡିଡିସିଏ କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଜେଟଲିଙ୍କ ଦେହାନ୍ତ ପରେ ବିଭିନ୍ନ ବିଭାଗରୁ ଶର୍ମାଙ୍କ ଉପରେ ଚାପ ପକାଯାଇଥିଲା। ଶର୍ମା କହିଛନ୍ତି, କ୍ରିକେଟର ଉନ୍ନତି ଦିଗରେ କାର୍ଯ୍ୟ କରୁଥିବାବେଳେ ମୁଁ ବାଧା ଓ ବିରୋଧର ସମ୍ମୁଖୀନ ହୋଇଛି। ମୋତେ ଦାୟିତ୍ୱ ଦୂରେଇ ରଖିବା ପାଇଁ ଏଭଳି କରାଯାଉଥିଲା। ଏହି କାରଣରୁ ମୁଁ ଡିଡିସିଏ ସଭାପତି ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲି।

No. MM-91

**OFFICE OF THE DIVISIONAL FOREST OFFICER & WILDLIFE WARDEN**
**CHANDAKA WILDLIFE DIVISION**
GAJA VIHAR, BARAMUNDA, BHUBANESWAR-751003
Ph. (0674) 2355400, Email-dfochandakawl.od@gov.in/chandakadampara@gmail.com

Tender Notice No.03/ 2019 Dated 16th November 2019

**Tender Call Notice**

Sealed tenders are invited in two Bid systems from established/ reputed/ registered/ experienced and accredited manufactures within the country of India for supply of FRP Boats as detailed below for use in Chandaka Wildlife Division, Bhubaneswar.

| FRP Boats | Quantity | Cost of Tender Paper | EMD to be deposited | Dimension |
|---|---|---|---|---|
| Supply, Installation and commissioning of 10 (Ten) Seater FRP Boat | 4 (Four) | Rs.1000/- | 2% of the quoted price | Length: 5.60 Mtrs<br>Breadth: 1.80 Mtrs<br>Engine: 1 No. 25 HP Four Stroke Yamaha make outboard Engine (Imported) with remote control.<br>Steering: Front Steering System |

Non-transferable Tender Documents for supply of FRP Boats as stated above will be available and can be available and can be collected in person from the office of the Divisional Forest Officer, Chandaka Wildlife Division, Bhubaneswar, Odisha on payment of cost of Tender Document as mentioned above on working days. The Tender Document cost which is non- refundable, should be deposited in shape of crossed Demand Draft from any Nationalized Bank drawn in favour of the Divisional Forest Officer, Chandaka Wildlife Division, Bhubaneswar payable at Bhubaneswar.

1. Tender papers / documents will be available in the O/o the DFO, Chandaka Wildlife Division, Bhubaneswar from dt.20/11/2019 to dt.13/12/2019 (during office hours).
2. Receiving of Tender papers will be within dt. 20/11/2019 until 03.00 PM on 17/12/2019.
3. Tender opening 12.30 PM on 18/12/2019.

Sd/-Divisional Forest Officer
Chandaka Wildlife Division Bhubaneswar

08096/11/0004/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ନଭେମ୍ବର ୧୭/୨୦୧୯ Bhubaneswar, Sunday, November 17/ 2019

## ସଂକ୍ଷେପରେ

### ଲିଗାଲ ମେଟ୍ରୋଲୋଜି ଇନ୍ସପେକ୍ଟର ଗିରଫ

**କଟକ ଅଫିସ,୧୬।୧୧:** ଓଜନ ମାପ ବିଭାଗ(ଲିଗାଲ ମେଟ୍ରୋଲୋଜି)ର ବରିଷ୍ଠ ଇନ୍ସପେକ୍ଟର ବିଶ୍ରାନ୍ତ କୁମାର ସେଠୀଙ୍କୁ ଭିଜିଲାନ୍ସ ଶନିବାର ଗିରଫ କରିଛି। ସେଠୀ ଗତ ଶୁକ୍ରବାର ୧ଲକ୍ଷ ୭୧ହଜାର ୭୦ଟଙ୍କା ଧରି ଯାଉଥିବା ବେଳେ ଭିଜିଲାନ୍ସ ସେଲ୍ ପକ୍ଷରୁ ତାଙ୍କୁ ପାରାଦୀପ ମଧୁବନ ନିକଟରେ ଥିବା ତାଙ୍କ ଅଫିସ ସମ୍ମୁଖରେ ଅଟକାଯାଇଥିଲା। ଏହା ପରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ ଉକ୍ତ ଟଙ୍କା ଜବତ କରିଥିଲେ। ଜବତ ଟଙ୍କା ଉତ୍ସ ସମ୍ପର୍କରେ ସେଠୀ କୌଣସି ସନ୍ତୋଷଜନକ ଉତ୍ତର ଭିଜିଲାନ୍ସ ଅଧିକାରୀଙ୍କୁ ଦେଇପାରି ନ ଥିଲେ। ତଦନ୍ତରୁ ଭିଜିଲାନ୍ସ ଜାଣିପାରିଥିଲା ଯେ, ଇନ୍ସପେକ୍ଟର ସେଠୀ ଉକ୍ତ ଟଙ୍କା ପେଟ୍ରୋଲ, ଡିଜେଲ ପମ୍ପ ମାଲିକ ଓ ତେଲ ଟ୍ୟାଙ୍କର ଆଦିରୁ ଲାଞ୍ଚ ଆକାରରେ ଆଦାୟ କରିଥିଲେ। ଏ ସମ୍ପର୍କରେ ଭିଜିଲାନ୍ସ ସେଲ୍ ଥାନାରେ ଏକ ମାମଲା (ନଂ.୧୯/୨୦୧୯) ରୁଜୁ କରାଯାଇ ସେଠୀଙ୍କୁ ଗିରଫ କରାଯାଇଥିଲା। ସୂଚନାଥାଉ କି, ଗିରଫ ସେଠୀ ପାରାଦୀପଠାରେ ଓଜନ ମାପ ବିଭାଗରେ ବରିଷ୍ଠ ଇନ୍ସପେକ୍ଟରଭାବେ କାମ କରୁଥିବା ବେଳେ ଜଗତ୍‌ସିଂହପୁର ଜିଲା ଓଜନ ମାପ ବିଭାଗ କାର୍ଯ୍ୟାଳୟରେ ସହକାରୀ ନିୟନ୍ତ୍ରକଭାବେ କାର୍ଯ୍ୟ କରୁଛନ୍ତି।

### ୧୯୮ ଛାତ୍ରୀଛାତ୍ରଙ୍କୁ ଟିକା ପ୍ରଦାନ

**ବାଲିଆ,୧୬।୧୧:** ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୁଲ୍ୟରେ ମସ୍ତିଷ୍କ ପ୍ରଦାହ ଜ୍ୱର ପ୍ରତିକାର ଟିକା କାର୍ଯ୍ୟକ୍ରମ ବିରିଡି ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି। ଶନିବାର କାଳିଆବୁଦା ବିଦ୍ୟାନିକେତନର ୧୯୮ ଛାତ୍ରୀଛାତ୍ରଙ୍କୁ ଏହି ଟିକା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ବଣ୍ଡୁଧର ବେହେରାଙ୍କ ତତ୍ତ୍ୱାବଧାନରେ ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମହିଳା ସ୍ୱାସ୍ଥ୍ୟ କର୍ମୀ ପହଞ୍ଚି ଟିକା ପ୍ରଦାନ କରିଥିଲେ। ନିହାରିକା ଲେଙ୍କା, ସୁପରଭାଇଜର ଭାବଗ୍ରାହୀ ଗୋଚ୍ଛାୟତ, ଆଶାକର୍ମୀ ସଂଯୁକ୍ତା ନାୟକ ସହଯୋଗ କରିଥିଲେ।

### ଏସ୍‌ଭିଏମ୍ କଲେଜ ଛାତ୍ରୀଛାତ୍ରଙ୍କୁ ମାଇଗ୍ରେଶନ୍ ସାର୍ଟିଫିକେଟ୍ ନ ମିଳିବା ପ୍ରସଙ୍ଗ

# ତଦନ୍ତ କଲେ ୩ ଜଣିଆ ଟିମ୍

**ଜଗତ୍‌ସିଂହପୁର ଅଫିସ, ୧୬।୧୧**

■କାଗଜପତ୍ର ତନଖି ସହ କର୍ମଚାରୀଙ୍କ ବୟାନ ରେକର୍ଡ

■୩ଦିନ ଭିତରେ ଉଚ୍ଚ ଶିକ୍ଷା ବିଭାଗ ନିକଟରେ ଦାଖଲ ହେବ ରିପୋର୍ଟ

ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୫ରୁ ୨୦୧୮ ମଧ୍ୟରେ ଯୁକ୍ତ ୩ ଶିକ୍ଷାଲାଭ ସହ ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୧୮ ଜଣଙ୍କୁ ଏଯାଏ ମାଇଗ୍ରେଶନ୍ ସାର୍ଟିଫିକେଟ୍ ମିଳିପାରି ନାହିଁ। ଯେଉଁ କାରଣରୁ ଏହି ଛାତ୍ରୀଛାତ୍ରମାନେ ଅନିଶ୍ଚିତ ଭବିଷ୍ୟତ ମଧ୍ୟରେ ଗତି କରୁଛନ୍ତି। ଏପରି କି ସେମାନେ ଉଚ୍ଚ ଶିକ୍ଷାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି। ଏସମ୍ପର୍କରେ ଉକ୍ତ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ଜିଲାପାଳ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ନିରାଶ ହେଲା ପରେ ବାଧହୋଇ ଆନ୍ଦୋଳନକୁ ଓହ୍ଲାଇଥିଲେ। ଏହି ପ୍ରସଙ୍ଗକୁ ନେଇ କଂଗ୍ରେସ ଓ ଭାଜପା ପକ୍ଷରୁ ମଧ୍ୟ ସ୍ୱର ଉଠିଥିଲା। ପ୍ରସଙ୍ଗର ଗମ୍ଭୀରତା ଦୃଷ୍ଟିରୁ ମହାବିଦ୍ୟାଳୟ ପରିଚାଳନା ସମିତି ବୈଠକ ବସିବା ସହ ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ କରାଯାଇଥିବା କୁହାଯାଇଥିଲା। ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗକୁ ତଦନ୍ତ ପାଇଁ ଅନୁରୋଧ କରାଯାଇଥିଲା। ଏହାପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଭାଗ ଅତିରିକ୍ତ ସଚିବ ଜୟନ୍ତ ନାରାୟଣ ଷଡ଼ଙ୍ଗୀଙ୍କ ଚିଠିକୁ ଆଧାର କରି ଶନିବାର ୩ ଜଣିଆ ଦଳ ଏସ୍‌ଭିଏମ୍ କଲେଜରେ ପହଞ୍ଚି ତଦନ୍ତ କରିଛନ୍ତି। ସେମାନେ ପ୍ରଥମେ ୨୦୧୫-୧୬ ଡିଗ୍ରୀ ନାମଲେଖା ରେକର୍ଡ ଯାଞ୍ଚ କରିଥିଲେ। ତାପରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା କର୍ମଚାରୀ, ହିସାବ ବିଭାଗ ଓ ନାମଲେଖା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବ୍ୟକ୍ତିଗତ ଭାବେ ପଚାରି ସେମାନଙ୍କ ବୟାନ ରେକର୍ଡ କରିଥିଲେ। ୩ଦିନ ଭିତରେ ସେମାନେ ଯୁଗ୍ମ ତଦନ୍ତ ରିପୋର୍ଟ ବିଭାଗରେ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି।

ଗତ ୧୪ତାରିଖ ଚିଠି ସଂଖ୍ୟା ୨୪୫୩୬ରେ ଅତିରିକ୍ତ ସଚିବ ଷଡ଼ଙ୍ଗୀ ବିଭାଗୀୟ ପର୍ଫମାନ୍ସ ଟ୍ରାକିଂ ସେଲ୍ (ପିଟିସି) ଭାରପ୍ରାପ୍ତ ଅଧିକାରୀ ମିହିର କୁମାର ଦାସ, ଶିକ୍ଷା ଆଞ୍ଚଳିକ ନିର୍ଦ୍ଦେଶକ (ଆର୍‌ଡିସି) ମିହିର ରଞ୍ଜନ ସେଠୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ (କଣ୍ଟ୍ରୋଲର) ଉମାକାନ୍ତ ମାଝୀଙ୍କୁ ଯୁଗ୍ମ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ୩ ଜଣ ଶନିବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମହାବିଦ୍ୟାଳୟରେ ପହଞ୍ଚିଲା ପରେ ପରିବେଶ ନିଆରା ଅନୁଭୂତ ହୋଇଥିଲା। ଅଧ୍ୟାପକ, କର୍ମଚାରୀ ମହଲରେ ଆଲୋଚନା ଆରମ୍ଭ ହୋଇ ଯାଇଥିଲା। ତେବେ ସେମାନେ ପ୍ରଥମେ ୨୦୧୫-୧୬ ଶିକ୍ଷା ବର୍ଷ ଯୁକ୍ତ ତିନିରେ ନାମଲେଖା ଠିକ ଭାବେ ହୋଇଛି କି ନାହିଁ ରେକର୍ଡ ଯାଞ୍ଚ ଆରମ୍ଭ କରିଥିଲେ। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଦରଖାସ୍ତ କରିବା ଠାରୁ ନାମ ଲେଖା ଫି' ଦାଖଲ କରିବା ଏବଂ ନାମ ଲେଖାଇବା ପର୍ଯ୍ୟନ୍ତ ରେକର୍ଡ ଦେଖିଥିଲେ। ତାପରେ ସେମାନେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବର୍ଷ ପରୀକ୍ଷା ଦେଇଥିବା ସମ୍ପର୍କରେ ଅବଗତ ହୋଇଥିଲେ। ଏପରି କି ପରୀକ୍ଷାରେ ପାସ୍ କରିଥିବା ସମ୍ପର୍କିତ ତଥ୍ୟ ମଧ୍ୟ ସଂଗ୍ରହ କରିଥିଲେ। ଏସବୁ ପରେ ବ୍ୟକ୍ତିଗତ ଭାବେ ପଚାରି ସେମାନଙ୍କ ବୟାନ ରେକର୍ଡ କରିଥିଲେ। ଏ ସମ୍ପର୍କିତ ରିପୋର୍ଟ ସେମାନେ ୩ ଦିନ ଭିତରେ ଦାଖଲ କରିବେ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିକଟରେ କହିଥିଲେ ସୁଦ୍ଧା କ'ଣ ସବୁ ଜାଣିବାକୁ ପାଇଲେ ସେ ସମ୍ପର୍କରେ ମୁହଁ ଖୋଲି ନ ଥିଲେ।

ଗତ ମାସରେ ପରିଚାଳନା ସମିତି ସଭାପତି ବିଧାୟକ ବିଷ୍ଣୁ ଚରଣ ଦାସଙ୍କ ପୌରୋହିତ୍ୟରେ ଏକ ବୈଠକ ବସିଥିଲା। ଏଥିରେ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଭୁବନେଶ୍ୱରସ୍ଥିତ ସାଂସ୍କୃତିକ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତି, ବରିଷ୍ଠ ଆଇନଜୀବୀ ରାଜକିଶୋର ଖଟୁଆ, ସଭ୍ୟା ମିନତୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ବୈଠକରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଅରବିନ୍ଦ ଚଇନି ନିରାଶ ଛାତ୍ରୀଛାତମାନଙ୍କ ଅଭିଯୋଗ ସମ୍ପର୍କରେ ଜଣାଇଥିଲେ। ତା'ପରେ ଏହା ଉପରେ ଅନୁଧ୍ୟାନ କରାଯାଇ ପାସ୍ କରିଥିବା ୧୧୮ ଜଣ ଛାତ୍ରୀଛାତ୍ରଙ୍କ ପ୍ରତି ଅନ୍ୟାୟ କରାଯାଇଥିବା ସ୍ପଷ୍ଟ ହୋଇଥିଲା। ତତ୍କାଳୀନ ଅଧ୍ୟକ୍ଷଙ୍କ ଜାଲ ଦସ୍ତଖତ ସଭ୍ୟମାନଙ୍କୁ ବିସ୍ମିତ କରିଥିଲା। କୌଣସି ବାଟରେ ରସିଦ୍ କଟାଯାଇ ନାମ ଲେଖାଯାଇଥିବା ଜଣାଯାଇଥିଲା। ଏହିମାସ ୨୨ ତାରିଖରେ ମହାବିଦ୍ୟାଳୟ ତରଫରୁ ଏକ ଉଚ୍ଚସ୍ତରୀୟ କମିଟି ପରିଚାଳନା ସମିତି ସଭାପତି ଦାସଙ୍କ ନେତୃତ୍ୱରେ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସଚିବଙ୍କୁ ଭେଟି ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ।

### ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ଗଠିତ

**ବିରିଡି,୧୬।୧୧(ଡି.ଏନ୍.ଏ.)**

ବିରିଡ଼ି ବ୍ଲକ ଅଧୀନ ଦରଡ଼ା ଗ୍ରାମପଞ୍ଚାୟତସ୍ତରୀୟ ମହିଳା ମହାସଂଘ ଓଡ଼ିଶା ଜୀବୀକା ମିଶନ ବିରିଡ଼ି ବ୍ଲକ ତତ୍ତ୍ୱାବଧାନରେ ଶନିବାର ଦରଡା ପଞ୍ଚାୟତ ନିକଟ ଦୁଲାଦେବୀ ଠାକୁରାଣୀଙ୍କ ପରିସରରେ ଗଠିତ ହୋଇଯାଇଛି। ମହିଳାଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ ସହିତ ସ୍ୱବଲମ୍ବୀ କରିବା ଏହାର ମୂଳ ଲକ୍ଷ୍ୟ। ପଞ୍ଚାୟତର ୭ଟି ଆଞ୍ଚଳିକ ମଞ୍ଚର ୬୩ଟି ଏସଏଚଜି ଏଥିରେ ଭାଗ ନେଇଥିଲେ। ସଭାନେତ୍ରୀ ଭାବେ ଲକ୍ଷ୍ମୀପ୍ରିୟା ବେହେରା, ସମ୍ପାଦିକା ଜୟନ୍ତୀ କର, ଯୁଗ୍ମ ସମ୍ପାଦିକା ପ୍ରଭାତୀ ସାହୁ, ଉପସଭାନେତ୍ରୀ ଜୟନ୍ତୀ ସାହୁ ଓ କୋଷାଧ୍ୟକ୍ଷ ଭାବେ ଗୀତାଞ୍ଜଳି ମହାପାତ୍ର ବିଧିବଧ ଭାବେ ନିର୍ବାଚିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଦରଡା ସରପଞ୍ଚ ଧନଞ୍ଜୟ ମହାପାତ୍ର, ପ୍ରଗତି ସହାୟକ ସୁରେନ୍ଦ୍ର ନାଥ ଶତପଥୀ, ବ୍ଲକ ଜୀବିକା ସଂଯୋଜକ ଅନୁସୂୟା ମହାନ୍ତି, ସସ୍ମିତା ବେହେରା, ଦିପ୍ତୀମୟୀ ଦାଶ, ଗୋଷ୍ଠୀ ସହାୟିକା ତିର୍ତ୍ତୋଲ ବ୍ଲକର ମାନସୀ ମଲ୍ଲିକ, ପ୍ରଜ୍ଞାପରିମିତା ଦସଙ୍କ ସହ ସମସ୍ତ ଏସଏଚଜିର କର୍ମକର୍ତ୍ତା ଯୋଗ ଦେଇଥିଲେ।

### ସରକାରୀ ଘୋଲାପଡ଼ା ପ୍ରାଥମିକ ବିଦ୍ୟାଳୟ ଚିତ୍ର ବଦଳିଲା

# ପିପିଏଲ୍ ବଢ଼ାଇଲା ସହାୟତାର ହାତ

**ପାରାଦୀପ,୧୬।୧୧(ସ୍ୱ.ପ୍ର.)**

ପାରାଦୀପ ପୌରାଞ୍ଚଳ ୫ନଂ ୱାର୍ଡ ବାଲିଝରା ବସ୍ତିରେ ରହିଛି ସରକାରୀ ଘୋଲାପଡ଼ା ପ୍ରାଥମିକ ବିଦ୍ୟାଳୟ। ୨୦୦୮ରୁ ଉକ୍ତ ବିଦ୍ୟାଳୟ ନଦୀପଠାର ଏକ ପରିତ୍ୟକ୍ତ ଚାଳଘରେ ଚାଲିଥିଲା। ଫଳରେ କେତେବେଳେ ମୁକ୍ତାକାଶ ତଳେ ତ କେତେବେଳେ ବରଗଛ ତଳେ ପାଠ ପଢ଼ାଯାଏ। ଏମିତି ସ୍ଥିତିରେ ଅଧିକାଂଶ ଦିନ ସ୍କୁଲ ବନ୍ଦ ରହିଥାଏ। କାରଣ ଅଧିକ ବର୍ଷା, ଖରା, ଶୀତ ହେଲେ ସ୍କୁଲ ଛୁଟି ହୁଏ। ଏଭଳି ସ୍ଥିତିରେ ଚାଲୁଥିବା ଏହି ବିଦ୍ୟାଳୟର ରୂପରେଖ ଏହା ମଧ୍ୟରେ ବଦଳିଯାଇଛି। ସ୍ଥାନୀୟ ପିପିଏଲ ସାର କମ୍ପାନୀ ପକ୍ଷରୁ ସିଏସ୍‌ଆର୍ (କର୍ପୋରେଟ୍ ସୋସିଆଲ ରେଶପନଶବିଲିଟି) ଅର୍ଥରେ ଏକ ଆକର୍ଷଣୀୟ ଫାଇଭର ଘର ନିର୍ମାଣ କରାଯାଇଛି। ଏଥିସହ ଶୌଚାଳୟ ଓ ପାଣି ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ଏବେ ୧୪୦ ଛାତ୍ରୀଛାତ୍ର ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ପାଠ ପଢୁଛନ୍ତି। ସେହି ଛାତ୍ରୀଛାତ୍ରଙ୍କ ପାଇଁ ଶିଶୁଦିବସ ଉପଲକ୍ଷେ ପିପିଏଲ କମ୍ପାନୀ ସ୍ୱଚ୍ଛତା କାର୍ଯ୍ୟକ୍ରମ କରିଥିଲା। ଏଥିସହିତ ସମସ୍ତ ଛାତ୍ରୀଛାତ୍ରଙ୍କୁ ସୋପ ବକ୍ସ ବଣ୍ଟନ କରାଯାଇଥିଲା।

ଯେଉଁଥିରେ ସାବୁନ୍ ଓ ପାଠ୍ୟ ଉପକରଣ ଥିଲା। ଏଥିସହିତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପାଇଁ ଚୌକି, ପାଠପଢ଼ା ପାଇଁ ସରଞ୍ଜାମ ଆଦି ବଣ୍ଟନ କରାଯାଇଛି। ଛାତ୍ରୀଛାତ୍ରଙ୍କ ସହ କମ୍ପାନୀର (ଗ୍ରୁପ୍ ହେଡ୍ ଆଡଭେଷ୍ଟେଜ୍) ଅଧିକାରୀ ଆଲୋକ କୁମାର, ପାରାଦୀପ ୟୁନିଟ୍ ମୁଖ୍ୟ ରଣଜିତ୍ ସିଂ ଚୁଗ୍, ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ଓମ୍ ପ୍ରକାଶ ସାହୁ ଉପସ୍ଥି ରହି ସ୍ୱଚ୍ଛତା ବ୍ୟାଗ୍ ବଣ୍ଟନ କରିଥିଲେ।

### ସ୍ମିତାରାଣୀଙ୍କ ମୃତ୍ୟୁକୁ ମାସେ ପୂରିଲା

# ଅଫିସ୍ ଲକର, କ୍ୱାର୍ଟରରୁ କାଗଜପତ୍ର ଉଦ୍ଧାର

**ଧର୍ମଶାଳା, ୧୬।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ହରିଦାସପୁର ପିଇଓ ସ୍ମିତାରାଣୀଙ୍କ ମୃତ୍ୟୁକୁ ଶନିବାର ଏକ ମାସ ପୁରିଛି। ଠିକ୍ ମାସେ ତଳେ ଅର୍ଥାତ ଅକ୍ଟୋବର ୧୬ତାରିଖରେ ସ୍ମିତାରାଣୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ପୋଲିସ ଏହାକୁ ଆତ୍ମହତ୍ୟା ଜନିତ ମୃତ୍ୟୁ କହୁଥିବାବେଳେ ମୃତାଙ୍କ ସ୍ୱାମୀ, ବାପା ଏବଂ ବିରୋଧୀ ରାଜନୈତିକ ଦଳ ଏହାକୁ ଏକ ହତ୍ୟାକାଣ୍ଡ ବୋଲି କହିବାସହ ଘଟଣାର ସିବିଆଇ ତଦନ୍ତ ଦାବି କରିଛନ୍ତି। ଏପରି କି ଏହାକୁ ନେଇ ବିଧାନସଭା ଶୀତ ଅଧିବେଶନରେ ବିରୋଧୀ ମୁଖ୍ୟ ପ୍ରସଙ୍ଗ କରିଛନ୍ତି। ଏଭଳି ସ୍ଥିତିରେ ଶନିବାର ସ୍ମିତାରାଣୀଙ୍କ ସରକାରୀ ଅଫିସ ଲକର, ପଞ୍ଚାୟତ କାର୍ଯ୍ୟାଳୟ ଆଲ୍‌ମିରା ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଖୋଲାଯାଇ ନୂତନ ପିଇଓଙ୍କୁ ହସ୍ତାନ୍ତର କରାଯାଇଛି। ସ୍ମିତାରାଣୀଙ୍କ ସ୍ୱାମୀ ସୁଶିଲ ବିଶ୍ୱାଳଙ୍କ ଉପସ୍ଥିତିରେ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା (ମାଜିଷ୍ଟ୍ରେଟ), ବିଡିଓ ହେମନ୍ତ କୁମାର ସ୍ୱାଇଁ, ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ଓ ବ୍ଲକର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ଥିବା ସ୍ମିତାରାଣୀଙ୍କ ଲକରକୁ ଭାଙ୍ଗାଯାଇ ତାଙ୍କର ସମସ୍ତ କାଗଜପତ୍ରକୁ ଉଦ୍ଧାର କରାଯାଇଥିଲା। ପରେ ବ୍ଲକ ପରିସରରେ ଥିବା ସ୍ମିତାରାଣୀଙ୍କ ସରକାରୀ କ୍ୱାର୍ଟରକୁ ଖୋଲାଯାଇ ସେଠାରେ ଥିବା କିଛି ସରକାରୀ କାଗଜପତ୍ର ବାହାର କରାଯାଇଥିଲା।



ମୃତା ପିଇଓ ସ୍ମିତାରାଣୀଙ୍କ ଅଫିସ ଲକରରୁ କାଗଜପତ୍ର ଉଦ୍ଧାର କରାଯାଉଛି।

■ସିବିଆଇ ତଦନ୍ତ ଦାବିରେ ଅଡ଼ି ବସିଛନ୍ତି ସ୍ୱାମୀ, ବାପା

ଅପରାହ୍ନରେ ହରିଦାସପୁର ପଞ୍ଚାୟତରେ ଥିବା ତାଙ୍କର କାର୍ଯ୍ୟାଳୟକୁ ଏମାନେ ଯାଇ ଆଲମିରା ଭାଙ୍ଗିବାପରେ ସମସ୍ତ କାଗଜପତ୍ରକୁ ବାହାର କରାଯାଇଛି। ସମସ୍ତଙ୍କ ଉପସ୍ଥିତିରେ ପଞ୍ଚାୟତର ସମସ୍ତ କାଗଜପତ୍ରକୁ ପଞ୍ଚାୟତରେ ନୂତନ ଭାବେ ନିଯୁକ୍ତି ପାଇଥିବା ପିଇଓ ରଞ୍ଜନ ରଥଙ୍କୁ ହସ୍ତାନ୍ତର କରାଯାଇଛି। ପ୍ରଶାସନକୁ ସବୁ ପ୍ରକାର ସହଯୋଗ ଦେଇଆସୁଥିଲେ ହେଁ ସୁଶୀଲ କିନ୍ତୁ ନିଜ ପତ୍ନୀଙ୍କ ମୃତ୍ୟୁର ନ୍ୟାୟ ପାଇ ପାରୁନାହାନ୍ତି।

ପୋଲିସର ତଦନ୍ତରେ ସେ ସନ୍ତୁଷ୍ଟ ନୁହନ୍ତି ଏଣୁ ସିବିଆଇ ଦ୍ୱାରା ଏହି ଘଟଣାର ତଦନ୍ତ କରିବା ପାଇଁ ସୁଶୀଲ ଦାବି କରିଛନ୍ତି। ଏପରିକି ସ୍ମିତାରାଣୀଙ୍କ ବାପା ସଦାନନ୍ଦ ମଧ୍ୟ ସିବିଆଇ ତଦନ୍ତ ପାଇଁ ଅଡ଼ିବସିଛନ୍ତି। ତେବେ ହରିଦାସପୁର ପଞ୍ଚାୟତରେ ନୂତନ ପଇଓଙ୍କୁ ନିଯୁକ୍ତି ଦେବା ପରେ ସମସ୍ତ କାଗଜପତ୍ର ତାଙ୍କୁ ହସ୍ତାନ୍ତର କରିବା ଲାଗି ଏହା କରାଯାଇଥିବା ବିଡିଓ କହିଛନ୍ତି। ପୂର୍ବରୁ ପୋଲିସ ଦ୍ୱାରା ଜବତ ହୋଇଥିବା ଭତ୍ତା ବଣ୍ଟନ ଖାତା ବିଡିଓ ଆଣି ୧୫ ତାରିଖରେ ପଞ୍ଚାୟତର ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି ବୋଲି ବିଡିଓ ସ୍ୱାଇଁ ସୂଚନା ଦେଇଛନ୍ତି।

### କଳିଙ୍ଗ ବାଲିଯାତ୍ରାର ୬ଷ୍ଠ ସନ୍ଧ୍ୟା

# ଦିନ ସରୁଛି, ଭିଡ଼ ଜମୁଛି

**ପାରାଦୀପ,୧୬।୧୧(ସ୍ୱ.ପ୍ର.)**

ପାରାଦୀପ ସମୁଦ୍ର ବେଳାଭୂମିରେ ଚାଲିଥିବା କଳିଙ୍ଗ ବାଲିଯାତ୍ରା ମହୋତ୍ସବର ୬ଷ୍ଠ ସନ୍ଧ୍ୟା ଶନିବାର ଅନୁଷ୍ଠିତ ହୋଇଛି। ଯାତ୍ରା ସୋମବାର ସରିବାକୁ ଥିବାରୁ ଏହି ସନ୍ଧ୍ୟାରେ ପୂର୍ବଦିନଗୁଡ଼ିକଠାରୁ ଅଧିକ ଭିଡ଼ ଦେଖିବାକୁ ମିଳିଥିଲା। ଲୋକେ ଯାତ୍ରା ବୁଲିବା ସହ ବିଭିନ୍ନ ଘର କରଣା ସାମଗ୍ରୀ କିଣିଥିଲେ। ରବିବାର ଛୁଟିଦିନ ଥିବାରୁ ଅଧିକାଂଶ ପରିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଯାତ୍ରା ବୁଲୁଥିବା ଦେଖାଯାଇଛି। ମଞ୍ଚରେ ପୂର୍ବଦିନ ପରି ଅପରାହ୍ନ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ସ୍ଥାନୀୟ କଳାକାର ଗ୍ରୁପ୍ ପକ୍ଷରୁ ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା। ମଝିରେ ୧୦ ମିନିଟ୍ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଅତିଥିଭାବେ ଏସାରଷ୍ଟିଲ କମ୍ପାନୀର ନିର୍ବାହୀ ଅଧିକାରୀ ଟିଏସ୍ ସମ୍ଭୋଗ ଓ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଉପସ୍ଥିତ ଥିଲେ।



ବାଲିଯାତ୍ରା ମଞ୍ଚରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ।

**ବିବଦା ପିଛା ଛାଡୁନି**

ବାଲିଯାତ୍ରା ଟେଣ୍ଡରକୁ ନେଇ ଦେଖା ଦେଇଥିବା ବିବାଦ ଶାନ୍ତ ପଡ଼ିବା ପରେ ଅନ୍ୟ ବିବାଦ କିଛି ନା କିଛି ଦୈନିକ ମୁଣ୍ଡ ଟେକୁଛି। ବାଇକ୍ ଓ କାର୍ ଷ୍ଟାଣ୍ଡ ପାଇଁ କରାଯାଇଥିବା ଟେଣ୍ଡରରେ ୪ଟି ଷ୍ଟାଣ୍ଡ ମଧ୍ୟରୁ ୨ଟିର ଭେଣ୍ଡର ଭାଗନେଇ ଥିଲେ। ଅବଶିଷ୍ଟ ୨ଟିକୁ ପ୍ରଶାସନ ସ୍ୱେଚ୍ଛାକୃତଭାବେ ବଣ୍ଟନ କରିଛି। ଟେଣ୍ଡରରେ ବାଇକ୍ ପିଛା ୫ ଟଙ୍କା ଓ କାର୍ ପିଛା ୧୦ ଟଙ୍କା ଆଦାୟ କରିବାକୁ ଦର୍ଶାଯାଇଥିଲା। କିନ୍ତୁ ଷ୍ଟାଣ୍ଡ କରିଥିବା ସଂସ୍ଥା ଗୁଡ଼ିକ ମନଇଚ୍ଛା ୨୦ରୁ ୫୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରୁଛନ୍ତି। ଯାହାକୁ ନେଇ ପ୍ରତିଦିନ ଗଣ୍ଡଗୋଳ ଘଟୁଛି। ସେହିପରି ମଞ୍ଚ ନିକଟରେ ଫଟୋ, ଭିଡିଓ ଓ ପ୍ରୋଜେକ୍ଟ ପାଇଁ ଟେଣ୍ଡରରେ ଦର୍ଶାଯାଇଥିଲା। କିନ୍ତୁ ତା'ର ବ୍ୟତୀକ୍ରମ ଦେଖାଯାଇଛି। ୨ଟି ପ୍ରୋଜେକ୍ଟର ସ୍ଥାନରେ ଗୋଟିଏ ଲାଗିଛି। ସେହିପରି ବାଲିଯାତ୍ରା ଗ୍ରାଉଣ୍ଡ ଷ୍ଟଲରୁ ଆଦାୟ ହେଉଥିବା ଅର୍ଥକୁ ନେଇ ସମସ୍ୟା ଦେଖାଯାଇଛି।

### ମଧ୍ୟାହ୍ନଭୋଜନରେ ଝିଟିପିଟି, ପଚା ଅଣ୍ଡା

# ୨ସ୍କୁଲର ୪୬ ଛାତ୍ରୀଛାତ୍ର ଅସୁସ୍ଥ

**ଧର୍ମଶାଳା,୧୬।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକରେ ମଧ୍ୟାହ୍ନ ଭୋଜନରେ ପୁଣି ଦେଖାଦେଇଛି ଅବ୍ୟବସ୍ଥା। ସ୍ଥାନୀୟ ଶ୍ରୀବନ୍ତପୁର ଓ ବମ୍ଫୁ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଖାଇ ୪୬ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଛନ୍ତି। ଶ୍ରୀବନ୍ତପୁର ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଥିବାବେଳେ ବମ୍ଫୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଖାଦ୍ୟରେ ପଚାଅଣ୍ଡା ପଡ଼ିଥିଲା। ଯାହାକୁ ଖାଇ ଅସୁସ୍ଥ ହୋଇ ପିଲାମାନେ ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ମିଳିଥିବାସୂଚନା ଅନୁସାରେ ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ଶ୍ରୀବନ୍ତପୁର ପ୍ରାଥମିକ ବିଦ୍ୟାଳୟରେ ଝିଟିପିଟି ପଡ଼ିଥିବା ମଧ୍ୟାହ୍ନ ଭୋଜନ ଖାଇ ୨୬ଜଣ ଛାତ୍ରଛାତ୍ରୀ ଅସୁସ୍ଥ ହୋଇଥିଲେ। ସେହିପରି ଏହି ବ୍ଲକ ବମ୍ଫୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନରେ ପଚାଅଣ୍ଡା ଖାଇ ୨୦ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଶନିବାର ଥିବାରୁ ସ୍କୁଲର ଛାତ୍ରୀଛାତ୍ରଙ୍କୁ ସକାଳ ୯ଟା ଖେଳଛୁଟି ପରେ ମଧ୍ୟାହ୍ନ ଭୋଜନ ଖାଇବାକୁ ଦିଆଯାଇଥିଲା। ତେବେ ମଧ୍ୟାହ୍ନ ଭୋଜନରେ ଝିଟିପିଟି ପଡ଼ିଥିବା ନେଇ କେତେକ ଛାତ୍ରୀଛାତ୍ର ଦେଖିବାକୁ ପାଇଥିଲେ। ପରେ ସେମାନେ ଅସୁସ୍ଥ ଅନୁଭବ କରିବାରୁ ଧର୍ମଶାଳା ଡାକ୍ତରଖାନାରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା କରିଥିଲେ। ସେମାନଙ୍କ ମଧ୍ୟରୁ ୨ଜଣ ଅସୁସ୍ଥ ଥିବା ଜଣାପଡ଼ିଛି। ସେହିପରି ଏହି ବ୍ଲକ ଅନ୍ତର୍ଗତ ବମ୍ଫୁ ମଙ୍ଗରାଜପୁର ନୋଡାଲ ବିଦ୍ୟାଳୟରେ ଅଣ୍ଡା ଖାଇ ୨୦ଜଣ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ବିଚିତ୍ର ମଲିକ(୧୧), ଲକ୍ଷ୍ମୀ ମଲିକ(୧୦)ଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ପାଥମିକ ଚିକିତ୍ସା ପରେ ଉଭୟଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ସୂଚନା ମିଳିଛି। ମଧ୍ୟାହ୍ନ ଭୋଜନ ଖାଇ ଛାତ୍ରୀଛାତ୍ରଙ୍କ ଅସୁସ୍ଥତା ନେଇ ଧର୍ମଶାଳା ବିଇଓ ପ୍ରଫୁଲ୍ଲ କୁମାର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି ଯେ, ଏହି ଖବର ଜାଣିବା ପରେ ସେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ସୋମବାର ଉଭୟ ସ୍କୁଲରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ଯାଞ୍ଚ କରିବା ପରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବେହେରା କହିଛନ୍ତି।



ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଡାକ୍ତର ପରୀକ୍ଷା କରୁଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ଯେଉଁମାନଙ୍କ ମନଟି ଛୋଟ, ସେମାନଙ୍କୁ ଛୋଟ କଥାଟିଏ ବି ବଡ ଭଳି ଜଣାପଡେ। - ଗୋଲ୍ଡସ୍ମିଥ



**ସଂକ୍ଷେପରେ**

## ଦଶାଶ୍ୱମେଧ ଘାଟରେ ବୁଡ଼ି ତୀର୍ଥଯାତ୍ରୀ ମୃତ

**ଯାଜପୁର ଟାଉନ,୧୬।୧୧(ଡିଏନଏ):** ଯାଜପୁର ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଜଣେ ନାବାଳିକା ତୀର୍ଥଯାତ୍ରୀ ବୁଡ଼ି ମୃତ୍ୟୁବରଣ କରିଛନ୍ତି। ମୃତକ ଜଣକ ହେଲେ ବିଶାଖାପାଟଣା ସିଥମ୍‌ପେଟ୍ ଅଞ୍ଚଳର ଦୁର୍ଗା ରାଓଙ୍କ ଝିଅ ଗିବିଡି ଦୁର୍ଗା (୧୬)। ସେ ଓଡ଼ିଶାକୁ ତୀର୍ଥ ପାଇଁ ଆସିଥିଲେ। ସେହି ଅଞ୍ଚଳରୁ ୧୨୦ଜଣ ତୀର୍ଥଯାତ୍ରୀ ପ୍ରଥମେ ପୁରୀ, କୋଣାର୍କ ଭ୍ରମଣ ସାରି ଶନିବାର ବିରଜାଙ୍କ ଦର୍ଶନ ପାଇଁ ଆସିଥିଲେ। ସେମାନଙ୍କ ମଧ୍ୟରୁ କିଛି ଯାତ୍ରୀ ବୈତରଣୀ ନଦୀ ଦଶାଶ୍ୱମେଧ ଘାଟରେ ଗାଧୋଇବା ସମୟରେ ୩ଜଣ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୨ଜଣଙ୍କୁ ଉଦ୍ଧାର କରାଯାଇ ପାରିଥିବାବେଳେ ଗିବିଡି ଦୁର୍ଗା ନିଖୋଜ ହୋଇଯାଇଥିଲେ। ଘଟଣାସ୍ଥଳରେ ଯାଜପୁର ଦମକଳବାହିନୀ ପହଞ୍ଚି ଦୀର୍ଘ ୨ଘଣ୍ଟା ଖୋଜାଖୋଜି କରିବା ପରେ ଗିବିଡି ଦୁର୍ଗାଙ୍କୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଦୁର୍ଘଟଣାରେ ଜଣେ ମୃତ

**କଳିଙ୍ଗନଗର,୧୬।୧୧(ଡି.ଏନ୍.ଏ):** ଚୋରଦା-ଡୁବୁରୀ ରାସ୍ତା ମେସ୍କୋ ଷ୍ଟିଲ ମୁଖ୍ୟ ପାଟକ ସମ୍ମୁଖରେ ଶନିବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ ଚାଳକଙ୍କର ମୃତ୍ୟୁ ହୋଇଛି। ବାଇକରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। କଳିଙ୍ଗନଗର ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ ଓ ମୃତଦେହକୁ ଜବତ କରିଥିବାବେଳେ ଆହତ ଯୁବକଙ୍କୁ ଦାନଗଦୀ ଡାକ୍ତରଖାନାକୁ ପଠାଇଛି। ମୃତବ୍ୟକ୍ତି ଜଣକ ଖୋର୍ଦ୍ଧା ଜିଲା ବାଣପୁର ଥାନା ନାଚୁଣି ଗାଁର ଲଳିତ କୁମାର ସାହୁଙ୍କ ପୁଅ ମନୋରଞ୍ଜନ (୨୯) ଓ ଆହତ ଯୁବକ ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଇଦିଲ ଗାଁର ବୃନ୍ଦାବନ ସ୍ୱାଇଁଙ୍କ ପୁଅ ରୁଦ୍ରପ୍ରତାପ(୨୭) ବୋଲି ଜଣାପଡ଼ିଛି। ଦୁଇଜଣ ଟାଟା କାରଖାନାରେ ଠିକାସଂସ୍ଥା ଅଧିନରେ କାମ କରନ୍ତି। ସନ୍ଧ୍ୟାରେ ଉଭୟ ଡ୍ୟୁଟିକୁ ଯାଉଥିଲେ। ମେସ୍କୋ କାରଖାନା ଫାଟକ ନିକଟରେ ହଠାତ୍ ଏକ ଅଜଣା ଗାଡି ତାଙ୍କୁ ପଛପଟୁ ଧକ୍କା ଦେଇ ପଳାଇଥିଲା।

## ଦୁର୍ଘଟଣାରେ ସାଇକେଲ ଆରୋହୀ ଗୁରୁତର

**ଜେନାପୁର,୧୬।୧୧(ଡ଼ି ଏନ୍ ଏ):** କବାଟବନ୍ଧ-ଜାରକା ନଦୀବନ୍ଧ ରାସ୍ତାର ମର୍ଜିତାପୁର ଛକ ନିକଟରେ ଶନିବାର ଏକ ପିକ୍‌ଅପ୍ ସହ ସାଇକେଲ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ସାଇକେଲର ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଜଣକ ହେଲେ ଜେନାପୁର ଥାନା ବୋଉଳମାଳ ପଞ୍ଚାୟତ ବରମୁଣ୍ଡୁଳୀ ଗ୍ରାମର ବାଉଟିଆ ଦଳାଇ (୫୫)। ସେ ବାଉଟିଆ ଘରୁ ବାହାରି କବାଟବନ୍ଧ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ଏକ ପିକ୍‌ଅପ୍ (ଜେଏଚ୍୦୫ସିଏମ୍ ୮୪୧୦) ସହ ତାଙ୍କର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଉଟିଆ ଗୁରୁତର ହୋଇଥିଲେ। ପୋଲିସ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଅବସ୍ଥା ସଂକଟାପନ୍ନ ହେବାରୁ ଡ଼ାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି।

### ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆହାର କେନ୍ଦ୍ର ପରିଦର୍ଶନ

# ଖାଦ୍ୟ ବ୍ୟବସ୍ଥା ବୃଦ୍ଧି ନିର୍ଦ୍ଦେଶ

**ଯାଜପୁର ଟାଉନ,୧୬।୧୧(ଡିଏନଏ)**

ସହରକୁ ବିଭିନ୍ନ କାର୍ଯ୍ୟ ନେଇ ଓ ସରକାରୀ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆସୁଥିବା ସାଧାରଣ ଗରିବ ଲୋକଟି ଯେଭଳି ଭୋକିଲା ନ ରୁହେ ଏବଂ ଜଣେ ଯେପରି ମାତ୍ର ୫ଟଙ୍କାରେ ପେଟପୁରା ଖାଦ୍ୟ ଖାଇପାରିବ ସେଥିପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟ ନିକଟରେ ଏକ ଆହାର କେନ୍ଦ୍ର ଖୋଲା ଯାଇଛି। ଦିନରେ ଏଠାକୁ ୫୦୦ ଜଣଙ୍କ ଖାଦ୍ୟ ଆସୁଥିବାବେଳେ ରାତିରେ ୨୫୦ଟି ମିଲ ଆସୁଛି। କିନ୍ତୁ ରାତି ଅପେକ୍ଷା ଦିନରେ ଅଧିକ ଲୋକଙ୍କ ଯାତାୟାତ ରହୁଥିବାରୁ ଅଧିକାଂଶ ସମୟରେ ଖାଦ୍ୟ ସରି ଯାଉଛି। ଫଳରେ ବହୁ ଲୋକ ନ ଖାଇ ଫେରୁଥିବା ଦେଖାଯାଇଛି। ଆହାର କେନ୍ଦ୍ର ପରିଚାଳନା କରୁଥିବା ସଂସ୍ଥା ୫୦୦ ଜଣଙ୍କ ପାଇଁ ଦିନବେଳା ଖାଦ୍ୟ ଆଣୁଥିବା କହୁଥିବାବେଳେ ବାସ୍ତବରେ ୩୦୦ରୁ ୩୫୦ ଲୋକ ଖାଇ ସାରିବା ପରେ ଖାଦ୍ୟ ସରିଯାଉଥିବା ଦେଖାଯାଉଛି। ସେହିଭଳି ରାତିରେ ମଧ୍ୟ ୧୦୦ରୁ ଅଧିକ ମିଲ୍ ସରୁ ନ ଥିବା ଜଣାପଡ଼ିଛି। ତେବେ ମଧ୍ୟାହ୍ନ ସମୟରେ ଖାଦ୍ୟ ଶୀଘ୍ର ସରିଯାଉଥିବା ଅଭିଯୋଗ ଉଠିବା ପରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଶନିବାର ମଧ୍ୟାହ୍ନରେ ଅଚାନକ ଆହାର କେନ୍ଦ୍ର ପରିଦର୍ଶନ କରିଥିଲେ। ଯେଉଁ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ପରିଦର୍ଶନରେ ଥିଲେ ସେତେବେଳେ ମଧ୍ୟ ଖାଦ୍ୟ ନ ଥିବା ଦେଖିବାକୁ ମିଳିଥିଲା। ଥାଳି ଧରି ଧାଡିରେ ଛିଡା ହୋଇଥିବା କେତେଜଣ ବ୍ୟକ୍ତି ତାଙ୍କୁ ସମସ୍ୟା ନେଇ ଅବଗତ କରିଥିଲେ। ତେବେ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ରାତିରେ ୨୫୦ ମିଲ ପରିବର୍ତ୍ତେ ତାହା ୧୫୦ ଲୋକଙ୍କ ପାଇଁ ରଖି ବଳକା ୧୦୦ ମିଲକୁ ଦିନବେଳା ଦେବା ପାଇଁ କହିଛନ୍ତି। ଅର୍ଥାତ୍ ଏଣିକି ଏହି ଆହାର କେନ୍ଦ୍ରରେ ଦୈନିକ ୬୦୦ ଲୋକ ଖାଇପାରିବେ ବୋଲି ସେଠାରେ ଉପସ୍ଥିତ ଥିବା ପୌର ନିର୍ବାହୀ ଅଧିକାରୀ ଅଜୟ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ପ୍ରକୃତ ପକ୍ଷେ ଏତେ ପରିମାଣର ଖାଦ୍ୟ ଲୋକେ ଖାଉଛନ୍ତି କି ନାହିଁ ସେନେଇ ଉକ୍ତ ଆହାର କେନ୍ଦ୍ର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବ ବୋଲି ବରିଷ୍ଠ ପଦାଧିକାରୀ କହିଛନ୍ତି। ଏଥିସହିତ ପରିବେଶକୁ ସର୍ବଦା ପରିଚ୍ଛନ୍ନ ରଖିବା ଏବଂ ଆଗନ୍ତୁକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ଆହାର କେନ୍ଦ୍ରର କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି। ନାୟକଙ୍କର ଏହି ଅଚାନକ ପରିଦର୍ଶନ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୌର ପ୍ରଶାସନର ଓଏସଡି ସୁଦର୍ଶନ ମିଶ୍ର, ମୁଖ୍ୟ କିରାଣୀ ପ୍ରଦୀପ କୁମାର ନାୟକ ପ୍ରମୁଖ ମଧ୍ୟ ଉପସ୍ଥିତ ଥିଲେ।



ପ୍ରକଳ୍ପ ନିର୍ଦ୍ଦେଶକ ଆହାର କେନ୍ଦ୍ର ପରିଦର୍ଶନ କରୁଛନ୍ତି।

**ପ୍ରଦତ୍ତ ହିସାବଠାରୁ ଆସୁଥିବା ଖାଦ୍ୟର ପରିମାଣ କମ୍ ଅଭିଯୋଗ**

## ଶିଶୁ ଶ୍ରମିକ ଉଦ୍ଧାର ପାଇଁ ନିୟମିତ ହେବ ଚଢ଼ାଉ

**ଯାଜପୁରଟାଉନ,୧୬।୧୧(ଡିଏନଏ)**

ଶିଶୁଙ୍କ ସୁରକ୍ଷା ଓ ଅଧିକାର ଅକ୍ଷୁର୍ଣ୍ଣ ରଖିବା ସମସ୍ତଙ୍କ ଦାୟିତ୍ୱ। ଯାଜପୁର ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ଶିଶୁ ସୁରକ୍ଷା ୟୁନିଟ୍ ଓ ପୋଲିସ ପକ୍ଷରୁ ବିଭିନ୍ନ ସମୟରେ ବିପଦସଂକୁଳ ସ୍ଥାନରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ହେଉନାହିଁ। ଏଣୁ ନିୟମିତ ବ୍ୟବଧାନରେ ଧରପଗଡ କରାଯାଇ ବିଭିନ୍ନ ବିପଦସଙ୍କୁଳ ସ୍ଥାନରେ କାର୍ଯ୍ୟ କରୁଥିବା ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯିବା ଏବଂ ସେମାନଙ୍କୁ ଥଇଥାନ କରାଯିବାକୁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଜିଲାପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସଭାଗୃହରେ ଅନୁଷ୍ଠିତ ଜିଲା ଶିଶୁ ସୁରକ୍ଷା କମିଟିର ଏକ ବୈଠକରେ ଅଧ୍ୟକ୍ଷତା କରି କେବଳ ଶିଶୁ ସୁରକ୍ଷା ୟୁନିଟ୍ ଚାହିଁଲେ ଏହା ନିରାକରଣ ସମ୍ଭବ ନୁହେଁ କହିବା ସହିତ ଅନ୍ୟ ସମସ୍ତ ବିଭାଗ ଏଥିରେ ସମନ୍ୱିତ ଭାବେ କାମ କରିବାକୁ ସେ ପରାମର୍ଶ ଦେଇଥିଲେ। ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣୀ ନାୟକ ବୈଠକରେ ଯୋଗଦେଇ ଶିଶୁ ସୁରକ୍ଷା, ଶିକ୍ଷା ବିଭାଗ, ଶ୍ରମ ବିଭାଗ ଓ ଜାତୀୟ ଶିଶୁ ଶ୍ରମିକ ନିରାକରଣ ବିଭାଗଗୁଡିକ ପରସ୍ପର ମଧ୍ୟରେ ସମନ୍ୱୟ ଓ ସହଯୋଗ ରଖି କାର୍ଯ୍ୟ କଲେ ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଓ ଥଇଥାନ ସହଜ ହୋଇପାରିବ ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କ ସଂଯୋଜନା କ୍ରମେ ସହକାରୀ ଜିଲାପାଳ ଉମେଶ ଚନ୍ଦ୍ର ଲେଙ୍କା, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ରୁଦ୍ରପ୍ରତାପ କର, ସଦର ବ୍ଲକ ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ, ଦଶରଥପୁର ବ୍ଲକ ଅଧ୍ୟକ୍ଷା ସୁଜାତା ସାହୁ, ବିଂଝାରପୁର ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ପ୍ରୋଗ୍ରାମ ଅଫିସର ମଞ୍ଜୁଳା ରଥ, ଜିଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ‘ସତ୍ୟ ଖବର ସମାଜକୁ ସଂସ୍କାରିତ କରିବ’

**ଯାଜପୁର ଟାଉନ,୧୬।୧୧(ଡିଏନଏ)**

ଜାତୀୟ ପ୍ରେସ୍ ଦିବସ -୨୦୧୯ ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ଜିଲା ପରିଷଦ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଯୋଗଦେଇ ଗଣମାଧ୍ୟମ ନିରପେକ୍ଷ, ନିର୍ଭିକ ଓ ସତ୍ୟ ଖବର ପରିବେଷଣ କରାଗଲେ ଏହା ସମାଜ ଓ ମାନବ ଚରିତ୍ରକୁ ସଂଶୋଧିତ କରିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ମୁଖ୍ୟବକ୍ତାଭାବେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଯୋଗଦେଇ ବିଭିନ୍ନ ପ୍ରତିକୂଳ ପରିସ୍ଥିତି ଓ ବାଧାବିଘ୍ନ ସତ୍ତ୍ୱେ ଗଣମାଧ୍ୟମ ସ୍ୱାଧିନ ମତାମତ ଦେବାର ଅଧିକାର ସାବ୍ୟସ୍ତ କରିଆସିଛି। ମାତ୍ର ସାଂପ୍ରତିକ ପରିସ୍ଥିତିରେ ସାମ୍ବାଦିକ ମାନେ ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଏହି ଅବସରରେ ଖବରଦାତା ପ୍ରଭାତ ରାଉତରାୟଙ୍କ ଦ୍ୱାରା ପ୍ରସ୍ତୁତ ସମ୍ବାଦପତ୍ର ପ୍ରଦର୍ଶନୀକୁ ମୁଖ୍ୟଅତିଥି ଉଦଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ର ସତ୍ୟବ୍ରତ ଦାସ, ଛାତ୍ରୀ ପ୍ରୀୟଙ୍କା ପ୍ରୀୟଦର୍ଶନୀ, କାଜଲ ସ୍ୱାଇଁ, ଅନସୂୟା ମହାନ୍ତି ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଖବରଦାତା ହାରାଧାନ ବାନାର୍ଜୀ, ଶରତ ପୋଥାଳ, ଅଜୟ ରଣା, ରାଜୀବ ମହାନ୍ତି, ଅରୁଣ ରାଉତରାୟ, ସମରଜିତ ମହାନ୍ତି, ଅଜୟ ରାଉଳ, ଶିଶିରନନ୍ଦ ମାନ୍ଧାତା, ସଞ୍ଜିବ ନାୟକ, ଦେବାଶିଷ ସାହୁ, ଶିକ୍ଷାବିତ ଜୟନ୍ତ ଗୋସ୍ୱାମୀ ଓ ସମାଜସେବୀ ନିଶିଥ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ସରସ୍ୱତୀ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଉତ୍ସବ

**ଯାଜପୁର ରୋଡ,୧୬।୧୧(ନି.ପ୍ର):** ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଥିଲା। ଶନିବାର ଉଦ୍‌ଯାପନୀ ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବ୍ୟାସନଗର ପୌର ପରିଷଦର ପୂର୍ବତନ ନଗରପାଳ ରସାନନ୍ଦ ମହାନ୍ତି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଅଭିମନ୍ୟୁ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ମନ୍ଦିରର ପରିଚାଳନା ସମିତିର ଉପସଭାପତି ନରେନ୍ଦ୍ର ସାହୁ, ସମ୍ପାଦକ ଦିଲୀପ ଜେନା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କ୍ରୀଡା ଉତ୍ସବରେ ୮୨୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧ମ ସ୍ଥାନରେ ୬୩, ଦ୍ୱିତୀୟ ସ୍ଥାନରେ ୬୫ ଓ ତୃତୀୟ ସ୍ଥାନରେ ୭୦ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡା ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ସାହୁ ବିବରଣୀ ପାଠ କରିଥିଲେ। ଆଇନ୍‌ଜୀବୀ ସୁବାସ ଚନ୍ଦ୍ର ନନ୍ଦ ଓ ପରିଚାଳନା ସମିତିର ସଭ୍ୟା କାମୀମୟୀ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ଆଚାର୍ଯ୍ୟ ପ୍ରଫୁଲ୍ଲ କୁମାର ନାୟକ ଧନ୍ୟବାଦ ଦେଇଥିଲେ।



## ‘ପ୍ରତିଭାର ବିକାଶ ପାଇଁ ଶିଶୁମେଳା ପ୍ରକୃଷ୍ଟ ମାଧ୍ୟମ’

**ଚଣ୍ଡିଖୋଲ,୧୬।୧୧(ଡି.ଏନ.ଏ)**

ନିଖିଳ ଉତ୍କଳ ଶିଶୁମେଳା ସମିତି ତରଫରୁ ଚଣ୍ଡିଖୋଲ ନିକଟ ମା’ ଯଶୋଦା ଉଚ୍ଚ ବାଳିକା ବିଦ୍ୟାଳୟର ପରିସରରେ ୪୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଶିଶୁ ମେଳା ସମିତି ସଭାପତି ପ୍ରିୟନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଦିଗରାଜ୍ ବ୍ରହ୍ମା, ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁଙ୍କ ପ୍ରତି ସ୍ନେହ ଶ୍ରଦ୍ଧା ଓ ଆଦର ରହିଲେ ସେମାନେ ପରିବାରରୁ ଉଚିତ ଶିକ୍ଷା ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ତୁହିନାଂଶୁ ରଥ ଯୋଗଦେଇ ଶିଶୁଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାକୁ ବିକଶିତ କରିବାରେ ଶିଶୁମେଳା ପ୍ରକୃଷ୍ଟ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲକ୍ଷ୍ମୀଧର ଖୁଣ୍ଟିଆ ଯୋଗ ଦେଇଥିଲେ। ୨ଦିନ ଧରି ଚାଲିଥିବା ଏହି ଶିଶୁମେଳାରେ ପ୍ରଥମ ଦିନ ମୁଖ୍ୟ ଅତିଥିଭାବେ ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ବିଶିଷ୍ଟ କଣ୍ଠଶିଳ୍ପୀ ମାନସୀ ପାତ୍ର, ଅଧ୍ୟାପିକା ଜୟଶ୍ରୀବାଳା ମଲିକ, ଅଭିନେତ୍ରୀ ମିରା ସାମନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସଙ୍ଗୀତ କ୍ୟାସେଟ ଅଭିନନ୍ଦନ ଏବଂ ଆହା କି ସୁନ୍ଦରକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉଦ୍‌ଯାପନୀ ଉତ୍ସବ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୁଗଳ କିଶୋର ଷଡ଼ଙ୍ଗୀଙ୍କୁ ମା’ ଯଶୋଦା ଶିଶୁମେଳା ପୁରସ୍କାର, ପ୍ରଫେସର ଫକୀର ମୋହନ ସାହୁଙ୍କୁ ବୈକୁଣ୍ଠନାଥ ସ୍ମୃତି ସମ୍ମାନ, ସନାତନ ଦାସ, ଅଜିତ ମହାନ୍ତି, ସୁଦାମ ଚରଣ ପଣ୍ଡା, ପ୍ରସନ୍ନ ସାହୁ, ହୃଷିକେଶ ରାୟ, ସଂଗ୍ରାମ ମହାନ୍ତିଙ୍କୁ ଆଦର୍ଶ ଶିକ୍ଷକ ସମ୍ମାନ, ରମଣୀବାଳା ସାହୁ, ପଦ୍ମିନୀ ପ୍ରଜ୍ଞା ପାରମିତା ସଙ୍ଗୀତା ମହାପାତ୍ରଙ୍କୁ ଆଦର୍ଶ ଶିକ୍ଷୟିତ୍ରୀ ସମ୍ମାନ ଓ ଅନିରୁଦ୍ଧ ସାମନ୍ତରାୟଙ୍କୁ ଆଦର୍ଶ ଖବରଦାତା ସମ୍ମାନ ପ୍ରଦାନ କରାଯାଇଥିଲା। ଚଳିତ ହାଇସ୍କୁଲ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସତ୍ୟଜିତ୍ ନାୟକ ଓ ଦେବାଶିଷ ମହାନ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ବାଳିକା ବିଭାଗରେ ଚାମ୍ପିୟନ ଭାବେ ସ୍ୱଜଳା ଦାସ, ବାଳକ ବିଭାଗରେ ଉଦୟ କୁମାର ସାହୁ ପୁରସ୍କାର ପାଇଥିଲେ। ଅନୁଷ୍ଠାନ ସମ୍ପାଦକ ଶରତ କୁମାର ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ।



ଶିଶୁ ମେଳାରେ ଜଣେ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

**ନିଖିଳ ଉତ୍କଳ ଶିଶୁମେଳା ସମିତିର ବାର୍ଷିକୋତ୍ସବ**




## ଶିକ୍ଷକଙ୍କ ବଦଳି ପ୍ରତିବାଦରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ

**ଦଶରଥପୁର,୧୬।୧୧(ଡିଏନ୍ଏ):** ଛାତ୍ରୀଛାତ୍ରଙ୍କ ସଂଖ୍ୟା ତୁଳନାରେ ଶିକ୍ଷକ କମ୍ ଥିବାବେଳେ ବିଦ୍ୟାଳୟରୁ ଜଣେ ସ୍ଥାୟୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯିବାକୁ ବିରୋଧ କରିଛନ୍ତି ଛାତ୍ରୀଛାତ୍ର ଓ ଅଭିଭାବକ। ଦଶରଥପୁର ବ୍ଲକ୍ କୟାଁ ପଞ୍ଚାୟତସ୍ଥିତ ଦୁବକଣ ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ରଞ୍ଜନ କୁମାର କାଣ୍ଡିଙ୍କର ଡେପୁଟେସନରେ ଅନ୍ୟ ବିଦ୍ୟାଳୟକୁ ବଦଳି ବାତିଲ କରାଯିବାକୁ ଦାବି ହୋଇଛି। ଏ ନେଇ ସମ୍ପୃକ୍ତ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି।

ସୂଚନା ଯେ, ଏହି ବିଦ୍ୟାଳୟରେ ମୋଟ ୧୩୪ ଜଣ ଛାତ୍ରୀଛାତ୍ର ପଢୁଥିବାବେଳେ ପ୍ରଧାନ ଶିକ୍ଷକଙ୍କୁ ଛାଡ଼ିଲେ ଆଉ ୩ ଶିକ୍ଷକ ଏଠାରେ କାର୍ଯ୍ୟ କରୁଛନ୍ତି। ସେହିପରି ଏହି ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ନ ଥିବାବେଳେ ବିଂଝାରପୁର ବ୍ଲକ୍ ଜରୀ ବିସିଜି ହାଇସ୍କୁଲର ଶିକ୍ଷକ ବିଜୟ କୁମାର ସାହୁ ୩ଦିନ ଡେପୁଟେସନ୍‌ରେ ଏହି ବିଦ୍ୟାଳୟକୁ ଆସୁଛନ୍ତି। ସେହିପରି ଏହି ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ନାହାନ୍ତି। ସିଂହପୁର ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ରାଜେଶ୍ୱର ରାଉତ ମଧ୍ୟ ଏହି ବିଦ୍ୟାଳୟକୁ ୩ଦିନ ଡେପୁଟେସନ୍‌ରେ ଆସୁଛନ୍ତି। ବିଦ୍ୟାଳୟରେ ଆହୁରି ଦୁଇଟି ଶିକ୍ଷକ ପଦବୀ, କିରାଣୀ ଓ ଦୁଇଜଣ ପିଅନ ପଦବୀ ପୂରଣ ହୋଇପାରୁ ନ ଥିବାବେଳେ ଏହି ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ଡେପୁଟେସନ୍‌ରେ ପଠାଇବାକୁ ନେଇ ଛାତ୍ରୀଛାତ୍ର, ଶିକ୍ଷାକମିଟି ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଛାତ୍ରୀଛାତ୍ର ବିକ୍ଷୋଭ କରୁଥିବା ଖବରପାଇ ଶିକ୍ଷା କମିଟି ସଭ୍ୟ ଶରତଚନ୍ଦ୍ର ନାୟକ, ସଭ୍ୟା ଖଗେଶ୍ୱରୀ ମଲ୍ଲିକ, ଗ୍ରାମବାସୀ ଭିକାରୀ ଚରଣ ନାୟକ, ନିରଞ୍ଜନ ବାରିକ୍, ରମେଶ ମଲ୍ଲିକ, ସୁଶାର ନାୟକ ଓ ଜଳଧର ଜେନା ପ୍ରମୁଖ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଆନ୍ଦୋଳନରୁ ଓହରି ଯିବାପାଇଁ ବୁଝାସୁଝା କରିଥିଲେ। ଖୁବ୍‌ଶୀଘ୍ର ଯଦି ଡେପୁଟେସନ୍ ବାତିଲ କରା ନ ଯାଏ ତେବେ ପୁଣି ବିଦ୍ୟାଳୟ ଗେଟ୍ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଛାତ୍ରୀଛାତ୍ର ଚେତାବନୀ ଦେଇଛନ୍ତି।

**ଏସ୍.ଇ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୧୯/୬୦।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତ୍ୟେକ ସାମଗ୍ରୀ ଲାଗି ପ୍ରଦତ୍ତ ତାରିଖର ୧୫.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି, ଯାହାକୁ ୧୫:୩୦ ଘଟିକାରେ ଖୋଲାଯିବ। **କ୍ର. ସଂ., ଟେଣ୍ଡର ନଂ., କାର୍ଯ୍ୟର ବର୍ଣ୍ଣନା, ଟେଣ୍ଡର ମୂଲ୍ୟ ଓ ଅମାନତ ରାଶି: (୧) ଇ-କେକିପି-ଦକ୍ଷିଣ-୨୭-୨୦୧୯:** ଏଡିଇଏନ/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ରୁପସା-ବାଙ୍ଗିରିପୋଷୀ ଓ ରୁପସା-ରାଣିତାଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୧୬ ଗୋଟି ଟୁଲ୍ ରୁମ୍‌ର ନିର୍ମାଣ ଏବଂ ଗ୍ୟାଙ୍ଗସର ୪ ଗୋଟି ଟୁଲ୍ ରୁମ୍ ତଥା ରେଷ୍ଟ ରୁମର ପୁନରୁଦ୍ଧାର, ସେପ୍ଟିକ୍ ଟାଙ୍କି ସହ ୧୮ ଗୋଟି ଶୌଚାଳୟ, ୧୬ ଗୋଟି ହ୍ୟାଣ୍ଡ ଟ୍ୟୁବ୍‌ୱେଲ୍ ଓ ବୋର୍‌ୱେଲ୍ ତଥା ୧୧ ଗୋଟି ସାଇକେଲ ଷ୍ଟାଣ୍ଡ ନିର୍ମାଣ। ₹୧,୨୫,୧୧,୫୦୦.୯୬ ଏବଂ ₹୨,୧୨,୬୦୦.୦୦। **(୨) ଇ-କେକିପି-ସାଉଥ୍-୨୯-୨୦୧୯:** ଖଡ଼ଗପୁର ଡିଭିଜନ ପାଇଁ ପାକୁର/ବାକୁଡିହ ଡିପୋଠାରେ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରଶ୍‌ଡ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳପଥ ୱାଗନ/ହପରରେ ଲୋଡିଂ କରିବା (୭୪.୨୦୪ ସିୟୁଏମ୍), ₹୭,୫୦,୧୮,୧୦୬.୭୨ ଏବଂ ₹୪,୭୫,୧୦୦.୦୦ **(୩) ଇ-କେକିପି-ସାଉଥ୍-୩୦-୨୦୧୯,** ଖଡ଼ଗପୁର - ରୁପସା : ବ୍ରିଜ୍‌ଗୁଡ଼ିକ ପାଇଁ ଫ୍ଲୋରିଂ, ବାଲାଷ୍ଟ ରିଟେନର, ଷ୍ଟାଣ୍ଡାର୍ଡ ବ୍ରିଜ୍ ଟାବ୍‌ଲେଟ୍‌ର ବ୍ୟବସ୍ଥା, କ୍ଷତିଗ୍ରସ୍ତ ସ୍ଲାବ୍ ଓ ୱିଙ୍ଗ୍ ୱାଲକୁ ବଦଳାଇବା ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ (୨ୟ କଲ)। ₹୧,୯୦,୦୬,୯୩୨.୧୧ ଏବଂ ₹୨,୪୫,୦୦୦.୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** କ୍ର.ସଂ. ୧ ଓ ୩ ପାଇଁ ₹୫,୦୦୦/- ଓ କ୍ର. ସଂ. ୨ ପାଇଁ ₹୧୦,୦୦୦/- **। କାର୍ଯ୍ୟର ସମାପ୍ତି ଅବଧି:** କ୍ର. ସଂ. ୧ ପାଇଁ ୧୫ (ପନ୍ଦର) ମାସ, କ୍ର.ସଂ. ୨ ପାଇଁ ୬ (ଛଅ) ମାସ, କ୍ର.ସଂ. ୩ ପାଇଁ ୮ (ଆଠ) ମାସ। **ଖୋଲାଯିବାର ତାରିଖ:** କ୍ର.ସଂ. ୧ ପାଇଁ ତା୧୦।୧୨।୨୦୧୯ରିଖ ଓ କ୍ର. ସଂ. ୨ ଓ ୩ ପାଇଁ ତା୧୯।୧୨।୨୦୧୯ରିଖ। **ବିଡିଂ ଆରମ୍ଭ ତାରିଖ:** ତା୨୬।୧୧।୨୦୧୯ଠାରୁ ଏବଂ କ୍ର. ସଂ. ୧ ପାଇଁ ତା୧୦।୧୨।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଓ କ୍ର.ସଂ. ୨ ଓ ୩ ପାଇଁ ତା୧୯।୧୨।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ **www.ireps.gov.in** ପରିଦର୍ଶନ କରିପାରନ୍ତି। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-1019)**

**କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯**

NATIONAL HEALTH MISSION
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

**ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।**

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha

ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବ ପରିବର୍ତ୍ତନ ନ ହୋଇଛି, ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ



# ଭୂଇଁରେ ଲୋଟିଛି ଜଳସେଚନ ପ୍ରକଳ୍ପ

**ଯାଜପୁର ଅଫିସ,୧୬।୧୧**

ଯାଜପୁର ଜିଲା ଖଣିଜପଦାର୍ଥ ପ୍ରତିଷ୍ଠାନ(ଡିଏମ୍ଏଫ୍) ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ମେଗା ଉଠା ଜଳସେଚନ, ଉଠା ଜଳସେଚନ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକ ଭୂଇଁରେ ଲୁଟୁଛି। ବିଡ଼ମ୍ବନା ଯେ, ମଞ୍ଜୁରପ୍ରାପ୍ତ ୭ଟି ପ୍ରକଳ୍ପରୁ ମାତ୍ର ଗୋଟିଏ(ମଞ୍ଜୁରପ୍ରାପ୍ତ ୫ରୁ) କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା କୁହାଯାଉଛି । ମେଗା ଉଠାଜଳସେଚନ ପ୍ରକଳ୍ପ ୨ଟି ମଞ୍ଜୁର ହୋଇଥିଲେ ହେଁ ସେଥିରୁ ଗୋଟିଏ ବି ସମ୍ପୂର୍ଣ୍ଣ ପାରିନାହିଁ। ଅନ୍ୟପକ୍ଷେ ଉଠାଜଳସେଚନ ପ୍ରକଳ୍ପ ପାଇଁ କୌଣସି ପାଣ୍ଠି ମଞ୍ଜୁର ହୋଇ ନ ଥିବା ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି। ତେବେ ଉଠାଜଳସେଚନ ପ୍ରକଳ୍ପରେ ବିଭାଗୀୟ ପାଣ୍ଠିର ବ୍ୟାପକ ଅନିୟମିତତା ହେତୁ ଲୋକାୟୁକ୍ତ ହସ୍ତକ୍ଷେପ କରି ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ଖଣି ଖାଦାନ ଭରା ଅଞ୍ଚଳର ଲୋକଙ୍କ ବିକାଶ ପାଇଁ ଖଣି ଓ ଖଣିଜ ପଦାର୍ଥ ପ୍ରଶାସନିକ ପରିଚାଳନା ପାଇଁ ମାଇନ୍ସ ଓ ମିନେରାଲ ଡେଭ୍ଲପମେଣ୍ଟ ଆଣ୍ଡ ରେଗୁଲେଶନ ଆକ୍ଟ ୧୯୫୭କୁ ୨୦୧୫ ମସିହାରେ ସଂଶୋଧନ କରାଯାଇଛି। ଏହି ଆଇନର ସବ୍‌ସେକ୍ସନ ୧ଧାରା୯(ବି)ରେ ଜିଲାସ୍ତରରେ ଜିଲା ଖଣିଜ ପଦାର୍ଥ ପ୍ରତିଷ୍ଠାନ(ଡିଏମ୍ଏଫ୍) ଗଠିତ ହୋଇଛି। ଡିଏମ୍ଏଫ୍ ପାଣ୍ଠିରେ ଶତାଧିକ ଅଧିକାରୀ ଓ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ନିଯୁକ୍ତି କରାଯାଇ କୋଟି କୋଟି ଟଙ୍କା ହଡ଼ପ କରାଯାଉଥିବାରୁ ଏହି ଆଇନ ଯାଜପୁର ଜିଲାରେ ଏକ ପ୍ରକାର ଦିଗହରା ହୋଇପଡ଼ିଛି। ବିଶେଷକରି ଜଳସେଚନ ଉଦ୍ଦେଶ୍ୟରେ ଡିଏମ୍ଏଫ୍ ପାଣ୍ଠିରେ ମଞ୍ଜୁର ପ୍ରକଳ୍ପଗୁଡ଼ିକର ଅଗ୍ରଗତି ରିପୋର୍ଟକୁ ଅନୁଧ୍ୟାନ କଲେ ଏହା ଜଳଜଳ ହୋଇ ବାରି ହୋଇଯାଉଛି। ଏଯାଏ ଏହି ପାଣ୍ଠିରୁ ୨ଟି ମେଗା ଜଳସେଚନ ପ୍ରକଳ୍ପ ସୁକିନ୍ଦା ଓ ବାଘରସାହି ସର୍ଭେରେ ଅଟକିଛି। ଏଥିପାଇଁ ଡିଏମ୍ଏଫ୍ ପାଣ୍ଠିରୁ ୧୦୪.୬୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସୁକିନ୍ଦା ଖଣି ଅଞ୍ଚଳରେ ୩୫୦୦ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ପରିକଳ୍ପନା କରାଯାଇଛି। ଅଦ୍ୟାବଧି ଡିଏମ୍ଏଫ୍ ପାଣ୍ଠିରୁ ୧୦.୪୮କୋଟି ଟଙ୍କା ପ୍ରଦାନ କରାଯାଇଛି। ହେଲେ ଅଗ୍ରଗତି ନୈରାଶ୍ୟଜନକ। ସେହିପରି ସୁକିନ୍ଦା ଖଣି ଅଞ୍ଚଳରେ ୫ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଏମ୍ଆଇପି) ପାଇଁ ୯.୫୯କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ୭୦୮ ହେକ୍ଟର ଜମିରେ ପାଣି ମାଡ଼ିବ ବୋଲି ଆକଳନ କରାଯାଇଛି। ଏଯାଏ ୩.୮୪କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ୩.୦୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ହେଲେ ମାତ୍ର ଗୋଟିଏ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବାବେଳେ ଆଉ ୪ଟି ପ୍ରକଳ୍ପ କାର୍ଯ୍ୟକାରୀ ଅବସ୍ଥାରେ ଥିବା କୁହାଯାଇଛି। ଅପରପକ୍ଷରେ ଡିଏମ୍ଏଫ୍ ପାଣ୍ଠିରେ ଅନ୍ୟ ଜିଲାଗୁଡ଼ିକର ଜଳସେଚନ ପ୍ରକଳ୍ପର ଅଗ୍ରଗତି ସନ୍ତୋଷଜନକ ରହିଛି। ଅନୁଗୋଳ ଜିଲାରେ ୨୩୬ ରୁ ୨୨୫, ଝାରସୁଗୁଡ଼ା ଜିଲାରେ ୨୨୪ ରୁ ୧୮୯, କେନ୍ଦୁଝର ଜିଲାରେ ୧୬୯ ରୁ ୧୫୪ ଓ ସୁନ୍ଦରଗଡ଼ ଜିଲାରେ ୫୩ରୁ ୩୨ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ ଡିଏମ୍ଏଫ୍ ପାଣ୍ଠିର ସଦ୍‌ବିନିଯୋଗ ହୋଇଥିବା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଜଳ ସମ୍ପଦ ବିଭାଗର ଇଞ୍ଜିନିୟର-ଇନ୍-ଚିଫ୍ ବିଭାଗର ଡିଏମ୍ଏଫ୍ ନୋଡାଲ ଅଫିସର ଏନେଇ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିବା ଜଣାପଡ଼ିଛି। ଏଠାରେ ସୂଚନାଯୋଗ୍ୟ ଯେ, ଯାଜପୁର ଜିଲାରେ ଏଯାଏ ଡିଏମ୍ଏଫ୍ ପାଣ୍ଠି ସମୁଦାୟ ୮୬୯.୫୬ କୋଟି ଟଙ୍କା ଆଦାୟ ହୋଇଥିବାବେଳେ ସେଥିରୁ ପ୍ରାୟ ୨୦୦ କୋଟି ଟଙ୍କା ମାତ୍ର ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ପ୍ରାୟ ୩୫୦ କୋଟି ଟଙ୍କାର ବରାଦ ହୋଇଛି। ଅନ୍ୟ ଯୋଜନାରେ ଉଠାଜଳସେଚନ ପ୍ରକଳ୍ପରେ ଜିଲାରେ ୩,୭୫୧ ପ୍ରକଳ୍ପରେ ୪୪,୧୪୧ ହେକ୍ଟର ଜମିରେ ଜଳସେଚନ ହେଉଥିବା ବିଭାଗ ପକ୍ଷରୁ ଦାବି କରାଯାଉଛି। ହେଲେ ବାସ୍ତବରେ ଏହାର ୩୦ ପ୍ରତିଶତ ଜମିରେ ପାଣି ମାଡୁ ନ ଥିବା ଅଭିଯୋଗ ହୋଇଛି। ଶତାଧିକ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି। ବ୍ୟାପକ ଦୁର୍ନୀତି ଯୋଗୁ ହଜାର ହଜାର ଚାଷୀ ଉପକୃତ ହୋଇ ପାରୁ ନ ଥିବା ଅଭିଯୋଗ ହେବା ପରେ ଲୋକାୟୁକ୍ତ ହସ୍ତକ୍ଷେପ କରିଥିବା ସୂଚନା ମିଳିଛି । ଏ ସଂକ୍ରାନ୍ତରେ ମେଗା ଉଠା ଜଳସେଚନ ପ୍ରକଳ୍ପର ନିର୍ବାହୀ ଯନ୍ତ୍ରୀ ସୁନୀଲ ରାଉତଙ୍କୁ ପଚାରିବାରୁ ସେ କହିଛନ୍ତି ଡିଏମ୍ଏଫ୍ ପାଣ୍ଠିରେ କାର୍ଯ୍ୟକାରୀ ହେଉଥିବା ସୁକିନ୍ଦା ବ୍ଲକର ସୁକିନ୍ଦା ଓ ବାଘରସାହି ଗ୍ରାମର ସର୍ଭେ କାର୍ଯ୍ୟ ସରିଛି। ଏହାପରେ ଡିଜାଇନ କାର୍ଯ୍ୟ ଚାଲିଛି। ରାଜ୍ୟ ପାଣ୍ଠିରୁ କାର୍ଯ୍ୟକାରୀ ହେଉଥିବା ତନ୍ତୀଘାଇ ପ୍ରକଳ୍ପ ସମ୍ପର୍କରେ ସେ କହିଛନ୍ତି ଆସନ୍ତା ଜାନୁୟାରୀ କିମ୍ବା ଫେବୃୟାରୀ ମାସ ସୁଦ୍ଧା ସମ୍ପୂର୍ଣ୍ଣ ହୋଇଯିବ ।

**ଜିଲା ଖଣିଜ ପ୍ରତିଷ୍ଠାନ**



- ୫ ରୁ ୧ ଏମ୍ଆଇପି ସମ୍ପୂର୍ଣ୍ଣ
- ସର୍ଭେରେ ସୀମିତ ମେଗା ଜଳସେଚନ ପ୍ରକଳ୍ପ
- ଉଠାଜଳସେଚନକୁ ମିଳିନି ଡିଏମ୍ଏଫ୍ ଅନୁଦାନ

## ସଂକ୍ଷେପରେ

### ଉଦ୍ୟାନ ବିଭାଗ ତରଫରୁ ଛତୁ ଚାଷ ପ୍ରଶିକ୍ଷଣ ଶିବିର

**ସୁକିନ୍ଦା,୧୬।୧୧(ଡି.ଏନ୍.ଏ):** କମିଶନ ଶକ୍ତି ଆନୁକୁଲ୍ୟରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡ଼ିକୁ ସୁକିନ୍ଦା ବ୍ଲକ ଦାମୋଦରପୁରଠାରେ ଥିବା ଉଦ୍ୟାନ ବିଭାଗ କାର୍ଯ୍ୟାଳୟଠାରେ ଛତୁ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି। ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଶିବିରରେ ସୁକିନ୍ଦା ତହସିଲ୍‌ଦାର ବିଶ୍ୱଜିତ ଦାସ, ଯାଜପୁର ଆସିଷ୍ଟାଣ୍ଟ ଏଗ୍ରିକଲଚର ଇଞ୍ଜିନିୟର ଧ୍ରୁବଚରଣ ବିଶ୍ୱାଳ, ସୁଭଶ୍ରୀ ପ୍ରିୟଦର୍ଶିନୀ ଦାସ, ଏଏଚ୍ଓ ସୁକିନ୍ଦା, ଜିଲା ଆସିଷ୍ଟାଣ୍ଟ ହର୍ଟିକଲଚର ଅଫିସର ପ୍ରିୟଦର୍ଶିନୀ ବେହେରା, ଯାଜପୁରର ପୂର୍ବତନ ଏଏଚ୍ଓ ରବୀନ୍ଦ୍ର କୁମାର ପଣ୍ଡା, ଉଦ୍ୟାନ ବିଭାଗର ପର୍ଯ୍ୟବେକ୍ଷକ ପ୍ରଶାନ୍ତ କୁମାର ବଡ଼ିଆ, ମିଶନ ଶକ୍ତିର ବିପିସି କ୍ଷୀତିଶ କୁମାର ଦାସ, ବିଏଲ୍‌ସି ଶୁଭସ୍ମିତା ମହାନ୍ତି, ଜ୍ୟୋତ୍ସ୍ନା ମହାରଣା, ଅସୀମା ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଛନ୍ତି। ଉକ୍ତ ଶିବିରରେ ସୁକିନ୍ଦା ବ୍ଲକର ବର୍ତ୍ତଣ୍ଡା, ଅନ୍ତା, ଟିଙ୍ଗୁଡ଼ିପାଳ, ଦୁଧୁଯୋରି, ସୁକିନ୍ଦା, କାଳିଆପାଣି ପଞ୍ଚାୟତରୁ ବାରଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିବା ଜଣାପଡିଛି। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ସରକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଯାଜପୁରଙ୍କ ଆୟୋଜନରେ ପାଞ୍ଚଦିନ ଧରି ଉକ୍ତ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା।

### ବେଆଇନ ମାଟି ଉଠାଣ
## ୨ ଟ୍ରାକ୍ଟର ସହ ଜେସିବି ମେଶିନ ଜବତ

**ସୁକିନ୍ଦା,୧୬।୧୧(ଡି.ଏନ୍.ଏ)**

ସୁକିନ୍ଦା ବ୍ଲକ କୁହିକାଠାରେ ବେଆଇନ ଭାବେ ମାଟି ଉଠାଣ କରି ଟ୍ରାକ୍ଟର ମାଧ୍ୟମରେ ଚାଲାଣ କରାଯାଉଥିବା ଦୁଇଟି ମାଟି ବୋଝେଇ ଟ୍ରାକ୍ଟର ସହ ମାଟି ଖନନ କରୁଥିବା ଜେସିବି ମେଶିନକୁ ସୁକିନ୍ଦା ଅତିରିକ୍ତ ତହସିଲଦାର ଜବତ କରିଛନ୍ତି। ସୁକିନ୍ଦା ବ୍ଲକ କୁହିକା ଛକଠାରୁ ଜେମାଦେଇପୁର ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି। ମାତ୍ର ଏହି ରାସ୍ତା ନିର୍ମାଣ ପାଇଁ ନିୟୋଜିତ ହୋଇଥିବା ଠିକାସଂସ୍ଥା ମନମୁଖି ନୀତି ଆପଣାଇ ଦିବାଲୋକରେ ହଜାର ହଜାର ଟଙ୍କାର ରାଜସ୍ୱ ଫାଙ୍କି ଚୋରାରେ ମାଟି ଉତ୍ତୋଳନ କରି ରାସ୍ତା କାମରେ ଲଗାଇ ଆସୁଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଅଭିଯୋଗ କରିବା ପରେ ଶନିବାର ଅପରାହ୍ନରେ ବେନିୟମ ମାଟି ମୋରମ ଉଠାଣ କରି ପରିବହନ କରୁଥିବା ଖବରପାଇ ସୁକିନ୍ଦା ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ସୁକିନ୍ଦା ଅତିରିକ୍ତ ତହସିଲଦାର ଅଚାନକ ଚଢ଼ାଉ କରି ୨ଟ୍ରାକ୍ଟର ସହ ଗୋଟିଏ ଜେସିବି ମେଶିନ ଜବତ କରିଥିଲେ।

### ଆଜି ବିର୍ସା ମୁଣ୍ଡା ଜୟନ୍ତୀ

**ଧର୍ମଶାଳା,୧୬।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଚକ୍ରଧରପୁର ପଞ୍ଚାୟତ ବଲାଙ୍ଗିଆ ସ୍କୁଲ ପରିସରରେ ରବିବାର କ୍ରାନ୍ତିକାରୀ ଜନନାୟକ ତଥା ସ୍ୱାଧୀନତା ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୪୪ତମ ଜୟନ୍ତୀ ମିଳିତ ବହୁଜନ ବିକାଶ ପରିଷଦ ପକ୍ଷରୁ ପାଳିତ ହେବ। ଆବାହକ ନିହାର ରଞ୍ଜନ ସାମଲଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଜୟନ୍ତୀ ପାଳନ ଅବସରରେ ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ଶଗରିଆ ମୁଖ୍ୟଅତିଥି, ସାମାଜିକ କର୍ମୀ ଅମୀୟ ପାଣ୍ଡବ, ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ, ଦେବବ୍ରତ ରାଉତ ଓ ଉପଦେଷ୍ଟା ଅନିଲ କୁମାର ମଲିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ତ୍ୟାଗପଟୁ ଜୀବନୀ ସମ୍ପର୍କରେ ଆଲୋକପାତ କରିବେ। ଏହି ଅବସରରେ ଯାଜପୁର ଜିଲାର ବହୁ ଦଳିତ ଓ ଆଦିବାସୀ ସଂଗଠନ ଗୁଡିକ ଯୋଗଦେବେ।

## ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୫-ଟି ଟିମ୍‌ର ପରିଦର୍ଶନ

**ଧର୍ମଶାଳା,୧୬।୧୧(ଡି.ଏନ୍.ଏ.)**

ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ୫-ଟି ଟିମ୍ ପରିଦର୍ଶନ କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଅନୀଲ କୁମାର ସାହୁଙ୍କ ନେତୃତ୍ୱରେ ୩ଜଣିଆ ପ୍ରତିନିଧି ଦଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ବିଭିନ୍ନ ସମସ୍ୟା ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀଙ୍କୁ ଚିକିତ୍ସା ସୁବିଧା ଓ ଅସୁବିଧା ନେଇ ପଚାରି ବୁଝିଥିଲେ। ପରେ ନିରାମୟ ଯୋଜନାରେ ଉପଲବ୍ଧ ଔଷଧ ତାଲିକାକୁ ଯାଞ୍ଚ କରିଥିଲେ। ରୋଗୀ, ସେମାନଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକମାନେ ଡାକ୍ତରଖାନାର ବିଭିନ୍ନ ସମସ୍ୟା ଉପରେ ଟିମ ସଦସ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗକାରୀମାନେ ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକୀୟ ଡାକ୍ତର ନ ଥିବା ବିଷୟରେ ବିଶେଷ ଭାବରେ ଅବଗତ କରାଇଥିଲେ। ଯାଜପୁର ସିଡିଏମ୍ଓଙ୍କ ସହ ଆଲୋଚନା କରାଯାଇ ଡାକ୍ତର ସମସ୍ୟା ଦୂର କରାଯିବ ବୋଲି କମିଟି ଅଭିଯୋଗକାରୀଙ୍କୁ ସୂଚନା ଦେଇଥିଲେ।



ନିରାମୟ ଯୋଜନାରେ ଉପଲବ୍ଧ ଔଷଧ ତାଲିକା ଯାଞ୍ଚ କରୁଛନ୍ତି ୫-ଟି ଟିମ୍।

### ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟରେ ରକ୍ତଦାନ ଶିବିର

**ଦଶରଥପୁର,୧୬।୧୧(ଡିଏନ୍ଏ)**

ଦଶରଥପୁର ବ୍ଲକ କନିକାପଡାସ୍ଥିତ ସାଧୁଗୌଡ଼େଶ୍ୱର ମହାବିଦ୍ୟାଳୟର ଯୁବ ରେଡକ୍ରସ ପକ୍ଷରୁ ଶନିବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଯାଜପୁର ଜିଲାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ଜିଲା ଯୁବ ରେଡକ୍ରସ ସମିତି ସମ୍ପାଦକ କୁଳମଣି ନାୟକ ଯଥାକ୍ରମେ ଉଦ୍‌ଘାଟକ ଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ଦଇତାରୀ ରାଉତ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଯୁବ ରେଡକ୍ରସ ଉପଦେଷ୍ଟା ତଥା ଜିଲା ସଂଯୋଜକ ଅଧାପକ ଦେବୀ ପ୍ରସାଦ ସାହୁ ଓ ମହିଳା ଉପଦେଷ୍ଟା ଅଧାପିକା ଲିପ୍‌ସାରାଣୀ ଜେନା ଶିବିର ସଞ୍ଚାଳନ କରିଥିଲେ। ଶିବିରରେ ଡାକ୍ତର ରାଜେନ୍ଦ୍ର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ଯାଜପୁର ରକ୍ତ ଭଣ୍ଡାରର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ମୋଟ ୮୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଯୁବ ରେଡକ୍ରସର ସଭ୍ୟା ମୟୁରୀ ମିଶ୍ର ଓ ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତ ସ୍ୱେଚ୍ଛାସେବୀ ରକ୍ତଦାନ ପାଇଁ ସଚେତନତା ସୃଷ୍ଟି କରିଥିଲେ।

### ମାନବିକତାର ପରିଚୟ ଦେଖାଇଲେ ଥାନାଧିକାରୀ
## ଦୁର୍ଘଟଣାରେ ଆହତ ଯୁବକଙ୍କ ଜୀବନ ବଞ୍ଚାଇଲେ

**ସୁକିନ୍ଦା,୧୬।୧୧(ଡି.ଏନ୍.ଏ)**

ପୋଲିସ ପୋଷାକ ପିନ୍ଧି ଲୋକଙ୍କୁ ସୁରକ୍ଷା ଦେବାକୁ ଶପଥ ନେଇଥିବା ଜଣେ ପୋଲିସ ଅଧିକାରୀ ନିକଟରେ ଦୁର୍ଘଟଣାରେ ଶିକାର ହୋଇଥିବା ଜଣେ ଯୁବକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ସେବା ଯୋଗାଇ ମାନବିକତାର ପରିଚୟ ଦେଇଛନ୍ତି। ସମ୍ପୃକ୍ତ ପୋଲିସ ଅଧିକାରୀଙ୍କ ସହଯୋଗରୁ ଆହତ ଯୁବକଙ୍କ ଜୀବନ ବଞ୍ଚି ଯାଇଥିବାରୁ ସବୁ ମହଲରୁ ପ୍ରଶଂସାର ସୁଅ ଛୁଟୁଛି।

ପ୍ରକାଶ ଯେ, ଗତ କିଛିଦିନ ତଳେ ଯାଜପୁର ଜିଲା ସୁକିନ୍ଦା ବ୍ଲକ ଦୁଧୁଯୋରି ପଞ୍ଚାୟତ ମୂଳଖମ୍ବ-ଦାମୋଦରପୁର ମଝିରେ ଥିବା ଏକ ତିନିଆକିଆ ହମ୍ପସ ପାଖରେ ଗୋଟିଏ ଗାଡ଼ି ଧକ୍କାରେ ସୁକିନ୍ଦା ଥାନା ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ବିଶ୍ୱଜିତ ସିଂ ନାମକ ଜଣେ ଯୁବକ ଗୁରତର ହୋଇଥିଲେ। ଗାଡ଼ି ଧକ୍କା ଦେବା ଫଳରେ ବିଶ୍ୱଜିତ ଆହତ ହୋଇ ରାସ୍ତାପାର୍ଶ୍ୱ ୪ଫୁଟ ତଳକୁ ଛିଟିକି ହୋଇ ପଡ଼ିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହେବା ସହିତ ପଞ୍ଜରା ହାଡ଼ ଭାଙ୍ଗି ଯାଇଥିଲା। ଗୁରୁତର ଅବସ୍ଥାରେ ପଡ଼ିରହି ସେହି ବାଟରେ ଯାଉଥିବା ଲୋକଙ୍କ ସହଯୋଗ ଲୋଡ଼ିଥିଲେ ସୁଦ୍ଧା କେହି ଶୁଣି ନ ଥିଲେ। ସ୍ଥାନୀୟ ଗ୍ରାମର କିଛି ବ୍ୟକ୍ତି ଏହା ଦେଖି ଆମ୍ବୁଲାନ୍ସର ସହଯୋଗ ଲୋଡ଼ିଥିଲେ ସୁଦ୍ଧା ତାହା ମିଳି ନ ଥିଲା। ଏଭଳି ସ୍ଥିତିରେ ଧରିତ୍ରୀର ସ୍ଥାନୀୟ ପ୍ରତିନିଧି ବିଶ୍ୱନାଥ ପାତ୍ର କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର ଓ ସୁକିନ୍ଦା ଆଇଆଇସି ଚିତ୍ତରଞ୍ଜନ ସେଠୀଙ୍କ ସହଯୋଗ ଲୋଡ଼ିଥିଲେ। ଏହା ଶୁଣି ସୁକିନ୍ଦା ଆଇଆଇସି ତୁରନ୍ତ ପାଟ୍ରୋଲିଂ ଛାଡ଼ି ଘଟଣାସ୍ଥଳରେ ପହଞ୍ଚି ରାସ୍ତାତଳୁ ବିଶ୍ୱଜିତ୍‌ଙ୍କୁ ଉଦ୍ଧାର କରି ପୋଲିସ ଗାଡ଼ିରେ ନେଇ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ। ସଙ୍ଗେ ସଙ୍ଗେ ଚିକିତ୍ସା ମିଳିବାରୁ ବିଶ୍ୱଜିତ୍‌ଙ୍କ ଅବସ୍ଥାରେ ଉନ୍ନତି ଆସିଥିଲା। ସୁକିନ୍ଦା ଆଇଆଇସିଙ୍କ ଏଭଳି ମାନବିକତାକୁ ବୁଦ୍ଧିଜୀବୀ ଏବଂ ସାମାଜିକ ସଂଗଠନ ଶୁଭେଚ୍ଛା ଜଣାଇଛନ୍ତି।

### ନୂତନ ଅଧକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଧର୍ମଶାଳା,୧୬।୧୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ କୋଟପୁରସ୍ଥିତ ବଜ୍ରଗିରି କଲେଜରେ ଶୁକ୍ରବାର ନୂତନ ଅଧକ୍ଷ ଭାବେ ଯୋଗ ଦେଇଥିବା ଅଧକ୍ଷ ଅନନ୍ତ କିଶୋର ମହାନ୍ତିଙ୍କୁ କଲେଜ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରାଧାପକ ପତିତପାବନ ବଳସାମନ୍ତଙ୍କ ଅଧକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାଧାପକ ପ୍ରଭାସ ଚନ୍ଦ୍ର ଚୋଳ, ବିଦ୍ୟାଧର ଧଳ, ସନ୍ତୋଷ କୁମାର ଦାସ, ସୁବାସ ଚନ୍ଦ୍ର ରାଉତ, ପ୍ରଦୀପ କୁମାର ନାୟକ, ପ୍ରଶାନ୍ତ ପାତ୍ର, ବିରଞ୍ଚିନାରାୟଣ ବଳସାମନ୍ତ , ଲକ୍ଷ୍ମୀଧର ନାୟକ, ଶିବାନୀ ରଞ୍ଜନ ସାହୁ ପ୍ରମୁଖ ନୂତନ ଅଧକ୍ଷଙ୍କୁ ସ୍ୱାଗତ ଜଣାଇବା ସହ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଶେଷରେ ଅମର ରଞ୍ଜନ ସାମଲ ଧନ୍ୟବାଦ ଦେଇଥିଲେ।

## ଧୂଆଁ, ଧୂଳି ପ୍ରଦୂଷଣ ପ୍ରତିବାଦରେ ଗାଡ଼ି ଚଳାଚଳ ବନ୍ଦ କଲେ ଗ୍ରାମବାସୀ

**ଧର୍ମଶାଳା,୧୬।୧୧(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ବରଡ଼ା ଛକରେ ଶନିବାର ପୂର୍ବାହ୍ନରେ ଗ୍ରାମବାସୀ ଓ କଲେଜ ଛାତ୍ରୀଛାତ୍ର ମିଳିତ ଭାବେ ପ୍ରଦୂଷଣକୁ ରୋକିବା ନେଇ ଗାଡ଼ି ଚଳାଚଳକୁ ବନ୍ଦ କରିଥିଲେ। ଦୀର୍ଘଦିନ ହେବ ମହିଶରା ପଞ୍ଚାୟତର ଡଙ୍କାରୀ ଓ ରାହାଡପୁର ପାହାଡ଼ରୁ ଶତାଧିକ ଟ୍ରିପ୍ କଳାପଥର ବୋଝେଇ କରି ବରଡ଼ା ଛକ ଦେଇ ଅନ୍ୟତ୍ର ଯାଇଥାଏ। ସେହିପରି ପାହାଡ଼ ପାଦଦେଶରେ ଗଢି ଉଠିଥିବା କ୍ରଶର ଗୁଡ଼ିକରୁ ଚିପ୍ସ, ମେଣ୍ଟାଲ, ବଜୁରି ଓ କ୍ରଶର ଗୁଣ୍ଡକୁ ନେଇ ଗାଡ଼ି ଗୁଡ଼ିକ ସେହି ରାସ୍ତା ଦେଇ ଅନ୍ୟତ୍ର ପରିବହନ କରିଥାନ୍ତି। ଫଳରେ ଧୂଆଁ, ଧୂଳି ଉଡ଼ି ପ୍ରଦୂଷଣ ସୃଷ୍ଟି କରୁଛି। ହେଲେ କ୍ରଶର ମାଲିକ ଓ ପାହାଡ଼ ଲିଜଧାରୀମାନେ ସେହି ରାସ୍ତାରେ ପାଣି ପକାଉ ନ ଥିବାରୁ ପ୍ରଦୂଷଣ ଉଗ୍ର ରୂପ ନେଉଛି । ଯାହାଦ୍ୱାରା ରାସ୍ତା ପାର୍ଶ୍ୱକୁ ଲାଗିଥିବା ବରଡା ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର ସମେତ ଗ୍ରାମବାସୀ ଏହାଦ୍ୱାରା ବହୁ ପରିମାଣରେ ପ୍ରଭାବିତ ହେଉଛନ୍ତି। ଏନେଇ ସ୍ଥାନୀୟ ଲୋକେ ବହୁବାର ଅଭିଯୋଗ କରିଆସୁଥିଲେ ମଧ ତାର ସୁଫଳ ମିଳିପାରୁ ନାହିଁ। ଏହାର ପ୍ରତିବାଦରେ ଶନିବାର ବରଡା ବଜାର କମିଟିର ସଭାପତି ନିର୍ମଳ ଜେନା ଓ ସଂପାଦକ ମୋହନ ଚନ୍ଦ୍ର ମଲିକଙ୍କ ନେତୃତ୍ୱରେ ଗ୍ରାମବାସୀ ସମେତ ବହୁ ଛାତ୍ରୀଛାତ୍ର ଏକତ୍ରିତ ହୋଇ ସକାଳ ୬ଟାରୁ ୮ଟା ପର୍ଯ୍ୟନ୍ତ ଗାଡ଼ି ଚଳାଚଳକୁ ବନ୍ଦ କରିଥିଲେ। ପରେ କ୍ରଶର ମାଲିକ ଓ ପାହାଡ ଲିଜଧାରୀମାନେ ଉକ୍ତ ରାସ୍ତାରେ ଟ୍ୟାଙ୍କର ଯୋଗେ ପାଣି ପକାଇବାକୁ ପ୍ରତିଶ୍ରୁତି ଦେବାପରେ ରାସ୍ତା ଅବରୋଧ ହଟିଥିଲା।

## ସଂଜ୍ଞାହୀନ ଅବସ୍ଥାରେ ଯୁବକ ଉଦ୍ଧାର, ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ

**ରସୁଲପୁର,୧୬।୧୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ନିକଟରୁ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଅଞ୍ଚଳର ଲୋକେ ଜନୈକ ଆନୁମାନିକ ୧୮ ରୁ ୨୦ବର୍ଷର ଯୁବକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଛନ୍ତି। ପରେ ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଏସଂପର୍କରେ ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ତେବେ ଉଦ୍ଧାର ଯୁବକଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ଡାକ୍ତର ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଇଥିବା ଜଣାପଡିଛି । ତେବେ ଯୁବକଙ୍କ ନିକଟରୁ ଏକ ସାଇକେଲ ଜବତ ହୋଇଛି। ସାଇକେଲଟି ଗାଁ ଲୋକଙ୍କ ହେପାଜତରେ ରହିଛି। ଯୁବକଙ୍କ ପରିଚୟ ମିଳି ନ ଥିବାରୁ ସେ କିଏ? କେଉଁଠୁ ଆସିଲେ ସେ ସମ୍ପର୍କରେ ପୋଲିସ ତଦନ୍ତ ଚଳାଇଛି।

### ରାଜ୍ୟସ୍ତରୀୟ ସଞ୍ଜିତ ମେମୋରିଆଲ କ୍ରିକେଟ
## ସେମିରେ ସୋଲାର କ୍ଲବ କଟକ

**ଚଣ୍ଡିଖୋଲ,୧୬।୧୧(ଡି.ଏନ.ଏ)**

ମା' ତାରିଣୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୬ଷ୍ଠ ବାର୍ଷିକ ସଞ୍ଜିତ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଶନିବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାମାଉଣ୍ଟ କ୍ରିକେଟ କ୍ଲବ ଭୁବନେଶ୍ୱର ଓ ସୋଲାର କ୍ରିକେଟ କ୍ଲବ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ କ୍ୱାର୍ଟର ଫାଇନାଲରେ ଭୁବନେଶ୍ୱରର ପାରାମାଉଣ୍ଟ କ୍ରିକେଟ କ୍ଲବକୁ ହରାଇ କଟକସ୍ଥିତ ସୋଲାର କ୍ରିକେଟ କ୍ଲବ ସେମି ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ପାରାମାଉଣ୍ଟ ନିର୍ଦ୍ଧାରିତ ୩୦ ଓଭରରେ ୮ଟି ୱିକେଟ ହରାଇ ୧୬୮ରନ ସଂଗ୍ରହ କରିଥିଲା। ଏହାର ପିଛା କରି କଟକ ୨୮.୪ ଓଭରରେ ୪ ୱିକେଟ ହରାଇ ୧୭୧ ରନ୍ କରି ବିଜୟ ଲାଭ କରିଛି। କଟକ ପକ୍ଷରୁ ଅବିନାଶ ନାୟକ ୮୨ରନ କରି ମ୍ୟାନ୍ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଖେଳକୁ ଓସିଏ ଅମ୍ପାୟାର ସୁଶାନ୍ତ ଦାଶ ଓ ଆଶୁତୋଷ ପାଣି ପରିଚାଳନା କରିଥିବାବେଳେ ବୁବୁ ସିହ୍ନା ଓ ଶିଶିର ସ୍ୱାଇଁଙ୍କ ଦ୍ୱାରା ଧାରା ବିବରଣୀ ପ୍ରଦାନ କରାଯାଇଥିଲା। ବିଭୂ ଚୌଧୁରୀ(ଓସିଏ) ଓ ସୁଶିଲ କୁମାର ସୁନ୍ଦରାୟ (ଅନଲାଇନ) ସ୍କୋରର ଦାୟିତ୍ୱ ତୁଲାଇଥିଲେ। ବଡ଼ଚଣା ବ୍ଲକ ଗୁଲଜାର ନଗର ପାଟଣାଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଷଷ୍ଠ ସଞ୍ଜିତ ମେମୋରିଆଲ କ୍ରିକେଟ ଖେଳର ଶନିବାର ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ରାଜ୍ୟ ହିନ୍ଦୁଜା ଫାଇନାନ୍ସ ଅଧିକାରୀ ରଞ୍ଜିତ କୁମାର ମାଝି ମୁଖ୍ୟଅତିଥିଭାବେ ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। କ୍ଲବ ସଭାପତି ଚନ୍ଦ୍ରଶେଖର ଦାସ, ତୁଷାରକାନ୍ତ ପାତ୍ର, କ୍ଷୀତିଶ ବାହାଲିଆଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଖେଳ ପରିଚାଳନାରେ ସହଯୋଗ କରିବା ସହିତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରବିବାର ଦ୍ୱିତୀୟ କ୍ୱାର୍ଟରେ ଫାଇନାଲ ମ୍ୟାଚ୍ ଜୁଭେନାଇଲ କ୍ରିକେଟ୍ କ୍ଲବ୍ କଟକ ଓ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ଲବ ତରଫରୁ ଜଣାପଡିଛି।



ଅତିଥି ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

### ଜେୟୁଜେ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ
## ସାମ୍ବାଦିକତା ପେସା ନୁହେଁ ନିଶା ହେବା ଜରୁରୀ

**ରସୁଲପୁର,୧୬।୧୧(ଡି.ଏନ୍.ଏ.)**

ସମାଜରେ ସାମ୍ବାଦିକ ଓ ସାମ୍ବାଦିକତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସାମାଜକୁ ସତ୍ ମାର୍ଗରେ ପରିଚାଳନା କରେ ସାମ୍ବାଦିକର କଲମ ଚାଳନା । ତେଣୁ ଏହା କେବଳ ପେଶା ନୁହେଁ ବରଂ ନିଶା ହେବା ଜରୁରୀ। ଯାହା ଫଳରେ ଏହା ସାଧାରଣ ଲୋକଙ୍କ ମଙ୍ଗଳ ସାଧନ କରିପାରିବ ବୋଲି ଶନିବାର ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତସ୍ଥିତ ଜଳସମ୍ପଦ ଡାକବଙ୍ଗଳାରେ ଜେୟୁଜେ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସରେ ମତ ପ୍ରକାଶ ପାଇଛି। ଯାଜପୁର ୟୁନିୟନ ଅଫ ଜର୍ନାଲିଷ୍ଟର ସଭାପତି ସମରଜିତ୍ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଓୟୁଜେର ରାଜ୍ୟ ଉପସଭାପତି କିଷାନ ରାଉତ, ସମ୍ମାନିତ ଅତିଥି ଭାବରେ ଶିଶୁ ସାହିତ୍ୟିକ ଭକ୍ତଚରଣ ସାହୁ, ସାମ୍ବାଦିକ ଦେବୀପ୍ରସନ୍ନ ନାୟକ, ଶିବରାମ ସାହୁ, ୟୁନିୟନର ସାଧାରଣ ସମ୍ପାଦକ ରଞ୍ଜିତ ରାଉତ ପ୍ରମୁଖ ଯୋଗଦେଇ ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ । ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ଆଇନ ସମ୍ପର୍କରେ ସଚେତନତା କରାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ଉପ-ସଭାପତି ପ୍ରଶାନ୍ତ ଜେନା, ବରିଷ୍ଠ ସାମ୍ବାଦିକ ଅଭିମନ୍ୟୁ ଧଳ, ଦେବପ୍ରକାଶ ସାହୁ, ଚନ୍ଦ୍ରଶେଖର ସାହୁ,ଏକାଦଶୀ ସେଠୀ, ମନୋଜ କୁମାର ରାୟ, ବିଶ୍ୱଭୂଷଣ ଜେନା, ପ୍ରସନ୍ନ କୁମାର ବିଶ୍ୱାଳ, ମହେନ୍ଦ୍ର ସ୍ୱାଇଁ, ସୁଶାନ୍ତ ବେହୁରିଆ ପ୍ରମୁଖ ସାମ୍ବାଦିକ ସୁରକ୍ଷା ଆଇନ, ପେନସନ୍, ସ୍ୱାସ୍ଥ୍ୟବୀମା ୫ଲକ୍ଷକୁ ବୃଦ୍ଧି ସହ ବୀମା ସହ ମାତାପିତାଙ୍କୁ ଯୋଡିବା ଉପରେ ଗୁରୁତ୍ୱରୋପ କରିଥିଲେ । ଜେୟୁଜର କୋଷାଧକ୍ଷ ଅଞ୍ଜନ କୁମାର ପତି ଧନ୍ୟବାଦ ଅର୍ପଣ କରିଥିଲେ।



ଯାଜପୁର ଜିଲା ସାମ୍ବାଦିକ ୟୁନିୟନ୍ ପକ୍ଷରୁ ଅନୁଷ୍ଠିତ ଜାତୀୟ ପ୍ରେସ୍ ଦିବସ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ୧୭ ନଭେମ୍ବର, ୨୦୧୯



## ସଂକ୍ଷେପରେ

### ବାଲ୍ୟବିବାହ ଭୟରେ ଘରୁ ପଳାଇଥିବା ନାବାଳିକା ଉଦ୍ଧାର

**ଓଡ଼ଗାଁ,୧୬।୧୧(ସ୍ୱ.ପ୍ର.)-** ବାଲ୍ୟ ବିବାହ ଭୟରେ ଘରୁ ନିଖୋଜ ହୋଇଯାଇଥିଲେ ଜଣେ ନାବାଳିକା। ଦୀର୍ଘ ମାସ ପରେ ଶନିବାର ତାଙ୍କୁ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରାଯାଇଛି। ଘଟଣା ଘଟିଛି ନୟାଗଡ ଜିଲା ଓଡଗାଁର ଆଦର୍ଶ ଥାନା ଅଞ୍ଚଳରେ। ସାକେରୀ ଗ୍ରାମରେ ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଜଣେ ନାବାଳିକାଙ୍କୁ ତାଙ୍କ ମାତା ପିତା ବିବାହ ଦେବା ପାଇଁ ଉଦ୍ୟମ କରିଥିଲେ । ନାବାଳିକା ଜଣକ ମାତା ପିତାଙ୍କ ଯୋଜନା ସମ୍ପର୍କରେ ଜାଣିବାପରେ ଫେବୃୟାରୀ ୧୬ ତାରିଖରେ ଘରୁ ନିଖୋଜ ହୋଇଯାଇଥିଲେ । ସେ ଭୁବନେଶ୍ୱର ଅନ୍ତର୍ଗତ ପାହାଳ ଥାନା ଅଞ୍ଚଳରେ ରହୁଥିବା ତାଙ୍କର ବଡ ଭଉଣୀଙ୍କ ଶାଶୁଙ୍କ ପାଖକୁ ଚାଲି ଯାଇଥିଲେ। ଝିଅକୁ ବହୁ ଖୋଜାଖୋଜି କରି ନ ପାଇବା ପରେ ନାବାଳିକାଙ୍କ ବାପା ୧୯ ତାରିଖରେ ଝିଅ ନିଖୋଜ ସମ୍ପର୍କରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏନେଇ ୨୭/୧୯ ରେ ଏକ ମାମଲା ରୁଜୁ କରିବା ସହିତ ନାବାଳିକାଙ୍କୁ ଉଦ୍ଧାର କରିବାପାଇଁ ଉଦ୍ୟମ ଜାରି ରଖିଥିଲା । ପରବର୍ତ୍ତୀ ସମୟରେ ଝିଅ ସମ୍ପର୍କୀୟ ଘରେ ରହୁଥିବା ବାପା ଜାଣିବାକୁ ପାଇଥିଲେ ମଧ୍ୟ ପୋଲିସକୁ ୯ ମାସ ପର୍ଯ୍ୟନ୍ତ ଭୁଆଁ ବୁଲାଇ ଚାଲିଥିଲେ ମଧ୍ୟ କୌଣସି ସୂଚନା ଦେଇନଥିଲେ । ତେବେ କୌଣସି ସୂତ୍ରରୁ ଖବରପାଇ ପୋଲିସ ଶନିବାର ଭୋର ସମୟରେ ନାବାଳିକାଙ୍କୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଉଦ୍ଧାର କରିଥିଲା। ସ୍ଥାନୀୟ ଜେଏମଏଫସି କୋର୍ଟରେ ଧାରା ୧୬୪ ଅନୁସାରେ ବୟାନ ରେକର୍ଡ କରାଇଥିଲା । ଘରେ ଜୋରଜବରଦସ୍ତ ତାଙ୍କୁ ବିବାହ ଦେବାକୁ ଉଦ୍ୟମ କରାଯାଉଥିବାରୁ ସେ ମାଟ୍ରିକ ପରୀକ୍ଷା ନଦେଇ ଘରୁ ଚାଲିଯାଇଥିଲେ ବୋଲି ନାବାଳିକା କହିଥିବା ଜଣାଯାଇଛି । ଆଦର୍ଶ ଥାନା ଅଧିକାରୀ ମମତା ପତି ନାବାଳିକାଙ୍କ ମାତାପିତାଙ୍କୁ ବାଲ୍ୟ ବିବାହର କୁପରିଣାମ ସମ୍ପର୍କରେ ବହୁ ବୁଝାସୁଝା କରିବାପରେ ନାବାଳିକାଙ୍କୁ ହସ୍ତାନ୍ତର କରିଥିବା ପ୍ରକାଶ କରିଛନ୍ତି।

### ସଂସ୍କୃତ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଖଣ୍ଡପଡା,୧୬।୧୧(ସ୍ୱ.ପ୍ର)-** ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ସଂସ୍କୃତ ବିଭାଗ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ସୁଶ୍ରୀ ଜୟଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା । ଏଥିରେ ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ଲୋକନାଥ ସ୍ୱାଇଁ, ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ବଳରାମ ଲେଙ୍କା, ଅର୍ଥନୀତି ବିଭାଗ ମୁଖ୍ୟ ଡା. ପବିତ୍ର କୁମାର ସୁବୁଦ୍ଧି, ଅଧାପିକା ସରଳା ବେହେରା, ଅଧାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଭାଗୀୟ ଶୃଙ୍ଖଳା ବଜାୟ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ ।

# ଖୋଲିଲା ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ

**ଗଣିଆ,୧୬।୧୧(ଡି.ଏନ.ଏ.)**

ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ଅନ୍ତର୍ଗତ ନୟାଗଡ଼ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଛାମୁଣ୍ଡିଆ ବନାଞ୍ଚଳର ବଡମୂଳ ମଙ୍ଗାନାସୀଠାରେ ରହିଛି ପ୍ରାକୃତିକ ପର୍ଯ୍ୟଟନ କେନ୍ଦ୍ର ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ । ଏହି ପର୍ଯ୍ୟଟନ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ୩ଟି କଟେଜ୍ ଓ ୪ଟି ତମ୍ବୁ କଟେଜ୍ ପର୍ଯ୍ୟଟକଙ୍କ ପାଇଁ ବର୍ଷସାରା ଖୋଲାରହିଛି । ତେବେ ପ୍ରତିବର୍ଷ ପରି ଚଳିତ ବର୍ଷ ମହାନଦୀର ବାଲୁକା ଶଯ୍ୟା ଉପରେ ୧୨ଟି ଅସ୍ଥାୟୀ ଟେଣ୍ଟ ଶନିବାର ଖୋଲାଯାଇଛି । ବିଗତ ବର୍ଷ ଏହି ବାଲୁକା ଶଯ୍ୟା ଉପରେ ୯ଟି ଟେଣ୍ଟ ନିର୍ମାଣ କରାଯାଇଥିବା ବେଳେ ବହୁ ପର୍ଯ୍ୟଟକଙ୍କ ଆଗମନକୁ ଆଖି ଆଗରେ ରଖି ଚଳିତ ବର୍ଷ ଆଉ ୩ଟି ଅଧିକ ଟେଣ୍ଟ ଖୋଲାଯାଇଛି । ଶନିବାର ମଧ୍ୟାହ୍ନରେ ଏହି ପର୍ଯ୍ୟଟନ କେନ୍ଦ୍ର ପରିସରରେ ପୂଜାର୍ଚ୍ଚନା ପରେ ଉପସ୍ଥିତ ପର୍ଯ୍ୟଟକମାନଙ୍କୁ ଚନ୍ଦନଟିପା ଲଗାଇବା ସହ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା । ତେବେ ସକାଳୁ ଏହି ପର୍ଯ୍ୟଟନ କେନ୍ଦ୍ରକୁ ପରିଚାଳନା କରୁଥିବା ମା' ସାତଭଉଣୀ ପରିବେଶ ବିକାଶ ସମିତିର ସଭ୍ୟାସଭ୍ୟଙ୍କ ଦ୍ୱାରା ରଙ୍ଗବେରଙ୍ଗ ଫୁଲ ଓ ବେଲୁନରେ ଆକର୍ଷଣୀୟ ଭାବେ ସାଜସଜ୍ଜା କରାଯାଇଥିଲା । ଏହି ପର୍ଯ୍ୟଟନ କେନ୍ଦ୍ରକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ପୂର୍ବପରି ଖାଦ୍ୟ, ଜଙ୍ଗଲ ଟ୍ରେକିଂ, ସାଇକେଲିଂ, କ୍ୟାନୋପି ୱାକ୍, କ୍ୟାମ୍ପ ଫାୟାର, ଲୋକନୃତ୍ୟ, ଖେଳ ସୁବିଧା, ମହାନଦୀରେ ସୁରକ୍ଷିତ ସନ୍ତରଣ, ସାତକୋଶିଆ ଗଣ୍ଡରେ ବୋଟିଂ ସମୟରେ ବିଭିନ୍ନ ପକ୍ଷୀ ଓ କୁମ୍ଭୀର ଦେଖିବା ସହ ଜେଟିରେ ବସି ସେଲ୍ଫି ନେବାର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି । ତେବେ ଗତବର୍ଷ କ୍ୟାନୋପି ବା ଟ୍ରି ୱାକ ମୁଖ୍ୟ ଆକର୍ଷଣ ପାଲଟିଥିବା ବେଳେ ଚଳିତ ବର୍ଷ ମୁଦୁଲିଗାଡିଆ ଇକୋ ଭିଲେଜ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଏହି ପର୍ଯ୍ୟଟନ କେନ୍ଦ୍ର ନିକଟରେ ଥିବା ମୁଦୁଲିଗାଡିଆ ଇକୋ ଭିଲେଜର ଗ୍ରାମବାସୀଙ୍କ ମଧ୍ୟରେ ସମାନତା ଓ ଏକତା, ଗାଁର ସୌନ୍ଦର୍ଯ୍ୟ, ପଲିଥିନ ମୁକ୍ତ ସ୍ୱଚ୍ଛ ଓ ନିର୍ମଳ ପରିବେଶ ଏବଂ ଚାରିପାଖରେ ଥିବା ପ୍ରାକୃତିକ ମନୋରମ ପରିବେଶକୁ ଉପଭୋଗ କରିବା ପାଇଁ ବହୁ ପର୍ଯ୍ୟଟକ ଆସିଥାନ୍ତି । ଏହି ପର୍ଯ୍ୟଟନ କେନ୍ଦ୍ର ଦିନକୁ ଦିନ ବହୁ ଦେଶୀୟ ଓ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଲାଗିଛି ।



ମହାନଦୀର ବାଲୁକା ଶଯ୍ୟା ଉପରେ ନିର୍ମିତ ଟେଣ୍ଟ ।

**ଆକର୍ଷଣ ପାଲଟିଛି ଇକୋ ଭିଲେଜ**

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୧୭ ତାରିଖ (ରବିବାର)**

- ଜିଲା ଆଥ୍ଲେଟିକ ଆସୋସିଏଶନର ଭଲିବଲ ଚୟନ କାର୍ଯ୍ୟକ୍ରମ
  **ସ୍ଥାନ :** କେସି କ୍ଲବ୍, ନୟାଗଡ଼, ସମୟ: ସକାଳ ୯ଟା
- ଜିଲାସ୍ତରୀୟ ୟୁଥ୍ ରେଡକ୍ରସ୍ କ୍ୟାମ୍ପ ଉଦ୍‌ଘାଟନ
  **ସ୍ଥାନ :** ଓନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା

**୧୮ ତାରିଖ (ସୋମବାର)**

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  **ସ୍ଥାନ :** ବ୍ଲକ କାର୍ଯ୍ୟାଳୟ ପରିସର, ରଣପୁର, ସମୟ: ପୂର୍ବାହ୍ନ ୧୧ଟା

**୧୯ ତାରିଖ (ମଙ୍ଗଳବାର)**

- ଜିଲାସ୍ତରୀୟ ଯୁବ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ
  **ସ୍ଥାନ :** ପଠାଣି ସାମନ୍ତ ଅଡିଟୋରିୟମ, ନୟାଗଡ଼, ସମୟ: ପୂର୍ବାହ୍ନ ୧୧ଟା
- ଭୀମ ଭୋଇ ସାମର୍ଥ୍ୟ ଅଭିଯାନ
  **ସ୍ଥାନ :** ବ୍ରଜେନ୍ଦ୍ର ଚନ୍ଦ୍ର ହାଇସ୍କୁଲ, ରଣପୁର, ସମୟ: ସକାଳ ୮ଟା

**୨୦ ତାରିଖ (ବୁଧବାର)**

- ଜିଲାସ୍ତରୀୟ ଯୁବ ମହୋତ୍ସବ ଉଦ୍‌ଯାପିତ
  **ସ୍ଥାନ :** ପଠାଣି ସାମନ୍ତ ଅଡିଟୋରିୟମ, ନୟାଗଡ଼, ସମୟ: ଅପରାହ୍ନ ୩ଟା

| ସ୍ଥାନ | ଖବରଦାତାଙ୍କ ନାମ | ମୋବାଇଲ ନମ୍ବର |
|---|---|---|
| ନୟାଗଡ଼ ଅଫିସ | ରଞ୍ଜନ କୁମାର ପ୍ରଧାନ | ୯୪୩୭୭୭୫୭୩୦ |
| ଓଡ଼ଗାଁ | ଆଦର୍ଶ କୁମାର ପଟ୍ଟନାୟକ | ୯୪୩୭୩୬୫୬୬୮ |
| ନୂଆଗାଁ | ଧନେଶ୍ୱର ସାହୁ | ୯୯୩୭୪୪୮୧୧୦ |
| ଦଶପଲ୍ଲା | ପ୍ରକାଶ କୁମାର ପାଣି | ୯୪୩୯୮୪୯୦୫୫ |
| ଗଣିଆ | ସନ୍ତୋଷ କୁମାର ପ୍ରଧାନ | ୯୬୯୨୪୫୪୮୫୨ |
| ଭାପୁର | ଶୁଭେନ୍ଦ୍ର କୁମାର ପଟ୍ଟନାୟକ | ୯୪୩୮୦୪୦୯୪୩ |
| ଖଣ୍ଡପଡ଼ା | ଅଜୟ କୁମାର ମହାରଣା | ୯୮୫୩୬୪୩୨୧୧ |
| ରଣପୁର | ସୁକାନ୍ତ କିଶୋର ଡାକୁଆ | ୯୯୩୭୦୨୧୭୨୭ |

■ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ

# ସାମ୍ବାଦିକମାନେ ପରିବର୍ତ୍ତନର ସୂତ୍ରଧର




ଯୋଗ ଦେଇଥିବା ଅତିଥିମାନେ ।

**ନୟାଗଡ଼ ଅଫିସ,୧୬।୧୧**

ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଶନିବାର ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ-୨୦୧୯ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ (ଡିଆରଡିଏ) ସୁବାସ ଚନ୍ଦ୍ର ରାୟ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରେସ୍ କାଉନସିଲ୍ ଅଫ ଇଣ୍ଡିଆ ଗଠନର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ସାମ୍ବାଦିକମାନେ ପରିବର୍ତ୍ତନ ସୂତ୍ରଧର ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ଉପ ଜିଲାପାଳ ଲଗ୍ନଜିତ ରାଉତ ଯୋଗ ଦେଇ ଦେଶର ପରିବର୍ତ୍ତନ ପାଇଁ ଗଣାମାଧ୍ୟମର ସହଯୋଗ ନିତ୍ୟାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡିଆଇବି ଡିଏସ୍‌ପି ସୁବାସ ଚନ୍ଦ୍ର ମହାନ୍ତି, ଡେପୁଟି କଲେକ୍ଟର ଶୁଭଶ୍ରୀ ରଥ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଖବରଦାତା ସୁସେନ ଖାଁ, ବାସୁଦେବ ମହାନ୍ତି, ଆଦର୍ଶ ପଟ୍ଟନାୟକ, ଶୁଭେନ୍ଦୁ ଦାସ, ଗୋକୁଳ ଷଡ଼ଙ୍ଗୀ, ପ୍ରଦୀପ୍ତ ରଥ, ରାମକୃଷ୍ଣ ରଥ, ଶ୍ରୀକାନ୍ତ ଖଟେଇ ପ୍ରମୁଖ ଚଳିତ ବର୍ଷର ଅନୁଚିନ୍ତା ଖବର ସଂଗ୍ରହ ଉପରେ ମନ୍ତବ୍ୟ ରଖିଥିଲେ। ଜିଲାରେ ପ୍ରକାଶ ପାଉଥିବା ଖବର ଉପରେ ପ୍ରଶାସନ ପକ୍ଷରୁ ତଦନ୍ତ ହେବା ଜରୁରୀ ବୋଲି ସେମାନେ କହିଥିଲେ। ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ସୁରକ୍ଷା ନିୟମ ପ୍ରଣୟନ କରିବା ଦରକାର ବୋଲି ଖବରଦାତାମାନେ ପ୍ରକାଶ କରିଥିଲେ । ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଛାତ୍ର ଗୁରୁତର

**ନୟାଗଡ଼ ଅଫିସ,୧୬।୧୧**

୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ନବମ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଶରଣକୁଳ ଥାନା ଶିଖରପୁର ଗ୍ରାମର ନିରାକାର ବାଡ଼ତିଆଙ୍କ ପୁଅ ଜିତୁନ (୧୫)।

ମିଳିଥିବା ସୂଚନା ଅନୁସାରେ, ଶନିବାର ଅପରାହ୍ନରେ ଜିତୁନ ଓ ଗ୍ରାମର ଅନ୍ୟ ପିଲାମାନେ ବିଦ୍ୟାଳୟ ପଡ଼ିଆରେ ଫୁଟବଲ୍ ଖେଳୁଥିଲେ। ଖେଳୁଥିବା ସମୟରେ ଫୁଟବଲ୍‌ଟି ବିଦ୍ୟାଳୟ କଡରେ ଥିବା ଏକ ଆମ୍ବ ଗଛରେ ଯାଇ ଲାଗି ଯାଇଥିଲା। ଫଳରେ ବଲ୍ କାଢ଼ିବା ପାଇଁ ଜିତୁନ ଆମ୍ବ ଗଛକୁ ଚଢ଼ିଥିବାବେଳେ ଗଛ ଡାଳ ଦେଇ ଯାଇଥିବା ୧୧ କେଭି ତାର ସଂସ୍ପର୍ଶରେ ଆସି ଡାଳରେ ଲାଖି ଯାଇଥିଲେ। ଜିତୁନଙ୍କ ମୁଣ୍ଡ ଓ ଦୁଇ ଗୋଡ଼ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପୋଡ଼ି ଯାଇଥିଲା। ତେବେ ସେହି ସମୟରେ ଲାଇନ୍ ଚାଲି ଯାଇଥିବାରୁ ଜିତୁନ ଅଳ୍ପକେ ବର୍ତ୍ତି ଯାଇଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ତାଙ୍କୁ ଉଦ୍ଧାର କରି ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା, ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ ବିଦ୍ୟାଳୟ ପାଚେରିକୁ ଲାଗି ୧୧ କେଭି ବିଦ୍ୟୁତ୍ ତାର ଯାଇଥିବା ବେଳେ ପୂର୍ବରୁ ଏଥିରେ ଲାଗି ୩ଟି ମାଙ୍କଡ଼ଙ୍କ ମୃତ୍ୟୁ ଘଟିଛି।

### ବିବିଧ ପ୍ରମାଣ ପତ୍ର ଫି ଛାଡ଼ ନିଷ୍ପତ୍ତିକୁ ବଭିନ୍ନ ମହଲରୁ ସ୍ୱାଗତ

**ଖଣ୍ଡପଡା,୧୬।୧୧(ସ୍ୱ.ପ୍ର)**

ତହସିଲ କାର୍ଯ୍ୟାଳୟଗୁଡିକରୁ ଆବେଦନକାରୀମାନେ ଏବେ ଆଉ ବିବିଧ ପ୍ରମାଣ ପତ୍ର ବାବଦରେ ଆବେଦନ ଓ ୟୁଜର୍ସ ଫି ଦେବେ ନାହିଁ ବୋଲି ରାଜ୍ୟ ସରକାର ଘୋଷଣା କରିବା ପରେ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି। ଏଥିପୂର୍ବରୁ ଜାତିଗତ ପ୍ରମାଣ ପତ୍ର ଓ ଅନ୍ୟାନ୍ୟ ପ୍ରମାଣପତ୍ର ପାଇଁ ଆବେଦନକାରୀମାନଙ୍କୁ ଫି ଦେବାକୁ ପଡୁଥିଲା । ପୁନଶ୍ଚ ଏଥି ନିମନ୍ତେ ବାରମ୍ବାର ତହସିଲ କାର୍ଯ୍ୟାଳୟକୁ ଦୌଡିବାକୁ ପଡୁଥିଲା। ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀମାନେ ଆବେଦନକାରୀଙ୍କଠାରୁ ୟୁଜର୍ସ ଫି ସହ ହାତଗୁଞ୍ଜା ବାବଦକୁ ୫୦ରୁ ୧୦୦ଟଙ୍କା ଲେଖାଏ ଆଦାୟ କରୁଥିଲେ । ସରକାରଙ୍କ ଏହି ଫି ଛାଡ ନିଷ୍ପତ୍ତିକୁ ଖଣ୍ଡପଡା ବରିଷ୍ଠ ନାଗରିକ ମଞ୍ଚ, ବାର୍ ଆସୋସିଏଶନର ସଦସ୍ୟ ସ୍ୱାଗତ କରିଛନ୍ତି।




**ଏସ୍.ଇ. ରେଳପଥ ଟେଣ୍ଡର**

**ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଇ-ଟେଣ୍ଡର/୨୦୧୯/୬୦।** ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ଇଂ.), ଦକ୍ଷିଣ ପୂର୍ବ ରେଳପଥ, ଖଡ଼୍‌ଗପୁର-୭୨୧୩୦୧ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତ୍ୟେକ ସାମଗ୍ରୀ ଲାଗି ପ୍ରଦତ୍ତ ତାରିଖର ୧୫.୦୦ ଘଟିକା କିମ୍ବା ଏହା ପୂର୍ବ ସୁଦ୍ଧା ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି, ଯାହାକୁ ୧୫୩୦ ଘଟିକାରେ ଖୋଲାଯିବ। **କ୍ର. ସଂ., ଟେଣ୍ଡର ନଂ., କାର୍ଯ୍ୟର ବର୍ଣ୍ଣନା, ଟେଣ୍ଡର ମୂଲ୍ୟ ଓ ଅମାନତ ରାଶି: (୧) ଇ-କେଜିପି-ଦକ୍ଷିଣ-୨୭-୨୦୧୯:** ଏଡିଇଏନ/ବାଲେଶ୍ୱରଙ୍କ କ୍ଷେତ୍ରାଧିକାର ଅଧୀନରେ ରୁପ୍‌ସା-ବାଙ୍ଗିରିପୋଷୀ ଓ ରୁପ୍‌ସା-ରାଣିତାଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୧୬ ଗୋଟି ଟୁଲ୍ ରୁମ୍‌ର ନିର୍ମାଣ ଏବଂ ଗ୍ୟାଙ୍ଗ୍‌ସର ୪ ଗୋଟି ଟୁଲ୍ ରୁମ୍ ତଥା ରେଷ୍ଟ ରୁମ୍‌ର ପୁନରୁଦ୍ଧାର, ସେପ୍ଟିକ୍ ଟାଙ୍କି ସହ ୧୮ ଗୋଟି ଶୌଚାଳୟ, ୧୬ ଗୋଟି ହ୍ୟାଣ୍ଡ ଟ୍ୟୁବ୍‌ୱେଲ୍ ଓ ବୋର୍‌ୱେଲ୍ ତଥା ୧୧ ଗୋଟି ସାଇକେଲ ଷ୍ଟାଣ୍ଡ ନିର୍ମାଣ। ₹୧,୨୫,୧୧,୫୦୦.୯୬ ଏବଂ ₹୨,୧୨,୬୦୦.୦୦। (୨) **ଇ-କେଜିପି-ସାଉଥ୍-୨୯-୨୦୧୯:** ଖଡ଼ଗପୁର ଡିଭିଜନ ପାଇଁ ପାକୁର/ବାକୁଡିହ ଡିପୋଠାରେ ୫୦ ମିମି ଗେଜ୍‌ର ହାର୍ଡ ଷ୍ଟୋନ୍ ମେଶିନ୍ କ୍ରସ୍‌ଡ ବାଲାଷ୍ଟର ଯୋଗାଣ ଓ ତାହାକୁ ରେଳପଥ ୱାଗନ୍/ହପର୍‌ରେ ଲୋଡିଂ କରିବା (୬୪.୨୦୪ ସିୟୁଏମ୍), ₹୬,୫୦,୧୮,୧୦୬.୭୨ ଏବଂ ₹୪,୭୫,୧୦୦.୦୦ (୩) **ଇ-କେଜିପି-ସାଉଥ୍-୩୦-୨୦୧୯,** ଖଡ଼ଗପୁର - ରୁପ୍‌ସା : ବ୍ରିଜ୍‌ଗୁଡ଼ିକ ପାଇଁ ଫ୍ଲୋରିଂ, ବାଲାଷ୍ଟ ରିଟେନର୍, ଷ୍ଟାଣ୍ଡାର୍ଡ ବ୍ରିଜ୍ ଟାବ୍‌ଲେଟ୍‌ର ବ୍ୟବସ୍ଥା, କ୍ଷତିଗ୍ରସ୍ତ ସ୍ଲାବ୍ ଓ ୱିଙ୍ଗ୍ ୱାଲ୍‌କୁ ବଦଳାଇବା ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ (୨ୟ କଲ୍)। ₹୧,୯୦,୦୬,୯୩୨.୧୧ ଏବଂ ₹୨,୪୫,୦୦୦.୦୦। **ଟେଣ୍ଡର କାଗଜପତ୍ର ମୂଲ୍ୟ:** କ୍ର.ସଂ. ୧ ଓ ୩ ପାଇଁ ₹୫,୦୦୦/- ଓ କ୍ର. ସଂ . ୨ ପାଇଁ ₹୧୦,୦୦୦/- । **କାର୍ଯ୍ୟର ସମାପ୍ତି ଅବଧି:** କ୍ର. ସଂ. ୧ ପାଇଁ ୧୫ (ପନ୍ଦର) ମାସ, କ୍ର.ସଂ. ୨ ପାଇଁ ୬ (ଛଅ) ମାସ, କ୍ର.ସଂ. ୩ ପାଇଁ ୮ (ଆଠ) ମାସ। **ଖୋଲାଯିବାର ତାରିଖ:** କ୍ର.ସଂ. ୧ ପାଇଁ ତା୧୦।୧୨।୨୦୧୯ରିଖ ଓ କ୍ର. ସଂ. ୨ ଓ ୩ ପାଇଁ ତା୧୯।୧୨।୨୦୧୯ରିଖ। **ବିଡିଂ ଆରମ୍ଭ ତାରିଖ:** ତା୨୬।୧୧।୨୦୧୯ଠାରୁ ଏବଂ କ୍ର. ସଂ. ୧ ପାଇଁ ତା୧୦।୧୨।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ ଓ କ୍ର.ସଂ. ୨ ଓ ୩ ପାଇଁ ତା୧୯।୧୨।୨୦୧୯ରିଖ ୧୫.୦୦ ଘଟିକା ପର୍ଯ୍ୟନ୍ତ। ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ସ୍ୱତନ୍ତ୍ରତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ **www.ireps.gov.in** ପରିଦର୍ଶନ କରିପାରନ୍ତି। ବି.ଦ୍ର.: ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ **www.ireps.gov.in** ପରିଦର୍ଶନ କରିପାରନ୍ତି। **(PR-1019)**

■ ବଡ଼ବାଣପୁରରେ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

# ଜୀବନ ସାଥୀ ନାଟକ ପ୍ରଥମ

**ଖଣ୍ଡପଡା,୧୬।୧୧(ସ୍ୱ.ପ୍ର.)**

ବଡ଼ବାଣପୁର ଗ୍ରାମରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥିବା ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ମହାଦେବ ସାହି ମହାନଦୀ କୂଳରେ ଅବସ୍ଥିତ ବାବା ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ଏହି ନାଟକ ପ୍ରତିଯୋଗିତାରେ ରାଜ ସୁନାଖଳାସ୍ଥିତ ସ୍ୱାମୀ ବିବେକାନନ୍ଦ ଯୁବ ପରିଷଦ ପ୍ରାୟୋଜିତ, ଜୀବନ ଦାସଙ୍କ ରଚିତ ଜୀବନ ସାଥୀ ନାଟକକୁ ଶ୍ରେଷ୍ଠ ପୁରସ୍କାର ମିଳିଛି । କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ଯୁବ ସାଂସ୍କୃତିକ ପରିଷଦ ଶୈଳେଶ୍ରୀ ବିହାର ଭୁବନେଶ୍ୱର ପକ୍ଷରୁ ସାମାଜିକ ନାଟକ 'କାହାଣୀ କାନ୍ଦୁଛି ଆଖି ଲୁହରେ' ମଞ୍ଚସ୍ଥ ହୋଇଥିଲା । ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନାଟକ ପ୍ରତିଯୋଗିତାର ୨ୟ ଦିବସରେ ସ୍ୱାମୀ ବିବେକାନନ୍ଦ ଯୁବ ପରିଷଦ ସୁନାଖଳା ପକ୍ଷରୁ 'ଜୀବନ ସାଥୀ'ନାଟକ ମଞ୍ଚସ୍ଥ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଖଣ୍ଡପଡାର ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ନାଟକ ପ୍ରତିଯୋଗିତାର ଅନ୍ତିମ ଦିବସରେ ମା' ଝାଡେଶ୍ୱରୀ ଡ୍ରାମାଟିକ କ୍ଲବ ଭୁବନେଶ୍ୱର ପକ୍ଷରୁ 'ଗୁପ୍ତ ସମ୍ପର୍କ' ନାଟକ ମଞ୍ଚସ୍ଥ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଖଣ୍ଡପଡ଼ା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସ ଅବସରରେ ଗ୍ରାମର ଦଣ୍ଡନୃତ୍ୟ କଳାକାର ଗଦାଧର ଦଳେଇ, ନୃତ୍ୟଗୁରୁ ସୋମନାଥ ରଣା ଏବଂ ବାଜିଆ ପ୍ରଧାନଙ୍କୁ ଦଣ୍ଡନୃତ୍ୟ କଳାକାର ଭାବେ ଜୀବନବ୍ୟାପୀ ସାଧନା ନିମନ୍ତେ ଗ୍ରାମ କମିଟି ପକ୍ଷରୁ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା।

**କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯**

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
ଓଡ଼ିଶା ଶାସନ
DSPL-151

**ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ । ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ ।**

**ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :**

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ । ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ ।



**ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା**

10003/13/0053/1920
facebook.com/HFWOdisha http://www.health.odisha.gov.in/ @HFWOdisha



ଯେତେଦିନ ପର୍ଯ୍ୟନ୍ତ ମନୁଷ୍ୟ ସ୍ୱଭାବ ପରିବର୍ତ୍ତନ ନ ହୋଇଛି,
ସେତେଦିନ ଦୁଃଖ କଷ୍ଟ ରହିବ ହିଁ ରହିବ।
- ସ୍ୱାମୀ ବିବେକାନନ୍ଦ



# ଦୁର୍ଘଟଣାଗ୍ରସ୍ତଙ୍କୁ ମିଳୁନି ତୁରନ୍ତ ସହାୟତା

## ପ୍ରଚାର ଅଭାବରୁ ମିଳୁନାହାନ୍ତି ଗୁଡ଼ ସାମାରିଟାନ୍

**ନୟାଗଡ଼ ଅଫିସ,୧୬।୧୧**

ବିଭିନ୍ନ ସମୟରେ ଆଖିଆଗରେ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଥାନା ଓ କଚେରି ଭୟରେ ଆମେମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିମାନଙ୍କୁ ସାହାଯ୍ୟ କରିପାରୁନାହୁଁ। ଫଳରେ ସେମାନଙ୍କର ପ୍ରାଣହାନି ଘଟୁଛି। ଏହାକୁ ଦୃଷ୍ଟିରେ ରଖି ୨୦୧୪ ମସିହାରେ ଦେଶରେ ଗୁଡ୍ ସାମାରିଟାନ୍ ପଲିସି ଲାଗୁ କରାଯାଇଛି। ୨୦୧୮ ଫେବୃୟାରୀଠାରୁ

- ରହୁଛି ଥାନା କଚେରିର ଭୟ
- ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଲେ ୨୦୦୦ ଟଙ୍କା ପୁରସ୍କାର

ଏହା ଓଡ଼ିଶାରେ ଲାଗୁ ହୋଇଛି । ଅନ୍ୟ ଜିଲାରେ ଗୁଡ୍ ସାମାରିଟାନ୍ ହୋଇ ବ୍ୟକ୍ତିମାନେ ପୁରସ୍କୃତ ହେଉଥିଲେ ମଧ୍ୟ ନୟାଗଡ଼ ଜିଲାରେ ଆଜି ପର୍ଯ୍ୟନ୍ତ କେହି ଏ ଦିଗରେ ପୁରସ୍କୃତ ହୋଇ ପାରିନାହାନ୍ତି। ଫଳରେ ଜିଲା ସଡ଼କ ସୁରକ୍ଷା କମିଟିର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନ ଉଠୁଛି।

ଗୁଡ୍ ସାମାରିଟାନ୍ ପଲିସି ଅନୁଯାୟୀ, କୌଣସି ବ୍ୟକ୍ତି ନିଃସ୍ୱାର୍ଥପରଭାବେ ଦୁର୍ଘଟଣାରେ ଆହତ ହୋଇ ପଡ଼ିଥିବା ଲୋକଙ୍କୁ ତୁରନ୍ତ ଉଦ୍ଧାର କରି ଡାକ୍ତରଖାନା ଆଣି ଚିକିତ୍ସା କରାନ୍ତି ତାହା ହେଲେ ତାଙ୍କୁ ୨୦୦୦ ଟଙ୍କା ଦିଆଯାଇ ପୁରସ୍କୃତ କରାଯିବ। ସେହିଭଳି ଯଦି ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଭଡ଼ାଗାଡ଼ିରେ ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନା ଆଣିଥିବେ ତାହା ହେଲେ ତାଙ୍କୁ ଗାଡ଼ି ଭଡ଼ା ମଧ୍ୟ ପ୍ରଦାନ କରାଯିବ। ଏଥିପାଇଁ ଗୁଡ୍ ସାମାରିଟାନ୍‌ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରମାଣପତ୍ର ଆଣି ଆରଟିଓ କାର୍ଯ୍ୟାଳୟରେ ଦାଖଲ କରିବେ। ସମ୍ପୃକ୍ତ ବ୍ୟକ୍ତିଙ୍କୁ କୌଣସି ମାମଲାରେ କୋର୍ଟ, କଚେରିର ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ହେଲେ ପ୍ରଚାର ପ୍ରସାର ଅଭାବରୁ ଅନେକେ ଏ ବିଷୟରେ ଅଜ୍ଞ। ଜିଲା ସଡ଼କ ସୁରକ୍ଷା କମିଟି ପକ୍ଷରୁ ଯେଉଁଭଳି ଭାବେ ଲୋକମାନଙ୍କୁ ସଚେତନତା ଓ ପ୍ରଚାର ପ୍ରସାର କରାଇବା କଥା ସେହିଭଳି ହୋଇପାରୁନାହିଁ। କମିଟି ଜିଲା ମୁଖ୍ୟ ଚିକିତ୍ସାଳୟର ଏକ କଣରେ ହୋର୍ଡିଂ ମାରି ତା'ର କାର୍ଯ୍ୟ ସାରି ଦେଇଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ଜିଲାରେ ଦିନକୁ ଦିନ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଛି। ତାହା ସାଙ୍ଗକୁ ମୃତକ ଓ ଗୁରୁତରଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି । ୨୦୧୮ରେ ୨୧୧ଟି ସଡ଼କ ଦୁର୍ଘଟଣା ନେଇ ଥାନାରେ ଅଭିଯୋଗ ହୋଇଥିବା ବେଳେ ୨୦୧୯ ମସିହା ବର୍ତ୍ତମାନ ସୁଦ୍ଧା ୧୮୭ଟି ଦୁର୍ଘଟଣା ଘଟିଛି। ୨୦୧୮ରେ ୨୧୧ଟି ଦୁର୍ଘଟଣାରେ ୯୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୧୪୧ ଜଣ ଗୁରୁତର ହୋଇଛନ୍ତି। ସେହିଭଳି ୨୦୧୯ ମସିହା ବର୍ତ୍ତମାନ ସୁଦ୍ଧା ହୋଇଥିବା ୧୮୭ଟି ଦୁର୍ଘଟଣାରେ ୭୬ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪୫ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାର ପରବର୍ତ୍ତୀ ୧ ଘଣ୍ଟା ସମୟ ଆହତ ବ୍ୟକ୍ତିମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ । ଏହି ସମୟରେ ଯଦି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତି ଡାକ୍ତରଖାନାରେ ପହଞ୍ଚିପାରନ୍ତି ତାହା ହେଲେ ତାଙ୍କ ଜୀବନ ରକ୍ଷା ପାଇଯାଏ। ତେଣୁ ଲୋକମାନେ ଗୁଡ୍ ସାମାରିଟାନ୍ ପାଇଁ ଆଗେଇ ଆସି ସାହାଯ୍ୟର ହାତ ବଢ଼ାଇବାକୁ ସାଧାରଣରେ ଦାବି ହେଉଛି। ଏ ନେଇ ଉପଜିଲାପାଳ ତଥା ଦାୟିତ୍ୱରେ ଥିବା ଆରଟିଓ ଲଗ୍ନଜିତ ରାଉତଙ୍କୁ ପଚାରିବାରୁ ସେ କହନ୍ତି ଯେ ଆଗାମୀ ଦିନରେ ପୋଲିସ ବିଭାଗ ସହିତ ଆଲୋଚନା କରି ଏ ଦିଗରେ ଲୋକମାନଙ୍କୁ ସଚେତନ କରାଯିବ।



ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଲଗାଯାଇଥିବା ହୋର୍ଡିଂ।

## ସଂକ୍ଷେପରେ

### ରୋଟାରୀ କ୍ଲବ ପକ୍ଷରୁ ସାଧାରଣଜ୍ଞାନ ପ୍ରତିଯୋଗିତା

**ପୁରୀ ଅଫିସ, ୧୬।୧୧**-ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ଓ ବନ୍ୟପ୍ରାଣୀ ପତ୍ରିକା ସେଭ୍ସ ମିଳିତ ଆନୁକୂଲ୍ୟରେ ଶନିବାର ପୁରୀ କ୍ଲବରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ଟି ସ୍କୁଲରୁ ୬୨ଜଣ ଭାଗ ନେଇଥିବା ବେଳେ କୁଇଜ୍ ମାଷ୍ଟର ରାଜୀବ ସାନିୟାଲ ଏହାକୁ ପରିଚାଳନା କରିଥିଲେ। ୬ଟି ଗ୍ରୁପ୍‌ରେ ଛାତ୍ରୀଛାତ୍ରମାନେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲେସ୍ ସାକ୍ରାମେଣ୍ଟ ହାଇସ୍କୁଲର ସଂଜ୍ଞାଦୀପ୍ତା ମହାନ୍ତି, ଶୋଭନ ମହାପାତ୍ର ଓ ଅର୍ମାନ ଚୌଧୁରୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ଏଥିରେ ଭାଗ ନେଇଥିବା ସବୁ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଥିଲା। କ୍ଲବ ସଭାପତି ପ୍ରଦୀପ କୁମାର ନାୟକ, ସମ୍ପାଦକ ସରୋଜକାନ୍ତ ଦେ, ସଭ୍ୟ ଦେବରାଜ ପ୍ରଧାନ, ରବିନାରାୟଣ ପ୍ରଧାନ, ଇନର ହୁଇଲ କ୍ଲବ ସଭାପତି ଝରଣା ନାୟକ, ସଭ୍ୟ ବନ୍ଦିତା ସାହୁ, ରୋଟ୍ରାକ୍ଟର ନନ୍ଦକିଶୋର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ଶିଶୁ ପ୍ରତିଭା ସମ୍ବର୍ଦ୍ଧିତ

**ପୁରୀ ଅଫିସ, ୧୬।୧୧**-ଶ୍ରୀଜଗନ୍ନାଥ ସାଂସ୍କୃତିକ ସଂସଦ ଆନୁକୂଲ୍ୟରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଚାଲିଥିବା ୨ୟ ରାଜ୍ୟସ୍ତରୀୟ ଇଣ୍ଟର ସ୍କୁଲ କଲଚୁରାଲ ଫେଷ୍ଟିଭାଲର ଶନିବାର ଦ୍ୱିତୀୟ ସନ୍ଧ୍ୟା ବିତିଛି। ଏହି ଉତ୍ସବରେ ନାଟ୍ୟକାର ଭରତ ନାୟକ ସଭାପତିତ୍ୱ କରିଥିବାବେଳେ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସାମାଜିକ କର୍ମୀ ଚକ୍ରଧର ମହାପାତ୍ର ମୁଖ୍ୟ ଅତିଥି, ଇଂ. ବଳରାଜ ତ୍ରିପାଠୀ, ଗୋପାଳକୃଷ୍ଣ ପଣ୍ଡା, ଅନିରୁଦ୍ଧ ରାଉତ, କୃଷ୍ଣଚନ୍ଦ୍ର ନାୟକ, ମଦନମୋହନ ପାଢୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଶିଶୁ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବଲାଙ୍ଗୀରର ବୀଣାପାଣି ନାଟ୍ୟ ସଂସଦ ଦ୍ୱାରା ନାଟକ 'ନାଇଟ ହସ୍ପିଟାଲ' ମଞ୍ଚସ୍ଥ ହୋଇଥିଲା। ଅଧାପକ ବିଶ୍ୱନାଥ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ୫ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ରଣପୁର,୧୬।୧୧(ସ୍ୱ.ପ୍ର.)**- ନୟାଗଡ ଜିଲା ରଣପୁର ଶିକ୍ଷା ବ୍ଲକ ଗୋପାଳପୁର ସର୍କଲ ଅନ୍ତର୍ଗତ ନୀଳକଣ୍ଠ ଦେବ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫ଜଣ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲା ଶିକ୍ଷା ଅଧିକାରୀ ଶିବ ଶଙ୍କର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ଉପେନ୍ଦ୍ରନାଥ ସାହୁ ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶରତ ଚନ୍ଦ୍ର ରଥ, ସାମ୍ବାଦିକ ସୁକାନ୍ତ ଡାକୁଆ, ଆଇନଜୀବୀ



ସୁକାନ୍ତ ପଟ୍ଟନାୟକ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଜ୍ୟୋତି ରଞ୍ଜନ ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ଷଡଙ୍ଗୀଙ୍କ ନେତୃତ୍ୱରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଏହି ସଭାରେ ଚନ୍ଦ୍ରମଣି ପ୍ରଧାନ, ଗୋପାଳ ଚନ୍ଦ୍ର ନନ୍ଦ, ବ୍ରଜବନ୍ଧୁ ଦାସ, ଅଭିମନ୍ୟୁ ସ୍ୱାଇଁ, ବାଉରୀବନ୍ଧୁ ସ୍ୱାଇଁ ପ୍ରମୁଖ ଶିକ୍ଷକଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗୋପାଳପୁର ସର୍କଲ ସଭାପତି ନୀଳମଣୀ ବେହେରା, ସମ୍ପାଦକ ଗଙ୍ଗାଧର ପ୍ରଧାନ, ଅଭିରାମ ମହାପାତ୍ର, ଜଗନ୍ନାଥ ଦାଶ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ଶିକ୍ଷକ ନୀଳମଣି ବେହେରା ଧନ୍ୟବାଦ ଦେଇଥିଲେ।

## ଜେଏନୟୁରେ ସ୍ୱାମିଜୀଙ୍କ ପ୍ରତିମୂର୍ତ୍ତି ଭଙ୍ଗାର ପ୍ରତିବାଦ

### ଏସ୍‌ସିଏସ୍ କଲେଜ ଆଗରେ ଏବିଭିପିର ବିକ୍ଷୋଭ

**ପୁରୀ ଅଫିସ, ୧୬।୧୧**

ଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଭଙ୍ଗାଯିବା ଘଟଣାକୁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦୃଢ ନିନ୍ଦା କରିଛି। ଏଥିସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ଦାବି କରିଛି। ନଚେତ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଘଟଣା ପ୍ରତିବାଦରେ ଶନିବାର ପୁରୀସ୍ଥିତ ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ଏବିଭିପି ପୁରୀ ନଗର ସମ୍ପାଦକ ତାରା ପ୍ରସାଦ ଦାଶ, ଜିଲା ସହସଂଯୋଜକ ସୌଭାଗ୍ୟ ଦାଶ, ଦୀପକ ସୁବୁଦ୍ଧି, ସୁନିଲ କୁମାର ପ୍ରଧାନ, ଶିବାନୀ ଶଙ୍କର ମାଛୁଆ, ଶିବମ କୁମାର ସେଠୀ, ବେବିନା ବେହେରା, ପ୍ରୀତି ବାନାର୍ଜୀ, ରୋଜାଲିନ୍ ଦାଶ ଏବଂ ଜଗନ୍ନାଥ ମିଶ୍ର ପ୍ରମୁଖ ସାମିଲ ଥିଲେ।

## ଦୁଇଦିନ ହେଲା ଭତ୍ତା ନ ପାଇ ଫେରୁଛନ୍ତି ହିତାଧିକାରୀ

**ନୟାଗଡ଼ ଅଫିସ,୧୬।୧୧**

ଦୁଇ ଦିନ ହେଲାଣି ଭତ୍ତା ଟଙ୍କା ନ ପାଇଁ ଘରକୁ ଫେରୁଛନ୍ତି ଶତାଧିକ ହିତାଧିକାରୀ। ନୟାଗଡ଼ ବ୍ଲକ ବଡ଼ପଣ୍ଡୁସର ପଞ୍ଚାୟତରେ ଏହିଭଳି ଘଟଣା ଦେଖିବାକୁ ମିଳିଛି। ପଞ୍ଚାୟତ କାର୍ଯ୍ୟନିବାହୀ ଅଧିକାରୀ (ପିଇଓ) ଅନୁପସ୍ଥିତ ଥିବାରୁ ଭତ୍ତା ଦିଆଯାଉ ନ ଥିବା ଅଭିଯୋଗ ହେଉଛି।

ପ୍ରକାଶ ଯେ, ପ୍ରତିମାସ ୧୫ ତାରିଖରେ ବୃଦ୍ଧାବୃଦ୍ଧମାନଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଭତ୍ତା ବଣ୍ଟନ କରାଯାଇଥାଏ। ସେଥିପାଇଁ ଶୁକ୍ରବାର ଶତାଧିକ ହିତାଧିକାରୀ ଭତ୍ତା ପାଇଁ ଯାଇଥିଲେ। ପିଇଓ ଅନୁପସ୍ଥିତ ଥିବାରୁ ପଞ୍ଚାୟତ ପିଅନ କିଛି ହିତାଧିକାରୀଙ୍କୁ ଟଙ୍କା ଦେଇଥିବା ବେଳେ ଅନ୍ୟମାନଙ୍କୁ ଫେରାଇ ଦେଇଥିଲେ। ଟଙ୍କା ପାଇବା ଆଶାରେ ଶନିବାର ହିତାଧିକାରୀମାନେ ପୁର୍ନବାର ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅପରାହ୍ନ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ମଧ୍ୟ ପିଇଓ ଆସି ନ ଥିଲେ। ଫଳରେ ହିତାଧିକାରୀମାନେ ଘରକୁ ଫେରି ଆସିଥିଲେ। ୧୫ ତାରିଖ ଭତ୍ତା ପାଇଁ ଦିନ ଉଦ୍ଦିଷ୍ଟ ଥିବା ବେଳେ ପିଇଓ କିପରି ଅନୁପସ୍ଥିତ ରହିଲେ ସେ ନେଇ ହିତାଧିକାରୀମାନଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଏ ନେଇ ପିଇଓ ସତ୍ୟ ନାରାୟଣ ଭୋଇଙ୍କୁ ପଚାରିବାରୁ ଅନ୍‌ଲାଇନ୍ ପାଇଁ ଆଧାର କାର୍ଡ଼ ଓ ବ୍ୟାଙ୍କ ଖାତା ସଂଯୋଗ କରାଯାଉଥିବାରୁ ଡ଼େରି ହେଉଥିବା ପ୍ରକାଶ କରିଥିଲେ। ସେ ଦୁଇ ଦିନ ହେଲାଣି ଆସି କାର୍ଯ୍ୟାଳୟରେ ଭତ୍ତା ଦେଉଥିବା ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ହିତାଧିକାରୀ ଅଭିଯୋଗ କରିଛନ୍ତି ଯେ ପିଇଓ ଦୁଇ ଦିନ ହେଲାଣି ଆସିନାହାନ୍ତି। ବୁଢ୍ଢା ବୁଢ୍ଢ ଫେରିଯିବା ଘଟଣାକୁ ସାଧାରଣରେ ନିନ୍ଦା କରାଯାଇଛି।


ଭତ୍ତା ପାଇଁ ଆସିଥିବା ହିତାଧିକାରୀମାନେ।

## ସଂସ୍କୃତ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଖଣ୍ଡପଡା,୧୬।୧୧(ସ୍ୱ.ପ୍ର)**

ନୀଳମାଧବ ମହାବିଦ୍ୟାଳୟ କଣ୍ଟିଲୋ ସଂସ୍କୃତ ବିଭାଗ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପଥରଚକଡାସ୍ଥିତ ମା' ନାରାୟଣୀଙ୍କ ପୀଠରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବିଭାଗୀୟ ମୁଖ୍ୟ ସୁଶ୍ରୀ ଜୟଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବିଭାଗ ପକ୍ଷରୁ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଏଥିରେ ଅନ୍ୟତମ ଅତିଥି ଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଲୋକନାଥ ସ୍ୱାଇଁ, ଇତିହାସ ବିଭାଗର ଅବସରପ୍ରାପ୍ତ ପ୍ରାଧ୍ୟାପକ ବଳରାମ ଲେଙ୍କା, ଅର୍ଥନୀତି ବିଭାଗ ମୁଖ୍ୟ ଡା. ପବିତ୍ର କୁମାର ସୁବୁଦ୍ଧି, ଅଧ୍ୟାପିକା ସରଳା ବେହେରା, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ବିଭାଗୀୟ ଶୃଙ୍ଖଳା ବଜାୟ ରଖିବା ପାଇଁ ଗୁରୁତ୍ୱାରୋପ କରିଥିଲେ ।

## ଖାଉଟି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ନୂଆଗାଁ,୧୬।୧୧ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗାତେରି ପଞ୍ଚାୟତ ଆଡିପଡା ଜଗନ୍ନାଥ ସଭାଗୃହ ପରିସରରେ ଶୁକ୍ରବାର ଖାଉଟି ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ପଲ୍ଲୀବନ୍ଧୁ ଓ ନୟାଗଡ ଜିଲା ଓଜନ ମାପ ବିଭାଗ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କର୍ମଶାଳାରେ ଅବସରପ୍ରାପ୍ତ ଶିକ୍ଷକ ବାନାମ୍ବର ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ମାପ ଓ ଓଜନ ବିଭାଗର ସହକାରୀ ନିୟନ୍ତ୍ରକ ସୁରସେନ ଜାନୀ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ରାଜ କିଶୋର ସାହୁ ଯୋଗଦେଇଥିଲେ।

ଖାଉଟିମାନେ ଦେଉଥିବା ମୂଲ୍ୟ ବଦଳରେ ପ୍ରକୃତ ସେବା ଯୋଗାଇ ଦେବା ବ୍ୟବସାୟୀମାନଙ୍କ ମୌଳିକ କର୍ତ୍ତବ୍ୟ । କିନ୍ତୁ ଅନେକ କ୍ଷେତ୍ରରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୋଇଥାଏ। ଯାହାକୁ କି ଖାଉଟିମାନେ ପ୍ରତିବାଦ କରିବାର ବାଟ ବିଷୟରେ ଅଜ୍ଞ ବୋଲି ଅତିଥିମାନେ ମତବ୍ୟକ୍ତ କରି ଖାଉଟିମାନଙ୍କୁ ସଚେତନ କରିଥିଲେ । ଖାଉଟି ମୌଳିକ ଅଧିକାର ପାଇବାରୁ ବଞ୍ଚିତ ହେଲେ ଜିଲା ଖାଉଟି ବିବାଦ ସମାଧାନ ମଞ୍ଚରେ ବିନା ଓକିଲରେ ନିଜ ସମସ୍ୟା ବିଷୟରେ ଅଭିଯୋଗ କରିପାରବେ। ଖାଉଟି ସୁରକ୍ଷା ଆଇନ ୧୯୮୬ରେ ପ୍ରତ୍ୟେକ ଖାଉଟିର ସ୍ୱାର୍ଥରକ୍ଷା ଓ ଅଧିକାର ସମ୍ପର୍କରେ ଉଲ୍ଲେଖ ରହିଛି । ପ୍ରତ୍ୟେକ ସମୟରେ ଖାଉଟିମାନେ ବ୍ୟବସାୟୀଙ୍କ ଶୋଷଣର ଶିକାର ହେଉଛନ୍ତି । ଶୋଷଣ ଓ ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ପାଇଁ ସଚେତନ ଖାଉଟିର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିଥିଲେ। ପଲ୍ଲୀବନ୍ଧୁ ଅନୁଷ୍ଠାନର ସମ୍ପାଦକ ଗଣେଶ୍ୱର ପରିଡା ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଏଥିରେ ବହୁ ବୁଦ୍ଧିଜୀବୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ।

## ରଣପୁର ତହସିଲ

### ବଦଳିଲା ଆଦେଶନାମା

**ରଣପୁର,୨୩।୧୦(ସ୍ୱ.ପ୍ର)**

ରଣପୁର ତହସିଲ ପାଇଁ ପୁଣି ତହସିଲଦାରଙ୍କର ବଦଳି ଆଦେଶନାମା ପ୍ରକାଶ ପାଇଛି। ରଣପୁର ତହସିଲଦାର ଭାବେ ଧାମନଗର ତହସିଲଦାର ଦୁର୍ଗାଚରଣ ମୁର୍ମୁଙ୍କର ବଦଳି ହୋଇଛି । ଏହା ପୂର୍ବରୁ ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କର ରଣପୁରକୁ ବଦଳି ହୋଇଥିଲା । କିନ୍ତୁ ସେ କାର୍ଯ୍ୟରେ ଯୋଗ ଦେଇ ନ ଥିଲେ। ପୂର୍ବରୁ ଥିବା ତହସିଲଦାର ସୁଶାନ୍ତ କୁମାର ପତି ବର୍ତ୍ତମାନ କାର୍ଯ୍ୟ କରୁଛନ୍ତି।

ପ୍ରକାଶ ଥାଉକି, ରଣପୁର ତହସିଲରେ ଦୁଇ ଥର ଭିଜିଲାନ୍ସ ଚଢ଼ାଉ, ଜମି ଜାଲିଆତି ଘଟଣାରେ ଅତିରିକ୍ତ ତହସିଲଦାରଙ୍କ ନାମରେ ମାମଲା, ଆରଆଇ ଜେଲ ଯିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଥିଲା । ସେହିଭଳି ବେଆଇନ ମାଙ୍କଡା ଖଣି ଖନନ ଓ ପଥର ଚୋରା ଚାଲାଣ ସାଧାରଣରେ ମୁଣ୍ଡବ୍ୟଥାର କାରଣ ପାଲଟିଥିଲା । ଏ ପରିସ୍ଥିତିରେ ଗତ ଅକ୍ଟୋବର ୨୩ରେ ରଣପୁର ତହସିଲଦାର ସୁଶାନ୍ତ କୁମାର ପତିଙ୍କର ଲଖନପୁର ତହସିଲକୁ ବଦଳି ହୋଇଥିଲା। ଲଖନପୁର ତହସିଲଦାର ଜ୍ୟୋତ୍ସ୍ନାରାଣୀ ସାହୁଙ୍କର ରଣପୁରକୁ ବଦଳି ହୋଇଥିଲା । ୨୯ଜଣ ଓଏଏସ ଅଫିସରଙ୍କର ରାଜ୍ୟର ବିଭିନ୍ନ ତହସିଲ ଓ ଜିଲା କାର୍ଯ୍ୟାଳୟକୁ ଗତ ୨୩ ତାରିଖରେ ବଦଳି ବିଜ୍ଞପ୍ତି ପ୍ରକାଶ ପାଇଥିଲା । ତେବେ ନୂଆ ତହସିଲଦାର ଜ୍ୟୋତ୍ସ୍ନାରାଣୀ କାର୍ଯ୍ୟରେ ଯୋଗ ଦେଲେ ନାହିଁ । ଶନିବାର ପୁଣି ୧୦ ଜଣ ଓଏଏସ ଅଫିସରଙ୍କର ବଦଳି ହୋଇଛି । ଏଥିରେ ନୟାଗଡ ଜିଲାର ରଣପୁର, ଦଶପଲ୍ଲା ତହସିଲ ସ୍ଥାନ ପାଇଛି। ଦଶପଲ୍ଲା ପାଇଁ ବାଲିଗୁଡା ତହସିଲଦାର ଦୀପ୍ତିରେଖା ପାତ୍ରଙ୍କର ବଦଳି ହୋଇଛି।

## ଶାଗୁଆନ ଲଗ ଚୋରି

**ଖୋର୍ଦ୍ଧା ଅଫିସ,୧୬।୧୧**

ଖୋର୍ଦ୍ଧା ବିଜେବି ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀଙ୍କ ସରକାରୀ ବାସ ଭବନ ପରିସରରୁ ପ୍ରାୟ ୨ ଲକ୍ଷ ଟଙ୍କାର ଶାଗୁଆନ ଲଗ ଚୋରି ହୋଇଯାଇଛି। ଏ ନେଇ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଖୋର୍ଦ୍ଧା ଆଦର୍ଶ ଥାନାରେ ଶନିବାର ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ସରକାରୀ ବାସଭବନରେ ପ୍ରଧାନ ଶିକ୍ଷୟିତ୍ରୀ ରହୁ ନ ଥିଲେ। ସରକାରୀ ବାସ ଭବନଟି ବହୁ ଦିନ ହେଲା ପୋଲିସ କବ୍‌ଜାରେ ରହିଛି। ସରକାରୀ ବାସଭବନ ପରିସରରୁ ଶାଗୁଆନ ଲଗ ଚୋରି ହେବା ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଚାନ୍ଦପୁରରେ ଶିଶୁମେଳା ଉଦ୍‌ଯାପିତ



**ରଣପୁର,୧୬।୧୧(ସ୍ୱ.ପ୍ର.)**

ନୟାଗଡ ଜିଲା ରଣପୁର ବ୍ଲକ ଚାନ୍ଦପୁର ଏଜି ମିଶନ ବିଦ୍ୟାଳୟରେ ଶିଶୁ ଦିବସ ଅବସରରେ ଗୁରୁବାର ଶିଶୁ ମେଳା ଉଦ୍‌ଘାଟିତ ହୋଇଥିଲା। ଏହା ୩ ଦିନ ଧରି ଚାଲିଥିଲା । ଏଥିରେ ମିନା ବଜାରର ବ୍ୟବସ୍ଥା ହୋଇଥିଲା। ନୟାଗଡ ଉପଜିଲାପାଳ ଲଗ୍ନଜିତ୍ ରାଉତ ଓ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ସଭ୍ୟ ବସିରିନ ବିବି ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିନୁ ଗ୍ରାବିଏଲ୍, ପ୍ରଧାନ ଶିକ୍ଷକ ଏମ୍ ମାର୍ଟିନ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ।

## ବିକାଶନଗରରୁ ଚୋରି

**ଖୋର୍ଦ୍ଧା ଅଫିସ,୧୬।୧୧**

ଖୋର୍ଦ୍ଧା ଆଦର୍ଶ ଥାନାର ବିକାଶନଗରରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋର ସ୍କାଏ ଲାଇଟ୍ ଭାଙ୍ଗି ଭୋବନାନନ୍ଦ ସାହୁଙ୍କ ଘରୁ ୩୦ ଗ୍ରାମ ସୁନା, ୫ ହଜାର ଟଙ୍କା ଚୋରି କରି କଳାକନା ବୁଲାଇ ଦେଇଛି। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ କେବଳ ତଦନ୍ତ କରୁଛି। ତେବେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଅନ୍ୟପକ୍ଷେ ସେହି ବିକାଶନଗରରେ ଗତ ସପ୍ତାହ ଶୁକ୍ରବାର ରାତିରେ ଦିଲୀପ ପଣ୍ଡାଙ୍କର ଉପର ମହଲାରୁ ମଧ୍ୟ ଚୋରି ହୋଇଥିଲା।

## ଦଶପଲ୍ଲା, ରଣପୁରରେ ପ୍ରେସ୍ ଦିବସ

**ଦଶପଲ୍ଲା,୧୬।୧୧(ଡି.ଏନ.ଏ.)**

ଶନିବାର ପ୍ରେସ୍ କ୍ଲବ ଦଶପଲ୍ଲା ତରଫରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଟାଉନସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ରୂପେ ସ୍ଥାନୀୟ ତହସିଲଦାର ପ୍ରମୋଦ କୁମାର ଦଳବେହେରା, ସମ୍ମାନୀତ ଅତିଥି ରୂପେ ଉତ୍କଳ ସମ୍ମିଳନୀର ଦଶପଲ୍ଲା ଶାଖା ସଭାପତି ଡା. ନାରାୟଣ ମହାପାତ୍ର, ଅବସରପ୍ରାପ୍ତ ଜେଲ ଡିଆଇଜି ଗୋଲକ ବିହାରୀ ମହାନ୍ତି, ଅବସରପ୍ରାପ୍ତ ଡିଆଇଟି ଗୋପବନ୍ଧୁ ଦାଶ, ପୂର୍ବତନ ବ୍ଲକ ଚେୟାରମ୍ୟାନ ପ୍ରଶନ୍ନ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତାଙ୍କ ଭୂମିକା, କର୍ତ୍ତବ୍ୟ ଓ କାର୍ଯ୍ୟଦକ୍ଷତା ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଖବରଦାତା ଡ. ପ୍ରଫୁଲ ଦାଶ ସ୍ୱାଗତ ଭାଷଣ ଦେଇଥିବାବେଳେ ଆଲୋକ ସେନାପତି ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଫୁଲ କୁମାର ପଣ୍ଡା, ପ୍ରକାଶ କୁମାର ପାଣି, କୁଞ୍ଜବିହାରୀ ପାତ୍ର ଏବଂ ମନୋରଞ୍ଜନ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ଅତିଥିବୃନ୍ଦ ଉଦ୍‌ଘାଟନ କରିଥିଲେ।



ଦଶପଲ୍ଲାଠାରେ ଆୟୋଜିତ ଉତ୍ସବରେ ମଞ୍ଚାସୀନ ଅତିଥି।

**ରଣପୁର,୧୬।୧୧(ସ୍ୱ.ପ୍ର.)**– ନୟାଗଡ ଜିଲା ରଣପୁର ପ୍ରେସ କ୍ଲବ ତରଫରୁ ଶନିବାର ଜାତୀୟ ପ୍ରେସ ଦିବସ ସ୍ଥାନୀୟ ରଣପୁର ଡାକ୍ତରଖାନା ପରିସର ମଧ୍ୟରେ ପାଳିତ ହୋଇଯାଇଛି। ପ୍ରେସ କ୍ଲବର ସଭାପତି ସୁକାନ୍ତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସମସ୍ତ ସଭ୍ୟମାନେ ସକାଳ ୮ ଟାରେ ସ୍ଥାନୀୟ ପଞ୍ଚୁଦୋଳ ପଡିଆଠାରେ ଏକତ୍ରିତ ହୋଇ ଶହୀଦ ରଘୁ ଦିବାକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହା ପରେ ସାମ୍ବାଦିକମାନେ ସ୍ଥାନୀୟ ରଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଭାରପ୍ରାପ୍ତ ଅଧିକାରୀଙ୍କ ଅନୁମତି କ୍ରମେ ଡାକ୍ତରଖାନାରେ ଥିବା ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଏହା ପରେ ଆୟୋଜିତ ଏକ ବୈଠକରେ ରଣପୁର ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଆଗାମୀ ଦିନରେ କିଭଳି ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ବିଶ୍ୱ ରଞ୍ଜନ ଆଚାର୍ଯ୍ୟ, ସମ୍ପାଦକ ବ୍ରଜ ରଣସିଂହ, ସହସମ୍ପାଦକ ପ୍ରଭାତ କୁମାର ପ୍ରଧାନଙ୍କ ସହ କିଶୋର ରାଉତରାୟ, ସୁକାନ୍ତ ଡାକୁଆ, ରଘୁନାଥ ନାୟକ, ରମେଶ ଚନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ଦାଶଙ୍କ ସହ ସମସ୍ତ ସାମ୍ବାଦିକ ଉପସ୍ଥିତ ଥିଲେ ।

## ଜାପାନିଜ ଏନ୍‌ସେଫାଲାଇଟିସ୍ ଟିକାକରଣ ଅଭିଯାନ

**ଖଣ୍ଡପଡା,୧୬।୧୧(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ କୋସକା ପଞ୍ଚାୟତର ଶରଧାପୁର ଅଁଳାପଟା ପ୍ରାଥମିକ ବିଦ୍ୟାଳୟ ଓ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟରେ ଜାପାନିଜ ଏନ୍‌ସେଫାଲାଇଟିସ୍ ଟିକାକରଣ ଅଭିଯାନ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି । ନୂଆଗଡିଆସାହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କୋସକା ସ୍ୱାସ୍ଥ୍ୟ ସହାୟକ କେନ୍ଦ୍ର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ମସ୍ତିଷ୍କ ପ୍ରଦାହ ଜ୍ୱର ଏବଂ ମାନସିକ ଅସୁସ୍ଥତା ସୃଷ୍ଟିକାରୀ ଭୂତାଣୁଜନିତ ସୃଷ୍ଟି ହେଉଥିବା ରୋଗ ଜାପାନିଜ ଏନ୍‌ସେଫାଲାଇଟିସ୍‌ର ପ୍ରତିକାର ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ପଣ୍ଡା ପୌରୋହିତ୍ୟ କରିଥିବା ବେଳେ ମହିଳା ସ୍ୱାସ୍ଥ୍ୟକର୍ମୀ ମିତାଞ୍ଜଳି ଚିନରା, ପୁରୁଷ ସ୍ୱାସ୍ଥ୍ୟକର୍ମୀ ଶ୍ରୀନିବାସ ପ୍ରଧାନ ଓ ସ୍ଥାନୀୟ ଆଶାକର୍ମୀ ଉମା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ଟିକା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷୟିତ୍ରୀ ରୀନାରାଣୀ ପ୍ରଧାନ ସହଯୋଗ କରିଥିଲେ।


ଟିକାକରଣ କାର୍ଯ୍ୟକ୍ରମରେ ଉପସ୍ଥିତ ପିଲାମାନେ।